# ଧରିତ୍ରୀ
DHARITRI

ଢେଙ୍କାନାଳ, ଗୁରୁବାର, ମେ ୨୩/୨୦୧୯ (୧୬ ପୃଷ୍ଠା) Dhenkanal, Thursday, May 23 / 2019 ★★★★★

୧୫ଶ ଭାଗ ୯୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ଇଥିଓପିଆରେ ପ୍ରିୟଙ୍କା**

କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଯୋଗଦେବା ପରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନ୍‌ସ ଇଥିଓପିଆରେ ଶରଣାର୍ଥୀ ପିଲାଙ୍କୁ ସାକ୍ଷାତ କରିଛନ୍ତି।

୦୪

୧୫

**୧୫୦ତମ ମ୍ୟାଚ୍ ଖେଳିଲେ ସୁନୀତା**

ଭାରତୀୟ ମହିଳା ହକି ଦଳର ନିର୍ଭରଯୋଗ୍ୟ ଡିଫେଣ୍ଡର ଓଡ଼ିଶାର ସୁନୀତା ଲାକ୍ରା ବୁଧବାର କ୍ୟାରିୟରର ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି।



**ପ୍ରତୀକ୍ଷାର ଅନ୍ତ**

# ଆଜି ଭାଗ୍ୟ ନିର୍ଣ୍ଣୟ



- ସକାଳ ୮ଟାରୁ ଭୋଟ ଗଣତି
- ପ୍ରଥମେ ଗଣାହେବ ବାଲଟ ଭୋଟ୍
- ଫଳାଫଳକୁ ୧୩୦୧ ପ୍ରାର୍ଥୀଙ୍କ ଅପେକ୍ଷା
- ଭିଭିପିଏଟି ପାଇଁ ବିଳମ୍ବ ହେବ ଗଣତି
- ଗଣନା କେନ୍ଦ୍ରରେ ତ୍ରିସ୍ତରୀୟ କଡ଼ା ସୁରକ୍ଷା



ଭୁବନେଶ୍ୱର,୨୨।୫(ବ୍ୟୁରୋ)

ଦୀର୍ଘ ପ୍ରତୀକ୍ଷାର ଘଟିବ ଅନ୍ତ। ମାସାଧିକ କାଳ ଇଲେକ୍ଟ୍ରୋନିକ ଭୋଟିଂ ମେଶିନ(ଇଭିଏମ୍)ରେ ବନ୍ଦ ହୋଇ ରହିଥିବା ପ୍ରାର୍ଥୀଙ୍କ ଭାଗ୍ୟ ଗୁରୁବାର ଫିଟିବ। ୨୦୧୯ ନିର୍ବାଚନ ମହାସମର ଫଳାଫଳ ପ୍ରକାଶ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ସକାଳ ୮ଟାରୁ ରାଜ୍ୟର ୬୩ଟି ଗଣତି କେନ୍ଦ୍ରରେ ଭୋଟ ଗଣନା କରାଯିବ । ୨୧ଟି ଲୋକ ସଭା ଓ ୧୪୬ଟି ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମୋଟ ୧୩୦୧ ଜଣ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଣ୍ଣୟ ହେବ। ଚଳିତ ନିର୍ବାଚନରେ ୨୧ଟି ଲୋକ ସଭା ଆସନ ପାଇଁ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୧୭୪ ଏବଂ ୧୪୬ଟି ବିଧାନସଭା ସିଟ୍‌ରେ ୧ ହଜାର ୧୨୭ ଜଣ ପ୍ରାର୍ଥୀ ନଜ ଭାଗ୍ୟ ଫଳକୁ ଚାହିଁ ରହିଛନ୍ତି । କାହା ମୁଣ୍ଡରେ ମତଦାତା ସୁନାକଳସ ଢାଳିଛନ୍ତି ସେ ସବୁର ଚିତ୍ର ସ୍ପଷ୍ଟ ହୋଇଯିବ। ୬୩ଟି ଗଣନା କେନ୍ଦ୍ର(କାଉଣ୍ଟିଂ ସେଣ୍ଟର)ରେ ମୋଟ ୧୫୨ଟି କାଉଣ୍ଟିଂ ହଲ କରାଯାଇଛି। ପ୍ରତ୍ୟେକ ହଲରେ ବିଧାନସଭା ପାଇଁ ୭ଟି ଓ ଲୋକ ସଭା ପାଇଁ ୭ଟି ଟେବୁଲ ରହିଛି । ପ୍ରତ୍ୟେକ ହଲରେ ସର୍ବନିମ୍ନ ୧୫ଟି ଟେବୁଲ ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ସମୁଦାୟ ୨୪୬୨ ଟେବୁଲରେ ଭୋଟ ଗଣତି ହେବ। ଭୋଟ ଗଣତି ପାଇଁ ପ୍ରାୟ ୬୭୦୦ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ପ୍ରଥମେ ଇଲେକ୍ଟ୍ରୋନିକାଲି ଟ୍ରାନ୍ସମିଟେଡ ପୋଷ୍ଟାଲ ବାଲାଟ ସିଷ୍ଟମ (ଇଟିପିବିଏସ) ଏବଂ ପୋଷ୍ଟାଲ ବାଲାଟକୁ ଗଣାଯିବ। ଏହା ପରେ ଚଳିତ ନିର୍ବାଚନରେ ପ୍ରଥମ ଥର ଲାଗି ବ୍ୟବହୃତ ଭୋଟର ଭେରିଫାଏବଲ ପେପର ଅଡିଟ ଟ୍ରାଏଲ(ଭିଭିପିଏଟି)ସ୍ଲିପ ଗଣନା କରାଯିବ। ଗଣନା କାର୍ଯ୍ୟକୁ ଅଧିକ ସ୍ୱଚ୍ଛ ଓ ନିରାପଦ କରିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀର ୫ଟି ବୁଥର ଭିଭିପିଏଟିକୁ ଇଭିଏମ୍ ମେଶିନ ସହିତ ଗଣତି କରାଯାଇ ଟାଲି କରାଯିବ। ଯଦି ଭିଭିପିଏଟି ସହିତ ଇଭିଏମର ଟାଲି ନ ହେବ ସେଠାରେ ଭିଭିପିଏଟିର ସ୍ଲିପକୁ ଚୂଡ଼ାନ୍ତ ଭାବେ ଗ୍ରହଣ କରାଯିବ। ଭିଭିପିଏଟି ଗଣନା ପାଇଁ ବ୍ୟାଙ୍କଗୁଡିକରେ ଥିବା ଟ୍ରେଲର କାଉଣ୍ଟର ଭଳି କାଉଣ୍ଟର କରାଯାଇଛି। ଚଳିତ ଥର ଏକାସାଙ୍ଗରେ ବିଧାନସଭା ଓ ଲୋକ ସଭା ପାଇଁ ଗଣନା କରାଯିବ ନାହିଁ। ଗୋଟିଏ ପରେ ଗୋଟିଏ ଇଭିଏମ ଗଣନା ହେବ। ଏଥିଯୋଗୁ ଭୋଟ ଗଣତି କାର୍ଯ୍ୟ ଲମ୍ବା ସମୟ ଧରି ଚାଲିବ। ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବନିମ୍ନ ୧୯ଟି ରାଉଣ୍ଡ ଓ ବଲାଙ୍ଗୀର ଜିଲାର ପାଟଣାଗଡରେ ସର୍ବାଧିକ ୪୯ ରାଉଣ୍ଡ ଗଣନା ହେବ ବୋଲି ଆକଳନ କରାଯାଇଛି। ତେବେ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରେ ହାରାହାରି ୩୦ ରାଉଣ୍ଡ ଭୋଟ ଗଣତି ହେବ। ପୋଷ୍ଟାଲ ବାଲାଟ ଗଣା ହେବାର ଅଧଘଣ୍ଟା ପରେ ଇଭିଏମ ଗଣନା ଆରମ୍ଭ ହେବ। ପ୍ରତ୍ୟେକ ରାଉଣ୍ଡରେ ୧୪ଟି ଇଭିଏମ ଗଣାଯିବ। ଏହା ପରେ ପ୍ରଥମ ରାଉଣ୍ଡ ଫଳାଫଳ ଘୋଷଣା କରାଯିବ। ଓଡ଼ିଶାରେ ଲୋକ ସଭା ସହ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିବାରୁ ପ୍ରଥମେ ବିଧାନସଭାର ୭ଟି ଟେବୁଲରେ ଗଣନା ହେବ। ଏହା ପରେ ଲୋକ ସଭା ପାଇଁ ଗଣତି ଆରମ୍ଭ ହେବ। ରିଟର୍ନିଂ ଅଫିସରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣନା କରାଯିବ ଓ ପ୍ରତ୍ୟେକ ରାଉଣ୍ଡ ଫଳାଫଳ ଘୋଷଣା କରାଯିବ। ଭୋଟ ଗଣତିରେ ସ୍ୱଚ୍ଛତା ଓ ନିରପେକ୍ଷତା ଆଣିବା ସକାଶେ ପ୍ରତ୍ୟେକ ଗଣନା କେନ୍ଦ୍ରରେ ଜଣେ କାଉଣ୍ଟିଂ ସୁପରଭାଇଜର, ଜଣେ କାଉଣ୍ଟିଂ ଆସିଷ୍ଟାଣ୍ଟ ଏବଂ ଜଣେ ମାଇକ୍ରୋ ଅବଜରଭର(କେନ୍ଦ୍ର ସରକାରଙ୍କ କର୍ମଚାରୀ/କେନ୍ଦ୍ର ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀ)ଙ୍କୁ ନିଯୁକ୍ତି ଦିଆଯାଇଛି। ☞ପୃଷ୍ଠା-୪

## ଜନାଦେଶକୁ ଅପେକ୍ଷା



ବେଙ୍ଗାଲୁରୁର ଏକ ଭୋଟ ଗଣତି କେନ୍ଦ୍ରରେ କଡ଼ା ସୁରକ୍ଷା।

ନୂଆଦିଲ୍ଲୀ,୨୨।୫(ପି.ଟି./ଆଇଏଏନ୍‌ଏସ୍)

**୫୪୨ ଲୋକ ସଭା ଆସନରେ ଭୋଟ ଗଣତି**

ଆଉ ମାତ୍ର କେଇଘଣ୍ଟାର ଅପେକ୍ଷା। ଆସିବ ସର୍ବବୃହତ୍ ଗଣତନ୍ତ୍ରର ଭୋଟ ମହାପର୍ବର ବହୁପ୍ରତୀକ୍ଷିତ ପରିଣାମ। ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍)ରେ ବନ୍ଦ ଥିବା ଜନାଦେଶ ନିର୍ଦ୍ଧାରଣ କରିବ ଭାରତର ଆଗାମୀ ୫ ବର୍ଷର ଭାଗ୍ୟ। ଦେଶର ୫୪୨ ଲୋକ ସଭା ଆସନ ପାଇଁ ଗୁରୁବାର ଭୋଟ ଗଣତି ହେବ। ଭୋଟ ଫଳାଫଳକୁ ନେଇ ଦଳ ଓ ନେତାଙ୍କ ମଧ୍ୟରେ ଯେତିକି ଉତ୍ସୁକତା ଲାଗିରହିଛି, ମତଦାତାଙ୍କ ଭିତରେ ବି ସେତିକି ଉତ୍କଣ୍ଠା ବଢ଼ିଚାଲିଛି। ଶାନ୍ତିଶୃଙ୍ଖଳା ସହ ଗଣତି ସମ୍ପୂର୍ଣ୍ଣ କରିବା ଲାଗି ନିର୍ବାଚନ କମିଶନ (ଇସି) ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପରିଣାମ ଉପରେ ସାରା ଦେଶର ନଜର କେନ୍ଦ୍ରୀଭୂତ ହୋଇରହିଛି।

୨୦୧୯ ସାଧାରଣ ନିର୍ବାଚନ ୭ଟି ପର୍ଯ୍ୟାୟରେ ହୋଇଥିଲା। ଏପ୍ରିଲ ୧୧ରେ ପ୍ରଥମ ପର୍ଯ୍ୟାୟ ମତଦାନ ହୋଇଥିବାବେଳେ ଶେଷ ତଥା ଅନ୍ତିମ ପର୍ଯ୍ୟାୟ ଭୋଟଗ୍ରହଣ ମେ ୧୯ ତାରିଖରେ କରାଯାଇଥିଲା। ମାସେରୁ ଊର୍ଦ୍ଧ୍ୱ ଏହି ଅବଧି ମଧ୍ୟରେ ୨୯ ରାଜ୍ୟ ଓ ୭ କେନ୍ଦ୍ରଶାସିତ ଅଞ୍ଚଳର ୫୪୨ ଲୋକ ସଭା ଆସନରେ ନିର୍ବାଚନ ହୋଇଥିଲା। ଏହାସହ ଓଡ଼ିଶା ବିଧାନସଭାର ୧୪୭, ଆନ୍ଧ୍ରପ୍ରଦେଶ ୧୭୫, ଅରୁଣାଚଳ ପ୍ରଦେଶ ୬୦ ଓ ସିକିମ ବିଧାନସଭାର ୩୨ ☞ପୃଷ୍ଠା-୪

## ଆସିକା କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କୁ ଗୁଳି

ବ୍ରହ୍ମପୁର ଅଫିସ, ୨୨।୫

କିଛିଦିନର ନୀରବତା ପରେ ପୁଣି ଥରେ ବ୍ରହ୍ମପୁରରେ ଦୁର୍ବୃତ୍ତଙ୍କ ଆତଙ୍କରାଜ ଦେଖିବାକୁ ମିଳିଛି। ଗୁରୁବାର ସାଧାରଣ ନିର୍ବାଚନ ଭୋଟ ଗଣତି ହେବାକୁ ଥିବାବେଳେ ବୁଧବାର ରାତି ପ୍ରାୟ ୯ଟାବେଳେ ଆସିକା କଂଗ୍ରେସ ବିଧାୟକ ପ୍ରାର୍ଥୀ ମନୋଜ ଜେନାଙ୍କୁ ମରଣାନ୍ତକ ଆକ୍ରମଣ ସହ ଗୁଳିମାଡ଼ ହୋଇଛି। ଦୁର୍ବୃତ୍ତମାନେ ପ୍ରଥମେ ମନୋଜଙ୍କ ଗଳା କାଟିବା ପରେ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ଗୋଟିଏ ଗୁଳି ତାଙ୍କ ପେଟରେ ବାଜିଥିବାବେଳେ ଅନ୍ୟଟି ତାଙ୍କ ପିଚାରେ ବାଜିଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରଥମେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ☞ପୃଷ୍ଠା-୪

## ଦୁଇ ସ୍ତ୍ରୀଙ୍କ ସହ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

- ସ୍ତ୍ରୀଙ୍କୁ ହତ୍ୟା କରି ବୃଦ୍ଧଙ୍କ ଆତ୍ମହତ୍ୟା ସନ୍ଦେହ
- ଗାଁ ଲୋକେ କହିଲେ ସୁପରିକଳ୍ପିତ ହତ୍ୟା

ବାରିପଦା ଅଫିସ,୨୨।୫

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ଶଙ୍ଖାଭଙ୍ଗା ପଞ୍ଚାୟତ ତାଡକିଶୋଳ ଗ୍ରାମରୁ ବୁଧବାର ସକାଳେ ୨ ଜଣ ମହିଳା ଓ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକମାନେ ହେଲେ ଶ୍ୟାମ ମାରାଣ୍ଡି(୬୦) ଓ ତାଙ୍କ ୨ ସ୍ତ୍ରୀ ଫୁଲମଣି(୪୭) ଓ ସାଲଖୋ(୪୨) । ଘର ଭିତରେ ଦୁଇଟି କୋଠରିରେ ଫୁଲମଣି ଓ ସାଲଖୋଙ୍କ ରକ୍ତାକ୍ତ ମୃତଦେହ ପଡି ରହିଥିବା ବେଳେ ଘର ସାମ୍ନା ଏକ ଗଛରେ ଝୁଲୁଥିଲା ଶ୍ୟାମଙ୍କ ମୃତଦେହ। ଏଭଳି ଦୃଶ୍ୟ ସ୍ଥାନୀୟ ଗ୍ରାମବାସୀଙ୍କୁ ସ୍ତବ୍ଧ କରି ଦେଇଥିଲା।

ଗ୍ରାମବାସୀଙ୍କଠାରୁ ସୂଚନା ପାଇ ବାରିପଦା ସଦର ଏସଡିପିଓ କେ.ପି ପଟ୍ଟନାୟକ, ବାରିପଦା ସଦର ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ ଘଟଣା ସ୍ଥଳକୁ ସାଇଣ୍ଟିଫିକ ଟିମ୍ ସହିତ ଯାଇ ତଦନ୍ତ ଜାରି ରଖିଛନ୍ତି। ପାରିପାର୍ଶ୍ୱିକ ସ୍ଥିତି ଅନୁଯାୟୀ କୌଣସି କାରଣରୁ ଶ୍ୟାମ ମଙ୍ଗଳବାର ରାତିରେ ୨ ସ୍ତ୍ରୀଙ୍କୁ ଏକ ହାତୁଡିରେ ପିଟି ହତ୍ୟା କରିବା ପରେ ଘର ନିକଟସ୍ଥ ଏକ ଗଛରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ଅନ୍ୟପକ୍ଷେ ମୃତ ଶ୍ୟାମଙ୍କର ପୂର୍ବରୁ ମାନସିକ ବିକୃତି ରହିଥିଲା ବୋଲି ତାଙ୍କ ଶାଳକ ସୁନାରାମ ମୁର୍ମୁ ପୋଲିସକୁ ଲିଖିତ ଭାବେ ସୂଚନା ଦେଇଛନ୍ତି। ଏଭଳି ରହସ୍ୟଜନକ ସ୍ଥିତିରେ ପୋଲିସ ଘଟଣାର କୌଣସି କୂଳକିନାରା ପାଇ ନ ଥିବା ବେଳେ ସ୍ଥାନୀୟ ଲୋକେ ଏହାକୁ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଆଲୋଚନା କରୁଛନ୍ତି। ମଙ୍ଗଳବାର ରାତିରେ ଏଭଳି ଘଟଣା ଘଟିବା ବେଳେ ପାଖ ପଡୋଶୀ କୌଣସି ସୂଚନା ପାଇ ନ ଥିଲେ, ଯାହାକି ସେମାନଙ୍କୁ ସନ୍ଦେହରେ ପକାଇଛି। ଶ୍ୟାମଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ବେଳେ ତାଙ୍କ ଗୋଡ ଦୁଇଟି ମାଟିରେ ଲାଗିଥିବା ଦେଖିବାକୁ ମିଳିଥିଲା। ଏଭଳି ସ୍ଥିତିରେ ସଦର ଥାନା ପୋଲିସ ତାଡକିଶୋଳ ଗାଁରୁ ୩ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

ଏସ୍‌ଡିପିଓ ପଟ୍ଟନାୟକ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଘଟଣାର ପ୍ରାଥମିକ ତଦନ୍ତ ବେଳେ ଉଭୟ ମହିଳାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିବା ଦେଖିବାକୁ ମିଳିଥିଲା। ଘଟଣା ସ୍ଥଳରୁ ଏକ ରକ୍ତଲଗା ବଡ ହାତୁଡି ମିଳିଥିଲା, ଯାହାକୁ ପୋଲିସ ଜବତ କରିଛି। ☞ପୃଷ୍ଠା-୪

## ଟ୍ରକ୍-କାର୍ ମୁହାଁମୁହିଁ ଧକ୍କା, ୫ ମୃତ

ଜୁନାଗଡ/ଭବାନୀପାଟଣା, ୨୨।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଜାରିଙ୍ଗ ଛକ ୨୬ ନଂ. ଜାତୀୟ ରାଜପଥରେ ବୁଧବାର ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ଓ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ କାରରେ ଥିବା ଗୋଟିଏ ପରିବାରର ୨ ଶିଶୁଙ୍କ ସମେତ ୫ଜଣଙ୍କ ମୃତ୍ୟୁ ଘଟିଛି । ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଜୁନାଗଡ ବ୍ଲକ ଗୌଡଛେଣ୍ଡିଆ ପଞ୍ଚାୟତ ଖୁର୍ସେଲଗୁଡା ଗ୍ରାମର ଆଶୁତୋଷ ବେହେରା (୬୫), ପୁଅ ବିନାୟକ ଓରଫ୍ ବିକି (୩୨), ନାତୁଣୀ ସୋଭି (୬), ୫ ମାସର ଶିଶୁକନ୍ୟା ଓ ଆଶୁତୋଷଙ୍କ ଭାଇ ଜଗନ୍ନାଥ (୫୫) । ଗୁରୁତର ୨ ଜଣ ହେଲେ ବିନାୟକଙ୍କ ସ୍ତ୍ରୀ ନିଭିୟା (୨୮) ଓ ଆଶୁତୋଷଙ୍କ ଘରେ କାମ କରୁଥିବା ଖେଳଜି କଟା । ଖେଳଜି ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ନିଭିୟାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବିଶାଖାପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।



ଦୁର୍ଘଟଣାଗ୍ରସ୍ତ କାର ଓ ଟ୍ରକ୍ ।

- ମୃତକମାନେ ଗୋଟିଏ ପରିବାରର, ୨ ଗୁରୁତର
- ଲୁହରେ ଭାସିଲା ଖୁର୍ସେଲଗୁଡ଼ା ଗାଁ
- ଶ୍ମଶାନରେ ଜଳିଲା ୫ ଜଣଙ୍କ ଜୁଇ

ମିଳିଥିବା ସୂଚନା ଅନୁଯାୟୀ, ଖର୍ସେଲଗୁଡା ଗ୍ରାମର ଆଶୁତୋଷ, ଭାଇ ଜଗନ୍ନାଥ, ବୋହୂ ନିଭିୟା, ୨ ଛୋଟ ନାତୁଣୀ ଗତ ୨ଦିନ ତଳେ ବିଶାଖପାଟଣା ଡାକ୍ତରଖାନାକୁ ଯାଇଥିଲେ। ତାଙ୍କ ସହ ଖେଳଜି ମଧ୍ୟ ଥିଲେ। ବୁଧବାର ଭୋର ସମୟରେ ସେମାନେ ଲିଙ୍କ୍ ଏକ୍ସପ୍ରେସ ଟ୍ରେନ୍‌ରେ ଆସି କେସିଙ୍ଗା ଷ୍ଟେଶନରେ ଓହ୍ଲାଇଥିଲେ। ଏହି ଖବର ପାଇ ବିକି ଘରୁ କାର ନେଇ କେସିଙ୍ଗା ଷ୍ଟେଶନରେ ପହଞ୍ଚିଥିଲେ। ସେଠାରୁ କାର (ନଂ.ଓଡି୩୩ଜେ-୪୬୮୫) ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପଶମ ଶିଳ୍ପରେ ନିଷ୍ଠୁରତା**

**ଆଜିର ମନ୍ତବ୍ୟ**

“ସମ୍ଭାବ୍ୟ ପରାଜୟକୁ ନେଇ ବିବ୍ରତ ବିରୋଧୀ ଇଭିଏମ୍ ଉପରେ ପ୍ରଶ୍ନ ଉଠାଉଛନ୍ତି।

**-ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

**କିଛି ତଥ୍ୟ**

ଚଳିତ ବର୍ଷ ଫେବୃୟାରୀରେ ଦେଶର ଟେଲିକମ୍ ସାନ୍ଦ୍ରତା ୯୧.୮୬ ରହିଥିବା ବେଳେ ଏହା ମାର୍ଚ୍ଚରେ ୯୦.୧୧କୁ ହ୍ରାସ ଘଟିଛି। -ଟ୍ରାଇ


NECC NATIONAL EGG CO-ORDINATION COMMITTEE 22.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 93 | 149 | 159 |
| CTC | 92 | 148 | 158 |
| DKL | 92 | 148 | 158 |
| BDK | 90 | 145 | 155 |
| BLS | 92 | 148 | 158 |
| ANG | 92 | 148 | 158 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers


# ଆଶା ଆଶଙ୍କାରେ ବହୁ ହେଭିୱେଟ୍

- ଆଜି ଭୋଟଫଳ-୨୦୧୯
- ପୁରୀ, ଭୁବନେଶ୍ୱର, କେନ୍ଦ୍ରାପଡ଼ା ଲୋକ ସଭା ଆସନକୁ ନେଇ ଉତ୍କଣ୍ଠା
- କଡ଼ା ମୁକାବିଲାର ସମ୍ମୁଖୀନ ହୋଇପାରନ୍ତି ବହୁ ବିଧାୟକ

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ପ୍ରତୀକ୍ଷାର ଅନ୍ତଘଟାଇ ଗୁରୁବାର ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାକୁ ଯାଉଛି। ନିର୍ବାଚନ ମଇଦାନରେ ଥିବା ସବୁ ଦଳର ହେଭିୱେଟ୍‌ଙ୍କ ରାଜନୈତିକ ଭାଗ୍ୟ ସଂକ୍ରାନ୍ତ ନିଷ୍ପତ୍ତି ଭୋଟର ନେଇସାରିଛନ୍ତି। ତେଣୁ କେଉଁ ହେଭିୱେଟ୍ ସଫଳ ହେଉଛନ୍ତି, କିଏ ପଛରେ ପଡିଯାଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଅନ୍ୟପକ୍ଷରେ ପ୍ରାର୍ଥୀମାନେ ବିଜୟ ହେବାକୁ ନେଇ ଆଶା ଆଶଙ୍କା ରହିଛନ୍ତି।

ରାଜ୍ୟର ନିର୍ଦ୍ଦିଷ୍ଟ କିଛି ଆସନ ଉପରେ ଅଧିକ ଉତ୍କଣ୍ଠା ପ୍ରକାଶ ପାଇଛି। ସେଥିମଧ୍ୟରେ ପୁରୀ ଲୋକ ସଭା ଆସନ ଅନ୍ୟତମ। ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଏଠାରୁ ଦଳୀୟ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ଲଗାତର ତୃତୀୟଥର ପାଇଁ ପିନାକୀ ମିଶ୍ରଙ୍କୁ ପ୍ରାର୍ଥୀ କରିଛି। ପୂର୍ବାପେକ୍ଷା ପିନାକୀ କଡା ଟକ୍କରର ସମ୍ମୁଖୀନ ହୋଇଥିବା ଆଲୋଚନା ହେଉଛି। ତେଣୁ ସମ୍ବିତ ଓ ପିନାକୀଙ୍କ ମଧ୍ୟରୁ କିଏ ବାଜି ମାରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ। ଭୁବନେଶ୍ୱର ଲୋକ ସଭା ଆସନରେ ଭାଜପାରୁ ଅବସରପ୍ରାପ୍ତ ପ୍ରଶାସିକା ଅପରାଜିତା ଷଡଙ୍ଗୀ, ବିଜେଡିରୁ ପୂର୍ବତନ ବମ୍ବେ ପୋଲିସ କମିଶନର ଅରୂପ ପଟ୍ଟନାୟକ ଏବଂ କଂଗ୍ରେସ ସମର୍ଥିତ ସିପିଏମ୍‌ରୁ ଜନାର୍ଦ୍ଦନ ପତି ପ୍ରାର୍ଥୀ ହୋଇଛନ୍ତି। ହେଲେ ଅପରାଜିତା ଏବଂ ଅରୂପଙ୍କ ମଧ୍ୟରେ ସିଧା ଲଢେଇ ହୋଇଥିବା କୁହାଯାଉଛି। ତେଣୁ ଦୁହିଁଙ୍କ ମଧ୍ୟରୁ କିଏ ବାଜି ମାରିବେ, ତାହା ଗୁରୁବାର ଫଳାଫଳ ପରେ ସ୍ପଷ୍ଟ ହେବ। ଭାଜପାର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡ଼ା ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିରୋଧରେ ବିଜେଡି ପକ୍ଷରୁ ଅଭିନେତା ଅନୁଭବ ମହାନ୍ତି ପ୍ରାର୍ଥୀ ହୋଇଥିବାବେଳେ କଂଗ୍ରେସ ଆଇନଜୀବୀ ଧରଣୀଧର ନାୟକଙ୍କୁ ପ୍ରାର୍ଥୀ କରିଛି। ଉଭୟ ବିଜେଡି ଓ ଭାଜପା ଶିବିର ବିଜୟୀ ହେବା ନେଇ ଉତ୍ସାହିତ। ତେଣୁ ଦୁଇ ହେଭିୱେଟଙ୍କ ମଧ୍ୟରୁ କାହାକୁ କେନ୍ଦ୍ରାପଡ଼ାବାସୀ ନିଜର ପ୍ରତିନିଧି ବାଛିଛନ୍ତି, ତାହାକୁ ନେଇ ଜାତୀୟସ୍ତରରେ ମଧ୍ୟ ଉତ୍କଣ୍ଠା ପ୍ରକାଶ ପାଇଛି। ସେହିପରି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଭାଜପା ନେତା ସୁରେଶ ପୂଜାରୀ, ଜୟରାମ ପାଙ୍ଗୀ, ସଭାପତି ବସନ୍ତ ପଣ୍ଡା, କଂଗ୍ରେସ ନେତା ପ୍ରଦୀପ ମାଝି, ଭକ୍ତ ଦାସ, ଜର୍ଜ ତିର୍କୀ ଏବଂ ବିଜେଡିରୁ ଭର୍ତ୍ତୃହରି ମହତାବ, ପୁଷ୍ପେନ୍ଦ୍ର ସିଂ ଦେଓ, ଚନ୍ଦ୍ରଶେଖର ସାହୁ, ପ୍ରସନ୍ନ ଆଚାର୍ଯ୍ୟ, ☞ପୃଷ୍ଠା-୪

**■ ପାଣିପାଗ କେନ୍ଦ୍ରର ସତର୍କ ସୂଚନା**

# ୨୬ ପର୍ଯ୍ୟନ୍ତ ୮ ଜିଲାକୁ ହିଟ୍ ୱେଭ୍

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ତାତିରେ ଛଟପଟ ହେଉଛନ୍ତି ରାଜ୍ୟବାସୀ। ଗୁରୁବାର ବଲାଙ୍ଗୀର, ନୂଆପଡ଼ା, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼ ଓ ସୁନ୍ଦରଗଡ଼ ଆଦି ୮ ଜିଲାକୁ ହିଟ୍ ୱେଭ୍ ଜାରି ରହିବ। ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ଏହିସବୁ ଜିଲାରେ ହିଟ୍ ୱେଭ୍ ପ୍ରବାହିତ ହେବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି। ଅପରପକ୍ଷରେ ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବା ସମ୍ଭାବନା ରହିଛି। ତେଣୁ ଅନେକ ଜିଲାକୁ ଏ ନେଇ ସତର୍କ ସୂଚନା ଜାରି କରାଯାଇଛି। ୨୬ତାରିଖ ପରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଗୁରୁବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର, କଟକ, ନୟାଗଡ଼, ଖୋର୍ଦ୍ଧା, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି ଓ ବୌଦ୍ଧ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହେବ। ତେବେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କୋରାପୁଟ, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି ଓ ଗଞ୍ଜାମ ଜିଲାରେ କାଳବୈଶାଖୀ ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେପଟେ ୨୪ତାରିଖଠାରୁ ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ସ୍ଥିତି ସାଂଘାତିକ ହେବ। ଉତ୍ତପ୍ତ ସହର ପାଲଟିଥିବା ଟିଟିଲାଗଡ଼ ସମେତ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୬ଡିଗ୍ରୀ ଉପରେ ରହିବ। ୨୫ତାରିଖରୁ ପାରଦ ୪୭ରୁ ୪୮ଡିଗ୍ରୀ ବଢ଼ିବ ବୋଲି ଅନୁମାନ କରାଯାଇଛି। ପୂରା ପଶ୍ଚିମ ଓଡ଼ିଶାରେ ସକାଳ ୯ଟା ☞ପୃଷ୍ଠା-୪



ଜମ୍ମୁ-କଶ୍ମୀରରେ ଯଥାଶୀଘ୍ର ସମ୍ଭବ ରାଷ୍ଟ୍ରପତି ଶାସନ ଶେଷ ହେଉ ଓ ବିଧାନସଭା ନିର୍ବାଚନ ହେଉ ବୋଲି ଆମେ ଚାହୁଁଛୁ।
ସତ୍ୟପାଲ ମଲିକ,
ଜମ୍ମୁ-କଶ୍ମୀର ରାଜ୍ୟପାଳ






ପଶ୍ଚିମବଙ୍ଗର ଦକ୍ଷିଣ ଦିନାଜପୁର ଜିଲାସ୍ଥିତ ବଲୁରଘାଟ ଷ୍ଟ୍ରଙ୍ଗ୍‌ରୁମ୍ ବାହାରେ ମୁତୟନ ସୁରକ୍ଷା କର୍ମୀ।



ପାଟନାର ଏକ ମିଠାଦୋକାନରେ ବିଜୟୀ ପ୍ରାର୍ଥୀଙ୍କ ପାଇଁ ଲଡୁ ତିଆରି ଚାଲିଛି।



ନୂଆଦିଲ୍ଲୀର ଅକ୍ଷରଧାମରେ ମତଦାନ ସାମଗ୍ରୀ ରଖାଯାଇଥିବାବେଳେ ତଦାରଖ କରୁଛନ୍ତି ଜଣେ ସୁରକ୍ଷା କର୍ମୀ।

# ଫଳ ପାଇଁ ସବୁଠି ଉତ୍କଣ୍ଠା

**ସାତ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଶେଷ ହେବା ପରେ ୫୪୨ ଲୋକ ସଭା ଆସନର ୮ ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରିତ ହୋଇସାରିଛି। ବାକି ଅଛି କେବଳ ଭୋଟ ଗଣତି ପରେ ଘୋଷଣାକୁ। କିଏ ବିଜୟ ପରେ ଉତ୍ସବ ମନାଇବା ପାଇଁ ମିଠା କିଣିଲେଣି ତ ଆଉ କିଏ ଟିଭି ସାମ୍ନାରେ ବସି ସିଧାପ୍ରସାରଣରୁ ତଥ୍ୟ ସଂଗ୍ରହର ବ୍ୟବସ୍ଥା କରିସାରିଲେଣି। ଫଳ ଆସିବାକୁ କେତେ ଘଣ୍ଟା ବାକିଥିବାବେଳେ ଏହାକୁ ନେଇ ସାରା ଦେଶରେ ଦେଖିବାକୁ ମିଳିଛି ଅଭୂତପୂର୍ବ ଉତ୍କଣ୍ଠା।**

## ଷ୍ଟ୍ରଙ୍ଗ୍‌ରୁମ୍‌ରେ କଡ଼ା ସୁରକ୍ଷା

ନୂଆଦିଲ୍ଲୀ,୨୨।୫(ପି.ଟି.)

୨୦୧୯ ସାଧାରଣ ନିର୍ବାଚନ ସଦ୍ୟ ଶେଷ ହୋଇଥିବାବେଳେ ସମସ୍ତ ୨୯ ରାଜ୍ୟ ଓ ୯ କେନ୍ଦ୍ରଶାସିତ ଅଞ୍ଚଳର ୫୪୨ ଲୋକ ସଭା ଆସନରେ ଭୋଟ ଗଣତିର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବୁଧବାର ଆଲର୍ଟ ଜାରି କରାଯାଇଛି। ଗୁରୁବାର ଦେଶର ବିଭିନ୍ନ ଭାଗରେ ଗଣତି ବେଳେ ହିଂସା ଓ ସଂଘର୍ଷ ଘଟିବାର ଆଶଙ୍କା ରହିଛି। ସେହିପରି କେତେକ ବର୍ଗର ଲୋକେ ହିଂସା ଉସୁକାଉଥିବାରୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ବିଶେଷକରି ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର ଓ ତ୍ରିପୁରାରେ ଗଣତି ବେଳେ ବିଭ୍ରାଟ ହେବା ଆଶଙ୍କା କରି ଅଧିକ ସଂଖ୍ୟକ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରାଯାଇଛି।

## ଇସି ଆପ୍‌ରେ ନିର୍ଭୁଲ ଫଳ

ନୂଆଦିଲ୍ଲୀ,୨୨।୫(ଆଇଏଏନ୍‌ଏସ୍)

ନିର୍ବାଚନ କମିଶନ (ଇସି)ଙ୍କ ଅନ୍‌ଲାଇନ୍‌ଆପ୍‌ଭୋଟରହେଲ୍‌ପ ଲାଇନ୍‌ରେ ସମୟାନୁସାରେ ନିର୍ଭୁଲ ଫଳ ଆସିବ। ଏହି ଆପ୍‌କୁ ଡାଉନ୍‌ଲୋଡ୍ କରିଥିବା ବ୍ୟକ୍ତି ନିଜ ମୋବାଇଲ୍‌ରେ ପରିଣାମ ସମ୍ପର୍କିତ ଖବର ପାଇପାରିବେ। ପୂର୍ବରୁ ଚୂଡ଼ାନ୍ତ ଫଳ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ଦିଆଯାଉଥିଲା। ହେଲେ ଏଥର ଏହି ଆପ୍ ଜରିଆରେ ଦ୍ରୁତ ତଥ୍ୟ ପ୍ରଦାନ କରାଯିବ। ଏହି ଆପ୍ ଉଭୟ ଆଣ୍ଡ୍ରଏଡ୍ ଓ ଆଇଫୋନ୍ ୟୁଜର୍ସଙ୍କ ପାଇଁ ଉପଲବ୍ଧ। ଏହାକୁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ୟୁଜର୍ସ ଡାଉନ୍‌ଲୋଡ୍ କରିସାରିଲେଣି।

## ସତର୍କତା ପାଇଁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୨।୫(ପି.ଟି.)

୭ ପର୍ଯ୍ୟାୟର ନିର୍ବାଚନ ପରେ ଗଣତି ପାଇଁ ଷ୍ଟ୍ରଙ୍ଗ୍‌ରୁମ୍‌ରେ ଇଭିଏମ୍‌ଗୁଡ଼ିକ କଡ଼ା ସୁରକ୍ଷା ମଧ୍ୟରେ ରହିଛି ବୋଲି ନିର୍ବାଚନ କମିଶନ ବୁଧବାର ନିଶ୍ଚିତ କରିଛନ୍ତି। ଏହାସହ ଇଭିଏମ୍ ଜାଲିଆତି, ହେରଫେର ଆଦିକୁ ନେଇ ବିରୋଧୀ ଦଳଗୁଡ଼ିକ ଉଠାଉଥିବା ଅଭିଯୋଗକୁ ଇସି ଖଣ୍ଡନ କରିଛନ୍ତି। ପୋଲିଂ ଓ ପରବର୍ତ୍ତୀ ସମୟରେ ଷ୍ଟ୍ରଙ୍ଗ୍‌ରୁମ୍‌ରେ ଇଭିଏମ୍ ସୁରକ୍ଷିତ ରଖିବା ଲାଗି ପଦକ୍ଷେପ ନିଆଯାଇଛି। ଏହାସହ କଣ୍ଟ୍ରୋଲ ୟୁନିଟ୍ (ସିୟୁ), ବାଲଟ ୟୁନିଟ୍ (ବିୟୁ), ଭୋଟର ଭେରିଫିଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ମେଶିନ୍‌ଗୁଡ଼ିକୁ ସେଠାରେ ରଖାଯାଇଛି। ସେଗୁଡ଼ିକର ଭିଡିଓଗ୍ରାଫି ମଧ୍ୟ କରାଯାଇଛି। ପ୍ରକାଶ ଯେ, କେତେକ ସ୍ଥାନରେ ଇଭିଏମ୍‌ର ବେଆଇନ ପରିବହନକୁ ନେଇ ଗତ ୨ ଦିନ ହେଲା ଭିଡିଓ ଭାଇରାଲ ହେବା ପରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି।

■ ବିରୋଧୀଙ୍କ ଦାବିକୁ ଅଗ୍ରାହ୍ୟ କଲେ ଇସି

## ଶେଷରେ କରାଯିବ ଭିଭିପିଏଟି ଗଣତି

ନୂଆଦିଲ୍ଲୀ,୨୨।୫(ପି.ଟି.)




ନିର୍ବାଚନ ଶେଷହେବା ପରେ ଗୁରୁବାର ଭୋଟଗଣତି କରାଯିବ। ଇଭିଏମ୍‌କୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇବା ସହ ପ୍ରଥମେ ଭିଭିପିଏଟି ଗଣତି କରିବା ଲାଗି ନିର୍ବାଚନ କମିଶନ(ଇସି)ଙ୍କ ପାଖରେ ଗତ ମଙ୍ଗଳବାର ଦାବି କରିଥିଲେ। ହେଲେ ଏହି ଦାବିକୁ ବୁଧବାର ୩ ସଦସ୍ୟଯୁକ୍ତ ନିର୍ବାଚନ କମିଶନ ଅଗ୍ରାହ୍ୟ କରିଦେଇଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା, ନିର୍ବାଚନ କମିଶନର ଅଶୋକ ଲଭାସା ଓ ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ରା ବିରୋଧୀଙ୍କ ଦାବିକୁ ତର୍ଜମା କରିବା ସହ ଅତୀତରେ ହୋଇଥିବା ଗଣତି ଭଳି ଭିଭିପିଏଟି ଗଣତି ଶେଷରେ କରାଯିବ ବୋଲି ନିଷ୍ପତ୍ତି ଶୁଣାଇଛନ୍ତି। ଇଭିଏମ୍ ସହ ପୋଷ୍ଟାଲ୍ ବାଲଟ ଏକ ସଙ୍ଗେ ଗଣତି କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି।

ସମସ୍ତ ଗଣତି ପ୍ରକ୍ରିୟା ଶେଷହେବା ପରେ ସଂସଦୀୟ କ୍ଷେତ୍ରରେ ଥିବା ପ୍ରତିଟି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୫ଟି ମତଦାନ କେନ୍ଦ୍ରର ଭିଭିପିଏଟି ଗଣତି କରାଯିବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ ଦର୍ଶାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳବାର ୨୨ଟି ବିରୋଧୀ ଦଳ ପକ୍ଷରୁ ପ୍ରଥମେ ୫ଟି ରାଣ୍ଡମ୍ ଭିଭିପିଏଟି ଗଣତି କରିବା ଲାଗି ଦାବି କରାଯାଇଥିଲା। ଏଥିରେ କିଛି ତ୍ରୁଟି ସାମ୍ନାକୁ ଆସିଲେ ସମସ୍ତ ଭିଭିପିଏଟି ଗଣତି କରିବାକୁ ଦାବି କରାଯାଇଥିଲା। ହେଲେ ଏହାକୁ ଇସି ଅଗ୍ରାହ୍ୟ କରିଦେଇଛନ୍ତି। ପ୍ରଥମେ ପୋଷ୍ଟାଲ୍ ଭୋଟ ଗଣତି କିଛି ଘଣ୍ଟା ସମୟ ନେବ ବୋଲି ଇସି କହିଛନ୍ତି। ଭୋଟଗଣତି ନେଇ ତରବର ହେବା ଠିକ୍ ନୁହେଁ। ଆମେ ବି ଅଧିକ ବିଳମ୍ବ କରିବାକୁ ଚାହୁଁନା ବୋଲି ଇସି ଦର୍ଶାଇଛନ୍ତି।

■ କଂଗ୍ରେସ କର୍ମୀଙ୍କୁ ରାହୁଲଙ୍କ ଆଶ୍ୱାସନା

## ଏକ୍‌ଜିଟ୍ ପୋଲ୍‌କୁ ନ ଡରି ଅପେକ୍ଷା କର

ନୂଆଦିଲ୍ଲୀ,୨୨।୫



ବିଭିନ୍ନ ଏକ୍‌ଜିଟ୍ ପୋଲ୍ ରିପୋର୍ଟରେ ଭାଜପାକୁ ବହୁମତ ମିଳିବ ବୋଲି ଦର୍ଶାଯାଇଥିବାବେଳେ ତଥାପି କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ବିଜୟ ଆଶା ଛାଡ଼ିନାହାନ୍ତି। ଏକ୍‌ଜିଟ୍ ପୋଲ୍ ରିପୋର୍ଟରେ ଡରି ନ ଯାଇ ଫଳାଫଳ ଆସିବା ପର୍ଯ୍ୟନ୍ତ ଅପେକ୍ଷା କର ବୋଲି ସେ ବୁଧବାର କଂଗ୍ରେସ କର୍ମୀଙ୍କୁ ଆଶ୍ୱାସନା ଦେଇ କହିଛନ୍ତି। ଆସନ୍ତା ୨୪ ଘଣ୍ଟା ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଟୁଇଟ୍ କରି ଏଥିଲାଗି ସତର୍କ ରହିବାକୁ କର୍ମୀମାନଙ୍କୁ କହିଛନ୍ତି। ଜାଲ୍ ଏକ୍‌ଜିଟ୍ ପୋଲ୍ ରିପୋର୍ଟ ଦେଖି ନ ଡରିବାକୁ ସେ ପରାମର୍ଶ ଦେଇଛନ୍ତି।

## ଇଭିଏମ୍ ବୋହୁଛନ୍ତି ଶିଶୁ ଶ୍ରମିକ



ପାଟ୍‌ନା,୨୨।୫

ବିହାରରେ ଶିଶୁ ଶ୍ରମିକଙ୍କ ଦ୍ୱାରା ଇଭିଏମ୍ ସ୍ଥାନାନ୍ତର କରାଯାଉଥିବା ଅଭିଯୋଗ ହୋଇଛି। ଏସମ୍ପର୍କିତ ଏକ ଫଟୋ ସୋସିଆଲ ମିଡିଆରେ ଛଡ଼ାଯିବା ପରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟକୁ ନେଇ ସମାଲୋଚନା କରାଯାଇଛି। ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଇଭିଏମ୍‌ର ପରିବହନ ଓ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇବା ସହ ନିର୍ବାଚନ କମିଶନଙ୍କ ଉପରେ ବର୍ଷିଛନ୍ତି।

> ଭିଭିପିଏଟି ପ୍ରଥମେ ଗଣତି କରିବା ପାଇଁ ବିରୋଧୀ ଦଳ ଗୁଡିକର ଦାବିକୁ ନିର୍ବାଚନ କମିଶନ ଅଗ୍ରାହ୍ୟ କରି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ଯାଇଛନ୍ତି।
> **- ସୀତାରାମ ୟେଚୁରୀ ,ସିପିଆଇଏମ୍ ସାଧାରଣ ସମ୍ପାଦକ**



■ ପଦୋନ୍ନତି ପ୍ରସ୍ତାବକୁ କେନ୍ଦ୍ରର ମୋହର

## ସୁପ୍ରିମକୋର୍ଟରେ ନିଯୁକ୍ତି ପାଇବେ ୪ ବିଚାରପତି



ନୂଆଦିଲ୍ଲୀ,୨୨।୫

ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତି ନେଇ ପୁଣି ୪ ଜଣଙ୍କ ନାମକୁ ସରକାର ବୁଧବାର ମୋହର ମାରିଛନ୍ତି। ଏହି ନିଯୁକ୍ତି ପରେ ସୁପ୍ରିମକୋର୍ଟରେ ମୋଟ ବିଚାରପତିଙ୍କ ସଂଖ୍ୟା ୩୧ରେ ପହଞ୍ଚିବ। ଏବେ ୨୭ ବିଚାରପତି ସର୍ବୋଚ୍ଚ ଅଦାଲତରେ କାର୍ଯ୍ୟରତ ଅଛନ୍ତି। ଯେଉଁ ୪ ଜଣ ବିଚାରପତିଙ୍କ ନାମକୁ ମୋହର ମରାଯାଇଛି, ସେମାନେ ହେଲେ ବିଚାରପତି ଅନିରୁଦ୍ଧ ବୋଷ, ଏ.ଏସ୍. ବୋପାନ୍ନା, ବି.ଆର୍. ଗଭାଇ ଓ ସୂର୍ଯ୍ୟକାନ୍ତ। ବିଚାରପତି ବୋଷ୍ ଓ ବୋପାନ୍ନାଙ୍କ ନାମକୁ ସରକାର ପୂର୍ବରୁ ସୁପ୍ରିମକୋର୍ଟ କଲେଜିୟମ୍‌କୁ ଫେରାଇ ଦେଇଥିଲେ। ପରେ କଲେଜିୟମ୍ ସେମାନଙ୍କ ନାମରେ ପୁନଃ ମୋହର ମାରିଥିଲେ। ଏଥିସହ ବିଚାରପତି ବି.ଆର୍. ଗଭାଇ ଓ ସୂର୍ଯ୍ୟକାନ୍ତଙ୍କ ନାମକୁ ମଧ୍ୟ କଲେଜିୟମ୍ ସ୍ୱୀକୃତି ପ୍ରଦାନ କରିଥିଲେ। ରାଷ୍ଟ୍ରପତିଙ୍କ ମୋହର ପରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ବିଚାରପତି ବୋଷ ଏବେ ଝାଡ଼ଖଣ୍ଡ ହାଇକୋର୍ଟରେ ମୁଖ୍ୟ ବିଚାରପତି ଥିବାବେଳେ ବିଚାରପତି ବୋପାନ୍ନା ଗୁଆହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ଅଛନ୍ତି। ବିଚାରପତି ଗଭାଇ ବମ୍ବେ ହାଇକୋର୍ଟର ବିଚାରପତି ଥିବାବେଳେ ବିଚାରପତି ସୂର୍ଯ୍ୟକାନ୍ତ ହିମାଚଳ ପ୍ରଦେଶର ମୁଖ୍ୟ ବିଚାରପତିଭାବେ କାର୍ଯ୍ୟ କରୁଛନ୍ତି।

## ଆନ୍ଧ୍ରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିଲେ ସମର୍ଥନ

ନୂଆଦିଲ୍ଲୀ,୨୨।୫(ପି.ଟି.)

**ୱାଇଏସ୍‌ଆର୍ କଂଗ୍ରେସର ଘୋଷଣା**

ଖଣ୍ଡିତ ଜନାଦେଶ ଆସିଲେ ଝୁଲା ପାର୍ଲାମେଣ୍ଟ ସ୍ଥିତିରେ କେନ୍ଦ୍ରରେ କିଏ ସରକାର ଗଠନ କରିବ ତାହା ଏକାଧିକ ଆଞ୍ଚଳିକ ଦଳ ଉପରେ ନିର୍ଭର କରେ। ଏଭଳି ସମୟରେ ଭୋଟ ଗଣତିର ଦିନକ ପୂର୍ବରୁ ଆଭିମୁଖ୍ୟ ସ୍ପଷ୍ଟ କରିଛି ଆନ୍ଧ୍ରପ୍ରଦେଶର ବିରୋଧୀ ଦଳ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି (ୱାଇଏସ୍‌ଆର୍‌ସିପି)। ଆନ୍ଧ୍ରକୁ ଯେଉଁ ଦଳ ବା ମେଣ୍ଟ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ କରିବ ତାକୁ ୱାଇଏସ୍ ଜଗନ୍‌ମୋହନ୍ ରେଡ୍ଡୀଙ୍କ ନେତୃତ୍ୱାଧୀନ ୱାଇଏସ୍‌ଆର୍‌ସିପି ସମର୍ଥନ କରିବ। ଏହି ଦଳର ସମର୍ଥନ ହାସଲ ଲାଗି ଉଭୟ ଭାଜପା ଓ ବିରୋଧୀ ଶିବିର ଉଦ୍ୟମ ଚଳାଇଥିବାବେଳେ ୱାଇଏସ୍‌ଆର୍‌ସିପିର ବରିଷ୍ଠ ନେତା ମେକାପତି ରାଜମୋହନ ରେଡ୍ଡୀ ଏହି ଘୋଷଣା କରିଛନ୍ତି।

### ଇତିହାସର ଆଇନାରେ
### ମେ ୨୩ର ପ୍ରମୁଖ ଘଟଣା

୧୯୬୦ ମେ ୨୩ରେ ଚିଲିରେ ଭୂକମ୍ପ ଯୋଗୁ ସୁନାମି ଆସିବା ଫଳରେ ହାୱାଇର ହିଲୋଠାରେ ୬୧ ଲୋକଙ୍କ ମୃତ୍ୟୁ ଘଟିଥିଲା। ସୁନାମି ହେଉଛି ସାମୁଦ୍ରିକ ଉତ୍ତାଳ ଜୁଆର। ଏହାକୁ ସିସ୍‌ମିକ୍ ସି ୱେଭ୍ ମଧ୍ୟ କୁହାଯାଏ। ଭୂକମ୍ପ ହେବା ଫଳରେ ସମୁଦ୍ରର ଏକ ବୃହତ୍ ଅଂଶର ଜଳ ବିସ୍ଥାପିତ ହେବା ଯୋଗୁ ଏପରି ଅବସ୍ଥା ସୃଷ୍ଟି ହୋଇଥାଏ।


୨୦୧୬ ମେ ୨୩ରେ ବିଶ୍ୱ ମାନବତାବାଦୀ ସମ୍ମିଳନୀ ତୁର୍କୀର ଇସ୍ତାନବୁଲ୍‌ଠାରେ ଅନୁଷ୍ଠିତ ହୋଇଥିଲା। ଜାତିସଂଘର ତତ୍କାଳୀନ ସେକ୍ରେଟାରି ଜେନେରାଲ ବାନ୍ କି-ମୁନ୍‌ଙ୍କ ଦ୍ୱାରା ଏଭଳି ଏକ ପଦକ୍ଷେପ ଆରମ୍ଭ ହୋଇଥିଲା ।

## ‘ରିସାଟ୍-୨ବି’ର ସଫଳ ଉତ୍କ୍ଷେପଣ

ଶ୍ରୀହରିକୋଟା(ଆନ୍ଧ୍ରପ୍ରଦେଶ),୨୨।୫

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ବୁଧବାର ରିସାଟ୍-୨ବି ଉପଗ୍ରହର ସଫଳ ଉତ୍କ୍ଷେପଣ କରାଯାଇଛି। ପୃଥିବୀ ପର୍ଯ୍ୟବେକ୍ଷଣକାରୀ ଏହି ଉପଗ୍ରହ ଲଞ୍ଚ୍ କରିବାରେ ଇସ୍ରୋ ଇତିହାସ ସୃଷ୍ଟି କରିଛି। ସକାଳ ୫ଟା ୩୦ରେ ପୋଲାର ସାଟେଲାଇଟ୍ ଲଞ୍ଚ୍ ଭେଇକିଲ (ପିଏସ୍‌ଏଲ୍‌ଭି-ସି୪୬) ରକେଟ୍‌ରେ ଅଗ୍ନି ସଂଯୋଗ କରାଯାଇଥିଲା। ରାଡାର ଇମେଜିଂ ଆର୍ଥ ସାଟେଲାଇଟ୍‌କୁ ସତୀଶ ଧାୱନ ସ୍ପେସ୍ ସେଣ୍ଟରର ଲଞ୍ଚ୍‌ପ୍ୟାଡ଼ରୁ ଉତ୍କ୍ଷେପଣ କରାଯାଇଥିଲା। ୬୧୫ କିଲୋଗ୍ରାମ୍ ବିଶିଷ୍ଟ ଉକ୍ତ ସାଟେଲାଇଟ୍‌କୁ ଉତ୍କ୍ଷେପଣର ୧୫ ମିନିଟ୍ ପରେ ପୃଥିବୀ ପୃଷ୍ଠରୁ ୫୫୫ କିଲୋମିଟର ଉଚ୍ଚ କକ୍ଷପଥରେ ଅବସ୍ଥାପିତ କରାଯାଇଛି। ରିସାଟ୍-୨ବି (ରାଡାର ଇମେଜିଂ ସାଟେଲାଇଟ୍-୨ବି) ଦେଶର ନିରାପତ୍ତା ପାଇଁ ସତର୍କ ନଜର, କୃଷି, ବନ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଭଳି ବିଭିନ୍ନ କ୍ଷେତ୍ରରେ ସହାୟକ ହୋଇପାରିବ ବୋଲି ଇସ୍ରୋ ଅଧ୍ୟକ୍ଷ କେ. ସିବନ ପ୍ରକାଶ କରିଛନ୍ତି।

**ସୀମାରେ ରହିବ କଡ଼ା ନଜର**



## ପଞ୍ଚତାରକା ହୋଟେଲରେ ରହିବେନି ନବ ନିର୍ବାଚିତ ଏମ୍‌ପି

ନୂଆଦିଲ୍ଲୀ,୨୨।୫


୧୭ତମ ଲୋକ ସଭା ପାଇଁ ନବ ନିର୍ବାଚିତ ସଦସ୍ୟମାନେ ପଞ୍ଚତାରକା ହୋଟେଲରେ ଅସ୍ଥାୟୀ ରହଣି କରିପାରିବେ ନାହିଁ। ସେମାନଙ୍କ ରହିବା ପାଇଁ ୱେଷ୍ଟର୍ନ କୋର୍ଟରେ ବ୍ୟବସ୍ଥା କରାଯାଇଥିବା ବୁଧବାର ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ଘୋଷଣା କରାଯାଇଛି। ନବ ନିର୍ବାଚିତ ଏମ୍‌ପିମାନଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତି ସମ୍ପର୍କରେ ସେକ୍ରେଟାରି ଜେନେରାଲ ସ୍ନେହଲତା ଶ୍ରୀବାସ୍ତବ କହିଲେ, ସଦସ୍ୟମାନଙ୍କୁ ବାସଭବନ ଯୋଗାଇଦେବା ପର୍ଯ୍ୟନ୍ତ ସେମାନେ ୱେଷ୍ଟର୍ନ କୋର୍ଟ ଏବଂ ଷ୍ଟେଟ୍ ହାଉସ୍‌ଗୁଡିକରେ ରହିପାରିବେ। ଏଥିପାଇଁ ଏକ ଆକୋମୋଡେଶନ୍ ଡେସ୍କ ପାର୍ଲାମେଣ୍ଟ ହାଉସ୍‌ର ଫାର୍ଷ୍ଟ ଫ୍ଲୋର ରୁମ୍ ନଂ-୬୨ରେ ପ୍ରତିଷ୍ଠା କରାଯାଇଛି। ଏହା ମେ ୨୩ରୁ ୨୮ ପର୍ଯ୍ୟନ୍ତ ୨୪ଘଣ୍ଟା କାର୍ଯ୍ୟ କରିବ। ଏମ୍‌ପିମାନେ ରାଜଧାନୀରେ ପହଞ୍ଚିବା ପାଇଁ ଇନ୍ଦିରା ଗାନ୍ଧୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଟର୍ମିନାଲ, ନୂଆଦିଲ୍ଲୀ ରେଳଷ୍ଟେଶନ୍, ଆନନ୍ଦ ବିହାର ରେଳଷ୍ଟେଶନ୍ ଏବଂ ନିଜାମୁଦ୍ଦିନ ରେଳଷ୍ଟେଶନ୍‌ରେ ଗାଇଡ ସ୍ୱଚ୍ମାନ ପ୍ରତିଷ୍ଠା କରାଯାଇଛି। ଏଥିସହିତ ଏମ୍‌ପିମାନେ ସ୍ଥାୟୀ ପରିଚୟ ପତ୍ର ପାଇବା ପାଇଁ ଲୋକ ସଭା ସେକ୍ରେଟାରିଏଟ୍ କର୍ମଚାରୀଙ୍କ ସହାୟତା ନେଇପାରିବେ।

ନବନିର୍ବାଚିତ ଏମ୍‌ପିମାନେ ରିଟର୍ନିଂ ଅଫିସରଙ୍କ ଦ୍ୱାରା ଦିଆଯାଇଥିବା ନିର୍ବାଚନ ପ୍ରମାଣପତ୍ରକୁ ରୁମ୍ ନଂ-୬୨ରେ ଦେଖାଇବେ। ଏହାଦ୍ୱାରା ସେମାନଙ୍କ ରହଣି ବ୍ୟବସ୍ଥା, ସ୍ଥାୟୀ ପରିଚୟ ପତ୍ର ପ୍ରଦାନ, ରେଲୱେ ପାସ୍ ମଞ୍ଜୁର ଆଦି ସହଜରେ ହୋଇପାରିବ। ନବ ନିର୍ବାଚିତ ସଦସ୍ୟଙ୍କୁ ସ୍ୱାଗତ କରିବା ପାଇଁ ପାର୍ଲାମେଣ୍ଟ ହାଉସ ଏବଂ ସେଣ୍ଟ୍ରାଲ ହଲ୍‌କୁ ସୁସଜ୍ଜିତ କରାଯାଇଥିବା ସେକ୍ରେଟାରି ଜେନେରାଲ୍ ସୂଚନା ଦେଇଛନ୍ତି।



ନୂଆଦିଲ୍ଲୀସ୍ଥିତ ପାର୍ଲାମେଣ୍ଟରେ ଲୋକ ସଭା ସେକ୍ରେଟାରି ଜେନେରାଲ ସ୍ନେହଲତା ଶ୍ରୀବାସ୍ତବ ସପ୍ତଦଶ ଲୋକ ସଭା ପାଇଁ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରୁଛନ୍ତି।




# ନିରଞ୍ଜନଙ୍କୁ ନେଇ କଂଗ୍ରେସରେ ବଢ଼ିଲାଣି ଅସନ୍ତୋଷ

ଭୁବନେଶ୍ୱର,୨୨ା୫(ବ୍ୟୁରୋ)

- ଫଳାଫଳ ପୂର୍ବରୁ ପରାଜୟ ସ୍ୱୀକାର
- ସବୁ ପଦବୀରୁ ଇସ୍ତଫା ଦେଲେ ଜଗନ୍ନାଥ
- ଶରତ କହିଲେ, ଦଳର ପ୍ରଦର୍ଶନ ପାଇଁ ପିସିସି ସଭାପତି ଦାୟୀ ରହିବେ

ବିଧାନସଭା ଓ ଲୋକ ସଭା ପାଇଁ ହୋଇଥିବା ମତଦାନର ଗଣତି ଗୁରୁବାର ହେବ। ଏହାପୂର୍ବରୁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ମଧ୍ୟରୁ ବିଜେଡି ଓ ଭାଜପା ଏଥର ସରକାର ଗଢ଼ିବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏ କ୍ଷେତ୍ରରେ କଂଗ୍ରେସ ପଛରେ ପଡ଼ିଯାଇଛି। ଖୋଦ୍ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ରାଜ୍ୟରେ ଦଳ ସରକାର ଗଢ଼ିପାରିବ ନାହିଁ ବୋଲି ମଙ୍ଗଳବାର ସ୍ୱୀକାର କରିଥିଲେ। ଏପରିକି କଂଗ୍ରେସ ବିରୋଧୀ ଦଳ ମାନ୍ୟତା ହରାଇପାରେ ବୋଲି ନିରଞ୍ଜନ ଆଶଙ୍କା ପ୍ରକାଶ କରିଛନ୍ତି। ପିସିସି ସଭାପତିଙ୍କ ଏଭଳି ମନ୍ତବ୍ୟ ପରେ ଦଳ ଭିତରୁ ନିରଞ୍ଜନଙ୍କୁ ସମାଲୋଚନା ଆରମ୍ଭ ହୋଇଯାଇଛି। ଦଳର ପ୍ରଦର୍ଶନ ଖରାପ ହେଲେ ନିରଞ୍ଜନ ଦାୟୀ ରହିବେ ବୋଲି କଂଗ୍ରେସର କେତେଜଣ ବରିଷ୍ଠ ନେତା ଖୋଲାଖୋଲି କହିଲେଣି। ଏପରି କି ନିର୍ବାଚନ ପରିଚାଳନାରେ ତ୍ରୁଟି ଏବଂ ଟିକେଟ ବଣ୍ଟନରେ ଅନିୟମିତତା କଥା କହି ଦଳର ବରିଷ୍ଠ ନେତା ଜଗନ୍ନାଥ ପଟ୍ଟନାୟକ ସମସ୍ତ ପଦ ପଦବୀରୁ ଇସ୍ତଫା ଦେଇଛନ୍ତି।

ରାଜ୍ୟ କଂଗ୍ରେସରେ ଦଳୀୟ କନ୍ଦଳ କିଛି ନୂଆ କଥା ନୁହେଁ। ଏଥିପାଇଁ କଂଗ୍ରେସର ବହୁ କାର୍ଯ୍ୟକର୍ତ୍ତା ଅନ୍ୟ ଦଳକୁ ଚାଲିଯାଇଛନ୍ତି। ଏଥର ନିର୍ବାଚନରେ ଦଳ ଖରାପ ପ୍ରଦର୍ଶନ କରିବ ବୋଲି ନିରଞ୍ଜନ କହିବାପରେ ଦଳ ଭିତରେ କନ୍ଦଳକୁ ଆହୁରି ବଢ଼ିଯାଇଛି। ନିରଞ୍ଜନ କହିଛନ୍ତି, ଆମେ ସରକାର ଗଠନ କରିବୁ ବୋଲି ଆଶାବାଦୀ ନାହୁଁ। କଂଗ୍ରେସ ଫାଇଟ୍ କରିଛି, ଗତଥର ଅପେକ୍ଷା କଂଗ୍ରେସକୁ ଅଧିକ ଆସନ ମିଳିପାରେ। ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ଆମେ ଭଲ କରିବୁ। ହେଲେ ପଶ୍ଚିମ ଓଡ଼ିଶାରେ ଯାହା ପାଇବୁ ବୋଲି ଆଶା କରିଥିଲୁ ତାହା ପାଇବୁନାହିଁ। ଘସିପୁରା ଓ ଭଣ୍ଡାରିପୋଖରୀ ଆସନରୁ ବିଜୟୀ ହେବା ଯଥେଷ୍ଟ ସମ୍ଭାବନା ଥିବା ସେ କହିଛନ୍ତି।

ଅପରପକ୍ଷରେ ବୁଧବାର ସମ୍ବଲପୁରଠାରେ ଏକ ଖବରଦାତା ସମ୍ମିଳନୀ କରି ପିସିସି ସମନ୍ୱୟ କମିଟି ଆବାହକ ଓ ନିର୍ବାଚନ କମିଟି ସଦସ୍ୟ ପଦରୁ ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ପଟ୍ଟନାୟକ ଇସ୍ତଫା ଦେଇଛନ୍ତି। ଏହି ଅବସରରେ ସେ ଦଳର ରାଜ୍ୟ ନେତୃବୃନ୍ଦଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ଜଗନ୍ନାଥ କହିଛନ୍ତି, ଚଳିତ ନିର୍ବାଚନରେ ରାଜ୍ୟ କଂଗ୍ରେସ ଜାଣିଶୁଣି ଖରାପ ପ୍ରଦର୍ଶନ କରିବାକୁ ଯାଉଛି। ରାଜ୍ୟ ନେତୃତ୍ୱ ପ୍ରଚାରରେ ଅବହେଳା କରିବା ସହ ତ୍ରୁଟିପୂର୍ଣ୍ଣ ରଣନୀତି ଆପଣାଇଥିଲେ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଦଳ ଯେପରି ଆଗକୁ ବଢ଼ିଥାଆନ୍ତା, ରାଜ୍ୟରେ ତାହା କରାଇ ଦିଆଗଲା ନାହିଁ। ସାଂଗଠନିକ ସ୍ଥିତି, ନିର୍ବାଚନ ପ୍ରସ୍ତୁତି ଓ ଟିକେଟ ବଣ୍ଟନ ପ୍ରକ୍ରିୟାରେ ସମନ୍ୱୟର ଘୋର ଅଭାବ ଦେଖିବାକୁ ମିଳିଥିଲା। ତେଣୁ ଦଳର ପ୍ରଦର୍ଶନ ଭଲ ହେବ ନାହିଁ ବୋଲି ଜଗନ୍ନାଥ କହିଛନ୍ତି।

ଜଗନ୍ନାଥଙ୍କ ଏଭଳି ଅଭିଯୋଗ ପରେ ଦଳ ଭିତରୁ ଆହୁରି କେତେଜଣ ବରିଷ୍ଠ ନେତା ନିରଞ୍ଜନଙ୍କ ବିରୋଧରେ ସଜବାଜ ହେଉଛନ୍ତି। ଦଳର ଜଣେ ବରିଷ୍ଠ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ନିରଞ୍ଜନ କେତେଗୁଡ଼ିଏ ଆସନରେ ବିଜେଡିକୁ ସୁହାଇବା ଭଳି ପ୍ରାର୍ଥୀ ଦେଇଛନ୍ତି, ଆଉ କିଛିଟା ଭାଜପା ପାଇଁ ବାଟ ଛାଡ଼ି ଦେଇଛନ୍ତି। ସେହିପରି ବହୁ ଆସନରେ ପିସିସି ପକ୍ଷରୁ ଠିକଣା ଢଙ୍ଗରେ ପ୍ରଚାର ମଧ୍ୟ କରାଯାଇନାହିଁ। ଦଳର ବରିଷ୍ଠ ନେତା ଶରତ ରାଉତ କହିଛନ୍ତି, ପିସିସି ସଭାପତି ଭାବେ ନିରଞ୍ଜନ ଦଳ ଓ ପ୍ରାର୍ଥୀଙ୍କୁ ହତାଶ କରିଛନ୍ତି। ରାହୁଲ ଗାନ୍ଧୀଙ୍କ ସହ ସେ ବିଶ୍ୱାସଘାତକତା କରିଛନ୍ତି। କଂଗ୍ରେସ ପ୍ରଦର୍ଶନ ପାଇଁ ପିସିସି ସଭାପତି ଭାବେ ନିରଞ୍ଜନ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଶରତ କହିଛନ୍ତି। ସେହିପରି ଦଳ ପକ୍ଷରୁ କଟକ ଲୋକ ସଭା ପ୍ରାର୍ଥୀ ହୋଇଥିବା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ଦଳୀୟ ନେତୃତ୍ୱରେ ସମନ୍ୱୟ ଅଭାବ ଥିବା ଲକ୍ଷ୍ୟ କରାଯାଉଥିଲା, ଯେଉଁଥିପାଇଁ ଦଳର ଫଳାଫଳ ଖରାପ ହୋଇପାରେ ବୋଲି ପଞ୍ଚାନନ କହିଛନ୍ତି।

# ଫଳାଫଳ ଉପରେ ସମସ୍ତଙ୍କ ନଜର

ଭୁବନେଶ୍ୱର,୨୨ା୫(ବ୍ୟୁରୋ)

- ଲୋକ ସଭାକୁ ନେଇ ଅଧିକ ଉତ୍କଣ୍ଠା
- ଗୁରୁତ୍ୱପୂର୍ଣ୍ଣ ସିଟ୍‌ରେ ଲଢ଼େଇ ଜୋର୍‌ଦାର

ପ୍ରତୀକ୍ଷାର ଅନ୍ତ ହୋଇଛି। ୭ଟି ପର୍ଯ୍ୟାୟରେ ଦେଶର ୫୪୨ ଲୋକ ସଭା ଏବଂ ୪ ରାଜ୍ୟରେ ହୋଇଥିବା ବିଧାନସଭା ନିର୍ବାଚନର ଫଳାଫଳ ଗୁରୁବାର ପ୍ରକାଶ ପାଇବ। ଦେଶରେ କେଉଁ ଦଳ ଅଥବା ମେଣ୍ଟ ସରକାର କରିବ, ରାଜ୍ୟରେ କିଏ ବାଜି ମାରିବ, ତାହା ସ୍ପଷ୍ଟ ହୋଇଯିବ। ନିର୍ବାଚନ ଓଡ଼ିଶା ପାଇଁ ନୂଆ ନୁହେଁ, ହେଲେ ଅନେକ ଦିଗରୁ ଚଳିତ ନିର୍ବାଚନ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରୁଛି। ୨୦୦୦ରୁ କ୍ଷମତାସୀନ ବିଜେଡି ପ୍ରଥମଥର ପାଇଁ ପ୍ରବଳ ଶାସକ ବିରୋଧୀ ହାୱାର ସମ୍ମୁଖୀନ ହୋଇଥିଲା। ହେଲେ ଏହାର ଫାଇଦା କେତେ ପରିମାଣରେ ବିରୋଧୀ ଦଳ ଏଥର ନେଇପାରୁଛନ୍ତି, ତାହା କେବଳ ଫଳାଫଳ କହିବ। ସେହିପରି ଭାଜପାର ପ୍ରଦର୍ଶନ କ'ଣ ରହିବ, ସେ ନେଇ ମଧ୍ୟ ସମସ୍ତଙ୍କ ନଜର ରହିଛି। ଅଧିକାଂଶ ବୁଥ ଫେରନ୍ତା ମତ(ଏକଜିଟ୍ ପୋଲ)ରେ ଭାଜପାକୁ ହାରାହାରି ୧୦ରୁ ୧୨ ଲୋକ ସଭା ଆସନ ଦିଆଯାଇଛି। ତେଣୁ ଲୋକ ସଭା ପରି ବିଧାନସଭାରେ ଭାଜପାର ଉତ୍ତମ ଫଳାଫଳ ନେଇ ଦଳୀୟ ନେତା ଆଶାବାଦୀ ଅଛନ୍ତି। କଂଗ୍ରେସର ଦଳଗତ ପ୍ରଦର୍ଶନକୁ ନେଇ ରାଜନୈତିକ ସମୀକ୍ଷକମାନେ ଏତେଟା ଆଶାବାଦୀ ନ ଥିବା ମନେ ହୁଏ। ନିଜ ଅଞ୍ଚଳରେ ନିଜସ୍ୱ ସଙ୍ଗଠନ ଥିବା କଂଗ୍ରେସ ନେତା ଭଲ ଫଳ କରିବେ ବୋଲି ରାଜନୈତିକ ବିଶ୍ଳେଷକମାନେ କହିଛନ୍ତି। ତେଣୁ ମେ' ୨୩ କେଉଁ ଦଳ ପାଇଁ ଶୁଭଙ୍କର ସାବ୍ୟସ୍ତ ହେଉଛି, ତାହା କେବଳ ଗଣତି ପରେ ସ୍ପଷ୍ଟ ହେବ।

୨୦୦୪ରୁ ଏକ ସଙ୍ଗରେ ବିଧାନସଭା ଓ ଲୋକ ସଭା ନିର୍ବାଚନ ହେଉଛି। ହେଲେ ଚଳିତ ଥର ଲୋକ ସଭାକୁ ରାଜ୍ୟରେ ଅଧିକ ଗୁରୁତ୍ୱ ଦିଆଯାଇଛି। ପୂର୍ବଭାରତର ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ଭାଜପା ସ୍ୱତନ୍ତ୍ର ଗୁରୁତ୍ୱ ସହକାରେ ଲଢ଼ିଛି। ନିର୍ବାଚନ ସମୟରେ ରାଜ୍ୟରେ କ୍ଷମତାସୀନ ବିଜେଡି ଏବଂ ବଙ୍ଗରେ କ୍ଷମତାସୀନ ଟିଏମ୍‌ସିକୁ କଡା ସମାଲୋଚନାରେ ବିଜେଡି ଅବହେଳା କରିନାହିଁ। ତେଣୁ ନିର୍ବାଚନ ଫଳାଫଳ ରାଜନୀତି ଉପରେ ସମସ୍ତଙ୍କ ନଜର ରହିବ। ରାଜଧାନୀ ଭୁବନେଶ୍ୱର, କୋରାପୁଟ, କଳାହାଣ୍ଡି, ପୁରୀ, ବରଗଡ, କେନ୍ଦ୍ରାପଡା, ଆସିକା ଲୋକ ସଭା ଆସନକୁ ନେଇ ସମସ୍ତଙ୍କ ମନରେ ବିଶେଷ ଉତ୍କଣ୍ଠା ପ୍ରକାଶ ପାଇଛି।

୨୦୦୯ ଏବଂ ୨୦୧୪ରେ ବିଜେଡି ସହଜରେ ୧୦୦ ଆସନ ଛୁଇଁ ପାରିଥିଲା। ଚଳିତ ଥର ସେଭଳି ସଫଳତାକୁ ବିରୋଧୀମାନେ ଖଣ୍ଡନ କରିଛନ୍ତି। ଭାଜପା ସଭାପତି ବସନ୍ତ ପଣ୍ଡା, ବିଧାୟକ ଦଳ ନେତା କେ.ଭି ସିଂଦେଓ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଏବଂ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ରାଜ୍ୟରେ ସରକାର ଗଢିବା ନେଇ ଦୃଢୋକ୍ତି ପ୍ରକାଶ କରିଛନ୍ତି। ସେହିଭଳି ବିଜେଡିର ବହୁ ହେଭିୱେଟ ନିଜର ଲୋକପ୍ରିୟତା ହରାଇଥିବା ନେଇ ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ତେଣୁ ଅନେକେ ଗତଥର ବିଜେଡି ଜିତିଥିବା ବହୁ ବିଧାନସଭା ଆସନ ହରାଇବାର ଆଶଙ୍କା ସୃଷ୍ଟି ହୋଇଛି। ଶାସକ ବିଜେଡି ବିରୋଧୀଙ୍କ କଡା ମୁକାବିଲାର ସମ୍ମୁଖୀନ ହୋଇଥିବା ଆସନଗୁଡ଼ିକ ହେଉଛି, ବଡମ୍ବା, କଟକ ସଦର, କଟକ ବାରବାଟୀ, ବ୍ରହ୍ମଗିରି, ଚିଲିକା, ଜଟଣୀ, ଭୁବନେଶ୍ୱର (ମଧ୍ୟ), ପାରାଦୀପ, ଭଣ୍ଡାରୀପୋଖରୀ, ଧାମନଗର, ବସ୍ତା, ବାଲେଶ୍ୱର ସଦର, ନୀଳଗିରି, ସାରସକଣା, ଯଶୀପୁର, ମୋରଡା, ସୁନ୍ଦରଗଡ, ରେଙ୍ଗାଲୀ, ପଟାଙ୍ଗୀ, ରାୟଗଡା, ଗୁଣୁପୁର, ବିଷମ କଟକ, ବରୀ, ପଦ୍ମପୁର, ଭବାନୀପାଟଣା, ବସ୍ତା, ସିମୁଳିଆ, ପାଲଲହଡା, ଅନୁଗୋଳ, ପାରଳାଖେମୁଣ୍ଡି, କନ୍ଧମାଳ ପ୍ରମୁଖ।

# ଦୁଇ ପାପୁଲି, ଗୋଡ଼ ଆଙ୍ଗୁଠି କାଟିଦେଲେ

**କନ୍ଧମାଳ, ୨୨ା୫ (ଡି.ଏନ.ଏ.):** ବୌଦ୍ଧ ଜିଲା କନ୍ଧମାଳ ଥାନା ଖମାର ଗାଁରେ ବୁଧବାର ଏକ ଅମାନୁଷିକ ଘଟଣା ଘଟିଛି। ୪ ବର୍ଷ ତଳ ଏକ ଡବଲ ମର୍ଡର ଘଟଣାର ପ୍ରତିଶୋଧ ନେବାକୁ ଯାଇ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ସୁରେନ୍ଦ୍ର କ୍ଷେତି (୫୪)। ସୁରେନ୍ଦ୍ରଙ୍କ ଦୁଇ ହାତର ପାପୁଲି ଓ ଗୋଡ ଆଙ୍ଗୁଠିକୁ ସ୍ପଷ୍ଟ ଦିବାଲୋକରେ କାଟି ଦେଇ ଘଟଣାସ୍ଥଳରୁ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ପଲସାଗୋରା ନିକଟ ପଧାନପାଲିରୁ ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ସୁରେନ୍ଦ୍ରତାଙ୍କ ଝିଅକୁ ଧରି ଖମାର ଗାଁ ଯାଉଥିଲେ। ହେଲେ ଗୋହିରାପାଲି ନାଳ ପାଖ ନିଛାଟିଆ ସ୍ଥାନରେ ପୂର୍ବରୁ ଜଗି ରହିଥିବା ୬ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଦଉଡିରେ ବାନ୍ଧି ଦେଇଥିଲେ। ଝିଅ ସେଠାରୁ ଖସି ପଳାଇ ପାଖ ଗାଁ ଲୋକଙ୍କୁ ଏ ସମ୍ପର୍କରେ କହିଥିଲେ। ଗାଁ ଲୋକେ ସେଠାରେ ପହଞ୍ଚିଲା ବେଳକୁ ସୁରେନ୍ଦ୍ରଙ୍କ ହାତର ପାପୁଲି ଓ ଗୋଡ ଆଙ୍ଗୁଠି କାଟି ଦେଇ ଦୁର୍ବୃତ୍ତ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୁରେନ୍ଦ୍ରଙ୍କୁ ସୋନପୁର ଡାକ୍ତରଖାନାକୁ ପଠାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ କୋଟି ୬୧ ଲକ୍ଷ ଟଙ୍କା ଦେଲା ଓଡ଼ିଶା ପୋଲିସ



ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

**କଟକ ଅଫିସ,୨୨ା୫:** ଫନୀ ଯୋଗୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ କୋଟି ୬୧ ଲକ୍ଷ ୬୧ହଜାର ୪୧୨ ଟଙ୍କା ପ୍ରଦାନ କରିଛି ଓଡ଼ିଶା ପୋଲିସ। ବୁଧବାର ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ସମେତ ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀମାନେ ଏହି ଟଙ୍କାର ଚେକ୍ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ପ୍ରଦାନ କରିଛନ୍ତି। ଏ ନେଇ ଓଡ଼ିଶା ପୋଲିସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ତେବେ ବରଗଡ଼, ବାଲେଶ୍ୱର, ବ୍ରହ୍ମପୁର, ଦେବଗଡ଼, ଗଜପତି, ଭଦ୍ରକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ରାୟଗଡ଼ା, ରାଉରକେଲା, ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼ ପୋଲିସ ଜିଲା ସମେତ କଟକ ଜିଆର୍‌ପି, ରାଉରକେଲା ଜିଆରପି, ଓଏସ୍‌ଏପି ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ, ଅଷ୍ଟମ ବାଟାଲିୟନ, ଆଇଆର୍ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ଷଷ୍ଠ, ସପ୍ତମ, ଅଷ୍ଟମ, ନବମ ବାଟାଲିୟନ, ଏସ୍‌ଏସ୍ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ବାଟାଲିୟନ, ଓଆଇଏସ୍‌ଏଫ୍, ଏସ୍‌ଓଜି, ବେସିକ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଏହି ଟଙ୍କା ଆସିଥିଲା। ପୋଲିସ ଅଫିସର ଓ କର୍ମଚାରୀମାନେ ସ୍ୱତଃ ପ୍ରବୃତ୍ତ ଭାବେ ଟଙ୍କା ଦେଇଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ଆଇପିଏସ୍ ସଂଘ ପକ୍ଷରୁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହିତ ଓଡ଼ିଶା ପୋଲିସ ପକ୍ଷରୁ ପୁରୀର ବାତ୍ୟା ପ୍ରପୀଡ଼ିତ ଅଞ୍ଚଳରେ ୨୦ଟି କରୁଣା କ୍ୟାମ୍ପ ଖୋଲାଯାଇ ଲୋକମାନଙ୍କୁ ମାଗଣାରେ ଖାଦ୍ୟ ଯୋଗାଇ ଦିଆଯାଇଥିଲା।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦମ୍ପତି ମୃତ

ଫିରିଙ୍ଗିଆ, ୨୨ା୫

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ ପଞ୍ଚାୟତ ସାଣ୍ଡରମୁଣ୍ଡା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତାପାର୍ଶ୍ୱ ଗଛରୁ ଆମ୍ବ ତୋଳିବା ବେଳେ ଅସାବଧାନତାରୁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦଶରଥ

## ଆମ୍ବ ତୋଳିବା କାଳ ହେଲା

ଭୁକ୍ତା(୫୦) ଓ ସ୍ତ୍ରୀ ସରୋଜିନୀ(୪୨)। ଗ୍ରାମବାସୀଙ୍କଠାରୁ ଏହି ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଦମ୍ପତିଙ୍କ ମୃତ୍ୟୁ ପରେ ଝିଅ, ପୁଅ ଅନାଥ ହୋଇଯାଇଛନ୍ତି। ସେମାନଙ୍କୁ ବାଲିଗୁଡ଼ାସ୍ଥିତ ବନବାସୀ ସେବା କେନ୍ଦ୍ରରେ ଥଇଥାନ କରାଯିବାକୁ ନିଷ୍ପତ୍ତି ହୋଇଛି ।


ଗ୍ରାମବାସୀଙ୍କ ଗହଣରେ ମୃତ ଦମ୍ପତିଙ୍କ ଝିଅ-ପୁଅ ।

ସାଣ୍ଡରମୁଣ୍ଡା ଗ୍ରାମର ଦଶରଥ ଅତ୍ୟନ୍ତ ଗରିବ । ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିଲେ। ଏଥିସହ ଋତୁ ଅନୁଯାୟୀ ସ୍ତ୍ରୀ ସରୋଜିନୀଙ୍କ ସହ ମିଶି ଫଳମୂଳ ସଂଗ୍ରହ କରି ବଜାରରେ ବିକ୍ରି କରନ୍ତି। ଏବେ ଆମ୍ବ ପାଚିବା ସମୟ। ରାସ୍ତା ପାର୍ଶ୍ୱ ଗଛରୁ ଆମ୍ବ ତୋଳିବା ପାଇଁ ବୁଧବାର ସକାଳେ ଦମ୍ପତି ଏକ ବାଉଁଶ ନେଇ ଘରୁ ବାହାରିଥିଲେ। ଶୁଖି ନ ଥିବା ଉକ୍ତ ବାଉଁଶ ଉପର ଭାଗରେ ଲୁହାର ଏକ ଆଙ୍କୁଡ଼ି ଲଗାଯାଇଥିଲା। ଘରଠାରୁ କିଛି ଦୂରରେ ଥିବା ଗଛରେ ଆଙ୍କୁଡ଼ି ଲଗାଇ ସରୋଜିନୀ ଆମ୍ବ ତୋଲୁଥିବା ବେଳେ ଉପରେ ଯାଇଥିବା ୩୩ କେଭି ତାର ସଂସ୍ପର୍ଶରେ ଆସି ଯାଇଥିଲେ । ଏହାଦେଖି ଦଶରଥ ତାଙ୍କୁ ବଞ୍ଚାଇବାକୁ ଯାଇଥିବା ବେଳେ ସେ ବି ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ । ଫଳରେ ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଏହା ଦେଖି ଫିରିଙ୍ଗିଆ ଥାନା ପୋଲିସକୁ ଖବର ଦେଇଥିଲେ। ମୃତ ଦମ୍ପତିଙ୍କ ପୁଅ ଶ୍ରବଣ (୧୩) ଅଷ୍ଟମ ଶ୍ରେଣୀ ପରୀକ୍ଷା ଦେଇଥିବା ବେଳେ ଝିଅ ରୁନି(୧୫) ମାନସିକ ବିକାରଗ୍ରସ୍ତ। ପରିବାରରେ ଆଉ କେହି ନ ଥିବାରୁ ସେମାନଙ୍କୁ ବନବାସୀ ସେବା କେନ୍ଦ୍ରରେ ରଖିବା ନିମନ୍ତେ ଗ୍ରାମବାସୀ, ପୋଲିସ ଏବଂ ଚାଇଲ୍ଡ ଲାଇନ ଉପସ୍ଥିତିରେ ନିଷ୍ପତ୍ତି ନିଆଯାଇଛି।

SIHM
JOINTLY DEVELOPED BY
GOVT. OF INDIA & GOVT. OF ODISHA
NCHMCT
STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
Ph. No. 06652 - 230730/31, 9437030720, 9437140772, 6370180040
website - www.sihmbalangir.org, e-mail: principal@sihmbalangir.org
ADMISSIONS OPEN

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. Diploma In Front Office Operation | 1½ Year | 10+2 pass or equivalent | 25 Years as on 1st July 2019 for General/ OBC candidates & 28 Years for SC/ST candidates |
| 2. Diploma In Food & Beverage Service | 1½ Year | 10+2 pass or equivalent | |
| 3. Diploma In Food Production | 1½ Year | 10+2 pass or equivalent | |
| 4. Diploma In Housekeeping Operation | 1½ Year | 10+2 pass or equivalent | |
| 5. Craftsmanship Certificate Course In Food & Beverage Service | 06 Months | 10th pass | |
| 6. Craftsmanship Certificate Course In Food Production | 1½ Year | 10th pass | |

FOR ADMISSIONS INTO 3Yrs DEGREE PROGRAMME (B.Sc In HHA) CONTACT AFTER 5th JULY 2019.



## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ: ........................................
ଜନ୍ମ ତାରିଖ: ........................................



ପାୟଲ୍
ପରିବାରବର୍ଗ


ବାପୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଇଥିଓପିଆରେ ଶରଣାର୍ଥୀ ପିଲାଙ୍କ ସହ ପ୍ରିୟଙ୍କା



**ଆଡିସ୍ ଆବାବା:** କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଯୋଗଦେଇ ପ୍ରଶଂସକଙ୍କୁ ଖୁସି କରିବା ପରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନ୍ସ ଇଥିଓପିଆରେ ଶରଣାର୍ଥୀ ପିଲାଙ୍କ ସହ କିଛି ସମୟ ବିତାଇଛନ୍ତି। 'ୟୁନିସେଫ୍'ର ଗୁଡ୍‌ୱିଲ୍ ଆମ୍ବାସାଡର ଭାବେ ଜନହିତକର କାର୍ଯ୍ୟକ୍ରମ ସ୍ୱରୂପ ପ୍ରିୟଙ୍କା ପିଲାଙ୍କ ସହ ଭାବ ବିନିମୟ କରିଥିଲେ। ଏହି ସମୟର ଫଟୋ ଓ ଭିଡିଓକୁ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସେ ମଧ୍ୟ ଇଥିଓପିଆର ପ୍ରଥମ ମହିଳା ରାଷ୍ଟ୍ରପତି ସାହଲେ ୱର୍କ ଜିୱଦେଙ୍କୁ ସାକ୍ଷାତ କରିଥିଲେ। 'କ୍ୱାଣ୍ଟିକୋ'ର ଏହି ଅଭିନେତ୍ରୀ ପିଲାଙ୍କ ସହି ନାଚିବା, ଖେଳିବା ଏବଂ କଥାହେଉଥିବା ଭିଡିଓରେ ଦୃଶ୍ୟମାନ ହେଉଛି। ସେ ମଧ୍ୟ ଦାରିଦ୍ର୍ୟ, ଯୌନହିଂସା ଏବଂ ବାଲ୍ୟବିବାହ ଭଳି ସମସ୍ୟା ଉପରେ ଗୁରୁତ୍ୱ ଦେଇଥିବା ବିଷୟ ପୋଷ୍ଟ କରିଛନ୍ତି। ସେ ୧୫ବର୍ଷର ଜଣେ ବାଳିକାଙ୍କୁ ବାଲ୍ୟଶିକ୍ଷାର ଗୁରୁତ୍ୱ ବୁଝାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ୨୦୧୮ରେ ପ୍ରିୟଙ୍କା ବାଂଲାଦେଶ ଗସ୍ତ କରି ରୋହିଙ୍ଗ୍ୟା ଶରଣାର୍ଥୀ ପିଲାଙ୍କୁ ସାକ୍ଷାତ କରିଥିଲେ।

# ଦୁଇ ନାବାଳିକାଙ୍କୁ ଗଣବଳାତ୍କାର

**ଜୟପୁର,୨୨।୫:** ଝାଡ଼ଖଣ୍ଡର ଦୁଇଜଣ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଛି। ଦୁଇ ନାବାଳକଙ୍କ ସହ ୪ ଜଣ ଅଭିଯୁକ୍ତ ଏଥିରେ ସମ୍ପୃକ୍ତ ଥିବା ପୋଲିସ କହିଛି। ରାଜସ୍ଥାନର ଭିଲ୍‌ୱାରା ଜିଲାରେ ଅଭିଯୁକ୍ତମାନେ ଦୀର୍ଘ ୬ ମାସଧରି ନାବାଳିକାଙ୍କୁ ବଳାତ୍କାର କରିଆସୁଥିଲେ। ଏନେଇ ଶିଶୁ ମଙ୍ଗଳ କମିଟି ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ଖୋଳତାଡ଼ ଆରମ୍ଭ ହୋଇଛି। ମଣ୍ଟୁ ନାମକ ଜଣେ କଣ୍ଟ୍ରାକ୍ଟର୍ ଝାଡ଼ଖଣ୍ଡର ଦଲତାଗଞ୍ଜ୍ ଓ ଚନ୍ଦ୍ରକାନ୍ତରେ ଥିବା ସେମାନଙ୍କ ପରିବାରକୁ ୪ ହଜାର ଟଙ୍କା ଲେଖାଏ ଦେଇ ନାବାଳିକା ଦ୍ୱୟଙ୍କୁ ଆଣିଥିଲେ। ସେମାନଙ୍କୁ କାମ ଯୋଗାଇଦେବା ବାହାନାକରି ୨ ବର୍ଷ ପୂର୍ବରୁ ଆଣିଥିଲେ। ଏକ କାରଖାନାରେ ସେମାନଙ୍କୁ ୧୬ ଘଣ୍ଟା କାମ କରାଇ ଦୁଇ ଓଳା ଖାଇବାକୁ ଦିଆଯାଉଥିଲା। ଏକ ପୁରୁଣା କାରଖାନାକୁ ନିଆଯାଇ ଦୁଇ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିଲା ବୋଲି ଜଣାପଡ଼ିଛି।

# ସୀମାରେ ବିସ୍ଫୋରଣ ଜଣେ ଯବାନ ମୃତ, ୭ ଆହତ

**ଜମ୍ମୁ,୨୨।୫:** ଜମ୍ମୁ-କଶ୍ମୀର ପୁଞ୍ଚ ଜିଲାର ନିୟନ୍ତ୍ରଣ ରେଖା ନିକଟରେ ଏକ ପ୍ରଶିକ୍ଷଣ କାର୍ଯ୍ୟ ଚାଲିଥିବାବେଳେ ହଠାତ୍ ବିସ୍ଫୋରଣ ହେବାରୁ ଜଣେ ସେନା କର୍ମୀଙ୍କ ପ୍ରାଣହାନୀ ଘଟିଛି। ଏଥିରେ ଅନ୍ୟ ୭ ଜଣ ଆହତ ମଧ୍ୟ ହୋଇଛନ୍ତି। ମେଣ୍ଡାର୍ ସେକ୍ଟରର ଏକ ସେନା ଶିବିରରେ ଏହି ପ୍ରଶିକ୍ଷଣ ଶିବିର ଚାଲିଥିବା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।


## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କିଲା ରହିବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ଣରେ ବର୍ଷା ହେବା ସମ୍ଭାବନା ଅଛି। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୮ | ୨୫.୭ |
| ଚାନ୍ଦବାଲି | ୪୧.୧ | ୨୮.୬ |
| କଟକ | ୩୭.୬ | ୨୫.୦ |
| ପାରାଦ୍ୱୀପ | ୩୨.୭ | ୨୮.୫ |
| ଭୁବନେଶ୍ୱର | ୩୭.୭ | ୨୭.୭ |
| ଗୋପାଳପୁର | ୩୨.୪ | ୨୭.୦ |
| ପୁରୀ | ୩୪.୨ | ୨୮.୦ |
| ଅନୁଗୋଳ | ୪୧.୯ | ୨୪.୦ |
| ବାରିପଦା | ୩୯.୦ | ୨୭.୫ |
| ଝାରସୁଗୁଡ଼ା | ୪୩.୬ | ୨୮.୬ |
| କେନ୍ଦୁଝର | ୩୯.୩ | ୨୫.୪ |
| ସମ୍ବଲପୁର | ୪୩.୯ | ୨୮.୦ |
| ସୁନ୍ଦରଗଡ଼ | ୪୧.୦ | ୨୬.୦ |
| ହୀରାକୁଦ | ୪୨.୩ | ୨୮.୩ |
| ତାଳଚେର | ୪୪.୩ | ୨୮.୦ |
| ଭବାନୀପାଟଣା | ୪୧.୫ | ୨୫.୫ |
| ବଲାଙ୍ଗୀର | ୪୪.୦ | ୨୭.୨ |
| କୋରାପୁଟ | ୩୫.୦ | ୧୭.୦ |
| ଫୁଲବାଣୀ | ୪୧.୨ | --- |
| ଟିଟିଲାଗଡ଼ | ୪୩.୬ | ୨୪.୫ |
| ମାଲକାନଗିରି | ୪୧.୦ | ୨୦.୪ |
| ସୋନପୁର | ୪୩.୨ | ୨୪.୮ |
| ଦାରିଙ୍ଗିବାଡ଼ି | ୩୫.୦ | ୨୧.୫ |

ଡିଗ୍ରୀ ସେଲ୍‌ସିୟସ୍


ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଜନାଦେଶକୁ ...

ଆସନ ଲାଗି ମଧ୍ୟ ଭୋଟ ଗ୍ରହଣ କରାଯାଇଥିଲା। ସାଧାରଣ ନିର୍ବାଚନରେ ସ୍ୱାଧୀନ ସମେତ ବିଭିନ୍ନ ଦଳର ମୋଟ ୮,୦୪୯ ପ୍ରାର୍ଥୀ ମଇଦାନକୁ ଓହ୍ଲାଇ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୯୦ କୋଟି ଯୋଗ୍ୟ ଭୋଟର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରି ନିଜ ପ୍ରତିନିଧିଙ୍କୁ ବାଛି ସାରିଛନ୍ତି, ଯାହାଙ୍କ ଭାଗ୍ୟର ଇଭିଏମ୍ ପେଡ଼ି ଗୁରୁବାର ଖୋଲିବ। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଗଣତି କେନ୍ଦ୍ରଗୁଡ଼ିକରେ ସକାଳ ୮ଟାରେ ଭୋଟ ଗଣତି ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିବ। ତେବେ ଅପରାହ୍ଣ ସୁଦ୍ଧା ଜନାଦେଶର ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିଯିବ ବୋଲି ଏକପ୍ରକାର ମନେକରାଯାଉଛି। ଏହା ବ୍ୟତୀତ ୧୮ ଲକ୍ଷ ସର୍ଭିସ ଭୋଟରଙ୍କ ପୋଷ୍ଟାଲ ବାଲଟଗୁଡ଼ିକୁ ସର୍ବପ୍ରଥମେ ଗଣତି କରାଯିବ। ତାମିଲନାଡୁର ଭେଲୋର ଲୋକ ସଭା ଆସନରେ ବିପୁଳ ଅର୍ଥ କାରବାର ହୋଇଥିବା ଅଭିଯୋଗ ଆସିବା ପରେ ଇସି ସେଠାରେ ନିର୍ବାଚନ ବାତିଲ କରିଥିଲେ।

ନିର୍ବାଚନ କମିଶନଙ୍କ ପକ୍ଷରୁ ଏଥର ପ୍ରଥମଥର ପାଇଁ ସମସ୍ତ ଇଭିଏମ୍‌ରେ ଭୋଟର ଭେରିଫିଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ମେଶିନ ସଂଯୋଗ କରାଯାଇଥିଲା। ଇଭିଏମ୍ ଏବଂ ଭିଭିପିଏଟି ମେଶିନଗୁଡ଼ିକୁ ୧୦.୩ ଲକ୍ଷ ପୋଲିଂ ଷ୍ଟେଶନ ମଧ୍ୟରୁ ୨୦,୬୦୦ ଷ୍ଟେଶନରେ ମେଳ କରାଯିବ। ମେଳ ନ ଖାଇଲେ କାଗଜ ସ୍ଲିପ୍ ଗଣତିକୁ ଚୂଡ଼ାନ୍ତ ବୋଲି ଧରାଯିବ। ଏହି ମେଳ କରିବାର ପ୍ରକ୍ରିୟା ପାଇଁ ଗଣତିରେ ଅତିରିକ୍ତ ୪ରୁ ୫ ଘଣ୍ଟା ସମୟ ଲାଗିବ । ସଦ୍ୟ ସମାପ୍ତ ୭ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ମତଦାନ ହାର ୬୭.୧୧% ଥିଲା, ଯାହାକି ଭାରତୀୟ ସଂସଦୀୟ ନିର୍ବାଚନ ଇତିହାସରେ ସର୍ବାଧିକ ବୋଲି ନିର୍ବାଚନ କମିଶନଙ୍କ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଭୋଟ ଗଣତି ପାଇଁ ଇସିଙ୍କ ପକ୍ଷରୁ କେତେକ ନିୟମକୁ ଅଧିକ କଡ଼ାକଡ଼ି କରାଯାଇଛି। ଗଣତି କେନ୍ଦ୍ରକୁ ମୋବାଇଲ୍ ଫୋନ୍ ନେଇ ଯିବା ଉପରେ ଏଥର କଟକଣା ଜାରି କରାଯାଇଛି। ଭୋଟ ଗଣତି ପରେ ବିଜୟୀ ପ୍ରାର୍ଥୀ ସ୍ଥାନୀୟ ପୋଲିସର ବିନା ଅନୁମତିରେ ବିଜୟ ଶୋଭାଯାତ୍ରା କରିପାରିବେ ନାହିଁ। ସମସ୍ତ ଗଣତି କେନ୍ଦ୍ରର ୧୦୦ ମିଟର ପରିଧି ମଧ୍ୟରେ ସିଆର୍‌ପିସି ଧାରା ୧୪୪ ଲାଗୁ କରାଯାଇଛି। ସବୁ କେନ୍ଦ୍ରର ସୁରକ୍ଷା ଦାୟିତ୍ୱରେ ଡିଏସ୍‌ପି ପାହ୍ୟାର ଜଣେ ଲେଖାଏ ବରିଷ୍ଠ ପୋଲିସ ଅଧିକାରୀ ରହିବେ। ଠିକ୍ ଓ ନିର୍ଭୁଲ ଭାବେ ଗଣତି ସୁନିଶ୍ଚିତ କରିବା ଲାଗି ଗଣତି କେନ୍ଦ୍ରଗୁଡ଼ିକରେ ଜଣେ ଲେଖାଏ ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର (ଏଆର୍‌ଓ)ଙ୍କୁ ଦାୟିତ୍ୱ ଦିଆଯାଇଛି। ଇତିମଧ୍ୟରେ ମତଦାନ ପରଠୁ ଇଭିଏମ୍‌ଗୁଡ଼ିକୁ ରଖାଯାଇଥିବା ସ୍ଥାନକୁ ନେଇ ବିବାଦ ଉଠିଛି। ଏଥିଲାଗି ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କୁ ଷ୍ଟ୍ରଙ୍ଗରୁମ୍ ବାହାରେ ଇଭିଏମ୍‌ଗୁଡ଼ିକୁ ରାତିରେ ଜଗିବା ପାଇଁ ଅନୁମତି ମିଳିଛି। ଚଣ୍ଡିଗଡ଼ ସମେତ କେତେକ ସ୍ଥାନରେ କଂଗ୍ରେସ କର୍ମୀମାନେ ସୋମବାରଠାରୁ ଜଗିରହିଥିବା ଜଣାପଡ଼ିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ତାଙ୍କର ସମସ୍ତ କ୍ୟାବିନେଟ ସହଯୋଗୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ପ୍ରମୁଖଙ୍କ ଭାଗ୍ୟ ନିର୍ଦ୍ଧାରଣ ସହ କେନ୍ଦ୍ରରେ ସରକାର ଗଠନ ପାଇଁ କସରତ ଆରମ୍ଭ ହେବ। ସାଧାରଣ ନିର୍ବାଚନର ଫଳାଫଳକୁ ନେଇ ଭବିଷ୍ୟବାଣୀ କରିଥିବା ୧୪ ଏକ୍‌ଜିଟ୍ ପୋଲ୍ ମଧ୍ୟରୁ ୧୨ଟି ଏନ୍‌ଡିଏ ସପକ୍ଷରେ ଜନମତ ରହିଥିବା କହିଛନ୍ତି। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ଗଠନ ଲାଗି କୁହୁକ ସଂଖ୍ୟା ୨୭୨ ଅତିକ୍ରମ କରି ପୂର୍ଣ୍ଣ ବହୁମତ ପାଇବ ବୋଲି ଅନେକ ସର୍ବେକ୍ଷଣ ସଂସ୍ଥା ଭବିଷ୍ୟବାଣୀ କରିଛନ୍ତି। ସେହିପରି କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା)କୁ ୧୨୭ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ଉଭୟ ମେଣ୍ଟରେ ସାମିଲ ନ ଥିବା ଆଞ୍ଚଳିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ୧୧୯ ଆସନ ଦଖଲ କରିବାରେ ସକ୍ଷମ ହେବେ ବୋଲି ଏକ୍‌ଜିଟ୍ ପୋଲ୍‌ଗୁଡ଼ିକର ଆକଳନ ରବିବାର ପ୍ରକାଶ ପାଇଥିଲା। ତେବେ ବୁଥ୍ ଫେରନ୍ତା ମତର ସାମଗ୍ରିକ ଆକଳନ କେତେ ସତ ହେବ ତାହା ଗଣତି ପରେ ସ୍ପଷ୍ଟ ହୋଇଯିବ। ସୂଚନାଯୋଗ୍ୟ, ୨୦୧୪ ସାଧାରଣ ନିର୍ବାଚନରେ ୫୪୩ ଆସନ ମଧ୍ୟରୁ ଭାଜପା ୨୮୩ (କୁହୁକ ସଂଖ୍ୟା ୨୭୨ଠାରୁ ୧୧ ଅଧିକ) ଆସନ ଦଖଲ କରି ୩ ଦଶନ୍ଧି ମଧ୍ୟରେ ପ୍ରଥମ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲା। ସେହିପରି ଏନ୍‌ଡିଏକୁ ୩୩୭ ଆସନରେ ସଫଳତା ମିଳିଥିଲା। ବିରୋଧୀ କଂଗ୍ରେସକୁ ମାତ୍ର ୪୪ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

### ଆଜି ଭାଗ୍ୟ ...

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ସମସ୍ତ କାର୍ଯ୍ୟକୁ ପ୍ରତ୍ୟକ୍ଷ ତଦାରଖ କରୁଛନ୍ତି। ସେ କହିଛନ୍ତି ଯେ, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ୯୯ ପ୍ରତିଶତ ଗଣନା କେନ୍ଦ୍ରକୁ ଶୀତତାପ ନିୟନ୍ତ୍ରିତ କରାଯାଇଛି। ଗଣନା କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ଅତିକମରେ ଗଣନା କେନ୍ଦ୍ରରେ ୧୪ରୁ ୧୫ ଘଣ୍ଟା ବସିବାକୁ ପଡିବ। ଅଧିକ ପୋଷ୍ଟାଲ ବାଲାଟ ଏବଂ ଭିଭିପିଏଟି ଗଣନା କରାଯାଉଥିବାରୁ ଚଳିତ ଥର ଭୋଟ ଫଳାଫଳ ପ୍ରକାଶ ପାଇବାରେ ବିଳମ୍ବ ହେବ । ସମସ୍ତ କାଉଣ୍ଟିଂ ସେଣ୍ଟରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ପ୍ରତ୍ୟେକ ଭୋଟ ଗଣନା କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ରାଜ୍ୟ ପୋଲିସ ଓ କେନ୍ଦ୍ର ସୁରକ୍ଷା ବଳଙ୍କୁ ଗଣନା କେନ୍ଦ୍ର ନିକଟରେ ମୁତୟନ କରାଯାଇଛି।

ଭୋଟ ଗଣନା କେନ୍ଦ୍ରକୁ ମୋବାଇଲ ଫୋନ୍ କିମ୍ବା କୌଣସି ପ୍ରକାର ଇଲେକ୍ଟ୍ରୋନିକ ସାମଗ୍ରୀ ନେବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ପ୍ରତ୍ୟେକ ହଲରେ ସିସିଟିଭି କ୍ୟାମେରା, ଭିଡିଓଗ୍ରାଫି କରାଯିବା ବ୍ୟବସ୍ଥା ହୋଇଛି। ୨୪ ଘଣ୍ଟିଆ ବିଦ୍ୟୁତ ବ୍ୟବସ୍ଥା କରାଯାଇଛି। ଯେପରି କୌଣସି ବିଦ୍ୟୁତ ଜନିତ ଅସୁବିଧା ନ ହେବ ସେଥିପାଇଁ ପାୱାର ବ୍ୟାକଅପ ବ୍ୟବସ୍ଥା ହୋଇଛି। ଅଗ୍ନିନିରାପତ୍ତା ବ୍ୟବସ୍ଥା ମଧ୍ୟ ହୋଇଛି। ଭୋଟ ଗଣନାର ଟ୍ରେଣ୍ଡ ଜାଣିବା ଓ ଖବର ସଂଗ୍ରହ ନିମନ୍ତେ ସିଇଓଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ହଲ୍ କରାଯାଇଛି।

### ଟ୍ରକ୍-କାର୍ ମୁହାଁମୁହିଁ ...

ଯୋଗେ ସମସ୍ତେ ଘରକୁ ଫେରୁଥିଲେ। ହେଲେ ଭୋର ପ୍ରାୟ ୪ଟାରେ ଜୁନାଗଡ ବ୍ଲକ ୨୬ ନଂ. ଜାତୀୟ ରାଜପଥ ଜାରିଙ୍ଗ ଛକଠାରେ ଏକ ଟ୍ରକ୍ (ନଂ.ଓଡି୦୮ଏ-୮୨୯୨) ସହିତ ତାଙ୍କ କାରର ମୁହାଁମୁହିଁ ଧକ୍କା ହୋଇଥିଲା। କାର ଚଲାଉଥିବା ଆଶୁତୋଷ ଓ ଆଗ ସିଟ୍‌ରେ ବସିଥିବା ଜଗନ୍ନାଥଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। କାର ପଛପଟେ ବସିଥିବା ପୁଅ ବିନାୟକ ଓରଫ ବିକି, ବୋହୂ ନିଭିୟା, ୨ ଛୋଟ ନାତୁଣୀ ଓ ଖେନଜିଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିକି ଓ ୨ ଛୋଟ ଝିଅଙ୍କ ମୃତ୍ୟୁ ହୋଇଥିଲା।

ଏହି ଖବର ଜଣାପଡିବା ପରେ ଡାକ୍ତରଖାନା ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଥିଲା । ମୃତ ଶରୀର ଅପରାହ୍ଣରେ ଗାଁରେ ପହଞ୍ଚିବା ପରେ କାନ୍ଦବୋବାଳିରେ ଖୁର୍ସେଲଗୁଡା ଗ୍ରାମ ଫାଟିପଡିଥିଲା। ଗୋଟିଏ ସ୍ଥାନରେ ପରିବାରର ୫ଜଣଙ୍କ ଜୁଇ ଜଳିଥିଲା। ଆଶୁତୋଷ କଳାହାଣ୍ଡି ଜିଲାର ଜଣେ ସୁପରିଚିତ ରାମାୟଣ ଗାୟକ ଥିଲେ । ଜଗନ୍ନାଥ ଜଣେ ଉତ୍ତମ ଶିକ୍ଷକ ଭାବେ ସେ ଅଞ୍ଚଳରେ ପରିଚିତ ରହିଥିଲେ। ସେ ହାବସପୁର ଏନ୍‌ୟୁଏଚ୍‌ଏସ୍‌ରେ ଶିକ୍ଷକତା କରୁଥିଲେ। ଟ୍ରକ୍ ଡ୍ରାଇଭର ଜିତୁ ଖରଶେଲ ଜୁନାଗଡ଼ ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି ।

### ଆଶା ଆଶଙ୍କାରେ...

କଳିକେଶ ସିଂଦେଓ ପ୍ରମୁଖଙ୍କ ଲୋକ ସଭା ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି।

ସେହିଭଳି କେତେକ ବିଧାନସଭା ଆସନକୁ ନେଇ ମଧ୍ୟ ଉତ୍କଣ୍ଠା ଲାଗି ରହିଛି। ବିଜେପୁର ଏବଂ ହିଞ୍ଜିଳିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେତେ ବ୍ୟବଧାନରେ ବିଜୟୀ ହେବେ ତା ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି। ଶାସକ ବିରୋଧୀ ହାୱାର ସମ୍ମୁଖୀନ ହୋଇଥିବା ବିଜେଡିର ଶୀର୍ଷ ନେତାଙ୍କ ଭୋଟ ପ୍ରତିଶତ ହ୍ରାସ ପାଇଛି କି ନାହିଁ ତାହା ଉପରେ ସମୀକ୍ଷକମାନେ ନଜର ରଖିଛନ୍ତି। ସେହିଭଳି ବଲାଙ୍ଗୀର ଆସନରୁ ଲଢ଼ିଥିବା ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଘସିପୁରା ଏବଂ ଭଣ୍ଡାରିପୋଖରୀରୁ ଲଢ଼ିଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟପୁରରୁ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି ଏବଂ ବିଜେଡି ନେତା ରବି ନାରାୟଣ ନନ୍ଦ, ବ୍ରହ୍ମଗିରିରେ ବିଜେଡି ନେତା ସଞ୍ଜୟ ଦାସବର୍ମା ଏବଂ ଭାଜପା ନେତା ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ନିର୍ବାଚନ ଲଢୁଛନ୍ତି। ଏହି ଆସନର ଫଳାଫଳ କାହା ସପକ୍ଷରେ ଯିବ, ସେ ନେଇ ସବୁ ବର୍ଗର ଜନସାଧାରଣ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ବଡମ୍ବାରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବାରବାଟୀ କଟକରୁ ପ୍ରାର୍ଥୀ ହୋଇଥିବା ଦେବାଶିଷ ସାମନ୍ତରାୟ , ବାଲିକୁଦା-ଏରସମାରୁ ଭାଜପା ପ୍ରାର୍ଥୀ ହୋଇଥିବା ଦାମୋଦର ରାଉତ, ବସ୍ତାରୁ ରଘୁନାଥ ମହାନ୍ତି, ମହାକାଳପଡାରୁ ଅତନୁ ସବ୍ୟସାଚୀ ନାୟକ, ଚିଲିକାରୁ ପ୍ରଶାନ୍ତ ଜଗଦେବ, କେନ୍ଦ୍ରାପଡା ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏବଂ କଂଗ୍ରେସ ନେତା ଗଣେଶ୍ୱର ବେହେରାଙ୍କ ରାଜନୈତିକ ଭାଗ୍ୟ କ'ଣ ହେଉଛି ତାହା ଉପରେ ବି ସମସ୍ତଙ୍କ ନଜର ରହିଛି।

### ଦୁଇ ସ୍ତ୍ରୀଙ୍କ ସହ ବୃଦ୍ଧଙ୍କ ...

ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପ୍ରଥମେ ସନ୍ଦେହ କରି ପାଖ ପଡୋଶୀଙ୍କୁ ପଚରାଉଚରା କରାଯାଇଥିଲା। ଶ୍ୟାମଙ୍କ ମାନସିକ ବିକୃତି ଥିବା ନେଇ ଶାଳକ ଦେଇଥିବା ବୟାନ ପୋଲିସକୁ ଅଡୁଆରେ ପକାଇଛି। ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଦୁଇଜଣଙ୍କୁ ହତ୍ୟା କରି ନିଜେ ଆତ୍ମହତ୍ୟା କରିବା ଘଟଣାକୁ ସ୍ଥାନୀୟ ଲୋକେ ମଧ୍ୟ ସହଜରେ ବିଶ୍ୱାସ କରି ପାରି ନାହାନ୍ତି। ଏହା ପଛରେ ଅନ୍ୟ କିଛି କାରଣ ଥାଇ ପାରେ ବୋଲି ଗ୍ରାମବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏସଡିପିଓ ପଟ୍ଟନାୟକ କହିଛନ୍ତି, ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି । ଥାନାରେ ଏନେଇ ଏକ ମାମଲା (ନଂ.୪୮/୧୯) ରୁଜୁ ହୋଇଛି। ଏଥିରେ ଅନ୍ୟ କାହାରି ସଂପୃକ୍ତି ଥିବାର କୌଣସି ତଥ୍ୟ ପୋଲିସର ହସ୍ତଗତ ହୋଇନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି।

### ୨୬ ପର୍ଯ୍ୟନ୍ତ...

ପରେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଉପକୂଳ ଓଡ଼ିଶାରେ ପ୍ରବଳ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରି ପକାଉଛି। ତାତି ସାଙ୍ଗକୁ ରାଜ୍ୟର ବିଭିନ୍ନ ସ୍ଥାନରେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି। ବୁଧବାର ୧୩ ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିଲା। ତାଳଚେର ୪୪.୩ଡିଗ୍ରୀରେ ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ବଲାଙ୍ଗୀର ୪୪, ସମ୍ବଲପୁର ୪୩.୯, ଝାରସୁଗୁଡ଼ା ଓ ଟିଟିଲାଗଡ଼ ୪୩.୬, ସୋନପୁର ୪୩.୨, ହୀରାକୁଦ ୪୨.୩, ଅନୁଗୋଳ ୪୧.୯, ଭବାନୀପାଟଣା ୪୧.୫, ଫୁଲବାଣୀ ୪୧.୨, ଚାନ୍ଦବାଲି ୪୧.୧, ସୁନ୍ଦରଗଡ଼ ଓ ମାଲକାନଗିରି ୪୧ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୩୭.୭ ଓ କଟକ ୩୭.୬ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

### ଆସିକା କଂଗ୍ରେସ ...

ରାତି ସାଢେ ୧୦ଟାରେ ମନୋଜଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି ସୂଚନା ଦେଇଛନ୍ତି। ମନୋଜଙ୍କ ସହ ଥିବା ଅନୀଲ ସ୍ୱାଇଁ ନାମକ ଜଣେ ଯୁବକ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ସେ ମଧ୍ୟ ବଡମେଡିକାଲରେ ଚିକିତ୍ସାଧୀନ ଥିବା ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ରଙ୍କ କେନ୍ଦ୍ରରେ ରାଶିସ୍ଥ ଶୁକ୍ର ପ୍ରଭାବରେ ବନ୍ଧୁମିଳନ ମାଧ୍ୟମରେ ଖୁସିରେ ସମୟ ଅତିବାହିତ କରିବେ। କର୍ମକ୍ଷେତ୍ର ତଥା ସାମାଜିକ ସ୍ତରରେ ବହୁର୍ଚ୍ଚିତ ହୋଇପାରନ୍ତି। ନିଜ ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କ କଥାଗୁଡିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ଅପରାହ୍ନେ ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ।

**ବୃଷ** ବୁଧାଦିତ୍ୟ ଯୋଗ ପ୍ରଭାବରେ କର୍ମକ୍ଷେତ୍ରରେ, ରାଜନୈତିକ ସ୍ଥିତିରେ ପ୍ରଭାବଶାଳୀ ହୋଇପାରନ୍ତି। ଘର ସକାଶେ, ଜମିଜମା ପାଇଁ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ ହେବେ। କେତେକ କ୍ଷେତ୍ରରେ ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ସମସ୍ୟାକୁ ବୃଦ୍ଧି କରିବ।

**ମିଥୁନ** ରାଶିରେ ରାହୁ ସହ ମଙ୍ଗଳଙ୍କ ଯୁତି ବିବାଦୀୟ ସ୍ଥିତି ଉତ୍ପନ୍ନ କରିପାରେ। ଆର୍ଥିକସ୍ଥିତି, ଜମିଜମା କାରବାର କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ। ଯେଉଁ କ୍ଷେତ୍ରରେ ଯାହାକି ନିଷ୍ପତ୍ତି ନେବେ ତାହା ଶେଷ ସମୟରେ ଅନ୍ୟମାନଙ୍କ ବିରୋଧ କାରଣରୁ ଓଲଟ ପାଲଟ ହୋଇଯାଇପାରେ। ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକରେ ଉପଯୁକ୍ତ ଭାବେ ଫଳ ପାଇପାରନ୍ତି।

**କର୍କଟ** ରାଶିର ଷଷ୍ଠସ୍ଥ ଶନି ଯୁକ୍ତ ଚନ୍ଦ୍ର ଯୋଗୁ ସ୍ୱାସ୍ଥ୍ୟ ଓ ଚିନ୍ତାଧାରାରେ ବିଭିନ୍ନ ପ୍ରକାରର ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କରିବେ, ଯାହାକି ଅଶାନ୍ତି ସୃଷ୍ଟି କରିବ। ଅବଶ୍ୟ ବନ୍ଧୁଙ୍କ ସାହାଯ୍ୟରୁ ଶତ୍ରୁତାର ଅବସାନ ଘଟିବା ସହ କଚେରି ମାମଲାରେ ଜୟଯୁକ୍ତ ହେବେ।

**ସିଂହ** କେନ୍ଦ୍ରରେ ବଳବାନ୍ ରବି ଆପଣଙ୍କୁ କର୍ମକ୍ଷେତ୍ରରେ ସମ୍ମାନଜନକ ସ୍ଥିତିରେ ରଖିପାରେ। ଆପଣ ଯାହା ପାଇବେ ତାହା ବହୁତ ପୂର୍ବରୁ ହିଁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ମଘା ନକ୍ଷତ୍ର ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**କନ୍ୟା** ଚତୁର୍ଥସ୍ଥ ପାପଗ୍ରହ ପ୍ରଭାବରେ ଭୁଲ୍ ବୁଝାମଣାଜନିତ ପାରିବାରିକ କ୍ଷେତ୍ର ସମସ୍ୟା ବହୁଳ ହୋଇପାରେ। ଆଜିର ଯାତ୍ରା ସମୟରେ ଯାନ ବାହନରେ ସତର୍କ ରହିବା ଭଲ, ନଚେତ୍ ହଇରାଣ ହେବେ। ସାମାଜିକ ସ୍ତରରେ ପିଲାମାନଙ୍କ କୃତିତ୍ୱ ସକାଶେ ଗର୍ବ ଅନୁଭବ କରିପାରନ୍ତି। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ, ତଥାପି କାମ ଅଟକିବ ନାହିଁ।

**ତୁଳା** ରାଶ୍ୟାଧିପତି ଶୁକ୍ର ପୂର୍ଣ୍ଣଦୃଷ୍ଟିରେ ରାଶିକୁ ଦେଖୁଥିବାରୁ ସ୍ୱାସ୍ଥ୍ୟ ଭଲ ରହିବ। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିବାର ସୂଚନା ପାଇପାରନ୍ତି। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବାକୁ ପଡିବାର ସମ୍ଭାବନା ରହିଛି। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ବିଛା** ସ୍ୱସ୍ଥାନହନ୍ତା ବୃହସ୍ପତି ଉଦ୍ୟମକୁ ଭଣ୍ଡୁର କଲେ ମଧ୍ୟ ସମ୍ପର୍କକୁ ଯୋଡ଼ିବାରେ ସାହାଯ୍ୟ କରିବେ। ଆପଣଙ୍କର ପ୍ରତ୍ୟେକ ଅସ୍ୱସ୍ତିକର ପରିସ୍ଥିତି ସୁଧୁରି ଯିବ, ଯାହାର ଝଲକ ଆଜି ହିଁ ଆପଣ ପାଇଯିବେ। କଳା, ସାହିତ୍ୟ, ସଙ୍ଗୀତ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇପାରନ୍ତି। ଘରଭଡାକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ଧନୁ** ପାପଗ୍ରହ ପ୍ରଭାବରୁ ଦୈହିକ ଓ ମାନସିକ ସ୍ଥିତି ବିଶେଷ ଭଲ ରହିବନାହିଁ। ସାଧାରଣ କଥାକୁ ନେଇ ଅନ୍ୟମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରିବା ଠିକ୍ ହୋଇ ନ ପାରେ। କେତେକ ନୂତନ କାମର ପରିକଳ୍ପନା କରିବେ। ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ମକର** ଶୁକ୍ର ଓ ରବି ଏବଂ ବୁଧଙ୍କ ପ୍ରଭାବରେ ହସଖୁସି ଭିତରେ ସମୟ କଟାଇଲେ ମଧ୍ୟ ମନଭିତରେ ଅନ୍ତର୍ଦ୍ୱନ୍ଦ୍ୱ ଅହର୍ନିଶି ଲାଗିରହିବ। ଅତି ପ୍ରିୟ ବନ୍ଧୁଟି ସହ ଭାଙ୍ଗିପଡିଥିବା ସମ୍ପର୍କ ପୁନଃ ଯୋଡ଼ିହେବା କଷ୍ଟକର ହୋଇପାରେ। ଶ୍ରବଣାର ଅପରାହ୍ଣରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିବାର ଆଶଙ୍କା ରହିଛି।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ତର ସଦାସର୍ବଦା ଦୋଦୁଲ୍ୟମାନ ଅବସ୍ଥାରେ ରହିବ। ପରିବାରର ବାରଣକୁ ନ ମାନି କୌଣସି କାମରେ ଆଗଭର ହେବା ଠିକ୍ ହେବନି। ଅଫିସ୍‌ରେ ମଧ୍ୟ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଶିଳ୍ପ, ବ୍ୟବସାୟ, ରାଜନୀତି, ସଭାସମିତି, ମାଲିମକଦ୍ଦମା କିମ୍ବା ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବ।

**ମୀନ** ଶୁଭଗ୍ରହ ପ୍ରଭାବରୁ ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ ଯାହାକି ଆଗାମୀ ସମୟ ପାଇଁ ତାହା ବହୁତ ଲାଭଦାୟକ ରହିବ। ପରିବହନ, ଆଲୋଚନା କ୍ଷେତ୍ରରେ ପ୍ରତିବନ୍ଧକକୁ ଦୂରେଇବାର ପ୍ରଯତ୍ନ କଲେ ଉପକୃତ ହେବେ। ଗୃହ କାମରେ ବ୍ୟସ୍ତ ରହି କୌଣସି କାମକୁ ପାସୋରି ଦେଇ ସମାଲୋଚିତ ହୋଇପାରନ୍ତି।

ଆଜି ଜ୍ୟେଷ୍ଠ କୃଷ୍ଣ ୫ମୀ ଗୁରୁବାର, ମେ ୨୩ ତାରିଖ, ରାଶି ନକ୍ଷତ୍ର- ଉତ୍ତରାଷାଢା/ଧନୁ, ଦିବା ଘ୧୨।୨୫ମି. ଗତେ, ମକର ଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ ଓ ବିଦ୍ୟାରମ୍ଭ, ଜଳାଶୟ ଖନନ, ବୃକ୍ଷରୋପଣ ପାଇଁ ପ୍ରଶସ୍ତ ଦିନ। ସକାଳ ଘ୧୦।୦୪ମି. ଗତେ ଘ୧୧।୪୧ମି. ମଧ୍ୟେ, ଘ୧।୦୮ମି. ଗତେ ଘ୨।୪୫ମି. ମଧ୍ୟେ ଅମୃତବେଳା। ଦିବା ଘ୬।୫୦ମି. ମଧ୍ୟେ ଘ୧୧।୪୧ମି. ଗତେ, ଘ୧।୦୮ମି. ମଧ୍ୟେ ମାହେନ୍ଦ୍ରବେଳା।


classifieds Everyday 0674-2580101, 2549302

real estate
SALE
Bhubaneswar Patia New Railway Station ଠାରେ ସ୍ଥିତିବାନ demarcated plot sqft. 500/-, 700/- 9337505891, 7978286401. D-66375

3BHK fully furnished readymade flat sale at prime location of Puri nearby Srijagannath Temple. Contact: 7327858028, 8144658008. D-12591

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 20 ଦୂରତାରେ BDA plot ମିଳୁଅଛି: 8917543041. D-66380

Prime land on Puri Konark marine drive on N.H 2800 sqft. Cost 35 lakhs. Contact: 9338579645. D-64966

Outright conversion demarcation plot sale ବ୍ରାହ୍ମଣଝରିଲୋ ନଖରାରୁ ୫ କିଲୋମିଟର 3000 sqft 16,50,000/-, Argul IIT 4,50,000/-. 9861281504. D-66379

Prime property at Khandagiri (Land and building) 2 storied with under ground cost Rs. 1.5 crore (Negotiable). Contact: 9338579645. D-64965

2BHK flat Goutam nagar, Bhubaneswar near BMC office Mausima temple prime location fully furnished price Rs. 65 lakhs (Negotiable). Contact:9338579645. D-64967

Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332. D-66366

GENERAL SALE
Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

DSPL - 15

# "ଫୋନି" ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସଚେତନତା



- ପିଇବା ପାଣିରେ ଗୋଟିଏ କ୍ଲୋରିନ୍ ବଟିକା (୭୫ ମି.ଗ୍ରା.)୨୦ -୨୫ ଲିଟର (୧ମାଠିଆ/ବାଲଟି) ମିଶାନ୍ତୁ ଓ ମିଶାଇବାର ୧ଘଣ୍ଟା ପରେ ପିଅନ୍ତୁ ।
- ଖାଇବା ପୂର୍ବରୁ ଓ ଶୌଚହେବା ପରେ ହାତକୁ ସାବୁନରେ ଧୁଅନ୍ତୁ ।
- ରନ୍ଧା ଖାଦ୍ୟକୁ ଘୋଡାଇ ରଖନ୍ତୁ ଓ ମାଛି ବସିବାକୁ ଦିଅନ୍ତୁ ନାହିଁ ।
- ତରଳ ଝାଡା ହେଲେ ଓ.ଆର.ଏସ୍. ଦ୍ରବଣ ପିଅନ୍ତୁ ।
- ସାପ କାମୁଡିଲେ ତୁରନ୍ତ ଡାକ୍ତରଖାନା ନେଇଯାଆନ୍ତୁ ।
- ମ୍ୟାଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ମଶାରୀ ଟାଣି ଶୁଅନ୍ତୁ ।
- ଘର ଆଖପାଖ ସଫା ରଖନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ ।



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

ଅଧିକ ସୂଚନା ପାଇଁ ଆଶା/ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ କିମ୍ବା ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ନିୟନ୍ତ୍ରଣ କକ୍ଷ ଫୋନ ନମ୍ବର: ୦୬୭୪-୨୩୯୦୪୬୬ରେ ଯୋଗାଯୋଗ କରନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

10003/13/0011/1920

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମଜୁରି ପ୍ରଦାନରେ ବିଳମ୍ବକୁ ମାନିଲେ ସରକାର

# ଅଧିକ ରୋଜଗାର ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି ଲୋକେ

**କଟକ ଅଫିସ, ୨୨।୫**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନଆରଇଜିଏସ୍) ଅଧୀନରେ ଶ୍ରମିକମାନଙ୍କୁ ବିଳମ୍ବରେ ମଜୁରି ପ୍ରଦାନ ହେଉଥିବା ସମ୍ପର୍କିତ ମାମଲାରେ ରାଜ୍ୟ ସରକାର ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)ଙ୍କ ନିକଟରେ ପୁଣି ଏକ ରିପୋର୍ଟ ଦାଖଲ କରିଛନ୍ତି। ଏଥିରେ ମଜୁରି ଦେବାରେ ବିଳମ୍ବ ହେଉଥିବା କଥାକୁ ରାଜ୍ୟ ସରକାର ସ୍ୱୀକାର କରିବା ସହ କେନ୍ଦ୍ର ସରକାର ଠିକ୍ ଭାବେ ଅର୍ଥ ପ୍ରଦାନ ନ କରିବା ଓ ବୈଷୟିକ ମାନବ ସମ୍ବଳର ଅଭାବ ଆଦି ୪ଟି କାରଣ ଦର୍ଶାଇଛନ୍ତି । ୨୦୧୪ରେ ମାନବାଧିକାର କର୍ମୀ ଅଖଣ୍ଡ ଏ ସମ୍ପର୍କରେ କମିଶନରେ ଏକ ମାମଲା ରୁଜୁ କରି ଏଥିପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ଏହି ମାମଲାରେ ମୁଖ୍ୟ ଶାସନ ସଚିବଙ୍କୁ ଜବାବ ଦାଖଲ ପାଇଁ କମିଶନ ନୋଟିସ ଜାରି କରିଥିଲେ । ଏ ପର୍ଯ୍ୟନ୍ତ ରାଜ୍ୟ ସରକାର କମିଶନଙ୍କୁ ସନ୍ତୋଷଜନକ ଜବାବ ଦେଇପାରିନାହାନ୍ତି। କମିଶନଙ୍କ ନିକଟରେ ପଞ୍ଚାୟତିରାଜ ବିଭାଗ ସଚିବ ଦେଇଥିବା ରିପୋର୍ଟରେ ବିଳମ୍ବ ମଜୁରି ପ୍ରଦାନକୁ ସ୍ୱୀକାର କରାଯାଇଛି। ଏଥିରେ କୁହାଯାଇଛି, ଦେୟ ବିଳମ୍ବର ପ୍ରଥମ କାରଣ ହେଉଛି ଭାରତ ସରକାରଙ୍କ ଗ୍ରାମ୍ୟ ବିକାଶ ମନ୍ତ୍ରଣାଳୟ ରାଜ୍ୟକୁ ଠିକ୍ ସମୟରେ ଅର୍ଥ ପ୍ରଦାନ କରୁନାହିଁ। ଫାଇଲିନ୍ ବାତ୍ୟା ଓ ବନ୍ୟା ସମୟର ଦେୟ ପ୍ରଦାନରେ ବିଳମ୍ବ ହେଉଛି ଦ୍ୱିତୀୟ କାରଣ। କାମ ହୋଇଥିବା ଜାଗାରେ କେତେ କାମ ହୋଇଛି ତାହାକୁ ଠିକ୍ ଭାବେ ମାପିବା ଓ ତଦାରଖ କରିବା ପାଇଁ ବୈଷୟିକ ଜ୍ଞାନକୌଶଳ ଏବଂ ମାନବ ସମ୍ବଳର ଅଭାବ ରହିଛି। ଶେଷ କାରଣ ଭାବେ କୁହାଯାଇଛି, ଏନଆରଇଜିଏସ୍ ସଫ୍ଟୱେର ବିଭିନ୍ନ ସମୟରେ ଠିକ୍ ଭାବେ କାମ କରୁନାହିଁ। ମଜୁରି ଠିକ୍ ସମୟରେ ପ୍ରଦାନକୁ ସୁନିଶ୍ଚିତ କରିବା ଲାଗି ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଉପରୋକ୍ତ କାରଣ ଯୋଗୁ ତାହା ବିଳମ୍ବ ହେଉଛି । ବିଭାଗର ଆଉ ଏକ ରିପୋର୍ଟରେ କୁହାଯାଇଛି, ଅନ୍ୟ ରାଜ୍ୟକୁ ଲୋକେ କାମ କରିବାକୁ ଯିବା କଥା ସତ। କିନ୍ତୁ ଏହାର କାରଣ ନୁହେଁ ଯେ, ସେମାନେ ଏମ୍‌ଜିଏନଆରଇଜିଏସ୍‌ରେ କାମ ପାଉନାହାନ୍ତି। ଏହାକୁ ରୋକିବା ଲାଗି ରାଜ୍ୟ ସରକାର ବାହାର ରାଜ୍ୟକୁ ଅଧିକ ଲୋକ ଯାଉଥିବା ନୂଆପଡା ଓ ବଲାଙ୍ଗୀର ଭଳି ଜିଲାଗୁଡିକରେ ଅତିରିକ୍ତ ୫୦ ଦିନ କାମ ଯୋଗାଉଛନ୍ତି। କିନ୍ତୁ ସେମାନେ ଅଧିକ ଉପାର୍ଜନ କରିବା ଲାଗି ଅନ୍ୟ ରାଜ୍ୟକୁ ଯାଉଥିବା ସରକାର କମିଶନଙ୍କୁ ଅବଗତ କରିଛନ୍ତି।

## ୬ ଫୁଟର ମୃତ ଡଲ୍‌ଫିନ ଉଦ୍ଧାର



ସମୁଦ୍ର ବେଳାଭୂମିରେ ମୃତ ଡଲଫିନ।

**ଗଞ୍ଜାମ,୨୨।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା କଣ୍ଟିଆଗଡ଼ ମୁହାଣସ୍ଥିତ ପୋଡ଼ମପେଟା ଓ ବଟେଶ୍ୱର ସମୁଦ୍ର ବେଳାଭୂମି ମଧ୍ୟରେ ବୁଧବାର ଏକ ଡଲଫିନର ମୃତଦେହ ପଡ଼ିଥିଲା। ଖବର ପାଇ ଖଲ୍ଲିକୋଟ ରେଞ୍ଜ ବନ ବିଭାଗ ସେଠାରେ ପହଞ୍ଚି ମୃତ ଡଲଫିନକୁ ଉଦ୍ଧାର କରିଥିଲା। ଡଲଫିନର ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଖଲ୍ଲିକୋଟ ବନଖଣ୍ଡ ଅଧିକାରୀ ଦିଲୀପ କୁମାର ମାର୍ଥା କହିଛନ୍ତି। ମୃତ ଡଲଫିନର ଲମ୍ବ ୬ ଫୁଟ ଥିବା ବେଳେ ଓଜନ ପ୍ରାୟ ୬୦ ରୁ ୭୦ କିଲୋ ହେବ ବୋଲି ବନ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ପ୍ରକାଶ ଯେ, ୨୦୧୭ ମେ ୩ରେ ମଧ୍ୟ ୪୨ ଫୁଟ ଲମ୍ବ ଏକ ତିମୀର ମୃତଦେହକୁ ବନ ବିଭାଗ ପକ୍ଷରୁ ଉକ୍ତ ସ୍ଥାନରୁ ଉଦ୍ଧାର କରାଯାଇ ସମୁଦ୍ର ବେଳାଭୂମିଠାରେ ପୋତି ଦିଆଯାଇଥିଲା।

### ଏନ୍‌ଆଇଟି ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ବ୍ୟବଚ୍ଛେଦ ରିପୋର୍ଟ ଖୋଲିବ ମୃତ୍ୟୁ ରହସ୍ୟ

**ରାଉରକେଲା ଅଫିସ, ୨୨।୫**

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (ଏନ୍‌ଆଇଟି)ର ଏମ୍‌ଏସ୍‌ସି ତୃତୀୟ ବର୍ଷର ଛାତ୍ର ସୟଦ ମୁନୀବ ଅହମ୍ମଦ (୨୧)ଙ୍କ ମୃତ୍ୟୁ ଘଟଣା ଏବେ ବି ରହସ୍ୟାବୃତ ରହିଛି । ସୟଦ ସୋମବାର ସକାଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ସେ ରହୁଥିବା ସ୍ୱାମୀନାଥନ ହଲ୍ ବାରଣ୍ଡାରେ ଅଚେତ ହୋଇ ପଡ଼ିଯାଇଥିଲେ। ତାଙ୍କୁ ସ୍ଥାନୀୟ ସିଡବ୍ଲ୍ୟୁଏସ୍ ହସ୍ପିଟାଲ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୟଦଙ୍କ ମୃତ୍ୟୁକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି। କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଲା, ସେ ନେଇ କେହି ମୁହଁ ଖୋଲୁନାହାନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟକୁ ସମସ୍ତଙ୍କ ଅପେକ୍ଷା କରିଛି । ସେହି ରିପୋର୍ଟ ଆସିବା ପରେ ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ସୟଦ ମୁନୀବ ଇଦେନ ନାମରେ ନିଜ ସାଙ୍ଗମାନଙ୍କ ପାଖରେ ପରିଚିତ ଥିଲେ । ସେ ଏନ୍‌ଆଇଟିର ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ଇଣ୍ଟିଗ୍ରେଟେଡ ମ୍ୟାଥମେଟିକ୍ସ ଏମ୍‌ଏସ୍‌ସି ତୃତୀୟ ବର୍ଷ ଛାତ୍ର ସୟିଦଙ୍କ ପ୍ରତିଭା ଦେଖି ସ୍ତମ୍ଭୀଭୂତ ହୋଇ ଯାଉଥିଲେ ସହପାଠୀ। ସକାଳ ଦୌଡ ପରେ ନିତ୍ୟକର୍ମ, ତା'ପରେ ନମାଜ ପାଠ ଥିଲା ତାଙ୍କର ନିତି ଦିନିଆ ଅଭ୍ୟାସ। କ୍ୱିଜ ମାଷ୍ଟର ଭାବେ ଜଣାଶୁଣା ସୟଦ ତାଙ୍କ ପାଠପଢା ଜୀବନରେ ଅନେକ ପୁରସ୍କାର ହାସଲ କରିଥିଲେ। ଏଇ ନିକଟରେ କୋଲକାତାରେ ଅନୁଷ୍ଠିତ ଏକ ଜାତୀୟସ୍ତରର କ୍ୱିଜ ପ୍ରତିଯୋଗିତାରେ ପୁରସ୍କାର ଜିଣି ସେ ଏନ୍‌ଆଇଟି ପାଇଁ ଗୌରବ ଆଣିଥିଲେ। ସେ ଜଣେ ଉଚ୍ଚାଭିଳାଷ ଛାତ୍ର ଥିଲେ। ମନସ୍ତତ୍ତ୍ୱ ବିଦ୍ୟାକୁ କରାୟତ୍ତ କରିବାକୁ ଯାଇ ସର୍ବଦା ଏ ସମ୍ପର୍କିତ ପୁସ୍ତକ ପଠନ କରୁଥିଲେ। ସୟଦ ଦିନକୁ ୨ରୁ ୩ଟି ବହି ପଢି ଶେଷ କରିବା ସହ ଏହାକୁ ସାଙ୍ଗମାନଙ୍କ ସହ ଶେୟାର କରୁଥିଲେ। ବିଭିନ୍ନ ସଂପ୍ରଦାୟର ସାମାଜିକ ବିଧି ବ୍ୟବସ୍ଥାକୁ ସମୀକ୍ଷା କରିବା ଥିଲା ତାଙ୍କର ଅନ୍ୟ ଏକ ସଉକ। ତାଙ୍କ ସ୍ମାର୍ଟନେଶ ବନ୍ଧୁମାନଙ୍କୁ ବେଶ ଆକର୍ଷିତ କରୁଥିଲା। ଜଣେ ଚିନ୍ତାଶୀଳ ଛାତ୍ର ଭାବେ ସେ ଅନ୍ୟମାନଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ତାଙ୍କ ପାଠପଢାରେ କେହିବାଧା ସୃଷ୍ଟିକଲେ ସେ ରାଗି ଯାଉଥିଲେ। ଏନ୍‌ଆଇଟିରେ ଅନୁଷ୍ଠିତ ପ୍ରତ୍ୟେକ ଗଠନମୂଳକ କାମରେ ଭାଗ ନେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଙ୍କରିଂ କରୁଥିଲେ ।

ସେ ସାମ୍ବାଦିକତାରେ ମଧ୍ୟ ବେଶ ରୁଚି ରଖୁଥିଲେ। ଏନ୍‌ଆଇଟିରୁ ପ୍ରକାଶିତ ୱେବ ପେଜ ମଣ୍ଡେ ମର୍ନିଂ ପାଇଁ ପ୍ରଫେସରଙ୍କ ସାକ୍ଷାତ୍‌କାର ନେଉଥିଲେ। ଏନ୍‌ଆଇଟିର ବିଭିନ୍ନ ଅନୁଷ୍ଠାନ ସହ ସମ୍ପୃକ୍ତ ଥିଲେ। ସଂଗୃହୀତ ଖବରକୁ ସେ ବଡ ନିପୁଣତା ସହ ଏଡିଟିଂ କରି ପ୍ରକାଶ କରୁଥିଲେ। ବହୁ ଥର ସେ ଭାରତୀୟ ଆଇନଗତ ବ୍ୟବସ୍ଥା ନେଇ ଆଲୋଚନା କରୁଥିଲେ। ଏ ସମ୍ପର୍କିତ ସନ୍ଦର୍ଭ ପାଠ କରି ଏହାକୁ ବନ୍ଧୁ ମେଳରେ ବସି ତର୍ଜମା କରିବାରେ ରୁଚି ରଖୁଥିଲେ। ପାଠ ପଢା ସହ ଦେଶର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ ଦୈନିକ ଚର୍ଚ୍ଚା କରିବା ସୟଦଙ୍କ ଅନ୍ୟ ଗୁଣ ଥିଲା। କାଳେ ହଷ୍ଟେଲ ରୁମମେଟ ପାଠ ପଢାରେ ବ୍ୟାଘାତ ସୃଷ୍ଟି କରିବେ, ସେନେଇ ନିଜ ପାଇଁ ସର୍ବଦା ନିରାପଦ ସ୍ଥାନ ବାଛି ନେଉଥିଲେ, ଯେଉଁଠି ସେ ନିଶ୍ଚିନ୍ତରେ ସମ୍ପୃକ୍ତ ବିଷୟ ଉପରେ ଭାବିବାକୁ ସମୟ ପାଇବେ। ସୀମିତ ବନ୍ଧୁ ମେଳରେ ତାଙ୍କର ଦିନ କଟୁଥିଲା । ମୃତ୍ୟୁ ପୂର୍ବ ରାତି ୨ଟା ପର୍ଯ୍ୟନ୍ତ ମୁଭି ଦେଖିଥିଲେ । କେବଳ ଏତିକି ନୁହେଁ, ନିଜର କେତେଜଣ ସାଙ୍ଗମାନଙ୍କ ସହ ବେଶ ହସଖୁସିରେ କଥା ହୋଇଥିବା ଜଣାପଡିଛି। ଖୋର୍ଦ୍ଧା ଜିଲାର ମୂଳ ବାସିନ୍ଦା ସୟଦ ଭୁବନେଶ୍ୱରରେ ରହୁଥିଲେ। ଆଜି ବି ତାଙ୍କ ବନ୍ଧୁମାନେ ସୟଦଙ୍କୁ ଝୁରି ହେଉଛନ୍ତି। ଏଯାଏ ପୋଷ୍ଟମର୍ଟମ ରିପୋର୍ଟ ହସ୍ତଗତ ହୋଇ ପାରିନି। ଏଣୁ ଆଜିଯାଏ ସୟଦଙ୍କ ମୃତ୍ୟୁ ଘଟଣା ରହସ୍ୟାବୃତ ହୋଇ ରହିଛି ବୋଲି ତାଙ୍କର କେତେକ ବନ୍ଧୁ କହିଛନ୍ତି ।



**ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ**

ସୟଦ ମୁନୀବ ଅହମ୍ମଦ

### ଏନ୍‌ଏଚ୍‌ଏଆଇଙ୍କ ସତ୍ୟପାଠ

## ଭଦ୍ରକର ୬ ସ୍ଥାନରେ ହେବ ଫ୍ଲାଏଓଭର, ଅଣ୍ଡରପାସ୍

**କଟକ ଅଫିସ, ୨୨।୫:** ଭଦ୍ରକ ଜିଲା ଦେଇ ଯାଇଥିବା ୫ ନମ୍ବର ଜାତୀୟ ରାଜପଥର ୬ଟି ସ୍ଥାନରେ ଫ୍ଲାଏଓଭର ଓ ଅଣ୍ଡରପାସ୍ ନିର୍ମାଣ କରାଯିବ। ଦୁର୍ଘଟଣାକୁ ଏଡାଇବା ସହିତ ଯାତାୟାତର ସୁବିଧା ନିମନ୍ତେ ଏଭଳି ପଦକ୍ଷେପ ନିଆଯିବ। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ)ଙ୍କ ପକ୍ଷରୁ ହାଇକୋର୍ଟରେ ଏ ନେଇ ସତ୍ୟପାଠ ଦାଖଲ କରାଯାଇଛି। ଏହି ସତ୍ୟପାଠ ଅନୁଯାୟୀ, ଭଣ୍ଡାରିପୋଖରୀ ଛକ, ଧାମନଗର ଛକ, ମୋଟେଲ୍ ଛକ, ଡାହାଣୀଗଡିଆ ନିକଟ, ରାଣିତାଲ ଛକ ନିକଟରେ ଭେଇକୁଲାର ଅଣ୍ଡରପାସ୍ ନିର୍ମାଣ କରାଯିବାକୁ ଥିବାବେଳେ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଫ୍ଲାଏ ଓଭର ନିର୍ମାଣ କରାଯିବ। ତୁରନ୍ତ ଏହି ସବୁ କାର୍ଯ୍ୟ ଶେଷ କରିବା ପାଇଁ ହାଇକୋର୍ଟ ଏନ୍‌ଏଚଏଆଇଙ୍କୁ ଆଦେଶ ଦେଇଛନ୍ତି। ଆଡଭୋକେଟ ଅମ୍ବୁଜ ପରିଡ଼ାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ଏହି ଆଦେଶ ଦେଇଛନ୍ତି।

## ସହାୟତା ଦେଇଥିବା ତୈଳ କମ୍ପାନୀଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

ବାତ୍ୟା 'ଫନୀ' ଯୋଗୁ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଓଡ଼ିଶାର ପୁନରୁଦ୍ଧାର ପାଇଁ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ନିମନ୍ତେ ବିଭିନ୍ନ ତୈଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ଓଆଇଏଲ, ଓଏନ୍‌ଜିସି, ବିପିସିଏଲ୍, ଏଚ୍‌ପିସିଏଲ, ଗେଲ୍ ଓ ଆଇଓସିଏଲ୍ ଭଳି ପ୍ରମୁଖ ତୈଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓଡ଼ିଶାର ଏହି ଦୁଃଖଦ ଘଡ଼ିରେ ସହଯୋଗର ହାତ ବଢାଇଥିବାରୁ ଧର୍ମେନ୍ଦ୍ର ଏହାର ଭୂୟସୀ ପ୍ରଶଂସା କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ଓଡ଼ିଶାର ପୁନରୁଦ୍ଧାର ପାଇଁ ଓଏନ୍‌ଜିସି, ବିପିସିଏଲ୍, ଏଚ୍‌ପିସିଏଲ, ଗେଲ୍ ଓ ଆଇଓସିଏଲ୍ ଭଳି ପ୍ରମୁଖ ତୈଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ୫କୋଟି ଲେଖାଏଁ ଅର୍ଥାତ୍ ମୋଟ ୨୫କୋଟି ଟଙ୍କାର ଆର୍ଥିକ ସହାୟତା ଦେଇଥିବାବେଳେ ଓଆଇଏଲ୍ ୩.୨୦କୋଟି ଟଙ୍କା ଆର୍ଥିକ ସହାୟତା ଓଡ଼ିଶାକୁ ଯୋଗାଇ ଦେଇଛି। 'ଫନୀ'ରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ମାଗଣାରେ ୧ହଜାର କିଲୋଲିଟର କରୋସିନ ଯୋଗାଇ ଦେବାପାଇଁ ଏହାର ମୂଲ୍ୟ ସ୍ୱରୂପ ୩.୨୦ କୋଟି ଟଙ୍କାର ଚେକ୍ ତୈଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ଓଆଇଏଲ୍) ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି । ଆଇଓସିଏଲ୍ ପୁରୀ ଶ୍ରୀମନ୍ଦିରକୁ ୫ କୋଟି ଟଙ୍କା ପ୍ରଦାନ କରିଛି। ପୁରୀ ଜଗନ୍ନାଥ ଓ ସୂର୍ଯ୍ୟ ମନ୍ଦିର ମରାମତି ପାଇଁ ଏଏସ୍‌ଆଇକୁ ଓଏନ୍‌ଜିସି ୫ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ଅତିରିକ୍ତ ୫ କୋଟି ଟଙ୍କା ମୂଲ୍ୟର ଅନ୍ୟାନ୍ୟ ରିଲିଫ ସାମଗ୍ରୀ ଯଥା ଖାଦ୍ୟ, ମେଡିସିନ୍, ପଲିଥିନ୍ ପାଇଁ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟ ତରଫରୁ ବାତ୍ୟା ପ୍ରଭାବିତ ଲୋକଙ୍କୁ ଯୋଗାଇ ଦିଆଯାଇଛି । ପୁରୀ, ଖୋର୍ଦ୍ଧା ଓ କଟକ ଜିଲାର ୧୬୨ ଏଲପିଜି ବିତରଣ କେନ୍ଦ୍ରକୁ ଦୁଇଦିନ ମଧ୍ୟରେ ପୁନଃ କାର୍ଯ୍ୟକ୍ଷମ କରି ବାତ୍ୟା ପ୍ରଭାବିତ ଲୋକଙ୍କୁ ରନ୍ଧନ ଗ୍ୟାସ ଯୋଗାଇ ଦିଆଯାଇଥିଲା । କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରାଳୟ ଓଡ଼ିଶା ପାଇଁ ଅନେକ ଆର୍ଥିକ ସହଯୋଗର ହାତ ବଢାଇଛି, ରାଜ୍ୟର ପୂର୍ବସ୍ଥିତିକୁ ଫେରାଇ ଆଣିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଘର ଅଗଣାରେ ଶୋଇଥିବା ଯୁବକଙ୍କୁ ହାଣି ହତ୍ୟା

**କୋଲାବିରା,୨୨।୫(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅନ୍ତର୍ଗତ କେଲଣ୍ଡାମାଲ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଶୋଇଥିବା ଅବସ୍ଥାରେ ହତ୍ୟା କରାଯାଇଛି। ୩ଜଣ ଯୁବକ ଏକ ବାଇକ୍‌ରେ ଆସି ଏପରି କାଣ୍ଡ ଘଟାଇବା ପରେ ଫେରାର ହୋଇଯାଇଛନ୍ତି । ମୃତ ଯୁବକ ହେଲେ କେଲଣ୍ଡାମାଲ ଗ୍ରାମର ଛବିଲ ସେଠ(୫୦) । ପୋଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏହି ଘଟଣାକୁ ନେଇ ସେହି ଗାଁରେ ଉତ୍ତେଜନା ପ୍ରକାଶ ପାଇଛି । ପୋଲିସ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ତନାଘନା ଚଳାଇଛି ।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଛବିଲ ଖାଇ ସାରିବା ପରେ ଘର ଅଗଣାରେ ପଡିଥିବା ଖଟିଆରେ ଶୋଇଥିଲେ। ପାଖରେ ତାଙ୍କ ସ୍ତ୍ରୀ ଓ ଅନ୍ୟମାନେ ମଧ୍ୟ ଶୋଇଥିଲେ। ସେଦିନ ବିଳମ୍ବିତ ରାତିରେ ୩ଜଣ ଯୁବକ ଏକ ବାଇକରେ ଆସି ସେଠାରେ ପହଞ୍ଚିଥିଲେ । ସେମାନେ ଛବିଲଙ୍କ ବେକକୁ କୌଣସି ଏକ ମାରଣାସ୍ତ୍ରରେ ହାଣି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଛବିଲଙ୍କୁ ପ୍ରଥମେ ଝାରସୁଗୁଡ଼ା ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି । କୋଲାବିରା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ସୂଚନାଯୋଗ୍ୟ, ଗତ ୪/୫ଦିନ ପୂର୍ବରୁ କେଲଣ୍ଡାମାଲ ଗ୍ରାମର ରବୀନ୍ଦ୍ର କୁଆଁଙ୍କ ସହିତ ଛବିଲ ଓ ପଡାର ଅନ୍ୟ ମହିଳାମାନଙ୍କ କୌଣସି କାରଣରୁ ଝଗଡ଼ା ଲାଗିବା ସହ ମାରପିଟ୍ ହୋଇଥିଲା। ଏଥିରେ ରବୀନ୍ଦ୍ର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଏନେଇ ଉଭୟଙ୍କ ପକ୍ଷରୁ କୋଲାବିରା ଥାନାରେ ଅଭିଯୋଗ ହୋଇଥିଲା । ସେହି ବିବାଦକୁ ନେଇ ଏହି ହତ୍ୟା ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି ।

**୩ ଆକ୍ରମଣକାରୀ ଫେରାର**



ON YOUR WEDDING
ARRIVE IN
STYLE

Let the world be amazed by your gorgeous style statement. For a forever kind of wedding, choose from the trendiest collection of suits, sherwanis and the most breathtaking range of sarees and wedding lehengas from Kalamandir. Make your special day, **a truly special one!**

kalamandir ODISHA'S MOST POPULAR FASHION SHOP
କଳାମନ୍ଦିର ଓଡ଼ିଶାର ସବୁଠୁ ଲୋକପ୍ରିୟ ଫ୍ୟାଶନ ଶପ୍

*Shop with a smile.*

3, Western Market, Bhubaneswar 751009

Benarasis | Kanjeevarams | Odissis | Printed Silks | Brocades | Jamevars
South Silks | Gadwals | Fancy Sarees | Lehengas | Suitings | Shirtings
Suits | Jackets | Kurta Pyjamas | Sherwanis | Exclusive Readymades
Women's Wear | Kidswear | Furnishings | Dress Materials

R K SWAMY BBDO KALA 2859/18



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ପଶମ ଶିଳ୍ପରେ ନିଷ୍ଠୁରତା

ଅନେକ ଲୋକ ଭାବନ୍ତି, ହସଖୁସିରେ ଘାସ ଚରୁଥିବା ମେଣ୍ଢାମାନଙ୍କୁ ନେଇ ପଶମ (ଉଲ୍) ଶିଳ୍ପ ଗଠିତ। ଏହି ଶିଳ୍ପରେ କୌଣସି ପ୍ରାଣୀଙ୍କୁ ନିର୍ଯାତନା ଦିଆଯାଏ ନାହିଁ କିମ୍ବା ହତ୍ୟା କରାଯାଏ ନାହିଁ। ମେଣ୍ଢାମାନେ ଚୁପ୍‌ଚାପ୍ ଧାଡ଼ିରେ ଠିଆ ହୁଅନ୍ତି ଏବଂ ବୈଦ୍ୟୁତିକ କଇଁଚି ସେମାନଙ୍କ ବାଳକୁ କାଟିଦିଏ। କିନ୍ତୁ ଏହା ସତ ନୁହେଁ। ଆପଣ ଉଲ୍ କିଣିବା ପୂର୍ବରୁ ୨୦୧୭ରେ ପ୍ରକାଶିତ ପେଟାର ଭିଡିଓ ଦେଖନ୍ତୁ- ଅଷ୍ଟ୍ରେଲିଆର ଉଲ୍ ଫାର୍ମଗୁଡ଼ିକରେ ମେଣ୍ଢାଙ୍କ ବାଳ କେମିତି କଟାଯାଉଛି। ନିର୍ଦ୍ଦୟଭାବରେ ଲୋମ କାଟିଲାବେଳେ ମେଣ୍ଢାମାନଙ୍କ ଦେହ କଟି ରକ୍ତ ଝରୁଥାଏ। ବିନା ଆନାସ୍ଥେସିଆରେ କର୍ମଚାରୀମାନେ ସେମାନଙ୍କ କଟା ଅଂଶଗୁଡ଼ିକୁ ସିଲେଇ କରନ୍ତି। ଏହା ନିଷ୍ଠୁରତାର ଚରମ ପ୍ରଦର୍ଶନ। ଏହାର ତିନିବର୍ଷ ତଳେ ୨୦୧୪ରେ ପେଟା ଉଲ୍ ରପ୍ତାନିକାରୀ ଫାର୍ମଗୁଡ଼ିକରେ ହେଉଥିବା ଅନୁରୂପ ନିଷ୍ଠୁରତାକୁ ଲୋକଲୋଚନକୁ ଆଣିଥିଲା। ସେତେବେଳେ ଫାର୍ମଗୁଡ଼ିକର ଅନେକ ମାଲିକ ଓ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା ଏବଂ ଜୀବେ ନିଷ୍ଠୁରତା ଆଇନ ଅନୁସାରେ ଦୋଷୀ ସାବ୍ୟସ୍ତ କରାଯାଇ ଦଣ୍ଡାଦେଶ ଦିଆଯାଇଥିଲା। ସେତେବେଳେ ଏହି ଶିଳ୍ପ ନିଷ୍ଠୁରତା ହ୍ରାସ କରିବା ଲାଗି ସଂକଳ୍ପ ନେଇଥିଲା। କିନ୍ତୁ ଏହାର କିଛି ସପ୍ତାହ ପରେ ପୂର୍ବପରି ନିଷ୍ଠୁରତା ପ୍ରଦର୍ଶନ କରାଗଲା ଏବଂ ବ୍ୟବସାୟ ଆଗରୁ ଯେମିତି ଚାଲିଥିଲା ସେମିତି ଚାଲିଲା।

ଲୋମକଟାଳିମାନେ ହେଉଛନ୍ତି ମାନବ ବିବର୍ତ୍ତନର ସବୁଠାରୁ ତଳେ ଥିବା ମଣିଷ- ନିରକ୍ଷର, ଅଧୀର, ଅସମ୍ବେଦନଶୀଳ ଫାର୍ମ ଶ୍ରମିକ, ଯେଉଁମାନଙ୍କୁ ମେଣ୍ଢା ପିଛା ପାରିଶ୍ରମିକ ଦିଆଯାଇଥାଏ। ସେମାନେ ଭୟଭୀତ ମେଣ୍ଢା କେତେ କଷ୍ଟ ପାଇଲେ ବା ଆହତ ହେଲେ ସେଥି ପ୍ରତି ଦୃଷ୍ଟି ନ ଦେଇ ଅଳ୍ପ ସମୟ ଭିତରେ କିପରି ଅଧିକ ମେଣ୍ଢାଙ୍କ ଲୋମ କାଟି ଅଧିକ ମଜୁରି ପାଇବେ ତାହାରି ଉପରେ ଧ୍ୟାନ ଦେଇଥାନ୍ତି। ତେବେ ଅଷ୍ଟ୍ରେଲିଆ ଏକମାତ୍ର ଦେଶ ନୁହେଁ, ଯେଉଁଠି ମେଣ୍ଢାମାନଙ୍କ ପ୍ରତି ଏପରି ଅତ୍ୟାଚାର କରାଯାଏ। ଅନୁରୂପ ଘଟଣା ଆର୍ଜେଣ୍ଟିନା, ଚିଲି ଓ ଆମେରିକାରେ ମଧ୍ୟ ଘଟୁଥିବା ଜଣାପଡ଼ିଛି।

ଯଦି ଉଲ୍ ଫାର୍ମଗୁଡ଼ିକ ଏପରି ନିଷ୍ଠୁରତା ବନ୍ଦ ନ କରୁଛନ୍ତି, ତେବେ ଆମ ପରି ଉପଭୋକ୍ତାମାନଙ୍କର କିଛି କର୍ତ୍ତବ୍ୟ ଅଛି। ଆପଣ ଉଲ୍ ନ କିଣିବାକୁ ନିଷ୍ପତ୍ତି ନେଇପାରନ୍ତି। ଆପଣ ମେଣ୍ଢାମାନଙ୍କ ପ୍ରତି ହେଉଥିବା ନିର୍ଯାତନା ବନ୍ଦ କରିବା ଲାଗି ବିଶ୍ୱ ସାରା ଉଲ୍ ବିକ୍ରେତାମାନଙ୍କ ପାଖକୁ ଚିଠି ଲେଖନ୍ତୁ। ସୋସିଆଲ ମିଡ଼ିଆ ମାଧ୍ୟମରେ ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି କରନ୍ତୁ।

କୋଡ଼ିଏ ବର୍ଷ ତଳେ ୟୁରୋପ ଆମେରିକାର ଗାଲିଚା (କାର୍ପେଟ୍) ଆମଦାନିକାରୀମାନେ ଭାରତ ଉପରେ ଚାପ ପକାଇଲେ। ଭାରତରେ ଗାଲିଚା ଶିଳ୍ପରେ ଛୋଟ ଛୋଟ ପିଲାମାନଙ୍କୁ କାମରେ ଲଗାଯାଉଥିବାରୁ ସେମାନେ ଭାରତରୁ ଗାଲିଚା କିଣିବେ ନାହିଁ ବୋଲି ରୋକ୍‌ଠୋକ୍ କହିଦେଲେ। ସେତେବେଳେ ମୁଁ ସରକାରରେ ନ ଥିଲି। ଆମେ ରଗ୍‌ମାର୍କ ନାମରେ ଏକ ଗୋଷ୍ଠୀ ଗଠନ କରି ବାରାଣସୀରୁ ଭାଦୋହି ପର୍ଯ୍ୟନ୍ତ ବିଭିନ୍ନ କାର୍ପେଟ୍ ଶିଳ୍ପକୁ ଯାଇ ସେଠାରୁ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କଲୁ ଓ ଉକ୍ତ ଶିଳ୍ପକୁ ଶିଶୁ ଶ୍ରମିକମୁକ୍ତ କଲୁ। ବିହାରରୁ ଯେଉଁଠୁ ଶିଶୁମାନଙ୍କୁ ଅପହରଣ କରି ଗାଲିଚା ଶିଳ୍ପରେ କାମରେ ଲଗାଯାଇଥିଲା, ସେଠାକୁ ଯାଇ ଉକ୍ତ ପିଲାମାନଙ୍କୁ ତାଙ୍କ ମାଆବାପାମାନଙ୍କୁ ହସ୍ତାନ୍ତର କଲୁ ଏବଂ ଅନ୍ୟ ପିଲାମାନଙ୍କୁ ଅନାଥାଶ୍ରମରେ ଛାଡ଼ିଲୁ ଓ ସ୍କୁଲରେ ସେମାନଙ୍କ ନାମ ଲେଖାଇଲୁ। ଏହାପରେ ଗାଲିଚା ଶିଳ୍ପରେ ଶିଶୁ ଶ୍ରମିକ ନିଯୁକ୍ତି ଲୋପ ପାଇଲା ଏବଂ ସେମାନେ ଏକ ଶପଥପତ୍ରରେ ସ୍ୱାକ୍ଷର କଲେ ଯେ ସେମାନେ ଆଉ କେବେ ଶିଶୁ ଶ୍ରମିକମାନଙ୍କୁ ବ୍ୟବହାର କରିବେ ନାହିଁ। ଆମର ଏହି ପଦକ୍ଷେପ ପୂରା କାମ ଦେଇଛି। ସେମାନେ ଆମଠାରୁ ରଗ୍‌ମାର୍କ ଲେଖାଥିବା ଲେବଲ କିଣି ନିଜ ଗାଲିଚାରେ ମାରିଲେ, ଯାହାର ଅର୍ଥ ହେଉଛି ଶିଶୁ ଶ୍ରମିକମୁକ୍ତ। ଜର୍ମାନୀ ଏହାକୁ ଗ୍ରହଣ କଲା। ଏହାପରେ ପାକିସ୍ତାନ ଓ ନେପାଳ ମଧ୍ୟ ଉକ୍ତ ଲେବଲଯୁକ୍ତ କାର୍ପେଟ କିଣିବାକୁ ନିଷ୍ପତ୍ତି ନେଲେ। ଆମଦାନିକାରୀମାନେ ଲେବଲ ପିଛା ୧ ଟଙ୍କା ଦେଲେ ଯାହାକୁ ପିଲାମାନଙ୍କ ଥଇଥାନ ଓ ଶିକ୍ଷା ଉଦ୍ଦେଶ୍ୟରେ ଖର୍ଚ୍ଚ କରାଗଲା। ରଗ୍‌ମାର୍କ ଏକ ସାମାଜିକ ଓ ନୈତିକ ସମସ୍ୟାର ସମାଧାନରେ ସାହାଯ୍ୟ କଲା।

ଆମେ ଚାହୁଁଛୁ ଅନୁରୂପ ଏକ ଲେବଲ ମାଧ୍ୟମରେ ମେଣ୍ଢାମାନଙ୍କ ପ୍ରତି ହେଉଥିବା ନିଷ୍ଠୁରତାଜନିତ ଉକ୍ତ ସମସ୍ୟାର ସମାଧାନ କରିବା ପାଇଁ। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ହେଉଛି ସବୁଠାରୁ ବଡ଼ ଉଲ୍ ରପ୍ତାନିକାରୀ ଦେଶ। ଅଷ୍ଟ୍ରେଲିଆ ଏକାକୀ ବିଶ୍ୱର ମୋଟ ଉଲ୍‌ର ଏକପଞ୍ଚମାଂଶ ଉତ୍ପାଦନ କରେ। ଭାରତ ଅଷ୍ଟ୍ରେଲିଆରୁ ସବୁଠାରୁ ଅଧିକ ଉଲ୍ ଆମଦାନି କରୁଥିବା ଦେଶ। ୬୦% ଚାଇନା ଆମଦାନି କରେ। କିନ୍ତୁ ଜୀବେ ନିଷ୍ଠୁରତା ପ୍ରତି ଚାଇନାର କିଛି ଖାତିର ନାହିଁ। ସେମାନେ ସବୁଠାରୁ ଖରାପ ଉଲ୍ କିଣନ୍ତି। ଇଟାଲି ୨୦ ପ୍ରତିଶତ ଆମଦାନି କରିଥାଏ। ସେମାନେ ଉଚ୍ଚ ଫେଶନ ଡିଜାଇନର ଉଲ୍ କିଣନ୍ତି। ଆମେ ୧୫ରୁ ୧୮% ଉଲ୍ ପ୍ରତିବର୍ଷ ଆମଦାନି କରିଥାଉ। ୨୦୧୮ ମସିହାରେ ଅଷ୍ଟ୍ରେଲିଆ ଭାରତକୁ ୧୫୨ ନିୟୁତ ଡଲାର ମୂଲ୍ୟର (୪୧.୪୭ ନିୟୁତ କିଲୋଗ୍ରାମ୍) ଉଲ୍ ରପ୍ତାନି କରିଛି। ଆମେ ଉଲ୍ କିଣି ସେଥିରେ ବିଭିନ୍ନ ଜିନିଷ ତିଆରି କରି ଦକ୍ଷିଣ କୋରିଆ, ସଂଯୁକ୍ତ ଆରବ ଏମିରେଟ୍‌ସ ଓ ଜାପାନ, ୟୁରୋପ, ଆମେରିକା ପ୍ରଭୃତି ଦେଶକୁ ରପ୍ତାନି କରୁ। ପ୍ରତିବର୍ଷ ଆମ ଉଲ୍ ତିଆରି ଜିନିଷର ଚାହିଦା ବଢ଼ୁଛି। ପ୍ରମୁଖ ଉଲ୍ କମ୍ପାନୀଗୁଡ଼ିକ ଲୁଧିଆନାରେ ଅଛନ୍ତି। ତେଣୁ ଆମେ ମେଣ୍ଢାମାନଙ୍କ ପ୍ରତି ହେଉଥିବା ନିଷ୍ଠୁରତା ବିରୋଧରେ ଯଥେଷ୍ଟ ପ୍ରଭାବ ପକାଇପାରିବା।

ଭାରତୀୟ ଉଲ୍ ଶିଳ୍ପଗୁଡ଼ିକ 'ଏଥିକାଲ୍ ଉଲ୍' ନାମରେ ଏକ ଲେବଲର ବିକାଶ କରିବାର ଆବଶ୍ୟକତା ରହିଛି। ପାଟାଗୋନିଆ ପରି କମ୍ପାନୀ ସାଧାରଣ ବଜାରରୁ ଉଲ୍ କିଣିବା ବନ୍ଦ କରିଦେଇଛନ୍ତି ଏବଂ ସେମାନେ ନୈତିକତାର ଅଭ୍ୟାସ ରଖୁଥିବା ଫାର୍ମଗୁଡ଼ିକରୁ ଉଲ୍ କିଣୁଛନ୍ତି। ଆମ କମ୍ପାନୀଗୁଡ଼ିକ ତାହାର ଅନୁସରଣ କରିବା ଦରକାର।

ମେଣ୍ଢାଙ୍କ ପ୍ରତି ଆହୁରି ଅନେକ ଭୟଙ୍କର ବ୍ୟବହାର କରାଯାଏ। ଉଦାହରଣସ୍ୱରୂପ ଶାର୍ଲିଆ ମେଣ୍ଢାଙ୍କଠାରୁ ଏକ ବିଶେଷ ଧରଣର ଉଲ୍ ଉତାରିବା ପାଇଁ ତାଙ୍କର ଜେନିଟିକ୍ ମ୍ୟୁଟେଶନ (ଜିନୀୟ ପରିବର୍ତ୍ତନ) କରାଯାଏ। ଏହି ପ୍ରକ୍ରିୟାରେ ଅନେକ ମେଣ୍ଢା ଅନ୍ଧ ହୋଇଯାନ୍ତି ଓ ସେମାନେ ଚାଲି ବି ପାରନ୍ତି ନାହିଁ। ଅବହେଳା, ରୋଗ ଓ ଖରାପ ବ୍ୟବହାର ଯୋଗୁ ଅସଂଖ୍ୟ ମେଣ୍ଢା ପ୍ରତିବର୍ଷ ମରନ୍ତି। ସେମାନଙ୍କ ସ୍ୱାସ୍ଥ୍ୟର ଦେଖାଶୁଣା କରିବା ପାଇଁ ପ୍ରାଣୀ ଚିକିତ୍ସକ ନିଯୁକ୍ତ ନ ଥାନ୍ତି। ଉଲ୍ ଶିଳ୍ପରେ ଏଥିକାଲ୍ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇ ପାରିଲେ ଏ ସବୁ ନିଷ୍ଠୁରତା ବନ୍ଦ ହୋଇପାରିବ। ଯଦି ଭାରତୀୟ ଉଲ୍ ଶିଳ୍ପ ଅଷ୍ଟ୍ରେଲିଆର କୌଣସି ପ୍ରାଣୀ କଲ୍ୟାଣ ସଂସ୍ଥାର ସାହାଯ୍ୟ ନିଅନ୍ତି, ଯେଉଁମାନେ ସେ ଦେଶର ଉଲ୍ ଶିଳ୍ପଗୁଡ଼ିକୁ ଯାଞ୍ଚ କରି ସେମାନଙ୍କୁ ଏଥିକାଲ ଉଲ୍ ଲେବଲ ଦେବେ, ତା'ହେଲେ ଏ ସମସ୍ୟାର ସମାଧାନ ହୋଇପାରିବ। ଆମେ ରଗ୍‌ମାର୍କ ଲେବଲର ପ୍ରବର୍ତ୍ତନ କରି ଭାରତର କାର୍ପେଟ୍ ଶିଳ୍ପରୁ ଶିଶୁ ଶ୍ରମିକଙ୍କୁ ହଟେଇ ପାରିଲୁ। ସେହିପରି ଏ ଏଥିକାଲ୍ ଉଲ୍ ଲେବଲ ବ୍ୟବସ୍ଥା ଅଷ୍ଟ୍ରେଲିଆରୁ ମେଣ୍ଢାଙ୍କ ପ୍ରତି ହେଉଥିବା ନିଷ୍ଠୁରତାର ଅନ୍ତ ଘଟାଇପାରିବ।

Email: gandhim@nic.in

# ଅବୈଧ ଗର୍ଭପାତ



ଡା. ଶୁଭଶ୍ରୀ ମିଶ୍ର

ସୃଷ୍ଟି ସର୍ଜନାରେ ଜଣେ ପୁରୁଷ ସହିତ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ସମ୍ପ୍ରତି ଲିଭ୍-ଇନ୍-ରିଲେସନ୍‌ଶିପ୍ ହେଉ ବା ଅନ୍ୟ କିଛି ବାହାନାରେ କେତେକ କ୍ଷେତ୍ରରେ ମହିଳା ଓ ପୁରୁଷଙ୍କ ଅବାଧ ମିଳାମିଶାର କୁପରିଣତିର ଶିକାର ମହିଳାଟି ହୋଇଥାଏ। କେତେକ କ୍ଷେତ୍ରରେ ବୋହୂ, କୁମାରୀ କନ୍ୟା ଅବାଞ୍ଛିତ ସନ୍ତାନର ଜନନୀ ହୋଇଥାନ୍ତି ତ କେହି କେହି ଅବୈଧ ଗର୍ଭପାତ କରି ସାମାଜିକ ଅପବାଦରୁ ମୁକ୍ତ ହେବା ପାଇଁ ଚେଷ୍ଟା କରିଥାନ୍ତି। କେବଳ ବିବାହିତା ନୁହନ୍ତି ଅନେକ କ୍ଷେତ୍ରରେ ଅବିବାହିତାମାନେ ଗର୍ଭପାତ କରୁଛନ୍ତି। ଭ୍ରୂଣହତ୍ୟା ମହାପାପ ବୋଲି ବିଚାର ରହିଥିଲା। ଏବେ କିନ୍ତୁ ସେ ଭାବନା ଆଉ ନାହିଁ। ୧୯୭୧ ମସିହାରେ ପ୍ରଥମକରି ଟର୍ମିନେଶନ୍ ଅଫ୍ ପ୍ରେଗ୍ନାନ୍ସି ଆକ୍ଟ ବଳରେ ଗର୍ଭପାତକୁ ବୈଧ କରାଗଲା, ଯାହାର ମୂଳଲକ୍ଷ୍ୟ ଥିଲା ଜନସଂଖ୍ୟା ନିୟନ୍ତ୍ରଣ। ସେହିପରି ସନ୍ତାନ ଜନ୍ମ ମାଆର ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିଲେ ମଧ୍ୟ ଗର୍ଭପାତ କରାଯାଉଥିଲା।

ଏହା ବ୍ୟତୀତ ବଳାତ୍କାରର ଶିକାର ହୋଇଥିବା ମହିଳାମାନେ ଅବାଞ୍ଛିତ ଗର୍ଭଧାରଣ କରିଥିବାରୁ ଆଇନ ବଳରେ ଗର୍ଭପାତ କରାଯାଇ ପାରୁଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ଗର୍ଭପାତ ବ୍ୟାପକ ଭାବରେ ବଢ଼ି ଚାଲିବାରୁ କେବଳ ଚିକିତ୍ସା ମହଲ ନୁହେଁ, ସରକାରୀ ଓ ବେସରକାରୀ ମହଲରୁ ଉଦ୍‌ବେଗ ପ୍ରକାଶ ପାଇଲା। ତେବେ ପ୍ରଥମ କଥା ହେଉଛି ଅବୈଧ ଗର୍ଭପାତ କ'ଣ ପାଇଁ ଘଟିଥାଏ? କୁମାରୀ ମାତୃତ୍ୱ ହେଉ ବା ଗର୍ଭସ୍ଥ ସନ୍ତାନର ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୂଣ ହତ୍ୟା- ଏହି ଦୁଇଟି ପ୍ରସଙ୍ଗ ଆଜିର ସମାଜ ପାଇଁ ଏକ ଉଦ୍‌ବେଗଜନକ ପ୍ରସଙ୍ଗ। କେତେକ ଯୁବତୀଯୁବକ ଲୁଚାଚୋରା ଭାବେ ଯେଉଁ ଅମଡ଼ା ବାଟରେ ଚାଲିଥାନ୍ତି ତାହା ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ ଦୁଃଖଦ ହୋଇଥାଏ। ଏପରିକି ଖୁବ୍ କମ୍ ବୟସରେ ଗର୍ଭବତୀ ହୋଇଥିବାରୁ କୁମାରୀ ମାତୃତ୍ୱ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି।

କେତେକ ସ୍ଥଳରେ ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ଏହା କୁପ୍ରଭାବ ପକାଉଥିବାରୁ ପରବର୍ତ୍ତୀ ସମୟରେ ଏହି କୁମାରୀ ମା'ମାନେ ଚିର ଦିନ ପାଇଁ ମା'ହେବାର ସୌଭାଗ୍ୟ ହରାଇଥାନ୍ତି। ବିଶେଷକରି ଗ୍ରାମାଞ୍ଚଳରେ ସ୍ତ୍ରୀ ଓ ପ୍ରସୂତୀ ଚିକିତ୍ସକଙ୍କ ସଂଖ୍ୟା କମ୍ ରହୁଥିବାରୁ ସେଠାରେ ସେମାନେ ଚିକିତ୍ସା ସୁଯୋଗ ନ ପାଇ ଅନେକ ଯନ୍ତ୍ରଣାର ଶିକାର ହୋଇଥାନ୍ତି। କେବଳ ଗ୍ରାମାଞ୍ଚଳ ନୁହେଁ, ଆଜି ବି ଅନେକ ଆଦିବାସୀ ମୁଲକରେ ଗୁଣିଗୁଣି ଓ ଜଡ଼ିବୁଟିର ସହଯୋଗ ନିଆଯାଉଥିବାରୁ କୁମାରୀ ମାଆର ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହୋଇ ବହୁ ବିଳମ୍ବରେ ସରକାରୀ ଡାକ୍ତରଖାନାକୁ ଆସିବା ବେଳକୁ ନେଡିଗୁଡ଼ କହୁଣିକୁ ବୋହିଯାଇଥାଏ। ଏ କ୍ଷେତ୍ରରେ ମାଆର ଜୀବନ ରକ୍ଷାକରିବା କାଠିକର ପାଠ ହୋଇଥାଏ। କୁମାରୀ ମାତୃତ୍ୱ ପାଇଁ ମୂଲ୍ୟବୋଧର ଅବକ୍ଷୟ ବା ବିଶୃଙ୍ଖଳା, ଭ୍ରଷ୍ଟାଚାର ବା ନୈତିକତାର ଅଧଃପତନ ପରି କାରଣ ସବୁ ଦାୟୀ।

ସମାଜରେ ଲିଙ୍ଗ ଅନୁପାତର ଅସମାନତା ପାଇଁ ଅବୈଧ ଗର୍ଭପାତ ଦାୟୀ। ଗର୍ଭରେ ଥିବା ପିଲାଟିର ଲିଙ୍ଗ ଜାଣିବା ପାଇଁ ଆଜିକା ସମୟରେ ଅନେକେ ସଚେତନ ହୋଇଥିଲେ ବି ଅନେକଙ୍କ କ୍ଷେତ୍ରରେ ଯେଉଁ ଉତ୍ସୁକତା ରହିଥାଏ ତାହା ଏକ ଦୁଃଖଦ ପ୍ରସଙ୍ଗ। ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ୟୁରୋପରେ କନ୍ୟାଭ୍ରୂଣ ହତ୍ୟା କରୁଥିବା ଦମ୍ପତିଙ୍କ ସଂଖ୍ୟା ପ୍ରତି ହଜାରରେ ୯୦ ଥିଲାବେଳେ ରୁଷରେ ୬୮ ଓ ଅଷ୍ଟ୍ରେଲିଆରେ ୨୨ କିନ୍ତୁ ଭାରତରେ ଏ ସଂଖ୍ୟା ଯଥେଷ୍ଟ ଅଧିକ। ପ୍ରତିବର୍ଷ ଭାରତରେ ୫୦ଲକ୍ଷରୁ ଊର୍ଦ୍ଧ୍ୱ କନ୍ୟାଭ୍ରୂଣ ହତ୍ୟା ହେଉଛି। କେବଳ ଗ୍ରାମାଞ୍ଚଳ ନୁହେଁ ଅଧିକ ପାଠୁଆ ଓ ବଡ଼ ପରିବାର କୁହାଯାଉଥିବା ସହରାଞ୍ଚଳରେ ଏ ସଂଖ୍ୟା ବେଶି। ୨୦୦୩ରୁ ଭାରତରେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ଓ ତଜ୍ଜନିତ ବିଜ୍ଞାପନକୁ ବେଆଇନ ଘୋଷଣା କରିବା ସହ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ଯେଉଁ ଚିକିତ୍ସକମାନେ ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୂଣ ନଷ୍ଟରେ ସାହାଯ୍ୟ କରିଥାନ୍ତି ସେମାନଙ୍କୁ ଭାରତୀୟ ପିଙ୍ଗଳ କୋଡର ୩୧୨, ୩୧୩, ୩୧୬ ଓ ୩୧୮ ଧାରା ଅନୁଯାୟୀ ଦଣ୍ଡ ପ୍ରଦାନ କରାଯାଇଥାଏ। ଭ୍ରୂଣର ଲିଙ୍ଗ ନିରୂପଣ ପରୀକ୍ଷାକୁ ବନ୍ଦ କରିବା ପାଇଁ ସରକାରୀ ସ୍ତରରେ ରହିଥିବା ପ୍ରି-ନାଟାଲ ଡାଇଗ୍ନୋଷ୍ଟିକ ଟେକ୍‌ନିକ୍ ଆଇନ ଆଜିପର୍ଯ୍ୟନ୍ତ ଠିକ୍‌ଭାବେ କାର୍ଯ୍ୟ କରିପାରୁନାହିଁ। ଏ କ୍ଷେତ୍ରରେ ଜନ ଅସଚେତନତା ଦାୟୀ।

ଭାରତରେ ଅନ୍ଧବିଶ୍ୱାସ, ଆର୍ଥିକ ଦୁଃସ୍ଥିତି, କେତେକ ସାମାଜିକ ବିଡ଼ମ୍ବିତ ବିଧି ବ୍ୟବସ୍ଥା, ମହିଳାମାନଙ୍କ ପ୍ରତି ପ୍ରତିକୂଳ ଚିନ୍ତନ ପରି କାରଣ କନ୍ୟା ଭ୍ରୂଣହତ୍ୟାକୁ ପ୍ରୋତ୍ସାହିତ କରୁଛି। ସରକାରୀ ସ୍ତରରେ ସ୍ତ୍ରୀ ଓ ପ୍ରସୂତି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ବିଭିନ୍ନ ସଚେତନତାଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ଅଗମ୍ୟ ଆଦିବାସୀ ଅଞ୍ଚଳ ଓ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। ତେବେ ମହିଳାମାନଙ୍କ ପ୍ରଗତି ବା ସୁରକ୍ଷା ଲାଗି ସରକାରୀ ଯୋଜନାକୁ ସେମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଆହୁରି ସଂଗ୍ରାମ ଲୋଡ଼ା। ଏ କ୍ଷେତ୍ରରେ ଦାୟିତ୍ୱ ସମସ୍ତଙ୍କର।

ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋ- ୯୮୬୧୪୬୩୪୦୬

## ଏଇ ଭାରତରେ

ପ୍ରାଥମିକ ଅବସ୍ଥାରେ ଭାଷା ଶିକ୍ଷା କରିବା ପିଲାଙ୍କ ପକ୍ଷେ କଷ୍ଟକର ହୋଇଥାଏ। କିନ୍ତୁ ଏହି କାର୍ଯ୍ୟକୁ ଅନାୟାସରେ କରିପାରୁଛନ୍ତି ଜଣେ ୮ ବର୍ଷର ବାଳକ। ସେ ୧୦୬ଟି ଭାଷାରେ ପଢ଼ି ଲେଖି ପାରୁଛନ୍ତି। ଏହି ବିସ୍ମୟ ବାଳକ ହେଉଛନ୍ତି ଚେନ୍ନାଇର ନିଆଲ ଥୋଗୁଲୁଭା। ଏଥିସହ ସେ ୧୦ଟି ଭାଷାରେ କଥା ହୋଇପାରନ୍ତି। ନିଆଲଙ୍କ ଏହି ଅନନ୍ୟ ଗୁଣ ଏବେ ଅନେକ ବ୍ୟକ୍ତିଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଇଣ୍ଟରନେଟ୍ ଓ ୟୁଟ୍ୟୁବ୍ ସହାୟତାରେ ସେ ଏତେ ସବୁ ଭାଷା ଶିଖିଥିବା ପ୍ରକାଶ କରିଛନ୍ତି। ଇଣ୍ଟର୍‌ନ୍ୟାଶ୍‌ନାଲ ଫୋନେଟିକ୍ ଆଲ୍‌ଫାବେଟ୍ (ଆଇପିଏ) ଏ ଦିଗରେ ତାଙ୍କୁ ବେଶ୍ ସହାୟକ ହୋଇଛି। ଏହା ମାଧ୍ୟମରେ ସେ ପ୍ରାୟ ସମସ୍ତ କଥିତ ଭାଷାକୁ ଟ୍ରାନ୍ସକ୍ରାଇବ୍ କରିପାରନ୍ତି। ଏହା ମଧ୍ୟ କୌଣସି ଶବ୍ଦର ଉଚ୍ଚାରଣ ସ୍ପଷ୍ଟ ଭାବେ କହିଦେଇଥାଏ। ତେବେ ଏଥିପ୍ରତି ତାଙ୍କର ଆଗ୍ରହ କେବେ ପ୍ରକାଶ ପାଇଲା ତାହା ସେ ଜାଣି ନ ଥିବା କହିଛନ୍ତି। ଏବେ ସେ ଆହୁରି ୫ଟି ଭାଷା ଶିକ୍ଷା କରୁଛନ୍ତି। ଏତେ କମ୍ ବୟସରେ ନିଆଲଙ୍କ ବିଭିନ୍ନ ଭାଷା ଶିକ୍ଷା କରିବାର ଆଗ୍ରହ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ନିଶ୍ଚୟ।

## ଚିରନ୍ତନୀ

ହଜିଛି ଯେ ଦେଶ କେତେ କାଳୁ ନୋହେ କଳି
ସରିଛି ଶକତି ପଡିଛି ବିବେକ ଟଳି।
ଆଜି ସେ ଭାରତ ପୁଣି ଟେକେ ମଥା
କଙ୍କାଳ ରାଶି କହିଉଠେ କଥା
ଆଗ୍ନେୟଗିରି ସମ ତା'ର ବ୍ୟଥା ବିଶ୍ୱେ ଉଠଇ ଜଳି
ହଜିଛି ସେ ଦେଶ ଘେରି କେତେ ପ୍ରାଣ ବଳି!

(ଭାରତ ଆସିବ ଫେରି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | 1 | B | | | | | 7 |
| | | | | | | 2 | B | D | | 5 | | | C | |
| D | | E | 4 | 2 | | | A | | 7 | C | | | 0 | |
| | | A | E | | 8 | | 5 | | | | | 2 | 4 | |
| 8 | | | | | 7 | | E | 6 | 4 | | 0 | | | 1 |
| | | C | | 4 | | | | | 9 | | 5 | 1 | | |
| B | 2 | 5 | C | | E | | | | 6 | | | | | 9 |
| 1 | | D | | 6 | B | | | | | | | | 5 | 2 |
| | | 0 | 3 | | | | 4 | E | | D | | | | 6 |
| | E | 3 | 0 | | | | D | | A | | | | | |
| | | | 1 | | 3 | | 2 | | | 0 | | | | D |
| 5 | | | 2 | 7 | 4 | | | | | 8 | | | | 0 |
| | | B | | | | | 0 | | | | 9 | | | 4 |
| | | | | | | 9 | | 5 | | | 1 | | 3 | |
| | 4 | 9 | | E | | 1 | 8 | | 3 | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 4 | E | 3 | 9 | 0 | 8 | 6 | C | 1 | D | 5 | 7 | 2 | B |
| 2 | 0 | 1 | 6 | D | 7 | E | A | 5 | 9 | B | C | 8 | 4 | 3 |
| 3 | 5 | C | 4 | A | 1 | D | 7 | B | 8 | 2 | 6 | E | 0 | 9 |
| 7 | 6 | 8 | E | B | 5 | 1 | 9 | 2 | 3 | 4 | 0 | C | A | D |
| D | B | 9 | C | 8 | 2 | 4 | 0 | 3 | A | 7 | E | 5 | 6 | 1 |
| 6 | D | 2 | 7 | 4 | A | 3 | E | 8 | 5 | C | B | 9 | 1 | 0 |
| E | C | 7 | 2 | 5 | 9 | A | B | 6 | D | 0 | 1 | 3 | 8 | 4 |
| 0 | 8 | B | 1 | C | E | 7 | 4 | 9 | 2 | A | 3 | D | 5 | 6 |
| 9 | A | 3 | 8 | 0 | B | 5 | D | 1 | 4 | 6 | 7 | 2 | C | E |
| 4 | 1 | 5 | D | 3 | 6 | C | 2 | 0 | E | 9 | 8 | A | B | 7 |
| B | 2 | 0 | 5 | E | 4 | 9 | C | A | 6 | 3 | D | 1 | 7 | 8 |
| 8 | 3 | 6 | A | 1 | D | B | 5 | 7 | 0 | E | 2 | 4 | 9 | C |
| 1 | 7 | D | 9 | 2 | C | 6 | 8 | E | B | 5 | 4 | 0 | 3 | A |
| C | E | A | 0 | 6 | 8 | 2 | 3 | 4 | 7 | 1 | 9 | B | D | 5 |
| 5 | 9 | 4 | B | 7 | 3 | 0 | 1 | D | C | 8 | A | 6 | E | 2 |

ଗତକାଲିର ଉତ୍ତର

# ବାତ୍ୟା ଓ ଅସହାୟ ଆଧୁନିକତା



ବିଚିତ୍ର ବିଶ୍ୱାଳ

ସାମୁଦ୍ରିକ ବାତ୍ୟା 'ଫନୀ'ର ତାଣ୍ଡବ ପରେ ଆମ ସମ୍ମୁଖରେ ଗୋଟିଏ ବିଷୟ ଉଜାଗର ହୋଇଛି, ତାହା ହେଉଛି ପ୍ରାକୃତିକ ବିପର୍ଯ୍ୟୟ ସମ୍ମୁଖରେ ଅସହାୟ ହୋଇପଡୁଥିବା ଆମ ଆଧୁନିକ ଜୀବନଶୈଳୀ। ଆମ ଜୀବନଶୈଳୀ ଆମକୁ ଯଥେଷ୍ଟ ଅଏସ୍, ଆରାମ ଓ ମନୋରଞ୍ଜନ ତ ଯୋଗାଇ ଦେଉଛି, କିନ୍ତୁ ଏସବୁ ମଣିଷର ସ୍ୱନିର୍ଭରଶୀଳତାକୁ ହ୍ରାସ କରି ଯନ୍ତ୍ର-ନିର୍ଭରଶୀଳତାକୁ ବଢ଼େଇ ଦେଉଛି। ଅନ୍ୟ ଅର୍ଥରେ କହିଲେ, ଆଧୁନିକତା ଆମକୁ ଆମ ମୁକ୍ତପଣର ବିନିମୟରେ ମିଳିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଧୁନିକତାର ପ୍ରତୀକ ସହରଗୁଡ଼ିକରେ ଜୀବନ ଅଧିକରୁ ଅଧିକ ଯନ୍ତ୍ର ଉପରେ ନିର୍ଭରଶୀଳ ଓ ଯନ୍ତ୍ର ବିଜୁଳି ଉପରେ ନିର୍ଭରଶୀଳ। ତେଣୁ ଫନୀ ପରି ବାତ୍ୟା ତଥା ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯେତେବେଳେ ବିଜୁଳି ଖୁଣ୍ଟଗୁଡ଼ିକୁ ଧରାଶାୟୀ କରିଦେଉଛି, ସେତେବେଳେ ସହରୀ ଲୋକମାନଙ୍କୁ ସବୁଠୁ ଅଧିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେଇ କେତେ ଦିନ ପାଇଁ ଆଧୁନିକ ସହରଗୁଡ଼ିକ ଚଳତ୍‌ଶକ୍ତି ହରେଇ ପଙ୍ଗୁ ପରି ହୋଇଯାଉଛନ୍ତି। ସହରଗୁଡ଼ିକରେ ଅଧିକାଂଶ ଲୋକ ନିଜ କାମ ନିଜେ କରନ୍ତି ନାହିଁ। ସବୁକାମ ପାଇଁ ସେମାନେ ଅନ୍ୟାନ୍ୟ ସେବାପ୍ରଦାନକାରୀଙ୍କ ଉପରେ ନିର୍ଭର କରିଥାଆନ୍ତି। ଏ ପରିସ୍ଥିତିରେ ପ୍ରାକୃତିକ ବିପର୍ଯ୍ୟୟର ସୂଚନା ପାଇ ଯଦି ସେବାପ୍ରଦାନକାରୀମାନେ ନିଜ ନିଜ ଗାଁକୁ ଚାଲିଯାଆନ୍ତି, ତେବେ ସହରୀ ଲୋକମାନେ ଅସହାୟ ହୋଇପଡ଼ିବା ସ୍ୱାଭାବିକ।

ଫନୀ ଦ୍ୱାରା ପୁରୀ ଓ ଖୋର୍ଦ୍ଧା ଜିଲା ସର୍ବାଧିକ ପ୍ରଭାବିତ ହୋଇଥିଲେ ମଧ୍ୟ ରାଜଧାନୀ ଭୁବନେଶ୍ୱର ଓ ପୁରୀ ସଦରମହକୁମା ଅଞ୍ଚଳର ଲୋକମାନେ ଜିଲାର ଅନ୍ୟ ଅଞ୍ଚଳ ଅପେକ୍ଷା ଅଧିକ ଅସୁବିଧାରେ ପଡ଼ିଲେ। ଓଡ଼ିଶା ସରକାର ବାତ୍ୟା ଦାଉରୁ ବହୁ ଲୋକଙ୍କ ଜୀବନ ବଞ୍ଚେଇବାରେ ସକ୍ଷମ ହୋଇପାରିଥିଲେ, କିନ୍ତୁ ବାତ୍ୟା ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ବିଜୁଳିସେବା ଓ ଯୋଗାଯୋଗର ମୁଖ୍ୟମାଧ୍ୟମ ଟେଲିଫୋନ୍‌ତଥା ମୋବାଇଲ୍‌ସେବା।

ଆମ ରାଜ୍ୟରେ ଭୁବନେଶ୍ୱର ହିଁ ହେଉଛି ସବୁଠାରୁ ଆଧୁନିକ ସହର, ଯେଉଁଠି ସବୁପ୍ରକାର ଆଧୁନିକତା ଓ ବିଳାସବ୍ୟସନର ସାମଗ୍ରୀ ଲୋକଙ୍କ ପାଇଁ ଖଞ୍ଜା ହୋଇରହିଛି। ଚବିଶଘଣ୍ଟିଆ ବିଜୁଳି ଯୋଗାଣ, ପାଇପ୍ ପାଣି ବ୍ୟବସ୍ଥା, ବଡ଼ ବଡ଼ ଅଟ୍ଟାଳିକା, ବିଳାସମୟ ସପିଙ୍ଗ୍ ମଲ୍, ନିୟମିତ ଇଣ୍ଟରନେଟ୍- ସବୁ ଦୃଷ୍ଟିରୁ ଭୁବନେଶ୍ୱର ଯଥେଷ୍ଟ ଆଧୁନିକ ଓ ବିକଶିତ। କିନ୍ତୁ ଫନୀର ତାଣ୍ଡବ ପରେ ପରେ ସବୁଠାରୁ ଅଧିକ ହଇରାଣ ହୋଇଛନ୍ତି ଭୁବନେଶ୍ୱର ବାସିନ୍ଦା। ବାତ୍ୟା ପରଦିନ ଆମେ ଯେତେବେଳେ ଆମ ଗାଁରୁ କଟକ ଓ ଭୁବନେଶ୍ୱର ଗଲୁ, ଆମକୁ କେଉଁଠି ବି କିଛି ଖାଇବାକୁ ମିଳିଲା ନାହିଁ। ଏପରିକି ବ୍ରେଡ୍ ଓ କଦଳୀ ବି ମିଳିଲା ନାହିଁ। ପିଇବା ପାଣି ବି ଦୁଷ୍ପ୍ରାପ୍ୟ ହୋଇଯାଇଥିଲା। ଅନୁସନ୍ଧାନ କରିବାରୁ ବୁଝାପଡ଼ିଲା ଯେ, ସହରରେ ଯେଉଁମାନେ ହୋଟେଲରେ ରୋଷେଇ କରନ୍ତି ବା ଟିଫିନ୍ ତିଆରି କରନ୍ତି, ସେମାନେ ସମସ୍ତେ ବାତ୍ୟାର ସୂଚନା ପାଇ ନିଜ ନିଜ ଗାଁକୁ ଚାଲିଯାଇଥିଲେ। ଏପରିକି ରାସ୍ତାକଡ଼ରେ କଦଳୀ ଓ ଅନ୍ୟାନ୍ୟ ଫଳମୂଳ ବିକ୍ରି କରୁଥିବା ଲୋକମାନେ ବି ନିଜ ନିଜ ଗାଁକୁ ଚାଲିଯାଇଥିବାରୁ ସେସବୁ ବି ମିଳିବା ଅସମ୍ଭବ ହୋଇପଡ଼ିଥିଲା। ଭୁବନେଶ୍ୱର, କଟକ ଓ ପୁରୀ ଭଳି ସହରରେ ଥିବା ବଡ଼ ବଡ଼ ଅଟ୍ଟାଳିକା ଓ ଆପାର୍ଟମେଣ୍ଟରେ ପାଣିର ସୁବିଧା ମୁଖ୍ୟତଃ ବିଜୁଳି ଉପରେ ନିର୍ଭର କରିଥାଏ। କେବଳ ଆପାର୍ଟମେଣ୍ଟ ନୁହେଁ ସହରର ପ୍ରାୟ ସର୍ବତ୍ର ଜଳ ଯୋଗାଣର ମୁଖ୍ୟ ଉତ୍ସ ବିଜୁଳିଶକ୍ତି। ଯେହେତୁ ବାତ୍ୟା ଯୋଗୁ ବିଜୁଳିସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା ତେଣୁ ସହରର ଲୋକମାନେ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ପାଣି ପାଇବାକୁ ଅସୁବିଧାର ସମ୍ମୁଖୀନ ହେଲେ। ଏହି ଅସୁବିଧା ବାତ୍ୟା ଯିବାର ଦଶଦିନ ପର୍ଯ୍ୟନ୍ତ ଲାଗିରହିଥିଲା।

ଯଦିଓ ପ୍ରଶାସନ ତରଫରୁ ଲୋକଙ୍କୁ ଟ୍ୟାଙ୍କରରେ ପାଣି ଯୋଗାଇବାର ବ୍ୟବସ୍ଥା କରାଯାଇଥିଲା, କିନ୍ତୁ ତାହା ଭୁବନେଶ୍ୱର ପରି ଏତେ ବଡ଼ ସହର ଓ ବିଶାଳ ଜନସଂଖ୍ୟାର ସମସ୍ତ ପ୍ରକାର ଆବଶ୍ୟକତାକୁ ପୂରଣ କରିବାକୁ ସକ୍ଷମ ନ ଥିଲା। ବିଜୁଳିର ଅସୁବିଧା ଓ ପାଣିର ସଂକଟ ଯୋଗୁ ଭୁବନେଶ୍ୱରରେ ବିଭିନ୍ନ ପ୍ରକାର ସେବା ଯୋଗାଉଥିବା ଓ ଛୋଟମୋଟ ବ୍ୟବସାୟ କରୁଥିବା ଲୋକମାନେ ବାଧ୍ୟହୋଇ ଭୁବନେଶ୍ୱର ଛାଡ଼ି ନିଜ ନିଜ ଗାଁ ଅଭିମୁଖେ ଚାଲିଯାଉଥିବାର ଦେଖାଗଲା। ଏହାଦ୍ୱାରା ଭୁବନେଶ୍ୱର ପରି ସହରରେ ଅନ୍ୟାନ୍ୟ ସେବାର ଉପଲବ୍ଧତା ବି ସମ୍ଭବପର ହୋଇପାରିଲା ନାହିଁ। ଭୁବନେଶ୍ୱରର ହଜାର ହଜାର ଅଟୋଚାଳକ ବି ଭୁବନେଶ୍ୱରରେ ରହି ହଇରାଣ ହେବା ଅପେକ୍ଷା ନିଜ ଗାଁକୁ ଚାଲିଯିବାକୁ ଅଧିକ ଉଚିତ ମଣିଥିଲେ। ତେଣୁ ଭୁବନେଶ୍ୱରରେ ଯାତାୟାତ ସୁବିଧା ବି କ୍ଷୀଣ ହୋଇଯାଇଥିଲା।

ଆମେ ଯେତେ ଯେତେ ଆଧୁନିକ ହେଉଛୁ ଓ ଆମ ଜୀବନଶୈଳୀକୁ ସ୍ୱଚ୍ଛନ୍ଦ କରିଚାଲୁଛୁ, ସେହି ଜୀବନଶୈଳୀ ପ୍ରାକୃତିକ ବିପର୍ଯ୍ୟୟ ସାମ୍ନାରେ ଆଣ୍ଠୁମାଡ଼ି ପଡୁଥିବାର ଦେଖାଯାଉଛି। ଫନୀ ପରେ ପ୍ରାୟତଃ ଗାଁଗହଳିରେ ଲୋକମାନେ ସେତେ ହଇରାଣ ହେବାର ଦେଖାଯାଇନାହିଁ। ସହରରେ ପାଣିର ଯେଉଁ ଅସୁବିଧା ଦେଖାଗଲା, ଗାଁରେ ବିଜୁଳି ନ ଥିବା ସତ୍ତ୍ୱେ ସେପରି ଅସୁବିଧା ନ ଥିଲା। କାରଣ ଗାଁରେ ଲୋକମାନେ ନଳକୂପ ବା କୂଅ ପାଣି ଉପରେ ନିର୍ଭର କରନ୍ତି। ଗାଁର ଲୋକମାନେ ବି ତାଙ୍କ ନିଜ ଉତ୍ପାଦିତ ଓ ନିଜ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଉପରେ ନିର୍ଭରକରି ଚଳନ୍ତି। ତେଣୁ ଫନୀ ପରେ ଗାଁ ଲୋକମାନେ ବିଶେଷ କିଛି ଅସୁବିଧାରେ ପଡ଼ିଥିବା ଦେଖାଗଲା ନାହିଁ। ଗାଁରେ ଜୀବନ ସହର ପରି ଯନ୍ତ୍ର ଓ ଅନ୍ୟାନ୍ୟ ସେବାପ୍ରଦାନକାରୀଙ୍କ ଉପରେ ନିର୍ଭରଶୀଳ ନ ଥିବାରୁ ଫନୀର ତାଣ୍ଡବ ପରେ ଗାଁ ଯେତେ ଶୀଘ୍ର ଅଣ୍ଟା ଭିଡ଼ି ଠିଆ ହୋଇପାରିଲା, ଆଧୁନିକ ସହର ପାରିଲା ନାହିଁ। ଫନୀ ବାତ୍ୟା ଆଉ ଯାହା କରୁ କି ନ କରୁ ସହରର ଲୋକମାନଙ୍କୁ ଗାଁର ସ୍ୱାବଲମ୍ବନଶୀଳତା ବିଷୟରେ ନିଶ୍ଚିତ ଭାବେ ଚେତେଇ ଦେଇଛି। ପ୍ରାକୃତିକ ବିପର୍ଯ୍ୟୟ ସାମ୍ନାରେ ସହରୀ ଆଧୁନିକ ଜୀବନର ଅସହାୟତା ଓ ସରଳ ଗ୍ରାମ୍ୟ ଜୀବନର ତିଷ୍ଠି ରହିବା, ଆମ ସମ୍ମୁଖରେ ଆଉ ଗୋଟିଏ ଦିଗକୁ ଉଜ୍ଜୀବିତ କରୁଛି। ଅବଶ୍ୟ ଆଧୁନିକ ବିଜ୍ଞାନ ଦ୍ୱାରା ଆମେ ବାତ୍ୟା ଆଗମନର ଯଥେଷ୍ଟ ପୂର୍ବରୁ ଖବର ପାଇ ହୁସିଆର ରହିପାରୁଛୁ। କିନ୍ତୁ ଏଥିସହିତ ଆଧୁନିକ ଜୀବନଶୈଳୀ ଆଣୁଥିବା ଅସହାୟତାକୁ ବି ଫନୀ ଆମକୁ ଦେଖେଇ ଦେଇଗଲା, ଯାହାର ପ୍ରାସଙ୍ଗିକତାକୁ ଏଡ଼େଇ ଦେଇ ହେବନାହିଁ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

## ପାଠକ ଶ୍ରେଷ୍ଠ ବିଚାରକ

### ଭାଇ ଦୁଃଖରେ ଭାଇ

ମହାଶୟ,

ଧରିତ୍ରୀ (୨୦।୪)ରେ ପ୍ରକାଶିତ ଓ ତୁଳସୀ ଦାସ ମିଶ୍ରଙ୍କ ଲିଖିତ 'ଭାଇ ଦୁଃଖରେ ଭାଇ' ପ୍ରବନ୍ଧଟି ପାଠ କଲି। ଲେଖକ ବିଭିନ୍ନ ଉଦାହରଣ ମାଧ୍ୟମରେ ଏହି ପ୍ରବନ୍ଧଟି ଉପସ୍ଥାପନ କରିଛନ୍ତି। ଭାଇ ଭଗାରି ହେବାକୁ ସମୟ ଲାଗେନି। ଅବଶ୍ୟ ସମସ୍ତଙ୍କ କ୍ଷେତ୍ରରେ ନୁହେଁ। ଭାଇ ଭାଇ ମଧ୍ୟରେ ରକ୍ତସମ୍ପର୍କ ରହିଛି। ଜଣେ ବିପଦରେ ପଡିଲେ ଅନ୍ୟ ଭାଇ ତାକୁ ସାହାଯ୍ୟ କରିବା ଉଚିତ। ଭାଇ ଭାଇ ମିଳିମିଶି ଚଳିଲେ ପରିବାରର ସମସ୍ତେ ସୁଖଶାନ୍ତିରେ ରହିବେ।

ମୀନାକୁମାରୀ ମହାପାତ୍ର, ମହତାବ ରୋଡ୍, ପୁରୁଣା ଭୁବନେଶ୍ୱର

### ଶ୍ରୀମନ୍ଦିର ସୁରକ୍ଷା ବଳୟକୁ ଝଟ୍‌କା

ଆତଙ୍କବାଦୀଙ୍କ ଟାର୍ଗେଟରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ସୁରକ୍ଷା ବଳୟକୁ ଝଟକା ଲାଗିଛି। ୨୦।୪।୧୯ରେ ଜଣେ ନାବାଳକ ଶ୍ରୀମନ୍ଦିର ସୁରକ୍ଷା ବଳୟ ଭାଙ୍ଗି ଶ୍ରୀମନ୍ଦିର ଉପରେ ଚଢିବା ସହ ନୀଳଚକ୍ରକୁ ସ୍ପର୍ଶ କରିଛି। ଘଟଣା ଯାହା ହେଉନା କାହିଁକି ଶ୍ରୀମନ୍ଦିର ବାହାରେ, ଭିତରେ ମାଳ ମାଳ ପୋଲିସ ଡ୍ୟୁଟି କରୁଥିବା ବେଳେ ଏହା କିପରି ସମ୍ଭବ ହେଲା? ଉକ୍ତ ନାବାଳକଟି ମନ୍ଦିର ଉପରୁ ତଳକୁ ଓହ୍ଲାଉଥିବା ବେଳେ କେତେକ ସେବକ ଦେଖି ପୋଲିସକୁ ଖବର ଦେଇଥିଲେ। ଏହାପୂର୍ବରୁ ଆଉ ଜଣେ ମାନସିକ ବିକୃତ ଯୁବକ ମନ୍ଦିର ଉପରକୁ ଚଢିବାକୁ ଉଦ୍ୟମ କରୁଥିବା ବେଳେ ଧରାପଡିଥିଲା। ଚଳିତ ମାସ ୨ ଓ ୧୦ ତାରିଖରେ ଯଥାକ୍ରମେ ଦକ୍ଷିଣ ଦ୍ୱାର ନିକଟରେ ଥିବା ରାମଚନ୍ଦ୍ର ମନ୍ଦିର ଓ କୋଇଲିବୈକୁଣ୍ଠସ୍ଥିତ ଅନ୍ନଦାନ ଆଟିକା ବାକ୍ସରୁ ଟଙ୍କା ଚୋରି ହୋଇଥିଲା। ଏହିସବୁ ଘଟଣା ଶ୍ରୀମନ୍ଦିର ସୁରକ୍ଷା ବଳୟ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଭଗବାନ ଦାସ, 'ହରିନିବାସ' ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୩ ମେ ୧୯୯୪

- ମାଲଦ୍ୱିପର ପ୍ରଥମ ଗଣତାନ୍ତ୍ରିକ ରାଷ୍ଟ୍ର ମୁଖ୍ୟ ଭାବେ ବାକିଲି ମୁଲୁଜିଙ୍କ ଶପଥ ଗ୍ରହଣ।
- ମଣିପୁରରେ ନାଗା ଉଗ୍ରପନ୍ଥୀମାନେ ଗୋଟିଏ ଗୀର୍ଜା ଭିତରେ ୨୨ ଜଣ କୁକି ଆଦିବାସୀଙ୍କୁ ହତ୍ୟା କରିଛନ୍ତି।

## ସଂକ୍ଷେପରେ

■ନଖ କାଟିବାବେଳେ ଶିଶୁର ପେଟ କଟିଯିବା ଘଟଣା

### ସୁସ୍ଥ ହୋଇ ଘରକୁ ଗଲେ ଯମୁନା

ଅନୁଗୋଳ ଅଫିସ, ୨୨।୫- ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖଇରା ଗ୍ରାମରେ ଗତ ୧୫ ତାରିଖରେ ମା' ନଖ କାଟିବାବେଳେ ବ୍ଲେଡ ବାଜି ୩ ମାସର ଶିଶୁକନ୍ୟା ଯମୁନାଙ୍କ ପେଟ କଟିଯାଇଥିଲା। ଶିଶୁଟିର ଅନ୍ତବୁଜୁଳା ବାହାରି ପଡିବାରୁ ଅବସ୍ଥା ସଙ୍କଟାପନ୍ନ ହୋଇଥିଲା। ତେବେ ଜିଲାର ଏକ ଘରୋଇ ହସ୍ପିଟାଲରେ ସଫଳ ଅସ୍ତ୍ରୋପଚାର ପରେ ବୁଧବାର ଯମୁନା ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପ୍ରକାଶ ଥାଉ କି, ଖଇରା ଗ୍ରାମର ଦର୍ପଣୀ ଦେହୁରୀ ଝିଅ ଯମୁନାର ନଖ କାଟୁଥିବାବେଳେ ଅସାବଧାନାବଶତଃ ବ୍ଲେଡ ବାଜି ଶିଶୁର ପେଟ କଟିଯାଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲେ ହେଁ ଡାକ୍ତର ଚିକିତ୍ସା କରିବାକୁ ଅକ୍ଷମତା ପ୍ରକାଶ କରିଥିଲେ। ସାମାଜିକ କର୍ମୀ ପର୍ଶୁରାମ ଦାଶ ଓ ପ୍ରତାପ ମହାପାତ୍ରଙ୍କ ସହଯୋଗରେ ଯମୁନାଙ୍କୁ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସୋମନାଥ ଗଡନାୟକ ଓ ଡାକ୍ତର ଦିଗାମ୍ବର ପଣ୍ଡା ଶିଶୁଟିର ସଫଳ ଅସ୍ତ୍ରୋପଚାର କରିଥିଲେ। ଏବେ ଯମୁନା ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ଡାକ୍ତର କହିବା ସହ ତାଙ୍କୁ ଘରକୁ ନେବାକୁ ପରାମର୍ଶ ଦେଇଛନ୍ତି।

### ଗୋଟିଏ ରାତିରେ ୩ ସ୍ଥାନରୁ ଚୋରି

ବଇଣ୍ଡା,୨୨।୫(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଛକରୁ ମଙ୍ଗଳବାର ରାତିରେ ୩ଟି ଦୋକାନରୁ ଚୋରି ହୋଇଛି। ବଇଣ୍ଡା ଛକରେ ଦୋକାନ ଦେଇଥିବା ଫଳ ବ୍ୟବସାୟୀ ଶିପୁନ ଦାସ, ଘନଶ୍ୟାମ ସାହୁ ଓ ସୁନୀଲ ବେହେରାଙ୍କର ଫଳ ଦୋକାନ ଗୁଡ଼ିକରୁ ତାଟି ତାଡ଼ି ଫଳ ସହିତ ଟଙ୍କା ଓ କିଛି ଆସବାବପତ୍ର ଚୋରି ହୋଇଯାଇଥିବା ଜଣାପଡ଼ିଛି। ଏ ନେଇ ବ୍ୟବସାୟୀମାନେ ବଇଣ୍ଡା ଫାଣ୍ଡି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୋଲିସ ପକ୍ଷରୁ ରାତି ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି।

# ଆଜି ଇଭିଏମ୍‌ରୁ ବାହାରିବ ପ୍ରାର୍ଥୀଙ୍କ ଭାଗ୍ୟ

ଅନୁଗୋଳ ଅଫିସ, ୨୨।୫

ସାଧାରଣ ନିର୍ବାଚନର ଫଳାଫଳକୁ ନେଇ ଲାଗି ରହିଥିବା ଉତ୍କଣ୍ଠା ଗୁରୁବାର ଶେଷ ହେବ। ଇଭିଏମ୍‌ରେ ବନ୍ଦୀ ପ୍ରାର୍ଥୀଙ୍କ ଭାଗ୍ୟଫଳ ପ୍ରକାଶ ପାଇବା ପରେ ସବୁ ଆଶା ଆଶଙ୍କା, ଗଣିତ କଷାରେ ପୂର୍ଣ୍ଣଚ୍ଛେଦ ପଡିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ କରିଛି ଅନୁଗୋଳ ଜିଲା ପ୍ରଶାସନ। ଗୁରୁବାର ସକାଳ ୮ଟାରୁ ଜିଲାର ୪ ସ୍ଥାନରେ ଭୋଟ ଗଣତି ଆରମ୍ଭ ହେବ। ସମସ୍ତ କାର୍ଯ୍ୟ ନିୟମାନୁଯାୟୀ ଓ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ବ୍ୟାପକ ପ୍ରସ୍ତୁତି ଚୂଡାନ୍ତ ହୋଇଥିବା ସୂଚନା ଦିଆଯାଇଛି।

ଗତ ଏପ୍ରିଲ ୨୩ ତାରିଖରେ ଜିଲାର ୫ ନିର୍ବାଚନ ମଣ୍ଡଳୀ ପାଇଁ ମତଦାନ ହୋଇଥିଲା। ଗୁରୁବାର ଜିଲାର ମୋଟ ୪ଟି ସ୍ଥାନରେ ଭୋଟ ଗଣତି କରାଯିବ ବୋଲି ଜିଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ସୂଚନା ଅନୁଯାୟୀ, ଅନୁଗୋଳ ଓ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଭୋଟ ଗଣତି ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ କରାଯିବ। ମହାବିଦ୍ୟାଳୟର ନିୟୁ ବିଲ୍ଡିଂରେ ଅନୁଗୋଳ ନିର୍ବାଚନ ମଣ୍ଡଳୀର ଏବଂ ପୁରୁଣା ବିଲ୍ଡିଂରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଭୋଟ ଗଣତି କରାଯିବ ବୋଲି ନିର୍ବାଚନ ଅଧିକାରୀ ବାସୁଦେବ ଶତପଥୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ତାଳଚେର ମହାବିଦ୍ୟାଳୟରେ ତାଳଚେର ନିର୍ବାଚନ ମଣ୍ଡଳୀର ଭୋଟ ଗଣତି କରାଯିବାକୁ ଥିବାବେଳେ ପାଲଲହଡ଼ାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ଭୋଟ ଗଣତି କରାଯିବ। ସେହିପରି ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ଭୋଟ ଗଣତି ଆଠମଲ୍ଲିକ ମହାବିଦ୍ୟାଳୟରେ କରାଯିବ ବୋଲି ସ୍ଥିର ହୋଇଛି। ମୋଟ ୭୮ଟି ଟେବୁଲରେ ୨୩୪ ଜଣ ସରକାରୀ କର୍ମଚାରୀ ଭୋଟ ଗଣତି କରିବେ। ଅନୁଗୋଳରେ ଭୋଟ ଗଣତି ପାଇଁ ୧୮ ଏବଂ ଛେଣ୍ଡିପଦା ପାଇଁ ୧୬ଟି ଟେବୁଲ କରାଯାଇଛି। ତାଳଚେର ଭୋଟ ଗଣତି କେନ୍ଦ୍ରରେ ୧୪ଟି ଟେବୁଲ କରାଯାଇଥିବାବେଳେ ପାଲଲହଡ଼ାରେ ୧୬ଟି ଓ ଆଠମଲ୍ଲିକରେ ୧୪ଟି ଟେବୁଲ ଭୋଟ ଗଣତି ପାଇଁ ପ୍ରସ୍ତୁତ କରାଯାଇଛି। ସେହିପରି ପୋଷ୍ଟାଲ ବାଲଟ ପାଇଁ ପ୍ରତି ନିର୍ବାଚନ ମଣ୍ଡଳୀରେ ଗୋଟିଏ ଲେଖାଏ ଟେବୁଲ କରାଯାଇଛି। ଏଥିସହ ଇଲୋକ୍ଟରାଲ ଟ୍ରାନ୍ସଫର ପୋଷ୍ଟାଲ ବାଲଟ ସିଷ୍ଟମ ପାଇଁ ବାରକୋଡ ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଛି। ପ୍ରତ୍ୟେକ ଟେବୁଲରେ ଭୋଟ ଗଣତି କରୁଥିବା କର୍ମଚାରୀଙ୍କ ପାଇଁ ଜଣେ ଲେଖାଏଁ ରିଜର୍ଭ କର୍ମଚାରୀଙ୍କୁ ରଖାଯାଇଛି। ଗଣତି କେନ୍ଦ୍ରକୁ ମୋବାଇଲ ଫୋନ୍ କିମ୍ବା କୌଣସି ପ୍ରକାର ଇଲୋକ୍ଟ୍ରୋନିକ୍ସ ଡିଭାଇସ ଭୋଟ ଗଣତି କର୍ମଚାରୀ ଓ କିମ୍ବା ରାଜନୈତିକ ଦଳର ପ୍ରତିନିଧିମାନେ ନେଇ ପାରିବେ ନାହିଁ ବୋଲି ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। କେବଳ ପର୍ଯ୍ୟବେକ୍ଷକ ଓ ନିର୍ବାଚନ ଅଧିକାରୀଙ୍କ ମୋବାଇଲ ଭୋଟ ଗଣତି ପରିସରକୁ ଯାଇପାରିବ। ସମସ୍ତ କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ସୂଚନା ଦେଇଛନ୍ତି। ୪ଟି କେନ୍ଦ୍ରରେ ୩ ଜଣ ଆଡିସିନାଲ ଏସ୍‌ପି, ଡିଏସ୍‌ପି, ଏସ୍‌ଡିପିଓ ଓ ସମସ୍ତ ଥାନାର ଅଧିକାରୀମାନେ ମୁତୟନ ହେବେ। ଏଥିସହ ଜିଲାରେ ମୋଟ ୪ ପ୍ଲାଟୁନ ସଶସ୍ତ୍ର ସିଆରପିଏଫ ଯବାନ ମୁତୟନ କରାଯିବାକୁ ଥିବାବେଳେ ଓଡ଼ିଶା ଆର୍ମ ପୋଲିସ ଫୋର୍ସ, ୨୦ ପ୍ଲାଟୁନ ଜିଲା ପୋଲିସ, ଶହେ ହୋମଗାର୍ଡ ସୁରକ୍ଷା ବ୍ୟବସ୍ଥାରେ ରହିବେ ବୋଲି ଏସ୍‌ପି ମହାପାତ୍ର କହିଛନ୍ତି।

ଅନ୍ୟପକ୍ଷରେ ଭୋଟ ଗଣତି କେନ୍ଦ୍ରଗୁଡ଼ିକରେ ଶୀତତାପ ନିୟନ୍ତ୍ରକ ଓ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ କରାଯାଇଛି। ପ୍ରତି କେନ୍ଦ୍ରରେ ଆଶୁ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯିବା ସହ ସମସ୍ତ କେନ୍ଦ୍ରରେ ଆମ୍ବୁଲାନ୍ସ ମହଜୁଦ ରହିବ ବୋଲି ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ସେହିପରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଗୋଟିଏ କ୍ୟାବିନ ଭୋଟ ଗଣତି କର୍ମଚାରୀଙ୍କ ପାଇଁ ରିଜର୍ଭ ରଖାଯାଇଛି।

ଅନୁଗୋଳର ୫ଟି ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ୪୨ ଜଣ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ସେମାନଙ୍କ ମଧ୍ୟରୁ ଅନୁଗୋଳ ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୧୦ ଜଣ ପ୍ରାର୍ଥୀ ଥିବାବେଳେ ପାଲଲହଡ଼ାରେ ୧୦, ଛେଣ୍ଡିପଦାରେ ୮, ତାଳଚେରରେ ୮ ଓ ଆଠମଲ୍ଲିକରେ ୬ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତରଣ କରିଥିଲେ। ମୋଟ୍ ୧୧୬୩ଟି ମତଦାନ କେନ୍ଦ୍ରରେ ୭ ଲକ୍ଷ ୫୩ ହଜାର ୮୭୦ ଜଣ ମତଦାତା ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ।



ଅନୁଗୋଳ ଭୋଟ ଗଣତି କେନ୍ଦ୍ର।

■ଜିଲାର ୪ ସ୍ଥାନରେ ଭୋଟ ଗଣତି
■୭୮ ଟେବୁଲରେ ଭୋଟ ଗଣିବେ ୨୩୪ କର୍ମଚାରୀ
■କେନ୍ଦ୍ରକୁ ମୋବାଇଲ ମନା, ତ୍ରିସ୍ତରୀୟ ସୁରକ୍ଷା

### କଲେଜ ରୋଡ଼ରେ ଯାତାୟାତ କରିପାରିବନି ଗାଡ଼ି

ଅନୁଗୋଳ ଅଫିସ, ୨୨।୫

ଅନୁଗୋଳରେ ଭୋଟ ଗଣତି ସମୟରେ କଲେଜ ରାସ୍ତାରେ ପୋଲିସ ପକ୍ଷରୁ କଟକଣା ଜାରି କରାଯାଇଛି। ଗଣତି କେନ୍ଦ୍ର ନିକଟରେ ଜନସମାଗମକୁ ଓ ଟ୍ରାଫିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଅନୁଗୋଳ ଉପଜିଲାପାଳଙ୍କ ଆବାସ ନିକଟରୁ ହାଟଛକ ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ି ମୋଟର ଚଳାଚଳ କରିବ ନାହିଁ ବୋଲି ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ସକାଳ ସାଢ଼େ ୭ଟାରୁ ଭୋଟ ଗଣତି ଶେଷ ହେବା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଗାଡ଼ି ଗୁଡ଼ିକ ତାମ୍ରିତ କଲୋନୀ ଓ ମିଶ୍ରପଡ଼ା ଦେଇ ଯିବ ବୋଲି ସେ କହିଛନ୍ତି।

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



Arshita Priyadarshini
(Payal)
ଆଜି ତୋର ଶୁଭ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି କାମନା କରୁଛୁ, ସେ ତୋତେ ସହାୟ ହୁଅନ୍ତୁ ଏବଂ ସଦାସର୍ବଦା ତୋ ସହ ଥାଆନ୍ତୁ।
ଶୁଭେଚ୍ଛା ସହ
ବାବା, ମାମା, ଜେଜେ, ଜେଜେମା, ପିଇସୀ ମାମା, ପିଇସା, ପୁର୍ବି ଦିଦି, ଅଜା, ଆଈ, ମାମୁ, ମାଇଁ, ମାଉସୀ ଏବଂ ପରିବାର ବର୍ଗ
ଧ-୧୨୫୪୩

ପ୍ରଥମ ବର୍ଷର ଜନ୍ମଦିନର ଅଭିନନ୍ଦନ



(ବାପୁନ୍)
ଅଂଶୁମାନ କୁମାର
ସତ୍ୟନଗର, ଭୁବନେଶ୍ୱର
ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ଅପାର କରୁଣାରୁ ତାର ଚଲାପଥରେ ପୁଷ୍ପବୃଷ୍ଟି ହେବା ସଙ୍ଗେ ସଙ୍ଗେ ତାଙ୍କୁ ଦୀର୍ଘାୟୁ କରିବା ସହିତ ଭବିଷ୍ୟତ ଉଜ୍ଜ୍ୱଳମୟ କରିବା ପାଇଁ ପ୍ରାର୍ଥନା।
ଶୁଭେଚ୍ଛା ସହ:
ଠାକୁର ଆଈ, ଆଈ, ଅଜା, ବଡ଼ମାମୁ, ସାନମାମୁ
ଧ-୧୨୬୦୫

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## କେବୁଲ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ଛେଣ୍ଡିପଦା,୨୨।୫(ସ୍ୱ.ପ୍ର)

ଅନୁଗୋଳ-ଛେଣ୍ଡିପଦା ୬୩ ନଂ. ରାଜ୍ୟ ରାଜପଥର ଛେଣ୍ଡିପଦା ଥାନା କୋଶଳା ରସର୍ଚ୍ଚ ନର୍ସରୀ ପାଖରେ ଥିବା ତାରିଣୀ ମନ୍ଦିର ନିକଟରେ ଏକ ଟ୍ରକ (ନଂ.ଓଡି୧୯ଏଫ୨୭୪୭) ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାପରେ ଗାଡ଼ି ଚାଳକ ଫେରାର ହୋଇ ଯାଇଥିବା ଜଣାପଡିଛି। ଟ୍ରକଟି ଛେଣ୍ଡିପଦାରୁ ଅନୁଗୋଳ ଅଭିମୁଖେ ବିଦ୍ୟୁତ୍ କେବୁଲ ନେଇ ଯାଉଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବରପଜାଇ ପୋଲିସ ଟ୍ରକ ଜବତ କରି ଘଟଣାର ତଦନ୍ତ ଚଳାଇଛି।



## ରୋଲର ସ୍କେଟିଂ ପ୍ରତିଯୋଗିତା ଉଦ୍‌ଘାଟିତ

ତାଳଚେର, ୨୨।୫(ନି.ପ୍ର.)

ଅନୁଗୋଳ ଜେସିଆଇ ଶାଖା ପକ୍ଷରୁ ସ୍ଥାନୀୟ ହାଟତୋଟା ପ୍ରଜାମଣ୍ଡଳ ଭବନ ପରିସରରେ ରୋଲର ସ୍କେଟିଂ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତାଳଚେରର ଅତିରିକ୍ତ ଏସ୍‌ପି ସନ୍ତୋଷ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଜୋନ ସଭାପତି ରାଜେଶ ସରାଫ, ସମ୍ମାନିତ ଅତିଥି ଭାବେ ନିର୍ବାହୀ ଅଧିକାରୀ ଅତସି ପରିଡା, ପ୍ରଶିକ୍ଷକ ରବୀନ୍ଦ୍ର ମିଶାଲ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସଭାପତି ମହେଶ ଗର୍ଗ ଏଥିରେ ଅଧକ୍ଷତା କରିଥିଲେ। ସମ୍ପାଦକ ସୁନୀଲ ଅଗ୍ରୱାଲ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ରାକେଶ ଗୁପ୍ତା ମଞ୍ଚ ପରିଚାଳନା କରିଥିଲେ। ପୂର୍ବତନ ସଭାପତି ଆଶିଷ ଅଗ୍ରୱାଲ, କୈଳାସ ଅଗ୍ରୱାଲ, ପଙ୍କଜ ଅଗ୍ରୱାଲ, କମଲ ଅଗ୍ରୱାଲ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୨୬ରେ ଉଦ୍‌ଯାପିତ ହେବ।



■ଦିନରେ ସମ୍ଭାଳୁଛନ୍ତି ବ୍ୟବସାୟ, ରାତିରେ ଗାୟକ

# ୪୫ ବର୍ଷରେ ୫ ହଜାର ମଞ୍ଚ

(ଦୀନେଶ ଦେହୁରୀ)
ବନ୍ତଲା,୨୨।୫

ଦିନରେ ମା'ଙ୍କ ବ୍ୟବସାୟକୁ ବଢ଼ାଉଛନ୍ତି ଆଗକୁ। ଆଉ ରାତିରେ ଜାମାଯୋଡ ହୋଇ ଚାମର ଧରି ଗାୟକ, ପାଳିଆଙ୍କ ସାଥେ ଓହ୍ଲାଉଛନ୍ତି ମଞ୍ଚକୁ। ଦୀର୍ଘ ୪୫ ବର୍ଷ ମଧ୍ୟରେ ୫ ହଜାରରୁ ଅଧିକ ସ୍ଥାନରେ ପାଲା ପରିବେଷଣ କରିସାରିଲେଣି ଗାୟକ ସୁରେଶ ସାହୁ (୬୯)। ୭ଶହ ବାଦୀପାଲାରେ ସେ ଅଂଶଗ୍ରହଣ କରିଥିବା ବେଳେ ୧୯ଥର ରେଡିଓ ଓ ୬ଥର ଟିଭିରେ ନିଜ କଳା ପ୍ରଦର୍ଶନ କରି ସାଉଣ୍ଟିଛନ୍ତି ଅନେକ ପ୍ରଶଂସା ଓ ପ୍ରମାଣପତ୍ର।

ବାପା ପ୍ରାଣବନ୍ଧୁ ସାହୁଙ୍କ କଳାରେ ବଳିୟାନ ଗାୟକ ସୁରେଶଙ୍କ ଘର ଅନୁଗୋଳ ଜିଲା ବନ୍ତଲା ଥାନା ପୋକତୁଙ୍ଗା ଗ୍ରାମରେ। ମାତ୍ର ୫ ବର୍ଷ ବୟସରେ ସେ ହରାଇଥିଲେ ବାପାଙ୍କୁ। ଗାଁରେ ଛୋଟ ଜଳଖିଆ ଦୋକାନ କରିଥିବା ମା' ରାଧିକା ୪ ପିଲାଙ୍କ ପେଟକୁ ଦାନା ଦେବାରେ ସମର୍ଥ ହୋଇଥିଲେ ହେଁ ଅଧିକ ପାଠ ପଢ଼ାଇ ପାରି ନ ଥିଲେ କାହାକୁ। ସବୁଠୁ ସାନ ସୁରେଶ ଏମ୍.ଇ. ସ୍କୁଲ ପର୍ଯ୍ୟନ୍ତ ଯାଇପାରିଥିଲେ। ପରେ ମାମୁଙ୍କ ସହାୟତା ଯୋଗୁ ୧୯୬୮ରେ ସେ ଏକାଦଶ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାଭିତରେ ମା'ଙ୍କଠାରୁ ଜଳଖିଆ ପ୍ରସ୍ତୁତି କାର୍ଯ୍ୟ ସମ୍ପୂର୍ଣ୍ଣ ଶିଖି ନେବା ସହ ବ୍ୟବସାୟକୁ ମଧ୍ୟ ଆଦରି ନେଇଥିଲେ। ହେଲେ ତାଙ୍କ କଣ୍ଠ ସ୍ୱର ଭଲ ହୋଇଥିବାରୁ ସ୍କୁଲ ଶିକ୍ଷକ ଓ ସାଙ୍ଗମାନେ ବାପାଙ୍କ ପରି ପାଲା ଗାଇବାକୁ ତାଙ୍କୁ ପରାମର୍ଶ ଦେଇଥିଲେ। ତାହାକୁ ମଧ୍ୟ ଗ୍ରହଣ କରି ନେଇଥିଲେ ସୁରେଶ। ବାପାଙ୍କ ଚାମର, ବହି, ଗିନିକୁ ମା'ଙ୍କଠାରୁ ନେଇ ୧୯୭୩ରେ ଅନୁଗୋଳର ପାଲା ଗାୟକ ପାଇଛା ନନ୍ଦ ନାଥଙ୍କୁ ଗୁରୁ କରି ସେ ପାଲା ଶିଖିବା ଆରମ୍ଭ କରିଥିଲେ। ପରେ ଜଗତସିଂହପୁର ଜିଲା କୁଜଙ୍ଗ ବାଘୁଆଠେଙ୍ଗର ନିଶାକର ଷଡଙ୍ଗୀ, ନୟାଗଡ଼ ଜିଲା ସାଲୁଣିର ଗୋବର୍ଦ୍ଧନ ବେହେରାଙ୍କ ନିକଟରେ ମଧ୍ୟ କାମ କଲେ। ଗାୟକ ବିଦ୍ୟାରେ ପାରଙ୍ଗମ ହେବା ପରେ ୧୯୭୪ରେ ସେ ନିଜେ ଓହ୍ଲାଇଥିଲେ ମଞ୍ଚକୁ। ୧୯୭୭ରେ ବିବାହ ତାଙ୍କୁ ଆର୍ଥିକ ସଙ୍କଟର ସମ୍ମୁଖୀନ କରାଇଥିଲା। ତେଣୁ ୧୯୮୧ରେ ସେ ମା'ଙ୍କ ଜଳଖିଆ ଦୋକାନ ସମ୍ଭାଳିଲେ। ଦିନତମାମ ଦୋକାନରେ ଜଳଖିଆ ପ୍ରସ୍ତୁତି ଓ ବିକ୍ରି ସହ ରାତିରେ ନିମନ୍ତ୍ରଣ ଅନୁଯାୟୀ ବିଭିନ୍ନ ଗାଁରେ ପାଲା ପରିବେଷଣ କଲେ। ପ୍ରଥମେ ପାଲାରୁ ମାତ୍ର ୩୦ ଟଙ୍କା ମିଳୁଥିଲା। ହେଲେ ଏବେ ୭ ହଜାରରୁ ଅଧିକ ଟଙ୍କା ସେ ପାଇପାରୁଛନ୍ତି। ୭୦୦ରୁ ଉର୍ଦ୍ଧ୍ୱ ବାଦ ମଞ୍ଚ, ୫୦୦୦ରୁ ଅଧିକ ମଞ୍ଚ, ୧୯ ଥର ରେଡିଓ ଏବଂ ୬ଥର ଟିଭିରେ ପାଲା ପରିବେଷଣ କରିସାରିଛନ୍ତି। ଜିଲା ଓ ରାଜ୍ୟସ୍ତରରେ ପୁରସ୍କୃତ ମଧ୍ୟ ହୋଇଛନ୍ତି। ସମ୍ବଲପୁରରେ ପାଲା ପରିବେଷଣ ବେଳେ ଗାୟକ ସ୍ୱରଶ୍ରେଷ୍ଠ ଓ ଅନୁଗୋଳରେ ତାଙ୍କୁ ଗାୟକ ଭୂଷଣ ଉପାଧିରେ ଭୂଷିତ କରାଯାଇଛି। ଶ୍ରୀ ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ପରିଷଦ ଓଡ଼ିଶା ତରଫରୁ ରାଜ୍ୟସ୍ତରୀୟ ମାନପତ୍ର ଦିଆଯାଇଛି। ଅନୁଗୋଳ ସଂଘ ତରଫରୁ ୨୦ ଥର ମାନପତ୍ର ପାଇଛନ୍ତି। ୫୫୦ରୁ ଉର୍ଦ୍ଧ୍ୱ ସରକାରୀ ସଚେତନତା କାର୍ଯ୍ୟକ୍ରମରେ ଭାଗ ନେଇ ସେ ଗ୍ରାମାଞ୍ଚଳର ଲୋକଙ୍କୁ ସଚେତନ କରିଆସିଛନ୍ତି। ୯ ବର୍ଷ ହେଲା ମାସିକ ୧୨ ଶହ ଟଙ୍କା କଳାକାର ଭତ୍ତା ଆକାରରେ ପାଉଛନ୍ତି। ଦୁଇ ପୁଅ ଓ ଗୋଟିଏ ଝିଅର ବିବାହ ଦେଇସାରିଥିଲେ ବି ବ୍ୟବସାୟ କି ପାଲା ପରିବେଷଣରେ ଏଯାଏ ପୂର୍ଣ୍ଣଚ୍ଛେଦ ଟାଣି ନାହାନ୍ତି ସେ। ଜୀବନ ଥିବା ଯାଏ ପରିବାରର ଏହି ପରମ୍ପରାକୁ ସେ ଆଗେଇ ନେବେ ବୋଲି କହିଛନ୍ତି ସୁରେଶ।



ଦୋକାନରେ ଜଳଖିଆ ପ୍ରସ୍ତୁତ କରୁଛନ୍ତି।



ପାଲା ଜରିଆରେ ସରକାରୀ ସଚେତନତା ବାଣ୍ଟୁଛନ୍ତି।


■ବାପାଙ୍କ କଳାରେ ବଳିୟାନ ସୁରେଶ ସାହୁ
■୭ଶହ ବାଦୀପାଲାରେ କରିଛନ୍ତି ଅଂଶଗ୍ରହଣ
■୧୯ଥର ରେଡିଓ, ୬ ଥର ଟିଭିରେ ପାଲା ପରିବେଷଣ

■ରାଜ୍ୟର ଉତ୍ତପ୍ତ ସହର ତାଳଚେର

# ପାରଦ ଛୁଇଁଲା ୪୪.୩ ଡିଗ୍ରୀ

ତାଳଚେର, ୨୨।୫(ନି.ପ୍ର.)

ତାଳଚେରରେ ବୁଧବାର ରାଜ୍ୟର ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି। ୪୪.୩ ଡିଗ୍ରୀରେ ତାଳଚେର ଉତ୍ତପ୍ତ ସହର ପାଲଟିଛି। ଏହା ପଛକୁ ଝାରସୁଗୁଡାରେ ୪୪ ଓ ସମ୍ବଲପୁରର ୪୩.୯ ଡିଗ୍ରୀ ତାପମାତ୍ରା ରହିଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ସହର ଜଳୁଥିବାବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଲୋକେ ଘରୁ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ଚାରିଆଡେ ନିଆଁ ବର୍ଷିଲା ଭଳି ଅନୁଭୂତ ହେଉଛି। କ୍ରମାଗତ ଭାବେ ତାଳଚେରରେ ତାତି ବଢୁଥିବାରୁ ଆଗାମୀ ଦିନରେ ସ୍ଥିତି ଆହୁରି ଭୟଙ୍କର ହେବା କଥା ଭାବି ଲୋକେ ଚିନ୍ତାରେ ପଡିଛନ୍ତି। ଏପରି ସମୟରେ ବିଦ୍ୟୁତ୍ ବିଭ୍ରାଟ, ପାନୀୟ ଜଳ ସମସ୍ୟା ଲୋକଙ୍କ ଦୁର୍ଦ୍ଦଶାକୁ ଆହୁରି ବଢାଇଛି।




ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




ସ୍ୱର୍ଗତା କଳ୍ପନା କୁମାରୀ ଦାଶ
Dash Glass Company MKD Associates, Police line, VIP Road
ଆବିର୍ଭାବ: ୨୮।୦୭।୧୯୫୦
ତିରୋଧାନ: ୧୫।୦୫।୨୦୧୭
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ
Contact: 9438180180, 9861080180
ଧ-୬୩୭୭୦

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ନାୟକ
ଦିଘ୍, ତାଳଚେର
ପୂର୍ବତନ ଶିକ୍ଷାବିତ୍ ତଥା ସରକାରୀ ଅଧିକାରୀ
ଆବିର୍ଭାବ: ୧୦।୧୧।୧୯୩୭
ତିରୋଧାନ: ୦୪।୦୫।୨୦୧୮
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ତଥା କର୍ତ୍ତବ୍ୟ ପରାୟଣତା ଏବଂ ସର୍ବୋପରି ଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ପାଥେୟକରି ଆମ୍ଭେମାନେ ଜୀବନରେ ଆଗେଇଚାଲୁ ଏତିକି ଆଶୀର୍ବାଦ କରୁଥାଅ। ତୁମର ଅମର ଆତ୍ମା ଚିର ଶାନ୍ତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁତ୍ର-ଜ୍ଞାନ, ଭୂପେନ, ପୃଥ୍ୱିରାଜ, ପୁତ୍ରବଧୂ- ସୁମିତ୍ରା, ସୁନିତା, କନ୍ୟା- ସନ୍ଧ୍ୟା, ଶୋଭା, ଜ୍ୱାଇଁ- ସୁରେନ୍ଦ୍ର, ମନୋଜ ଓ ନାତି, ନାତୁଣୀ- ମଣ୍ଟୁ, ସୋମ, ମୁମୁ ସାନ, ସିଦ୍ଧି, ସୃଷ୍ଟି ଓ ପରିବାରବର୍ଗ।
ଧ-୧୨୬୧୦

୩୩ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭାସ୍କର ହରିଚନ୍ଦନ
ନୟାପଲ୍ଲୀ, ଗଡ଼ସାହି
ତିରୋଧାନ: ଜ୍ୟେଷ୍ଠ କୃଷ୍ଣପକ୍ଷ ପଞ୍ଚମୀ ତିଥି
ତୁମର ସ୍ୱଚ୍ଛ ଆନ୍ତରିକତା ଦୟା, କ୍ଷମା, ସ୍ନେହ, ଶ୍ରଦ୍ଧା ଆମକୁ ଅନୁପ୍ରାଣିତ କରୁଥାଉ। ଆମେ ପରମବ୍ରହ୍ମଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପୁତ୍ର, ପୁତ୍ରବଧୂ- ରଘୁନାଥ, ଆରତୀ, ନାତୁଣୀ-ଲକି, ଲିକି ଓ ପରିବାରବର୍ଗ
ଧ-୧୨୫୮୩

## ସଂକ୍ଷେପରେ

### ସ୍କୁଲ, କଲେଜର ଖରାଛୁଟି ଅଙ୍ଗନୱ୍ାଡି ଶିଶୁଙ୍କ ଛୁଟି ହେଉନି

ଭବାନୀପାଟଣା,୨୨।୫(ଡି.ଏନ.ଏ.) ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ କରି ଚଳିତବର୍ଷ ରାଜ୍ୟ ସରକାର ସମସ୍ତ ସ୍କୁଲ, କଲେଜଗୁଡିକ ଆଗୁଆ ଛୁଟି ଘୋଷଣା କରିଛନ୍ତି। ଫଳରେ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଖରାଛୁଟି ପାଇବା ସଙ୍ଗେ ଶିକ୍ଷକଶିକ୍ଷୟିତ୍ରୀ ମଧ ଖରାଛୁଟି ପାଇଛନ୍ତି। କିନ୍ତୁ ଏଥିରୁ ବଞ୍ଚିତ ହୋଇଛନ୍ତି ଅଙ୍ଗନୱ୍ାଡି କେନ୍ଦ୍ରର କୁନି ପିଲାଙ୍କ ସହିତ ଅଙ୍ଗନୱ୍ାଡି କର୍ମୀ । ଏହି କେନ୍ଦ୍ରଗୁଡିକରେ ବର୍ତ୍ତମାନ ସୁଦ୍ଧା ଖରାଛୁଟି ଘୋଷଣା ହୋଇନାହିଁ । ଫଳରେ ଭବାନୀପାଟଣା ବ୍ଲକ ଅଙ୍ଗନୱ୍ାଡି କେନ୍ଦ୍ରର ଶହ ଶହ ଶିଶୁ ଏବେ ମଧ ଖରାରେ ସ୍କୁଲ ଆସିବାକୁ ବାଧ ହେଉଛନ୍ତି। ସେହିପରି ପାଚିକାମାନଙ୍କ କାର୍ଯ୍ୟ ଅସହ୍ୟ ଗୁଲୁଗୁଳିରେ ବହୁ ଅଙ୍ଗନୱ୍ାଡି କେନ୍ଦ୍ରରେ ଏବେ ମଧ ଚୁଲି ଓ କାଠ ଜାଳରେ ପିଲାଙ୍କା ପାଇଁ ରୋଷେଇ ଚାଲିଛି। ଏ ନେଇ ଭବାନୀପାଟଣା ସିଡିପିଓ ଏମ. ସୁଧାରାଣୀଙ୍କୁ ପଚାରିବାରୁ ସେ କହିଥିଲେ ଯେ ଗତ ଦୁଇ ଦିନ ତଳେ ଏ ନେଇ ଜିଲା ଏବଂ ରାଜ୍ୟ ଶିଶୁ ମଙ୍ଗଳ ଅଧିକାରୀଙ୍କ ସମେତ ଭିଡିଓ କନ୍‌ଫେରେନ୍ସ ଜରିଆରେ ଆଲୋଚନା ହୋଇଥିଲା। ତେବେ ନିର୍ଦ୍ଧିଷ୍ଟ ଭାବେ କୌଣସି ତାରିଖ ଘୋଷଣା ହୋଇ ନ ଥିଲେ ମଧ କେବଳ ଗୀଷ୍ମ ପ୍ରବାହ ପାଇଁ ୧୫ ଦିନ ଅଙ୍ଗନୱ୍ାଡି କେନ୍ଦ୍ର ଛୁଟି କରିବାରୁ ସରକାର ଚିଠି କରିଥିବା ସୁଧାରାଣୀ କହିଛନ୍ତି। ଭବାନୀପାଟଣା ସମେତ ସମଗ୍ର କଳାହାଣ୍ଡି ଜିଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବୁଧବାର ପାରଦ ୪୩.୫ ଡିଗ୍ରୀରେ ପହଞ୍ଚି ଥିବା ସୂଚନା ମିଳିଛି। ଏଭଳି ସ୍ଥିତିରେ ଅଙ୍ଗନୱ୍ାଡି ବନ୍ଦ କରାଯାଇ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ଅସହ୍ୟ ତାରିରୁ ପିଲାଙ୍କ ରକ୍ଷା ପାଇଁ ତୁରନ୍ତ ଅଙ୍ଗନୱ୍ାଡି କେନ୍ଦ୍ର ବନ୍ଦ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

### କ୍ୟାନ୍‌ସର ପୀଡ଼ିତ ଶିଶୁଙ୍କୁ କଟକ ବଡ଼ମେଡିକାଲ ସ୍ଥାନାନ୍ତର



କ୍ୟାନ୍‌ସର ପୀଡ଼ିତ ମଳୟ।

ନୂଆପଡା ଅଫିସ/ସିନାପାଲି, ୨୨।୫ (ଡି.ଏନ.ଏ.) ନୂଆପଡା ଜିଲା ସିନାପାଲି ବ୍ଲକ ଝାରବନ୍ଧ ଗ୍ରାମପଞ୍ଚାୟତ ଡିଲେଇମାଲ ଗ୍ରାମର ବୁଧୁରାମ ବାଗଙ୍କ ପୁଅ ମଳୟ (୯) ଆଖି କ୍ୟାନ୍ସରରେ ପୀଡିତ । ତାଙ୍କ ମା'ବାପା ପୁଅର ଚିକିତ୍ସା ଖର୍ଚ୍ଚ ତୁଲାଇପାରୁ ନ ଥିବାରୁ ଶିଶୁ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଏହି ଖବର ଶୁଣି ସିନାପାଲି ଗ୍ରାମବାସୀ ବିଭିନ୍ନ ସଙ୍ଗଠନଠାରୁ ଅର୍ଥ ସଂଗ୍ରହ କରି ଶିଶୁଙ୍କୁ କଟକ ବଡମେଡିକାଲକୁ ଚିକିତ୍ସା ସକାଶେ ପଠାଇଛନ୍ତି । ପ୍ରକାଶ ଯେ, ଆଜକୁ ୭ ମାସ ତଳେ ମଳୟ ଗାଁ ସାଥୀଙ୍କ ସହ ଖେଳୁଥିବା ସମୟରେ ଡାହାଣ ଆଖିରେ ଆଘାତ ଲାଗିଥିଲା । ଠିକ ସମୟରେ ଚିକିତ୍ସିତ ନ ହେବାରୁ ଆଖିର ଅବସ୍ଥା ଖରାପ ହେଲା । ବୁଧୁରାମ ଘରର ସବୁ ଆସବାବ ବିକ୍ରି କରି ପ୍ରଥମେ ବୁର୍ଲା ଏବଂ ପରେ ବିଶାଖାପାଟଣାକୁ ନେଇଥିଲେ । ହେଲେ ଅର୍ଥ ଅଭାବରୁ ଚିକିତ୍ସା ହୋଇପାରିଲା ନାହିଁ । ଡାକ୍ତର ଏହା କ୍ୟାନ୍ସର ହୋଇଥିବା ଜଣାଇଥିଲେ । ସେଠାରୁ ବୁଧୁରାମ ନିରାଶ ହୋଇ ଘରକୁ ଫେରି ଆସିଥିଲେ। ସେହି ଦିନଠାରୁ ସେ ପ୍ରମାଦ ଗଣୁଥିଲେ । ହେଲେ ଠିକ ସମୟରେ ପ୍ରଦେଶ କଂଗ୍ରେସ (ଯୁବ) ସାଧାରଣ ସମ୍ପାଦକ କମଳ ଚରଣ ତାଣ୍ଡି ଏବିଷୟରେ ଜାଣି ତୁରନ୍ତ ପହଞ୍ଚି ୧୦ହଜାର ଟଙ୍କା ପ୍ରଦାନ କରିଥିଲେ । ଅନ୍ୟପକ୍ଷେ ସିନାପାଲି ସହରର ସମସ୍ତ ସାମାଜିକ ସଙ୍ଗଠନ, କ୍ଲବ କର୍ମକର୍ତ୍ତା ପାଣ୍ଠି ସଂଗ୍ରହ କରି ମୋଟ ୨୭ ହଜାର ଟଙ୍କାଠୁଳ କରିଥିଲେ। ତେବେ ପ୍ରଥମେ ମଳୟଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ପାଣ୍ଠି ମିଶାଇ ବୁଧୁରାମ କଟକକୁ ଯାଇଥିବା ଜଣାପଡ଼ିଛି। ତେବେ ଏହି ପରିପ୍ରେକ୍ଷୀରେ ମଳୟଙ୍କ ଆଶୁ ଚିକିତ୍ସା ସକାଶେ ଜିଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ଆହୁରି ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ମିଲର୍ସମାନେ ସହଯୋଗ ନ କଲେ କାର୍ଯ୍ୟାନୁଷ୍ଠାନ

ଭବାନୀପାଟଣା,୨୨।୫ (ଡି.ଏନ.ଏ.)

ଜିଲା ପ୍ରଶାସନର ବାରମ୍ବାର ଅନୁରୋଧକୁ ଅଣଦେଖା କରି ପ୍ରତିବର୍ଷ ପରି ଏବର୍ଷ ରବି ଧାନ ସଂଗ୍ରହରେ କଳାହାଣ୍ଡି ଜିଲାର ମିଲର୍ସମାନେ ଅସହଯୋଗ କରିବାରୁ ବର୍ତ୍ତମାନ ସୁଦ୍ଧା ଧାନମଣ୍ଡି ଖୋଲା ଯାଇନାହିଁ। ଏଥିଯୋଗୁ ଚାଷୀମାନେ ବାଧ ହୋଇ ଦଲାଲମାନଙ୍କ ଶିକାର ହେଉଛନ୍ତି। ଜିଲାର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲା ଧାନ କ୍ରୟ କମିଟି ଉପସ୍ଥିତ ସଦସ୍ୟମାନଙ୍କ ନିଷ୍ପତ୍ତି ଅନୁଯାୟୀ ତୁରନ୍ତ ଜିଲା ପ୍ରଶାସନ ଯୁଦ୍ଧକାଳିନ ଭିତ୍ତିରେ ଜିଲା ବାହାରୁ ମିଲର୍ସମାନଙ୍କୁ ଆଣି ଧାନ ଉଠାଣ କାର୍ଯ୍ୟରେ ନିୟୋଜିତ କରିବେ। ବୈଠକରେ ସର୍ବସମ୍ମତିକ୍ରମେ ଯେଉଁ ମିଲର୍ସମାନେ ରବି ଧାନ ଉଠାଣରେ ଭାଗ ନେବେ ନାହିଁ ସେମାନଙ୍କ ବିରୋଧରେ ଜିଲା ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏଥିସହିତ ଯଦି ସେମାନେ ଚଳିତ ରବିରେ ଋତୁରେ ଧାନ ନ ଉଠାନ୍ତି ତାହା ହେଲେ ତାଙ୍କୁ ଆସନ୍ତା ଖରିଫ୍ ଓ ରବିରେ ଧାନ ଉଠାଣ କାର୍ଯ୍ୟରୁ ଅବ୍ୟାହତ ଦିଆଯିବା ପାଇଁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି ବୋଲି ଜିଲା ଯୋଗାଣ ବିଭାଗ ଅଧିକାରୀ ଶିବ ପ୍ରସାଦ ଦୋରା କହିଛନ୍ତି। କଳାହାଣ୍ଡି ଜିଲାରେ ଚଳିତ ରବି ଋତୁରେ ୨୦ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ କରିବା ପାଇଁ ଧାର୍ଯ୍ୟ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ

## ରବି ଧାନ ସଂଗ୍ରହ ନେଇ ପଦକ୍ଷେପ



ଖଳାରେ ଧାନବସ୍ତା ପଡ଼ିରହିଛି ।

## ପ୍ରଶାସନର ତାଗିଦ

ରାଜ୍ୟ ସରକାର ୭ ଲକ୍ଷ ୫୦ ହଜାର କୁଇଣ୍ଟାଲ ଧାନ କ୍ରୟ କରିବା ପାଇଁ ଟାର୍ଗେଟ ଦେଇଛି। ଜିଲାରେ ରବି ଋତୁରେ ପ୍ରାୟ ୩୦ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ଅମଳ ହେବ ବୋଲି ଜିଲା କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି ।

ମେ ପ୍ରଥମ ସପ୍ତାହରୁ ଧାନ ମଣ୍ଡି ଆରମ୍ଭ ହେବାକୁ ଥିବା ବେଳେ ଜିଲା ଧାନ କ୍ରୟ ପ୍ରସ୍ତୁତି ବୈଠକରେ ଏହା ମେ ୧୫ ତାରିଖରୁ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ଜିଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ୧୫ରୁ ଧାନ କ୍ରୟ ପାଇଁ ମଣ୍ଡି ଖୋଲିବା କଥା। କିନ୍ତୁ ମିଲର୍ସମାନଙ୍କ ଅସହଯୋଗ ଯୋଗୁ ଧାନ ଉଠାଣରେ ଜାଣିଶୁଣି ବିଳମ୍ବ ହେଉଥିବା ନେଇ ଚାଷୀ ଧାନ ବିକ୍ରି କରି ନ ପାରି ବାଧ ହୋଇ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ଜିଲାର ୮୩ଟି ମଣ୍ଡିରେ ୫୧ଟି ପ୍ୟାକ୍ସ ଧାନ କ୍ରୟ କରିବା ପାଇଁ ପ୍ରସ୍ତୁତି ପାଇଁ ଚୂଡାନ୍ତ କରାଯାଇଛି । ରବିଋତୁ ଧାନ ଉଠାଣ ପାଇଁ ଜିଲାର ୫୯ ଜଣ ମିଲର୍ସମାନେ ଏଗ୍ରିମେଣ୍ଟ କରିଥିଲେ। ପୂର୍ବ ବର୍ଷ ପରି ଚଳିତ ରବି ଧାନ ସଂଗ୍ରହ ପାଇଁ ମିଲର୍ସମାନେ ସେମାନଙ୍କ ୧୧ ଦଫା ଦାବିକୁ ନେଇ ଧାନ ସଂଗ୍ରହ କରିବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରି ଜିଲା ପ୍ରଶାସନ ଉପରେ ଚାପ ପ୍ରୟୋଗ କରି ଆସିଥିଲେ। ଜିଲା ପ୍ରଶାସନର ବାରମ୍ବାର ଅନୁରୋଧ ଓ ମିଲର୍ସଙ୍କ ୧୧ ଦଫା ଦାବି ମଧ୍ୟରୁ କ୍ରମିକ ନମ୍ବର ୮ ଓ ୯ ଦାବିକୁ ଛାଡି ବାକି ୯ଟି ଦାବିରେ ମିଲର୍ସ ଆସୋସିଏଶନ୍ ଜିଲା ପ୍ରଶାସନ ସହ ବୁଝାମଣା କରିଥିଲା । ୨ଟି ଦାବିରେ ଅସହମତି ପ୍ରକାଶ କରିଥିଲେ। ଗତ ଖରିଫ ଋତୁରେ ମଣ୍ଡିରୁ ସଂଗୃହିତ ଧାନ ମିଲ ଗୋଦାମରେ ରକ୍ଷାବେକ୍ଷଣ ବାବଦକୁ କୁଇଣ୍ଟାଲ ପିଛା ୨ ଟଙ୍କା ୪୦ ପଇସା ଓ ଅଷ୍ଟମ ଚାଉଳ ହେଣ୍ଡିଲିଂ ଚାର୍ଜ ବାବଦକୁ କୁଇଣ୍ଟାଲ ପିଛା ୬ ଟଙ୍କା ଦେବାକୁ ମିଲର୍ସମାନେ ଦାବି କରିଥିଲେ। ରାଜ୍ୟ ଯୋଗଣ ବିଭାଗ ଏଥିରେ ସହମତ ହୋଇ ନ ଥିଲେ। ପରବର୍ତ୍ତୀ ସମୟରେ ପୁର୍ନବାର ୧୬।୫.।୨୦୧୯, ୧୭।୫।୨୦୧୯ ଏବଂ ୧୮।୫।୨୦୧୯ ତାରିଖରେ ମିଲର୍ସ ଆସୋସିଏଶନ୍ ଜିଲା ପ୍ରଶାସନ ସହ ବୈଠକ ହୋଇଥିଲେ ମଧ କୌଣସି ସମାଧାନର ପନ୍ଥା ବାହାରି ପାରିନାହିଁ। କମିଟି ସଦସ୍ୟଙ୍କ ଦାବି ଅନୁଯାୟୀ ଯେଉଁ ମିଲର୍ସମାନେ ଚଳନ୍ତି ରବି ଧାନ ଉଠାଣରେ ଭାଗ ନେବେ ନାହିଁ ବାଧ ହୋଇ ସେମାନଙ୍କ ବିରୋଧରେ ଜିଲା ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଚଳିତ ରବି ଓ ଆସନ୍ତା ଖରିଫ୍ ଏପରି ଦୁଇଟି ସିଜନ୍‌ରେ ଧାନ ଉଠାଣ କାର୍ଯ୍ୟରୁ ସେମାନଙ୍କୁ ଅବ୍ୟାହତ ଦିଆଯିବା ସହିତ ଜିଲାରେ ଥିବା ଅନ୍ୟ ମିଲର୍ସ ଓ ରାଜ୍ୟ ସରକାରଙ୍କଠାରୁ ନିର୍ଦ୍ଦେଶ ଜିଲା ବାହାରୁ ବିଶେଷ କରି ନୂଆପଡା, ବଲାଙ୍ଗୀର ଓ ବରଗଡ ଆଦି ଜିଲାରେ ମିଲର୍ସମାନଙ୍କୁ ଡକାଯାଇ ଖୁବ୍‌ଶୀଘ୍ର ଧାନ କ୍ରୟ ଓ ଉଠାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲା ଯୋଗାଣ ବିଭାଗ ଅଧିକାରୀ ଶିବ ପ୍ରସାଦ ଦୋରା ପ୍ରକାଶ କରିଛନ୍ତି।

■ ଜନ୍ମକରି ଆରପାରିକୁ ଚାଲିଗଲେ ମା', ରଖିଲେନି ସାବତ ମା'

# ୭ ଦିନର କନ୍ୟାକୁ ସିଡବ୍ଲ୍ୟୁସିକୁ ଟେକିଦେଲେ ବାପା

ପାରଳାଖେମୁଣ୍ଡି,୨୨।୫(ସ୍ୱ.ପ୍ର.)

ଜନ୍ମକରି ଆରପାରିକୁ ଚାଲିଗଲେ ମା'। ଲାଳନ ପାଳନ କରି ନ ପାରି ୭ ଦିନର ଶିଶୁକନ୍ୟାକୁ ଶିଶୁକଲ୍ୟାଣ ସମିତିକୁ ହସ୍ତାନ୍ତର କଲେ ବାପା ଓ ସାବତ ମା'। ଗଜପତି ଜିଲା ନୂଆଗଡ ବ୍ଲକ ତଥା ଆର୍.ଉଦୟଗିରି ଥାନା ଅନ୍ତର୍ଗତ ବାଘସିଂ ସାହିରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏହି ସାହିର ଜଣେ ବ୍ୟକ୍ତିଙ୍କ ପ୍ରଥମ ସ୍ତ୍ରୀ ଗତ ୧୬ ତାରିଖରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଏହା ପରଦିନ ମହିଳା ଜଣକ ପ୍ରାଣ ହରାଇଥିଲେ । ଦ୍ୱିତୀୟ ସ୍ତ୍ରୀଙ୍କ ସନ୍ତାନ ରହିଥିବାରୁ ସେ ଛୁଆକୁ ଲାଳନ ପାଳନ କରିବା ପାଇଁ ଅସମର୍ଥ ଥିବା କହିଥିଲେ। ଏହାପରେ ନୂଆଗଡ ବ୍ଲକର ଅଙ୍ଗନବାଡି ସୁପରଭାଇଜରଙ୍କ ସହଯୋଗରେ ଶିଶୁଟିକୁ ବାପା ଓ ସାବତ ମା ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଟେକିଦେଇଛନ୍ତି। । ସିଡ଼ବ୍ଲ୍ୟୁସି ଶିଶୁଟିକୁ ସ୍ଥାନୀୟ ପୋଷ୍ୟସନ୍ତାନ ସଂସ୍ଥାକୁ ପଠାଇଥିବା ଜିଲା ଶିଶୁ କଲ୍ୟାଣ ସମିତିର ଅଧକ୍ଷ ବିନୋଦ ଚନ୍ଦ୍ର ଜେନା କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭଉଣୀ ରାଣୀ ହେଲେ**
**ରଜା ନୁହେଁ ଭାଇ,**
**ଅତି ସେରନ୍ତାରେ ଡାକନ୍ତି**
**ଆମ ରାଣୀଙ୍କ ଭାଇ !**

ଭଉଣୀ ଯେତେ ବଡ଼ ଘରେ ବିଭା ହେଲେ ମଧ ଭାଇର ଚଳଣି ବା ଅବସ୍ଥାରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ପରୋକ୍ଷରେ ଭଉଣୀ ଘରେ ରହୁଥିବା ଭାଇ ନିଜ ଗୁରୁତ୍ୱ ବା ମର୍ଯ୍ୟାଦା ହରାଇ ବସିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଭାର ବୋହୁଥିବ ଗୋଦରା ତନ୍ତୀ**
**ଲାଭ ମାରୁଥିବ ମାଧ ମହାନ୍ତି ।**

ଜଣେ କଷ୍ଟ କରି କାମ କରେ ଆଉ ଜଣେ ସେ ଶ୍ରମର ଫଳ ଅନାୟାସରେ ଭୋଗ କରେ। ସମାଜରେ ଏଭଳି ଅନ୍ୟାୟର ଚିତ୍ର ଆଜି ଅନେକ ପରିମାଣରେ ଜୀବନକୁ ଗ୍ରାସ କରିଚାଲିଛି। ଶାରୀରିକ ସ୍ତରରେ ଅକ୍ଷମ, ଦୁର୍ବଳ ତଥା ଦରିଦ୍ର ଲୋକଙ୍କୁ ପ୍ରୟୋଗ କରି ସବଳ ଲୋକେ ଫାଇଦା ଉଠାଇ ଚାଲଥିବା ଅର୍ଥରେ ଏଭଳି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସିଙ୍ଗାପୁରରେ ଓଡ଼ିଶୀନୃତ୍ୟ ପ୍ରଦର୍ଶନ କରିବେ ପାରଳାଖେମୁଣ୍ଡି ଝିଅ

ପାରଳାଖେମୁଣ୍ଡି, ୨୨।୫(ସ୍ୱ.ପ୍ର.)



ସିଙ୍ଗାପୁରଠାରେ ଚଳିତ ମାସ ୨୩ ରୁ ୨୬ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଅନ୍ତର୍ଜାତୀୟ ଓଡିଶୀ ନୃତ୍ୟ ଉତ୍ସବରେ ଭାଗ ନେଇଛନ୍ତି ପାରଳାଖେମୁଣ୍ଡିର ଶ୍ରୀ ଜଗନ୍ନାଥ ଓଡିଶୀ କଳାକେନ୍ଦ୍ରର ସଂସ୍ଥାପିକା ଓ ନିର୍ଦ୍ଦେଶିକା ଡି. ପ୍ରିୟଙ୍କା। ତ୍ରିଧାରା ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱର ତରଫରୁ ଖ୍ୟାତନାମା ନୃତ୍ୟଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରିୟଙ୍କା ଏହି ସମ୍ମାନଜନକ ନୃତ୍ୟ ଉତ୍ସବରେ ଓଡିଶୀ ନୃତ୍ୟ ପରିବେଷଣ କରିବେ । ଏଥପାଇଁ ପ୍ରିୟଙ୍କା ସିଙ୍ଗାପୁରରେ ପହଞ୍ଚିଛନ୍ତି। ଏହି ସଫଳତା ପାଇଁ ପାରଳାଖେମୁଣ୍ଡିର ସମସ୍ତ ଶିକ୍ଷାନୁଷ୍ଠାନ, ସାହିତ୍ୟ ଓ ସାରସ୍ୱତ ପ୍ରତିଷ୍ଠାନର ସମସ୍ତ କର୍ମକର୍ତ୍ତା, ବୁଦ୍ଧିଜୀବୀ ତଥା କଳାକାର ପ୍ରିୟଙ୍କାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଶେଷ କରି ପିତାମାତା ଓ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡାଙ୍କ ସମୟୋଚିତ ପ୍ରେରଣା ଓ ପ୍ରୋତ୍ସାହନ କେବେ ଭୁଲିପାରିବେନି ବୋଲି ପ୍ରିୟଙ୍କା ଗଣମାଧ୍ୟମକୁ ଜଣାଇଛନ୍ତି । ପ୍ରିୟଙ୍କା ଅନ୍ତର୍ଜାତୀୟ ସ୍ତର ନୃତ୍ୟ ଉତ୍ସବରେ ତୃତୀୟଥର ପାଇଁ ଭାଗ ନେଉଥିବା ଜଣାପଡିଛି ।


CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

ADMISSION GUIDANCE
Last Chance for MD, MS & MDS aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଲେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph-7739216167
9973805993

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929606415
8929609224
SCO- 106, Second Floor, Vishal Tower, Cannaught Place, Delhi.

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣରୁ କଟିବ
Mudra Finance
(Govt. Regd)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
ସମସ୍ତ ଋଣ
2% ସୁଧ, 40% ରିହାତି।
8278511947
8901142354
JAIN MARKET SOUTH, PART-2, VIGYAN NAGAR, DELHI - 110049
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଫୋନ୍ କରନ୍ତୁ

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
8221048110
T-51, Gautam Nagar, Galli-8, Delhi

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଜୈବ ବିବିଧତାର ସୁରକ୍ଷା ଜରୁରୀ

**ଅନୁଗୋଳ ଅଫିସ, ୨୨।୫**




ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳନ ଅବସରରେ ଅନୁଗୋଳ ବ୍ଲକର ଟାଇଁସିଠାରେ ବୁଧବାର ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାତକୋଶିଆ ବନଖଣ୍ଡ ଟାଇଁସି ଜୈବ ବିବିଧତା ପରିଚାଳନା ସମିତି ଏବଂ ନିୟୁଜ୍ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସଭାରେ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ। ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ରାମସ୍ୱାମୀ ପି, ବନ ଅଫିସର ସାଇ କିରଣ ଡ.ଏନ୍, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଶୀଳ କୁମାର ପ୍ରଧାନ ଓ ଓଡ଼ିଶା ଜୈବ ବିବିଧତା ବୋର୍ଡର ସଦସ୍ୟ ପ୍ରସନ୍ନ କୁମାର ବେହେରା ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଜୈବ ବିବିଧତାର ସୁରକ୍ଷା ଜରୁରୀ ବୋଲି ମତପ୍ରକାଶ କରିଥିଲେ। ସାତକୋଶିଆର ବ୍ୟାପକତା ପୂର୍ଣ୍ଣ ଜୈବ ବିବିଧତାକୁ ଜାଣିବା ସହ ତାହାର ସୁରକ୍ଷା ଏବଂ ଏଠାକାର ଜୈବ ସମ୍ପଦର ବ୍ୟବହାର ଉପରେ ଆଲୋଚନା କରାଯାଇଥିଲା। ସ୍ଥାନୀୟ ପ୍ରଜାମାନଙ୍କ ଜୈବ ବିବିଧତାର ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବନଖଣ୍ଡ ଅଧିକାରୀ ପ୍ରକାଶ କରିଥିଲେ। ସେମାନଙ୍କ ସମସ୍ୟା ସମାଧାନ ଦିଗରେ ଡିଏଫ୍ଓ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମକୁ ରବୀନ୍ଦ୍ର ସାହୁ, ପ୍ରଭାକର ସାସ୍ମଲ, ଚନ୍ଦନ ନାଏକ, ସୁନେଶ ମହାପାତ୍ର ଓ ମନୋରଞ୍ଜନ ବେହେରା ପ୍ରମୁଖ ଆୟୋଜନ କରିଥିଲେ।

## ମିକ୍ସର ମେଶିନରେ ଚାପି ହୋଇ ଶ୍ରମିକଙ୍କ ମୃତ୍ୟୁ

**ସୋର,୨୨।୫(ଡି.ଏନ.ଏ.):** ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ବାଲେଶ୍ୱର ଜିଲାର ସୋର-ସାଣ୍ଟପଡ଼ା ରାସ୍ତା କାମ ଚାଲିଥିବା ବେଳେ ମିକ୍ସର ମେଶିନ୍‌ରେ ଚାପି ହୋଇ ଶଶିକାନ୍ତ ସାହୁ (୩୬) ନାମକ ଜଣେ ଶ୍ରମିକ ବୁଧବାର ମୃତ୍ୟୁବରଣ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଘର ସୋର ଥାନା ଅନ୍ତର୍ଗତ ଅନନ୍ତପୁର ଫାଣ୍ଡି ବାଲିକତିରଣ ଗ୍ରାମରେ।

## ଫନୀ ବିପନ୍ନଙ୍କୁ ସହାୟତା



ଅନୁଗୋଳ ମହିମାଜ୍ୟୋତି ସାଇନ୍ସ କଲେଜ ପକ୍ଷରୁ ଫନୀ ବିପନ୍ନଙ୍କ ପାଇଁ ୨୦ ହଜାର ଟଙ୍କାର ସହାୟତା ଜିଲାପାଳ ମନୋଜ କୁମାର ମହାନ୍ତିଙ୍କୁ ପ୍ରଦାନ କରାଯାଉଛି।

## ରାଜପଥରେ ନୋ ଏଣ୍ଟ୍ରି ଦାବି

**ଅନୁଗୋଳ ଅଫିସ, ୨୨।୫**

ଅନୁଗୋଳର ୫୫ ନମ୍ବର ଜାତୀୟ ରାଜପଥରେ ପ୍ରତିଦିନ ଦୁର୍ଘଟଣା ବୃଦ୍ଧି ଉଦ୍‌ବେଗର କାରଣ ହୋଇଛି। ଏହାର ପ୍ରତିକାର ପାଇଁ ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ରାଜପଥରେ ନୋ ଏଣ୍ଟ୍ରି ବ୍ୟବସ୍ଥା କରିବାକୁ ଜିଲାପାଳଙ୍କୁ ଅନୁଗୋଳ ଉନ୍ନୟନ ପରିଷଦ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ପରିଷଦର ଆବାହକ ରୀତା ସିଂ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ପ୍ରତିଦିନ ରାଜପଥର ବଅଁରପାଳ ବୁଢ଼ାପଙ୍କ ଠାରୁ ପଞ୍ଚମହଲା ରାସ୍ତାରେ ଦୁର୍ଘଟଣା ଘଟୁଛି। ତେଣୁ ଉକ୍ତ ରାସ୍ତାରେ ନୋ ଏଣ୍ଟ୍ରି ବ୍ୟବସ୍ଥା ଲାଗୁ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଏ ନେଇ ପରିଷଦ ପକ୍ଷରୁ ଗତ ୧୮ ତାରିଖରେ ବସିଥିବା ବୈଠକରେ ଆଲୋଚନା ହୋଇଥିବା ଆବହକ ସିଂ ସୂଚନା ଦେଇଛନ୍ତି। ଜିଲାପାଳ ମନୋଜ କୁମାର ମହାନ୍ତି ଘଟଣା ସମ୍ପର୍କରେ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

## ■ନବଜାତ ଶିଶୁକୁ ମୃତ ଘୋଷଣା କରିଦେଲେ ଡାକ୍ତର

# ଫିଙ୍ଗିବାକୁ ନେବା ବେଳେ ଚେତା ଆସିଲା

**ଅନୁଗୋଳ ଅଫିସ, ୨୨।୫**

ନବଜାତ ଶିଶୁକୁ ମୃତ ଘୋଷଣା କରିଦେଲେ ନର୍ସିଂହୋମ ଡାକ୍ତର। ଏତିକିରେ ସରି ନ ଥିଲା ପରିବାରର ଦୁଃଖ। ପ୍ରସୂତିଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଗଲା। ସେପଟେ ମା'ଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିବା ଶିଶୁ ପୁତ୍ରକୁ ଏକ ବସ୍ତାରେ ପୂରାଇ ଫିଙ୍ଗିବାକୁ ନେଇଥିଲେ ବାପା। ହେଲେ ହଠାତ୍ ଶିଶୁଟି ବସ୍ତା ଭିତରେ ଗୋଡ ହାତ ହଲାଇବାରୁ ସେ ଜୀବିତ ଥିବା ଜାଣିବାକୁ ପାଇଥିଲେ ପରିବାର ଲୋକେ। ଅନୁଗୋଳ ଜିଲା ମୁଖ୍ୟ ପରିସରରେ ବୁଧବାର ଏହି ଘଟଣା ସହରରେ ଆଲୋଚନାର ବିଷୟ ପାଲଟିଯାଇଛି।

ସୂଚନା ମୁତାବକ, ଅନୁଗୋଳ ଥାନା କାଙ୍ଗୁଲା ଅଞ୍ଚଳର ଜଣେ ମହିଳାଙ୍କ ପ୍ରସବ ବେଦନା ହେବାରୁ ତାଙ୍କୁ ଜିଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେ ମାତ୍ର ୭ ମାସର ଗର୍ଭବତୀ ହୋଇଥିଲେ ମଧ୍ୟ ଏକ ଶିଶୁପୁତ୍ରକୁ ଉକ୍ତ ନର୍ସିଂହୋମ୍‌ରେ ଜନ୍ମ ଦେଇଥିଲେ। ପରେ ଉଭୟ ମା' ଓ ଶିଶୁଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ସେଠାରେ ଡାକ୍ତର ଶିଶୁପୁତ୍ରକୁ ମୃତ ଘୋଷଣା କରିବା ସହ ପ୍ରସୂତିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ପରେ ନବଜାତକଙ୍କ ବାପା ଶିଶୁଟିକୁ ଫିଙ୍ଗିବା ପାଇଁ ଏକ ଜରି ବସ୍ତାରେ ଭର୍ତ୍ତି କରି ବାଇକ୍‌ରେ ଝୁଲାଇ ଦେଇଥିଲେ। କିଛି ସମୟରେ ସେଠାକୁ ଆସିବାରେ ବ୍ୟାଗ ହଲୁଥିବା ଦେଖିବାକୁ ମିଳିଥିଲା। ବସ୍ତା ଖୋଲିବାରେ ଶିଶୁଟି ଜୀବିତ ଥିବା ଜଣାପଡିଥିଲା। ଏହା ପରେ ସଙ୍ଗେ ସଙ୍ଗେ ନବଜାତକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶିଶୁଟି ଜୀବିତ ଥିବା ଜାଣି ପରିବାରରେ ଖୁସି ଖେଳିଯାଇଛି। ତେବେ ଖବରଲେଖା ହେବା ସୁଦ୍ଧା ନବଜାତକର ଅବସ୍ଥା ଗୁରୁତର ରହିଛି।

## ଶିଶୁମନ୍ଦିର ଛାତ୍ରୀଛାତ୍ରଙ୍କ ଶତପ୍ରତିଶତ ସଫଳତା

**ତାଳଚେର,୨୨।୫(ନି.ପ୍ର.)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ୨୦୧୮-୧୯ ଶିକ୍ଷା ବର୍ଷର ମାଟ୍ରିକ ପରୀକ୍ଷାରେ ତାଳଚେର ସଙ୍କୁଳ ଅଧୀନ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। କଲମଛୁଇଁ ଶିଶୁମନ୍ଦିରର ୩୩ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏ-୧ ଗ୍ରେଡରେ ଜଣେ, ଏ-୨ରେ ୨ ଜଣ, ବି-୧ରେ ୭, ବି-୨ରେ ୮, ସି ଗ୍ରେଡରେ ୧୩ ଜଣ ଓ ଡି ଗ୍ରେଡରେ ୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ସ୍ମିତିରଞ୍ଜନ ସାହୁ ବିଦ୍ୟାଳୟରେ ସର୍ବାଧିକ ୫୬୪ ନମ୍ବର ରଖିଛନ୍ତି। ପ୍ରଧାନଆଚାର୍ଯ୍ୟ ଚତୁର୍ଭୁଜ ସାହୁ, ପରିଚାଳନା ସମିତିର ସଭାପତି ଦିବାକର ବାରିକ, ଉପ-ସଭାପତି ଭୀମସେନ ସାହୁ, ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ସହ ସମ୍ପାଦକ ତପନ କୁମାର ସାହୁ, କୋଷାଧକ୍ଷ ଗିରିଶ ଚନ୍ଦ୍ର ପ୍ରଧାନ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ତାଳଚେର ଶିଶୁ ମନ୍ଦିରର ଏ-୧ ଗ୍ରେଡରେ ୬ ଜଣ, ଏ-୨ରେ ୧୩ ଜଣ, ବି-୧ରେ ୨୪ ଜଣ, ବି-୨ରେ ୧୮ ଜଣ, ସି ଗ୍ରେଡରେ ୧୩ ଜଣ, ଡି ଗ୍ରେଡରେ ୫ ଜଣ, ଇ-ଗ୍ରେଡରେ ଜଣେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଶିବପ୍ରସାଦ ପାଣି ସର୍ବାଧିକ ୫୭୮ ନମ୍ବର ରଖିଛନ୍ତି। ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନଙ୍କ ସହ ପରିଚାଳନା ସମିତିର ସମସ୍ତ ସଦସ୍ୟ ତଥା ସମସ୍ତ ଗୁରୁମାଗୁରୁଜୀ ଅଭିନନ୍ଦନ ଜଣାଇଛନ୍ତି। ଦେଉଳବେଡା ସରସ୍ୱତୀ ଶିଶୁମନ୍ଦିରର ୫୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ-୨ରେ ୩ ଜଣ, ବି-୧ରେ ୪ ଜଣ, ବି-୨ରେ ୧୪ ଜଣ, ସି-ଗ୍ରେଡରେ ୧୧ ଜଣ, ଡି-ଗ୍ରେଡରେ ୧୦ ଜଣ, ଇ-ଗ୍ରେଡରେ ୮ ଜଣ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଧାନାଚାର୍ଯ୍ୟ ବାବୁଲି କୁମାର ସାମଲ ପ୍ରକାଶ କରିଛନ୍ତି। ବଡଜୋରଡା ଶିଶୁମନ୍ଦିରର ୩୮ ଜଣ ପରୀକ୍ଷା ଦେଇଥିବା ବେଳେ ଏ-୨ରେ ୩ ଜଣ, ବି-୨ରେ ୧୧ ଜଣ, ସି ଗ୍ରେଡରେ ୧୦ ଜଣ, ଡି ଗ୍ରେଡରେ ୧୦ ଜଣ, ଇ ଗ୍ରେଡରେ ୪ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଆମ୍ବମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୧୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏ-୨ରେ ୮ ଜଣ, ବି-୧ରେ ୨ ଜଣ, ବି-୨ରେ ୫ ଜଣ, ସି ଗ୍ରେଡରେ ୨ ଜଣ, ଡି ଗ୍ରେଡରେ ଜଣେ ପାସ୍ କରିଛନ୍ତି।

## ■ପକ୍କାଘର ବୋନସ ଟଙ୍କା ମିଳୁନି

# ୧୨ ହିତାଧିକାରୀ ହନ୍ତସନ୍ତ

**ବଇଣ୍ଡା,୨୨।୫(ଡି.ଏନ.ଏ.)**

■ ବ୍ଲକ କାର୍ଯ୍ୟାଳୟ ଦୌଡି ଦୌଡି ନିରାଶ

■ କର୍ମଚାରୀ ହାତଗୁଞ୍ଜା ମାଗୁଥିବା ଅଭିଯୋଗ

ବିଜୁ ପକ୍କା ଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ ସମୟସୀମା ପୂର୍ବରୁ ଗୃହ ନିର୍ମାଣ କାର୍ଯ୍ୟ ଶେଷ କଲେ ଅତିରିକ୍ତ ବୋନସ ଟଙ୍କା ପାଇବାର ନିୟମ ରହିଛି। କିନ୍ତୁ ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ପଞ୍ଚାୟତରେ ସରକାରଙ୍କ ଏହି ଘୋଷଣା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହେଉଛି। ବୋନସ ଟଙ୍କା ପାଇବା ଆଶାରେ ହିତାଧିକାରୀମାନେ ଋଣ କରି ସମୟସୀମା ପୂର୍ବରୁ ଘର କାର୍ଯ୍ୟ ଶେଷ କରିଥିଲେ ବି ସେମାନଙ୍କୁ ବୋନସ ଅର୍ଥ ପ୍ରଦାନ କରାଯାଉ ନାହିଁ। ଏ ନେଇ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ୧୨ଜଣ ହିତାଧିକାରୀ ନିରାଶ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବାମୁର ପଞ୍ଚାୟତ ଭାଙ୍ଗମୁଣ୍ଡା ଗ୍ରାମର ବସନ୍ତ ମିର୍ଦ୍ଧା ୨୦୧୭ ଓ ୨୦୧୮ରେ ବିଜୁ ପକ୍କା ଘର ଯୋଜନାରେ ୬ ମାସ ପୂର୍ବରୁ ଘର ତିଆରି ଶେଷ କରିଥିଲେ ବି ଏଯାଏ ତାଙ୍କୁ ୧୦ ହଜାର ଟଙ୍କାର ବୋନସ ପ୍ରଦାନ କରାଯାଇ ନାହିଁ। ସେହିପରି କୋଟସିଙ୍ଗା ଗ୍ରାମର ଅବିନ୍ଦ୍ର ମଲ୍ଲିକ ୪ ମାସରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରିସାରିଥିବାବେଳେ ତାଙ୍କର ୨୦ ହଜାର ଟଙ୍କା, ଅଇଁଠା ବେହେରାଙ୍କ ୧୦ ହଜାର, ସୁରେନ୍ଦ୍ର ସାହୁଙ୍କ ୧୦ ହଜାର, ସହଦେବ ବନ୍ଧୁପାଲି ଗ୍ରାମର ସନ୍ତୋଷ ପ୍ରଧାନ ୧୦ ହଜାର, ସୈରେନ୍ଦ୍ରୀ ପ୍ରଧାନଙ୍କ ୧୦ ହଜାର, ମାଣିକପୁର ଗ୍ରାମର ରୀନା ବେହେରାଙ୍କ ୧୦ ହଜାର, ରାମଚନ୍ଦ୍ରପୁର ଗ୍ରାମର ମନ୍ଦାକିନୀ ସାହୁଙ୍କ ୧୦ ହଜାର, ପାର୍ବତୀ ମିର୍ଦ୍ଧାଙ୍କ ୧୦ ହଜାର ଟଙ୍କା, ମଦନ ମିର୍ଦ୍ଧାଙ୍କ ୧୦ ହଜର ବୋନସ ଟଙ୍କା ଦିଆଯାଉ ନାହିଁ। ବୋନସ ଟଙ୍କା ପାଇବା ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟରେ ଆପତ୍ତି ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। କେତେଜଣ କର୍ମଚାରୀ ହାତଗୁଞ୍ଜା ମାଗୁଥିବା ହିତାଧିକାରୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ତୁରନ୍ତ ଏଥିପ୍ରତି ଅନୁଗୋଳ ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦା କୁହନ୍ତି, ତୁରନ୍ତ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ।


## Central Electricity Supply Utility of Odisha

2nd Floor, IDCO Towers, Bhubaneswar-751022, Odisha.

**TARIFF NOTIFICATION**

**Surcharge, Wheeling Charge & Transmission Charge for Open access consumer 1MW & above**

**EFFECTIVE FROM 1st JUNE, 2019**

In exercise of the powers conferred under Sections 39,40 and 42 of the Electricity Act, 2003 read with the provisions of Chapter II of OERC (Determination of Open Access Charges) Regulations, 2006, the Odisha Electricity Regulatory Commission has passed Common order on 29.03.2019 in Case Nos. **78, 79, 80 and 81 of 2018** with regard to approval of Open Access Charges (Transmission/wheeling Charges, Surcharge and Additional Surcharge applicable to open access customers for use of Intra-state transmission / distribution system) which shall be effective from 1st June, 2019 as the same was kept in sealed cover due to Model Code of Conduct. In view of the Code of Conduct imposed during General Election – 2019, the Commission was allowed to notify this Tariff Order only after the last date of polling in the State.

2. The wheeling charge and surcharge as indicated in Table below shall be applicable w.e.f. 01.06.2019.

**Surcharge, Wheeling Charge & Transmission Charge for Open access consumer 1MW & above**

| Name of the licensee | Cross Subsidy Surcharge (P/U) | | Wheeling Charge P/U applicable to HT consumers only | Transmission Charges for Short Term Open access Customer (applicable for HT & EHT consumers) |
|---|---|---|---|---|
| | EHT | HT | | |
| CESU | 149.88 | 94.53 | 67.97 | Rs.1500/MW/day or Rs.62.5/MWh |
| NESCO Utility | 126.57 | 57.58 | 86.41 | Rs.1500/MW/day or Rs.62.5/MWh |
| WESCO Utility | 122.79 | 71.82 | 57.28 | Rs.1500/MW/day or Rs.62.5/MWh |
| SOUTHCO Utility | 197.13 | 135.40 | 84.62 | Rs.1500/MW/day or Rs.62.5/MWh |

3. The normative transmission loss at EHT (3.00%) and normative wheeling loss for HT level (8%) are applicable for the year 2019-20.
4. Additional Surcharge : No additional surcharge over and above the Cross-Subsidy Surcharge needs to be given to the embedded licensee.
5. No Cross-subsidy surcharge are payable by the consumers availing Renewable power.
6. 20% wheeling charge is payable by the consumer drawing power from Renewable source excluding Co-generation & Bio mass power plant.
7. These charges as notified for the FY 2019-20 will remain in force until further order.

For the information of the General Public and interested persons, the Commission hereby publishes the charges as would be applicable for all classes of consumers at HT & EHT. The said order is also available in the Commissions website **www.orierc.org** as well as in the website of the Distribution Utility, **www.cescoorissa.com / www.cesuodisha.com.**

Place : Bhubaneswar, Date : 22.05.2019

Chief Executive Officer



## Central Electricity Supply Utility of Odisha

2nd Floor, IDCO Towers, Janpath, Bhubaneswar-751022, Odisha

**TARIFF NOTIFICATION**

**RETAIL SUPPLY TARIFF EFFECTIVE FROM 1st JUNE, 2019**

In exercise of the powers conferred under section 64(3) and other related provisions of the Electricity Act, 2003, the Odisha Electricity Regulatory Commission has passed a common order on 29.03.2019 in Case Nos.74,75,76 & 77 of 2018 with regard to determination of Aggregate Revenue Requirement and Retail Supply Tariff & Open Access Charges for NESCO, WESCO and SOUTHCO Utility and CESU which shall be effective from 01.06.2019 which was kept in sealed cover due to Model Code of Conduct. In view of the Code of Conduct imposed during General Election – 2019, the Commission was allowed to notify this Tariff Order only after the last date of polling in the State.

Pursuant to Regulation 57 of the OERC (Conduct of Business) Regulations, 2004, the CESU hereby notify the Retail Supply Tariff and other charges as below:

1. The Tariff and other charges applicable to the electricity consumers of the State of Odisha as approved in pursuance of OERC Retail Supply Tariff Order dated 29.03.2019 for the FY 2019-20 shall be applicable in the Distribution Utility's area of supply as per the given Schedule for consumption of electricity with effect from 01.06.2019, until further order of the Commission.
2. The Electricity Duty levied by the Govt. of Odisha under the Odisha Electricity (Duty) Act, 1961 and any other statutory levy/duty/tax/cess/toll imposed under any law from time to time shall be charged, over and above the tariff payable by the consumers in accordance with the law.
3. The detailed order of the Commission is available in its website **www.orierc.org** as well as in the website of the licensee **www.cescoorissa.com / www.cesuodisha.com**.

Place: Bhubaneswar
Dated: 22.05.2019

Chief Executive Officer

**RETAIL SUPPLY TARIFF EFFECTIVE FROM 1ST JUNE, 2019**

| Sl. No. | Category of Consumers | Voltage of Supply | Demand Charge (Rs./KW/ Month)/ (Rs./KVA/ Month) | Energy Charge (P/kWh) | Customer Service Charge (Rs./Month) | Monthly Minimum Fixed Charge for first KW or part (Rs.) | Monthly Fixed Charge for any additional KW or part (Rs.) | Rebate (P/kWh)/ DPS |
|---|---|---|---|---|---|---|---|---|
| | **LT Category** | | | | | | | |
| 1 | Domestic | | | | | | | |
| 1.a | Kutir Jyoti <=30Units/month | LT | FIXED MONTHLY CHARGE ----> | | | 80 | | |
| 1.b | Others | | | | | | | 10 |
| | (Consumption <= 50 units/month) | LT | | **250.00** | | 20 | 20 | |
| | (Consumption >50, <=200 units/month) | LT | | **430.00** | | | | |
| | (Consumption >200, <=400 units/month) | LT | | **530.00** | | | | |
| | (Consumption >400 units/month) | LT | | **570.00** | | | | |
| 2 | General Purpose <110 KVA | | | | | | | 10 |
| | Consumption <=100 units/month | LT | | **540.00** | | 30 | 30 | |
| | Consumption >100,<=300 units/month | LT | | **650.00** | | | | |
| | (Consumption >300 units/month) | LT | | **710.00** | | | | |
| 3 | Irrigation Pumping and Agriculture | LT | | **150.00** | | 20 | 10 | 10 |
| 4 | Allied Agricultural Activities | LT | | **160.00** | | 20 | 10 | 10 |
| 5 | Allied Agro-Industrial Activities | LT | | **420.00** | | 80 | 50 | DPS/Rebate |
| 6 | Public Lighting | LT | | **570.00** | | 20 | 15 | DPS/Rebate |
| 7 | L. T. Industrial (S) Supply <22KVA | LT | | **570.00** | | 80 | 35 | 10 |
| 8 | L. T. Industrial (M) Supply >=22KVA <110KVA | LT | | **570.00** | | 100 | 80 | DPS/Rebate |
| 9 | Specified Public Purpose | LT | | **570.00** | | 50 | 50 | DPS/Rebate |
| 10 | Public Water Works and Swerage Pumping<110 KVA | LT | | **570.00** | | 50 | 50 | 10 |
| 11 | Public Water Works and Swerage Pumping>=110 KVA | LT | 200 | **570.00** | 30 | | | 10 |
| 12 | General Purpose >=110 KVA | LT | 200 | **570.00** | 30 | | | DPS/Rebate |
| 13 | Large Industry | LT | 200 | **570.00** | 30 | | | DPS/Rebate |
| | **HT Category** | | | | | | | |
| 14 | Bulk Supply - Domestic | HT | 20 | **440.00** | 250 | | | 10 |
| 15 | Irrigation Pumping and Agriculture | HT | 30 | **140.00** | 250 | | | 10 |
| 16 | Allied Agricultural Activities | HT | 30 | **150.00** | 250 | | | 10 |
| 17 | Allied Agro-Industrial Activities | HT | 50 | **410.00** | 250 | | | DPS/Rebate |
| 18 | Specified Public Purpose | HT | 250 | **As indicated in the notes below.** | 250 | | | DPS/Rebate |
| 19 | General Purpose > 70KVA <110 KVA | HT | 250 | | 250 | | | 10 |
| 20 | H. T. Industrial (M) Supply | HT | 150 | | 250 | | | DPS/Rebate |
| 21 | General Purpose >=110 KVA | HT | 250 | | 250 | | | DPS/Rebate |
| 22 | Public Water Works & Swerage Pumping | HT | 250 | | 250 | | | 10 |
| 23 | Large Industry | HT | 250 | | 250 | | | DPS/Rebate |
| 24 | Power Intensive Industry | HT | 250 | | 250 | | | DPS/Rebate |
| 25 | Mini Steel Plant | HT | 250 | | 250 | | | DPS/Rebate |
| 26 | Railway Traction | HT | 250 | | 250 | | | DPS/Rebate |
| 27 | Emergency Supply to CGP | HT | 0 | **730.00** | 250 | | | DPS/Rebate |
| 28 | Colony Consumption (Both SPP & Industrial) | HT | 0 | **440.00** | 0 | | | DPS/Rebate |
| | **EHT Category** | | | | | | | |
| 29 | General Purpose | EHT | 250 | **As indicated in the notes below.** | 700 | | | DPS/Rebate |
| 30 | Large Industry | EHT | 250 | | 700 | | | DPS/Rebate |
| 31 | Railway Traction | EHT | 250 | | 700 | | | DPS/Rebate |
| 32 | Heavy Industry | EHT | 250 | | 700 | | | DPS/Rebate |
| 33 | Power Intensive Industry | EHT | 250 | | 700 | | | DPS/Rebate |
| 34 | Mini Steel Plant | EHT | 250 | | 700 | | | DPS/Rebate |
| 35 | Emergency Supply to CGP | EHT | 0 | **720.00** | 700 | | | DPS/Rebate |
| 36 | Colony Consumption | EHT | 0 | **435.00** | 0 | | | DPS/Rebate |

**Note:**

**Slab rate of energy charges for HT & EHT (Paise / unit)**

| Load Factor (%) | HT | EHT |
|---|---|---|
| =<60% | 535 | 530 |
| >60% | 425 | 420 |

(i) The reconnection charges w.e.f. 01.04.2015 shall continue unaltered

| Category of Consumers | Rate Applicable |
|---|---|
| LT Single Phase Domestic Consumer | Rs.150/- |
| LT Single Phase other consumer | Rs.400/- |
| LT 3 Phase consumers | Rs.600/- |
| All HT & EHT consumers | Rs.3000/- |

(ii) Energy Charges shall be 10% higher in case of temporary connection compared to the regular connection in respective categories.

(iii) The meter rent w.e.f. 01.04.2017 shall remain unaltered as follows :

| Type of Meter | Monthly Meter Rent (Rs.) |
|---|---|
| 1. Single phase electro-magnetic Kwh meter | 20 |
| 2. Three phase electro-magnetic Kwh meter | 40 |
| 3. Three phase electro-magnetic tri-vector meter | 1000 |
| 4. Tri-vector meter for Railway Traction | 1000 |
| 5. Single phase Static Kwh meter | 40 |
| 6. Three Phase Static Kwh meter | 150 |
| 7. Three phase Static Tri-vector meter | 1000 |
| 8. Three phase Static Bi-vector meter | 1000 |
| 9. LT Single phase AMR/AMI Compliant meter | 50 |
| 10. LT Three phase AMR/AMI compliant meter | 150 |

Note : Meter rent for meter supplied by CESU shall be collected for a period of 60 months only. Once it is collected for sixty months meter rent collection should stop.

**All statutory levies shall be collected in addition to meter rent.**

(iv) A Reliability surcharge @ 10 paise per unit will continue for HT and EHT consumers availing power irrespective of nature of feeder. This surcharge @ 10 paise per unit shall be charged if reliability index is more than 99% and above and voltage profile at consumer end remains within the stipulated limit. (For details see the order)

(v) Prospective small consumers requiring new LT single phase connection upto and including 5 kW load shall only pay a flat charge of Rs.1500/- as service connection charges towards new connection excluding security deposit as applicable as well as processing fee of Rs.25/-. The service connection charges include the cost of material and supervision charges.

(vi) A "Tatkal Scheme" for new connection is applicable to LT Domestic, Agricultural and General Purpose consumers.

(vii) In case of installation with static meter/meter with provision of recording demand, the recorded demand rounded to nearest 0.5 KW shall be considered as the contract demand requiring no verification irrespective of the agreement. Therefore, for the purpose of calculation of Monthly Minimum Fixed Charge (MMFC) for the connected load below 110 KVA, the above shall form the basis.

(viii) The billing demand in respect of consumer with Contract Demand of less than 110 KVA should be the highest demand recorded in the meter during the Financial Year irrespective of the Connected Load, which shall require no verification.

(ix) Three phase consumers with static meters are allowed to avail TOD rebate excluding Public Lighting and emergency supply to CGP @ 20 paise/unit for energy consumed during off peak hours. Off peak hours has been defined as **12 Midnight to 6 AM** of next day.

(x) Hostels attached to the Schools recognised and run by SC/ST Dept., Government of Odisha shall get a rebate of Rs.2.40 paise per unit in energy charge under Specified Public Purpose category (LT / HT) which shall be over and above the normal rebate for which they are eligible.

(xi) Swajala Dhara consumers under Public Water Works and Sewerage Pumping Installation category shall get special 10% rebate if electricity bills are paid within due date over and above normal rebate.

(xii) During the statutory restriction imposed by the Fisheries Department, the Ice Factories located at a distance not more than 5 Km. towards the land from the sea shore of the restricted zone will pay demand charges based on the actual maximum demand recorded during the billing period.

(xiii) Poultry Farms with attached feed units having connected load less than 20% of the total connected load of poultry farms should be treated as Allied Agricultural Activities instead of General Purpose category for tariff purpose. If the connected load of the attached feed unit exceeds 20% of the total connected load then the entire consumption by the poultry farm and feed processing unit taken together shall be charged with the tariff as applicable for General Purpose or the Industrial Purpose as the case may be.

(xiv) The food processing unit attached with cold storage shall be charged at Agro-Industrial tariff if cold storage load is not less than 80% of the entire connected load. If the load of the food processing unit other than cold storage unit exceeds 20% of the connected load, then the entire consumption by the cold storage and the food processing unit taken together shall be charged with the tariff as applicable for general purpose or the industrial purpose as the case may be.

(xv) Drawal by the industries during off-peak hours upto 120% of Contract Demand without levy of any penalty has been allowed. "Off-peak hours" for the purpose of tariff is defined as from **12 Midnight to 6.00 A.M.** of the next day. The consumers who draw beyond their contract demand during hours other than the off-peak hours shall not be eligible for this benefit. If the drawal in the off peak hours exceeds 120% of the contract demand, overdrawal penalty shall be charged on the drawal over and above the 120% of contract demand (for details refer Tariff Order). When Statutory Load Regulation is imposed then restricted demand shall be treated as contract demand.

(xvi) General purpose consumers with Contract Demand (CD) < 70 KVA shall be treated as LT consumers for tariff purposes irrespective of level of supply voltage. As per Regulation 76 (1) (c) of OERC Distribution (Conditions of Supply) Code, 2004 the supply for load above 5 KW upto and including 70 KVA shall be in 2-phase, 3-wires or 3-phase, 3 or 4 wires at 400 volts between phases.

(xvii) Own Your Transformer - "OYT Scheme" is intended for the existing individual LT domestic, individual/Group General Purpose consumers who would like to avail single point supply by owning their distribution transformer. In such a case licensee would extend a special concession of 5% rebate on the total electricity bill (except electricity duty and meter rent) of the respective category apart from the normal rebate on the payment of the bill by the due date. If the payment is not made within due date no rebate, either normal or special is payable. The maintenance of the 'OYT' transformer shall be made by CESU. For removal of doubt it is clarified that the "OYT Scheme" is not applicable to any existing or new HT/EHT consumer.

(xviii) Power factor penalty shall be
i) 0.5% for every 1% fall from 92% upto and including 70% plus
ii) 1% for every 1% fall below 70% upto and including 30% plus
iii) 2% for every 1% fall below 30%
The penalty shall be on the monthly demand charges and energy charges
There shall not be any power factor penalty for leading power factor. (Please see the detailed order for the category of consumers on whom power factor penalty shall be levied.)

(xix) The power factor incentive shall be applicable to the consumers who pay power factor penalty in the following rate:
The rate of power factor incentive shall be 0.5% for every 1% rise above the PF of 97% up to and including 100% on the monthly demand charges and energy charges.

(xx) The rural LT domestic consumers shall get 5 paise per unit rebate in addition to existing prompt payment rebate who draw their power through correct meter and pay the bill in time.

(xxi) 2% rebate over and above normal rebate shall be allowed on the bill to the LT domestic category of consumers only over and above all the rebates who pay through digital means. This rebate shall be applicable on the current month bill if paid in full.

(xxii) A Special rebate to the LT single phase consumers in addition to any other rebate he is otherwise eligible for shall be allowed at the end of the financial year (the bill for month of March) if he has paid the bill for all the 12 months of the financial year consistently without fail within due date during the relevant financial year. The amount of rebate shall be equal to the rebate of the month of March for timely payment of bill.

(xxiii) The Educational Institution (Specified Public Purpose) having attached hostel and / or residential colony who draw power through a single meter in HT shall be eligible to be billed 15% of their energy drawal in HT bulk supply domestic category.

(xxiv) The printout of the record of the static meter relating to MD, PF, number and period of interruption shall be supplied to the consumer wherever possible with a payment of Rs.500/- by the consumer for monthly record.

(xxv) Charging of electric vehicles shall be treated as GP category use if vehicle charged is owned by the concerned consumer.

(xxvi) Tariff as approved shall be applicable in addition to other charges as approved in this Tariff order w.e.f. 01.06.2019.

# ମଞ୍ଚ ନାଟକ ଅଭିନୟର ଅନ୍ତୁଡ଼ିଶାଳ



ଅବିନାଶ ହୋତା

କଳା ଓ ସଂସ୍କୃତିର ମାଟି ସୁବର୍ଣ୍ଣପୁର। ଏ ମାଟି ଅନେକ ପ୍ରତିଭାଙ୍କୁ ଜନ୍ମ ଦେଇଛି। ଯେଉଁମାନେ ସ୍ଥାନୀୟ କଳା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇ ପାରିଛନ୍ତି। ସେମିତି ଜଣେ ଯୁବ ପ୍ରତିଭା ହେଲେ ଅବିନାଶ ହୋତା(ବାଦଲ)। ବୀରମହାରାଜପୁର ବ୍ଲକର ଲାଟୁରପେଟ ଗ୍ରାମର ବୈଜୟନ୍ତୀ ଓ ଆନନ୍ଦ ହୋତାଙ୍କ ଏକମାତ୍ର ପୁତ୍ର ସେ । ଛାତ୍ରାବସ୍ଥାରୁ କଳା କ୍ଷେତ୍ରରେ ନିଜକୁ ସମର୍ପି ଦେଇଥିବା ଏହି ପ୍ରତିଭା ପ୍ରଥମେ ଆଲବମ ଦୁନିଆରୁ ଆରମ୍ଭ କରିଥିଲେ ତାଙ୍କର ଯାତ୍ରା। ସମ୍ବଲପୁରୀ ଆଲବମ, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ନାଟକ ପରେ ବିଭିନ୍ନ ମଞ୍ଚରେ ଦେଖାଇଥିଲେ ନିଜ ଅଭିନୟର ଯାଦୁ। ତା'ସହ ଅନେକ କ୍ଷୁଦ୍ର ଚଳଚ୍ଚିତ୍ରରେ ଅଭିନୟ କରି ବିଭିନ୍ନ ସ୍ଥାନରେ ପୁରସ୍କୃତ ହୋଇଛନ୍ତି ଅବିନାଶ। ଖାଲି ନୃତ୍ୟ କି ନାଟକରେ ଅଭିନୟ ନୁହେଁ ବହୁ ନାଟକରେ ନିଜେ ନିର୍ଦ୍ଦେଶନା ଦେଇ ନିଜର କୃତିତ୍ୱ ପ୍ରତିପାଦନ କରିଛନ୍ତି । ଏଥର ଧରିତ୍ରୀ ଆଳାପ ସ୍ତମ୍ଭରେ ତାଙ୍କ କଥା...।

ଧରିତ୍ରୀ ଆଳାପ

ରିପୋର୍ଟ: ମୃତ୍ୟୁଞ୍ଜୟ ଶତପଥୀ

**◈ କେବେଠୁ ଆରମ୍ଭ ହେଲ ଆପଣଙ୍କ ଅଭିନୟ ଜୀବନ?**

○ ବୀରମହାରାଜପୁର ଉଫୁଲା ଏମ୍‌ଇ ସ୍କୁଲରେ ପଢିବା ବେଳେ ଏକ କୌତୂକ ବେଶ ପ୍ରତିଯୋଗିତାରେ ଶିକ୍ଷକ ଚରିତ୍ର ଭାବେ ଅଭିନୟ କରିଥିଲି। ୨୦୦୨ରେ ଟୁକେଲ ପଟା ଫର୍ମୁଲା, ୨୦୦୪ରେ ପୁଚ୍‌କି ଗାଲି, ୨୦୦୫ରେ ଝାଇଁରେ, ୨୦୦୬ରେ ତାରା ରାରା ଛେଇ ଛେଇ ଓ ବଲାଙ୍ଗୀର ରାଜେନ୍ଦ୍ର କଲେଜରେ ପଢିବା ସମୟରେ ନାଟକ ନିଆଁ, ବନ୍ଦେ ମାତରମ, ଇଂଲିଶ ଡ୍ରାମା ଲେଟ୍‌ସ ଗୋ, ସମ୍ବଲପୁରୀ ନାଟକ ସଭେ ଗଧ ରେ ପ୍ରମୁଖ ଚରିତ୍ରରେ ଅଭିନୟ କରିବାର ସୁଯୋଗ ପାଇଛି।

**◈ ମଞ୍ଚ ନା ସିନେମାରେ ଅଭିନୟ ଆପଣଙ୍କୁ ସନ୍ତୋଷ ପ୍ରଦାନ କରେ ?**

○ ମଞ୍ଚ ଓ ଟେଲି ସିରିଏଲରେ ଅଭିନୟ କରିଛି। କିନ୍ତୁ ମଞ୍ଚରେ ଅଭିନୟ କରିବା ସମୟରେ ମୋ ଭିତରେ ଭିନ୍ନ ଆତ୍ମବିଶ୍ୱାସ ସୃଷ୍ଟି ହୁଏ। ଲାଗେ ଯେମିତି ମୁଁ ହିଁ ମଞ୍ଚର ସମ୍ରାଟ। ଦର୍ଶକଙ୍କ ତାଳି ମାଡ଼ କାନରେ ବାଜିଲେ ଛାତି କୁଣ୍ଢେମୋଟ ହୋଇଯାଏ।

**◈ ଅଭିନୟକୁ ନେଇ କିଛି ବିଶେଷ ଅନୁଭୂତି ?**

○ ସୋନପୁରର ମହାନଦୀ ସାହିତ୍ୟ ସଂସଦ ପକ୍ଷରୁ ଏକ ନାଟକ ଶିଳ୍ପୀ ମଞ୍ଚସ୍ଥ ହେବାର ଥାଏ। ନାଟ୍ୟକାର ଓ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ କୁମାର ସାହୁ ପ୍ରଥମେ ମୋତେ ଅପେକ୍ଷାକୃତ ଏକ ଛୋଟ ଚରିତ୍ରରେ ଅଭିନୟ ସୁଯୋଗ ଦେବା ପାଇଁ ମନସ୍ଥ କରିଥିଲେ। କିନ୍ତୁ ନାଟକ ଅଭ୍ୟାସ ସମୟରେ ମୋର ଅଭିନୟ ଦେଖି ଶିଳ୍ପୀ ନାଟକର ଅନ୍ୟତମ ମୁଖ୍ୟ ଚରିତ୍ରରେ ଅଭିନୟ କରିବାର ସୁଯୋଗ ଦେଲେ। ନାଟକ ମଞ୍ଚସ୍ଥ ହେବା ସମୟରେ ଏକ ପଥର ମୂର୍ତ୍ତି ପରି ମୋ ଦେହକୁ ସମ୍ପୂର୍ଣ୍ଣ ରଙ୍ଗ କରାଯାଇଥିଲା। ନାଟକର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ମୋ ମୁହଁରେ ଏକ କାଗଜ ବାନ୍ଧି ଦିଆ ଯାଇଥିଲା। କେବଳ ସହ କଳାକାରଙ୍କ ସଂଳାପ ଶୁଣି ଏବଂ ସଙ୍ଗୀତକୁ ଅନୁଭବ କରି ମୁଁ ମୋର ଅଭିନୟ କରୁଥିଲି ଓ ସଂଳାପ କହୁଥିଲି। ଏହି ଅଭିନୟ ପାଇଁ ମୋତେ ବହୁ ପ୍ରଶଂସା ମିଳିଛି।

**◈ କେଉଁ ନାଟ୍ୟ ଅନୁଷ୍ଠାନ ସହ ଆପଣ ଜଡିତ ?**

○ ନୋଡାଲ ଆସୋସିଏଶନ ଫର ଆମେଚର୍ ଥିଏଟର(ନାଟ୍)ର ସାଂସ୍କୃତିକ ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରୁଛି। ନାଟ୍ ପକ୍ଷରୁ ସୋନପୁରରେ ପ୍ରତି ବର୍ଷ ଏକ ଜାତୀୟସ୍ତରର ନାଟକ ମହୋତ୍ସବ ରାଷ୍ଟ୍ରୀୟ ନାଟ୍ ମେଳା ଆୟୋଜନ ହେଉଛି। ଏହା ବ୍ୟତୀତ ମହାନଦୀ ସାହିତ୍ୟ ସଂସଦ, ଟ୍ରେଣ୍ଡି ଏକାଡେମୀ ଓ ବୌଦ୍ଧ ଜିଲା ଖଟଖଟିଆର ଯାତ୍ରୀ ଅନୁଷ୍ଠାନ ସହ ସକ୍ରିୟ ଭାବେ ଜଡିତ ଅଛି।

**◈ ଆପଣ ଜଣେ ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା, କେଉଁ କ୍ଷେତ୍ରରେ ସହଜ ଅନୁଭବ କରନ୍ତି?**

○ ଜଣେ ଅଭିନେତାକୁ ନିଜ ଅଭିନୟ ଉପରେ ଗୁରୁତ୍ୱ ଦେବାକୁ ହୋଇଥାଏ; ଯଦିଓ ଏଥିରେ ସହ କଳାକାରଙ୍କ ସହିତ ତାଳମେଳ କରିବା ଆବଶ୍ୟକ ଥାଏ। କିନ୍ତୁ ନିର୍ଦ୍ଦେଶକ ଭାବେ ସମସ୍ତ ଦିଗ ପ୍ରତି ସାମୂହିକ ଭାବେ ଦାୟିତ୍ୱ ନିଭାଇବାକୁ ପଡିଥାଏ। ମୁଁ ଏବେ ବିଶେଷ କରି ଅଭିନୟ ଉପରେ ଗୁରୁତ୍ୱ ଦେଇ ଆସିଛି। ଯଦିଓ କେତେକ ନାଟକର ନିର୍ଦ୍ଦେଶନା ଦେଇଛି, କିନ୍ତୁ ମୋତେ ନିର୍ଦ୍ଦେଶନା କ୍ଷେତ୍ରରେ ଆହୁରି ପରିପକ୍ୱ ହେବାର ଅଛି ବୋଲି ମୁଁ ଅନୁଭବ କରୁଛି।

**◈ ଆପଣଙ୍କ ସଫଳ ନାଟକ ସମ୍ପର୍କରେ କହିବେ ?**

○ ମୋର ଗୁରୁ ପ୍ରଦ୍ୟୁମ୍ନ ସାହୁଙ୍କ ନିର୍ଦ୍ଦେଶିତ ନାଟକ ଶିଳ୍ପୀ, କୁଇଲି, ମାନ୍ୟବର ଗାଡଭାଲୁ ଆଦି ନାଟକର ପ୍ରମୁଖ ଚରିତ୍ର ସବୁରେ ଅଭିନୟ କରିଛି। ଏହି ନାଟକ ସବୁ ଓଡିଶା ଓ ଓଡିଶା ବାହାରେ ପୁରସ୍କୃତ ହେବା ସହ ଲୋକପ୍ରିୟତା ଅର୍ଜନ କରିଛି। ଠିକ୍ ସେହିଭଳି ନାଟ୍ୟକାର ତଥା ଅଧ୍ୟାପକ ପୁରୁଷୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ ପର୍ଶୁରାମ, ବିଗଡେଲ ଘୋଡା ଓ ନାଟ୍ୟଶ୍ରୀ ଗଦାଧର ବାରିକଙ୍କ ନିର୍ଦ୍ଦେଶିତ ନାଟକ ଜୀବ ଆଦି ମୋର ଅଭିନୀତ ସଫଳତମ ନାଟକ।

**◈ ମଞ୍ଚ ନାଟକରୁ ଯୁବ ପିଢ଼ି ଦୂରେଇ ଯାଉଛନ୍ତି କି ?**

○ ଆଜିକାଲି ଅଭିନୟ ଶିଖିବା ପୂର୍ବରୁ ସମସ୍ତେ ନିଜକୁ ପରଦାରେ ଦେଖିବାକୁ ଅଭିଳାଷ ରଖୁଛନ୍ତି। କିନ୍ତୁ, ମୁଁ କହିବି ମଞ୍ଚ ନାଟକ ହେଉଛି ଅଭିନୟର ଅନ୍ତୁଡିଶାଳ। ଅଭିନୟରେ ରୁଚି ରଖୁଥିବା ଯୁବ ବନ୍ଧୁମାନଙ୍କୁ ନାଟକ ସହ ଯୋଡି ହୋଇ ରହିବାକୁ ମୁଁ ଅନୁରୋଧ କରିବି।

**◈ ଆପଣଙ୍କ ସମ୍ମାନ ଓ ସ୍ୱୀକୃତି ବିଷୟରେ କିଛି କୁହନ୍ତୁ।**

○ ପଲସାଗୋରା ନାଟ୍ୟ ସମ୍ମାନ, ରୁମୁକୁ ଝୁମାନା ଯୁବ କଳାକାର ସମ୍ମାନ, ବୀରମହାରାଜପୁର ପାୟନର ସ୍କୁଲ, କନ୍ଧମାଳ ଲୋକ ମହୋତ୍ସବ ଓ ହରଭଙ୍ଗା ଗଡଜାତ ମହୋତ୍ସବରେ କଳାକାର ଓ ଉଦ୍‌ଘୋଷକ ଭାବେ ସମ୍ମାନିତ ହେବା ସହ ଅଭିନୟ ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ମଞ୍ଚରେ ପୁରସ୍କୃତ ତଥା ସମ୍ମାନିତ ହୋଇଛି ।

**◈ ଅଭିନୟ ବ୍ୟତୀତ ଅନ୍ୟ କ'ଣ ରୁଚି ଅଛି ?**

○ ଅଭିନୟ ବ୍ୟତୀତ ମଞ୍ଚ ସଂଯୋଜନାରେ ମୋର ରୁଚି ରହିଛି। ଏହା ବାଦ୍ ଫୁର୍‌ସତ ସମୟରେ ପରିବାର ତଥା ବନ୍ଧୁମାନଙ୍କ ସହ ଲଙ୍ଗ ଡ୍ରାଇଭ୍‌ରେ ଯିବାକୁ ପସନ୍ଦ କରିଥାଏ।

**◈ ଭବିଷ୍ୟତ ପାଇଁ କ'ଣ ଯୋଜନା ଅଛି ?**

○ ଅଭିନୟ ମୋର ଦୁର୍ବଳତା, ନାଟକକୁ ଜୀବିତ ରଖିବା ପାଇଁ ମୋର ପ୍ରୟାସ ଜାରି ରହିଛି। କେତେକ କ୍ଷୁଦ୍ର ଚଳଚ୍ଚିତ୍ରରେ ଅଭିନୟ କରିଛି। ମୁକ୍ତିଲାଭ ଅପେକ୍ଷାରେ ଥିବା ଶଳା ବୁଢାର ବଦଳା ସିନେମାରେ ଅଭିନୟ କରିବାକୁ ସୁଯୋଗ ମିଳିଛି। କିନ୍ତୁ ନିଷ୍ଠାବାନ ଭାବେ ନାଟକ ପାଇଁ ତମାମ ଜୀବନ ଉତ୍ସର୍ଗ କରିବି। ଏହା ମୋର ଅଙ୍ଗୀକାର।

## ମିଲିଟାରି ଫ୍ୟାଶନ ଟ୍ରେଣ୍ଡ୍

# ଷ୍ଟାଇଲିଶ୍ ଲୁକ୍ ପାଇଁ ଆଦର



ଫ୍ୟାଶନ ଦୁନିଆରେ ପରିବର୍ତ୍ତନ କିଛି ନୂଆ କଥା ନୁହେଁ। ବର୍ତ୍ତମାନ ପିଢିର ଫ୍ୟାଶନରେ ପ୍ରତିଦିନ ନୂଆ ନୂଆ ଟ୍ରେଣ୍ଡ୍ ଓ ଷ୍ଟେଟ୍‌ମେଣ୍ଟ ସାମିଲ ହେଉଥିବାବେଳେ ଗତ କିଛିବର୍ଷ ହେଲା ଟ୍ରେଣ୍ଡ୍‌ରେ ରହିଛି ମିଲିଟାରି ଫ୍ୟାଶନ। ପୂର୍ବରୁ ମିଲିଟାରି ଫ୍ୟାଶନ ପ୍ରତି ଲୋକଙ୍କ ଦୁର୍ବଳତା ରହିଥିବାବେଳେ ଏବେ ପୁଣିଥରେ ଏହା ଟ୍ରେଣ୍ଡ୍‌ରେ ସାମିଲ ହୋଇଛି। ବିଶେଷକରି ମହିଳାଙ୍କ ଫ୍ୟାଶନରେ ଏବେ ଏହା ସାମିଲ ହୋଇଛି। ବର୍ତ୍ତମାନର ଡିଜାଇନର୍‌ମାନେ ଫ୍ରେଶ୍ ଡିଜାଇନ୍ ଓ କଣ୍ଟେମ୍ପୋରାରି ଷ୍ଟାଇଲରେ ମିଲିଟାରି ଫ୍ୟାଶନକୁ ସମ୍ପୂର୍ଣ୍ଣ ନୂଆ ରୂପ ଦେଉଛନ୍ତି। କ୍ୟାମୋଫ୍ଲାଜ୍ ପ୍ରିଣ୍ଟରୁ ଆରମ୍ଭକରି ମିଲିଟାରି ଜ୍ୟାକେଟ୍ ପର୍ଯ୍ୟନ୍ତ ମହିଳାଙ୍କ ଫ୍ୟାଶନ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିଛି। କେବଳ ଏତିକି ନୁହେଁ, ବର୍ତ୍ତମାନ ସମୟରେ ସେଲିବ୍ରିଟି ଷ୍ଟାଇଲରେ ମଧ୍ୟ ଏହା ସାମିଲ ହୋଇଛି। ପ୍ରିୟଙ୍କା ଚୋପ୍ରା, ଦିଶା ପାଟନି, କ୍ରୀତି ସାନନ୍‌ଙ୍କ ଭଳି ବଲିଉଡ୍ ଷ୍ଟାର୍‌ଙ୍କ ମିଲିଟାରି ଇନ୍‌ସ୍ପାୟାର୍ ଲୁକ୍ ଏହି ଟ୍ରେଣ୍ଡ୍‌କୁ ଆଉପାଦେ ଆଗକୁ ନେଇଯାଇଛି।





ଚିରାଚରିତଠାରୁ ଟିକେ ଊର୍ଦ୍ଧ୍ୱକୁ ଯାଇ ସବୁବେଳେ କିଛି ନୂଆ ଫ୍ୟାଶନ କରିବାକୁ ଚାହୁଁଥିବା ଯୁବପିଢିଙ୍କ ପାଇଁ ଏହି ବ୍ୟାଟଲ୍ ଡ୍ରେସ୍ ଫ୍ୟାଶନ ଏକ ଭଲ ଅପସନ୍ ହୋଇପାରିଛି। କ୍ୟାମୋଫ୍ଲାଜ୍ ଓ କମ୍ବାଟ୍ ପ୍ରିଣ୍ଟରେ ଉଭୟ ଯୁବକ ଓ ଯୁବତୀଙ୍କ ପାଇଁ ବର୍ତ୍ତମାନ ବଜାରରେ ଉପଲବ୍ଧ ହେଉଥିବା ଭଳିକି ଭଳି ଡିଜାଇନ୍‌ର ପୋଷାକ ଲୋକପ୍ରିୟତା ହାସଲ କରିଛି।



ପୂର୍ବରୁ ମିଲିଟାରି ପ୍ୟାଣ୍ଟକୁ ନେଇ ଲୋକମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିବାବେଳେ ଏବେ ମିଲିଟାରି ଶାର୍ଟ, ସ୍କାର୍ଫ, ଜ୍ୟାକେଟ୍ ଏବଂ ଜୋତାକୁ ନେଇ ମଧ୍ୟ ଫ୍ୟାଶନ ଟ୍ରେଣ୍ଡ୍ ଆରମ୍ଭ ହୋଇଛି। ପୂର୍ବରୁ ଡେନିମ୍ ଜ୍ୟାକେଟ୍‌ର ଟ୍ରେଣ୍ଡ ରହିଆସିଥିବା ବେଳେ ଏବେ ଡେନିମ୍ ପରିବର୍ତ୍ତେ ଖାକି ରଙ୍ଗ ବା ମିଲିଟାରି ଜ୍ୟାକେଟ୍ ଓ କାର୍ଗୋ ଜ୍ୟାକେଟ୍‌ର ଲୋକପ୍ରିୟତା ଦେଖିବାକୁ ମିଳୁଛି। ଭିନ୍ନ ଲୁକ୍ ଦେଉଥିବାରୁ ଅନେକ ଏହାକୁ ପସନ୍ଦ କରୁଛନ୍ତି। ଧଳା କିମ୍ବା ଯେକୌଣସି ହାଲକା ରଙ୍ଗର ପୋଷାକ ବା ଆଉଟ୍‌ଫିଟ୍ ସହ ଏହି ଜ୍ୟାକେଟ୍ ପିନ୍ଧିହେଉଛି। ଫ୍ୟାଶନ ଡିଜାଇନର୍‌ଙ୍କ ମତରେ ମିଲିଟାରି ଫ୍ୟାଶନର ଏକ ନିଆରା ଚାର୍ମ ରହିଛି। ଅଧିକାଂଶ ଡିଜାଇନର୍‌ଙ୍କ ମତରେ ଏହା ରିଲାକ୍ସ ଲୁକ୍ ପ୍ରଦାନ କରିବା ସହ ପିନ୍ଧିଥିବା ବ୍ୟକ୍ତି ମଧ୍ୟ ଶୃଙ୍ଖଳିତ ମନେ ହୋଇଥାଏ। ତେବେ ଆର୍ମି ୟୁନିଫର୍ମ ପାର୍ଟନର ଡ୍ରେସ୍ ନ ପିନ୍ଧିବାକୁ ଇଣ୍ଡିଆନ୍ ଆର୍ମି ପକ୍ଷରୁ କିଛିଦିନ ତଳେ ଅନୁରୋଧ କରାଯାଇଥିବା ବେଳେ ପିନ୍ଧିବା ପୂର୍ବରୁ ରହିଥିବା କିଛି ଗାଇଡ୍‌ଲାଇନକୁ ଅନୁକରଣ କରିବାକୁ କୁହାଯାଇଛି।

### ସମର୍ ଲୁକ୍

ମିଲିଟାରିରେ ବ୍ୟବହୃତ ଅଲିଭ୍ ଗ୍ରୀନ୍ ଓ ସୁବଜ ଖାକି ବର୍ତ୍ତମାନ ସମୟରେ ସର୍ବାଧିକ ଟ୍ରେଣ୍ଡ୍‌ରେ ରହିଛି। ସବୁଜ ରଙ୍ଗ କ୍ଲାସି ବା ସୋଫିଷ୍ଟିକେଟେଡ୍ ଲୁକ୍ ଦେଉଥିବାରୁ ଏହାର ଚାହିଦା ଅଧିକ ରହୁଛି। ଗାଢ ସବୁଜ ରଙ୍ଗର ଖାକି ପୋଷାକ ମହିଳା ଓ ପୁରୁଷ ସମସ୍ତଙ୍କୁ ସୁଟ୍ କରୁଥିବା ବେଳେ କଳା ପ୍ୟାଣ୍ଟ ସହ ଟିମ୍ କରି ଏହାକୁ ପିନ୍ଧିହେଉଛି। ଏହାବ୍ୟତୀତ ଖାକି ବ୍ଲେଜର ସହ ଖାକି ପେନ୍‌ସିଲ୍ ସ୍କର୍ଟ କର୍ପୋରେଟ୍ ଲୁକ୍ ଭଳି ଲାଗୁଥିବା ବେଳେ କାର୍ଗୋ ପ୍ୟାଣ୍ଟ ସହ ହାଲ୍‌କା ରଙ୍ଗର କ୍ୟାମୋଫ୍ଲାଜ୍ ପ୍ରିଣ୍ଟ ପୁଲଓଭର୍ ବା କ୍ରପ୍‌ଡ ହୁଡି ଖରାଦିନ ପାଇଁ ଏକ ପର୍ଫେକ୍ଟ କୁଲ୍ ଲୁକ୍ ଦେଇଥାଏ। ସେହିଭଳି ସର୍ଟ ଖାକି ଗ୍ରୀନ୍ ଜ୍ୟାକେଟ୍ ସହ ଏକ ଡାର୍କ ଟପ୍ ଓ ପ୍ୟାଣ୍ଟ ମଧ୍ୟ ଷ୍ଟାଇଲିଶ୍ ଲାଗିଥାଏ। ଓଭରସାଇ୍ ଟିସାର୍ଟ ବର୍ତ୍ତମାନର ଯୁବତୀଙ୍କ ଷ୍ଟାଇଲ ଷ୍ଟେଟମେଣ୍ଟ ହୋଇଥିବା ବେଳେ ଖାକି ରଙ୍ଗରେ ମିଳୁଥିବା ଏହି ଟିଶାର୍ଟ ଏକ ଷ୍ଟାଇଲିଶ୍ ସମର ଲୁକ୍ ଦେଇଥାଏ।

### ୱିକେଣ୍ଡ୍‌ରେ ଖାକି

କେବଳ କାଜୁଆଲ୍ କିମ୍ବା ଅଫିସ୍ ୱେର୍ ପାଇଁ ନୁହେଁ, ମିଲିଟାରି ଫ୍ୟାଶନକୁ ଆଜିକାଲି ୱିକେଣ୍ଡ୍ ଆଉଟିଂ ଓ ପାର୍ଟି ୱେର୍‌ଭାବେ ମଧ୍ୟ ଦେଖିବାକୁ ମିଳିଲାଣି। ଡିଜାଇନରମାନଙ୍କ କ୍ରିଏଟିଭ୍ ଡିଜାଇନ୍ ଏହାକୁ ଏକ ନୂତନ ସ୍ତରରେ ପହଞ୍ଚାଇଛି। ଯୁବତୀମାନଙ୍କ ପାଇଁ ମିଳୁଥିବା ଖାକି ରଙ୍ଗର ଲଙ୍ଗ୍ ଓ ଓଭରସାଇଜଡ୍ କୋର୍ଟକୁ



କକ୍‌ଟେଲ୍ ଡ୍ରେସ୍, ୱାନ୍ ପିସ୍ ଏବଂ ଜମ୍ପସୁଟ୍ ସହ ମଧ୍ୟ ପିନ୍ଧିହେଉଛି। ଏହାବ୍ୟତୀତ ଖାକି କିମ୍ବା ଅଲିଭ୍ ଗ୍ରୀନ୍‌ର ସର୍ଟସ ଓ ସ୍କର୍ଟକୁ ଯେକୌଣସି ରଙ୍ଗର ସ୍ଲିଭ୍‌ଲେସ୍ ଟପ୍ କିମ୍ବା ଶାର୍ଟ ସହ ଇନ୍ କରି ପିନ୍ଧିଲେ ଭିନ୍ନ ଲୁକ୍ ଦେଇଥାଏ। ସେହିଭଳି କ୍ୟାମୋଫ୍ଲାଜ୍ ପ୍ରିଣ୍ଟ ଡ୍ରେସ୍ ସର୍ଟ ସହ ସ୍ନିକର୍ ଓ ଫ୍ୟାଶନ ଅର୍ନାମେଣ୍ଟ ଚିକ୍ ଲୁକ୍ ପ୍ରଦାନ କରିଥାଏ।

## ସେଲ୍‌ଫି କର୍ଣ୍ଣର

ସେଲ୍‌ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ

dklselfie@gmail.com

(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)



ସଞ୍ଜୀବ



ପୂର୍ଣ୍ଣ



ରାକେଶ



ଦେବାଶିଷ



ଅଭିଷେକ



ସୌମ୍ୟରଞ୍ଜନ



ଗଙ୍ଗାଧର



ବିଷ୍ଣୁ



ବାବୁନି

## ସଂକ୍ଷେପରେ

### ପୂର୍ବତନ ସିଡିଏମ୍‌ଓଙ୍କ ବିୟୋଗରେ ଶୋକ



ଅନୁଗୋଳ ଅଫିସ, ୨୨।୫- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ସିଡିଏମ୍‌ଓ ଡାକ୍ତର ଶିବ ପ୍ରସାଦ ପାଢ଼ୀଙ୍କ ବିୟୋଗରେ ବୁଧବାର ମେଡିକାଲରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ାରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗୋଟିଏ ମାସ ପାଇଁ ପାଢ଼ୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ ବଦଳି ହୋଇ ଆସିଥିଲେ। ୨୦୧୮ ସେପ୍ଟେମ୍ବର ୧୨ରୁ ଅକ୍ଟୋବର ୧୩ ତାରିଖ ପର୍ଯ୍ୟନ୍ତ ସେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ମେଡିକାଲ କର୍ତ୍ତୃପକ୍ଷ ଓ କର୍ମଚାରୀ ଶୋକବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ, ଡା. ପାଢ଼ୀ ଅସୁସ୍ଥତା କାରଣରୁ ବେଙ୍ଗାଲୁରୁ ଚିକିତ୍ସିତ ହେଉଥିଲେ। ଗତ ୨୧ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ରାସ୍ତା କାମକୁ ଗିରାଙ୍ଗ ଗ୍ରାମବାସୀଙ୍କ ବିରୋଧ

ବଅଁରପାଳ,୨୨।୫(ଡି.ଏନ.ଏ.)- ନାଲ୍‌କୋ ସିପିପି ରାସ୍ତାର ଅଧା ରହିଥିବା ଏକ ରାସ୍ତାର ନିର୍ମାଣ କାର୍ଯ୍ୟକୁ ଗିରାଙ୍ଗ ଗ୍ରାମବାସୀ ବିରୋଧ କରିଛନ୍ତି। ବୁଧବାର ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ପାଇଁ ନାଲ୍‌କୋର କେତେକ ଅଧିକାରୀ ଓ ସିଆଇଏସଏଫ କର୍ମଚାରୀ ସେଠାକୁ ଆସିଥିଲେ। ମାତ୍ର ଗିରାଙ୍ଗ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ନାଲକୋ ପ୍ଲାଣ୍ଟ ପାଇଁ ଗିରାଙ୍ଗ ଗ୍ରାମର ବହୁ ଜମି ଅଧିଗ୍ରହଣ ହୋଇଛି। ହେଲେ ଏହି ଗ୍ରାମକୁ ନାଲ୍‌କୋ କର୍ତ୍ତୃପକ୍ଷ ଅବହେଳା କରିଛନ୍ତି। ଗ୍ରାମର ରାସ୍ତାଘାଟ ଶୋଚନୀୟ ହୋଇ ପଡ଼ିଥିବାବେଳେ ଗ୍ରାମକୁ ଏ ପର୍ଯ୍ୟନ୍ତ ନାଲକୋ ତରଫରୁ ପାଣି ଯୋଗାଣ ହେଉନାହିଁ। ସେହିପରି ବହୁ କ୍ଷତିଗ୍ରସ୍ତଙ୍କୁ ଏପର୍ଯ୍ୟନ୍ତ ନିଯୁକ୍ତି ମଧ ମିଳିପାରି ନାହିଁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ରାସ୍ତାକାମ କରାଇ ଦିଆଯିବ ନାହିଁ ବୋଲି ଗ୍ରାମବାସୀ ଅଡ଼ିବସିଥିଲେ। ନାଲକୋ ଅଧିକାରୀମାନେ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ବିରୋଧରୁ ଓହରି ଥିଲେ। ଦାବିଗୁଡ଼ିକ ପୂରଣ ନ ହେଲେ ରାସ୍ତା ନିର୍ମାଣକୁ ବିରୋଧ କରାଯିବ ବୋଲି ଗ୍ରାମର କାଳୀଚରଣ କର, ଅଖିଳ ସାମଲ, କୁନା ବେହେରା, ବିଜୟ ସାମଲ, ଦିଲୀପ ଗଡ଼ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ସକାଳ ୫ଟାରେ କେନ୍ଦ୍ରରେ ପହଞ୍ଚିବେ କର୍ମଚାରୀ


ତାଳଚେର,୨୨।୫(ଡି.ଏନ.ଏ.)- ତାଳଚେର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟଗଣତି ନିମନ୍ତେ ସମସ୍ତ ପ୍ରସ୍ତୁତି ସରିଛି। କାଉଟିଂ ସୁପରଭାଇଜର, କାଉଟିଂ ସହକାରୀ ଅଣୁ ପର୍ଯ୍ୟବେକ୍ଷକ, ଅତିରିକ୍ତ ଅଣୁ ପର୍ଯ୍ୟବେକ୍ଷକଙ୍କ ରାଣ୍ଡୋମାଇଜେଶନ କାର୍ଯ୍ୟ ଶେଷ ହୋଇଛି। ଗଣନା ସକାଳ ୮ଟାରୁ ଆରମ୍ଭ ହେବାକୁ ଥିବାବେଳେ ସକାଳ ୫ଟା ସୁଦ୍ଧା ସମସ୍ତ କର୍ମଚାରୀ କେନ୍ଦ୍ରରେ ପହଞ୍ଚିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ତାଳଚେର ବିଧାନସଭା ନିମନ୍ତେ ୩୦ ଜଣ କାଉଟିଂ ସୁପରଭାଇଜର, ୩୨ ଜଣ କାଉଟିଂ ସହକାରୀ, ୩୨ ଜଣ ଅଣୁ ଓ ଅତିରିକ୍ତ ଅଣୁ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି। ଗଣମାଧମ ପ୍ରତିନିଧିଙ୍କ ନିମନ୍ତେ ମହାବିଦ୍ୟାଳୟର ୩୪ ନମ୍ବର ରୁମ୍‌ରେ ମିଡିଆ ସେଲ ଖୋଲାଯାଇଛି। ତାଳଚେର ଭୋଟଗଣନା ନିମନ୍ତେ ଜେ.ପି. ଦେବାଗନ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ ହୋଇଛନ୍ତି। ଏ ସଂକ୍ରାନ୍ତରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ବିଡିଓ ନେତ୍ରାନନ୍ଦ ମଲିକ, କଣିହାଁ ବିଡିଓ ରମେଶ ଜେନା, ପୌରପାଳିକା ଅଧିକାରୀ ଅତସି ପରିଡା, ସହକାରୀ ଜିଲାପାଳ ସୁବାସ ପ୍ରଧାନ, ଗୌରୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରା କୋଇଲା ଟ୍ରକ୍ ଜବତ

ଛେଣ୍ଡିପଦା,୨୨।୫(ସ୍ୱ.ପ୍ର)- ଛେଣ୍ଡିପଦା ଥାନା ସନ୍ତରାବନ୍ଧ ଅଞ୍ଚଳରେ ଥିବା ଏକ ଚୋରା କୋଇଲା ଖଣିରେ ମଙ୍ଗଳବାର ଛେଣ୍ଡିପଦା ପୋଲିସ ଚଢ଼ାଉ କରି ଏକ ଚୋରା କୋଇଲା ବୋଝେଇ ଟ୍ରକ(ନଂ.ଓଆର୦୪ଏଚ୪୫୯୫)କୁ ଜବତ କରିଛି। ପୋଲିସ କହିଛି, ବିଳମ୍ବିତ ରାତିରେ ଉକ୍ତ ଚୋରା କୋଇଲା ଖଣିରୁ କୋଇଲା ବୋଝେଇ ହୋଇଯାଉଥିବାବେଳେ ପୋଲିସ ଖବର ପାଇ ଚଢ଼ାଉ କରିଥିଲା।

# ୪୨ ବର୍ଷରେ ବଇଣ୍ଡା ଚନ୍ଦନଯାତ୍ରା

ପରିକ୍ଷିତ ସାହୁ
ବଇଣ୍ଡା,୨୨।୫


ଚନ୍ଦନଯାତ୍ରା ପାଇଁ ପ୍ରସ୍ତୁତି ଚାଲିଛି।

- ୪ ଲକ୍ଷର ବ୍ୟୟ ଅଟକଳ
- ୪ ଦିନ ଧରି ଚାଲିବ ଉତ୍ସବ
- ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ

ଆଠମଲ୍ଲିକ ଉପଖଣ୍ଡର ପ୍ରସିଦ୍ଧ ବଇଣ୍ଡା ଚନ୍ଦନ ଯାତ୍ରା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାରଠାରୁ ଏହି ଯାତ୍ରା ଆରମ୍ଭ ହୋଇ ୪ଦିନ ଧରି ଚାଲିବ। ସେହିପରି ୩ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସ୍ଥିର ହୋଇଛି। ଚଳିତ ବର୍ଷ ଏହି ଯାତ୍ରା ୪୨ ବର୍ଷରେ ପଦାର୍ପଣ କରିଛି । ପୂର୍ବରୁ ଖୁବ୍‌କମ ବଜେଟରେ ଯାତ୍ରା କରାଯାଉଥିବାବେଳେ ଚଳିତ ବର୍ଷ ୪ ଲକ୍ଷ ଟଙ୍କା ବ୍ୟୟ କରିବା ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଏଥିସହ ଯାତ୍ରାକୁ ଧୁମ୍‌ଧାମରେ ପାଳନ କରାଯିବା ନେଇ ଗୁରୁତ୍ୱ ଦିଆଯାଇଛି।

ବଇଣ୍ଡା ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ କହିବା ଅନୁଯାୟୀ, ଦେବଗଡ଼ ଜିଲା ଆଉଁଳୀ ନଈ କୂଳର ଅଖ୍ୟାତ ଗ୍ରାମରୁ ବୈଷ୍ଣବ ଧର୍ମର ସାଧକ ପିତୁଣ୍ଡୁବାବା ନୁନୁକାପଶି ପଞ୍ଚାୟତର ଆନନ୍ଦମୁଣ୍ଡା ଗ୍ରାମରେ ମଠ କରି ରହୁଥିଲେ। ପରେ ବାବା ବଇଣ୍ଡା, ଆନନ୍ଦମୁଣ୍ଡା, କଦଳୀମୁଣ୍ଡା ଗ୍ରାମବାସୀଙ୍କୁ ଏକାଠି କରି ଚନ୍ଦନ ଯାତ୍ରା ଆରମ୍ଭ କରିଥିଲେ। ମାତ୍ର ପରେ ଆନନ୍ଦମୁଣ୍ଡା ଓ କଦଳୀମୁଣ୍ଡା ଗ୍ରାମବାସୀ ଏହି ଯାତ୍ରାରୁ ଓହରି ଯାଇଥିଲେ। କେବଳ ବଇଣ୍ଡା ଗ୍ରାମବାସୀ ବର୍ତ୍ତମାନ ପର୍ଯ୍ୟନ୍ତ ଏହାକୁ ବଜାୟ ରଖିଛନ୍ତି। ବାବାଙ୍କ ପରାମର୍ଶକ୍ରମେ ଗ୍ରାମବାସୀ ଏକତ୍ରିତ ହୋଇ ପାପସରା ଗ୍ରାମରୁ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ଆଣିବାପରେ ବାବା ରଖିଥିବା ପ୍ରଭୁ ରାଧାକୃଷ୍ଣଙ୍କ ପ୍ରତିମାକୁ ନେଇ ଚନ୍ଦନ ଯାତ୍ରା ଆରମ୍ଭ ହୋଇଥିଲା। ପ୍ରତ୍ୟେକ ବର୍ଷ ପାପସରା ଗ୍ରାମରୁ ପ୍ରଭୁ ରାଧାକୃଷ୍ଣଙ୍କୁ ଆଣି ଯାତ୍ରା କରାଯାଉଥିବା ଯୋଗୁ ସମସ୍ୟା ସୃଷ୍ଟି ହେବାରୁ ଗ୍ରାମବାସୀ ୧୯୮୯ରେ ପୁରୀରୁ ଚଳନ୍ତି ପ୍ରତିମା ଆଣି ବଇଣ୍ଡାଠାରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା କରିଥିଲେ। ସେବେଠାରୁ ପୂଜାର୍ଚ୍ଚନା କରାଯାଇ ପ୍ରଭୁଙ୍କ ଯାତ୍ରା କରାଯାଉଛି। ତେବେ ୪୨ ବର୍ଷ ତଳେ ଉକ୍ତ ଯାତ୍ରାରେ ଯେତିକି ଜନସାଧାରଣଙ୍କ ସମାଗମ ହେଉଥିଲା ଏବେ ତାହା ବୃଦ୍ଧି ପାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ଯାତ୍ରାର ବିଶେଷ ଆକର୍ଷଣ ହୋଇଥିବାବେଳେ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଯାତ୍ରା ଦେଖିବା ପାଇଁ ଭିଡ଼ ଜମାଇଥାନ୍ତି। ଏଥିସହିତ ଛୋଟଛୋଟ ପିଲାଙ୍କୁ ନେଇ ଚଳିତ ବର୍ଷ ଏକ ନୂତନ ଭାବରେ ଶିଶୁ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ଯାତ୍ରାରେ ବଇଣ୍ଡାର ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି।


ଭଗବାନ ଘିଓ୍ୱାଲା।


ଚିନ୍ତାମଣି ପ୍ରଧାନ।


ପ୍ରତାପ ପ୍ରଧାନ।


ରମାକାନ୍ତ ବେହେରା।

ଏ ନେଇ ବଇଣ୍ଡା ଗ୍ରାମର ସଭାପତି ଚିନ୍ତାମଣି ପ୍ରଧାନ, ବରିଷ୍ଠ ନାଗରିକ ଭଗବାନ ଘିଓ୍ୱାଲା, ଯାତ୍ରା କମିଟିର ସଦସ୍ୟ ପ୍ରତାପ ପ୍ରଧାନ, ରମାକାନ୍ତ ବେହେରା କହିଛନ୍ତି, ଚନ୍ଦନ ଯାତ୍ରା ପାଇଁ ବଇଣ୍ଡା ଜିଲାର ବିଭିନ୍ନ ଅଞ୍ଚଳରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। କିଭଳି ଶାନ୍ତିଶୃଙ୍ଖଳାର ସହ ଯାତ୍ରା ପାଳନ ହେବ ସେଥିପାଇଁ ଗ୍ରାମବାସୀ ଅଧିକ ଗୁରୁତ୍ୱ ଦେଇ ଆସୁଛନ୍ତି। ୪ ଦିନ ଧରି ଏହି ଯାତ୍ରା ପାଳିତ ହେବ। ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ପାଇଁ ବ୍ୟବସ୍ଥା ହୋଇଛି। ୪ ଲକ୍ଷ ଟଙ୍କାର ଅଟକଳ କରାଯାଇଛି। ଅନ୍ୟପକ୍ଷରେ ବଇଣ୍ଡା ଚନ୍ଦନ ଯାତ୍ରା ପାଇଁ ମଙ୍ଗଳବାର ବଇଣ୍ଡା ଫାଣ୍ଡି ପରିସରରେ ବଇଣ୍ଡା ଗ୍ରାମବାସୀ ଓ ପ୍ରଶାସନ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫାଣ୍ଡି ଅଧିକାରୀ ଆର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆଠମଲ୍ଲିକ ଏସ୍‌ଡିପିଓ ଏସକେ. କରିମ, ହଣ୍ଡପା ଥାନା ଅଧିକାରୀ ଲବ ବୋଡ଼ା, ଏଏସ୍‌ଆଇ ପିକେ ଆଇଚ, ବଇଣ୍ଡା ଗ୍ରାମ ସଭାପତି ଚିନ୍ତାମଣି ପ୍ରଧାନ, ସମ୍ପାଦକ ଜିତେନ୍ଦ୍ର ପ୍ରଧାନ, ଆଇନଜୀବୀ ପ୍ରତାପ ପ୍ରଧାନ, ପରିକ୍ଷିତ ସାହୁ, ଲଛମନ ଦାସ ପ୍ରମୁଖ ଯୋଗ ଦେଇ ଶାନ୍ତିଶୃଙ୍ଖଳାରେ ଯାତ୍ରା ପାଳନ ଉପରେ ଗୁରୁତ୍ୱ ଦେଇଥିଲେ। ରାତି ୧୦ଟା ପରେ ୫୫ ନଂ. ଜାତୀୟ ରାଜପଥ ବାଇପାସରେ ଗାଡ଼ି ଛଡ଼ାଯିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଜନସାଧାରଣଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା କରାଯିବାକୁ ବ୍ୟବସ୍ଥା ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା।

## ଭୟରେ ଦିନ କାଟୁଛନ୍ତି ବୃଦ୍ଧା

- ଅଭିଯୁକ୍ତ ଦେଉଛନ୍ତି ଧମକ, ପୋଲିସ ଚୁପ୍

ଅନୁଗୋଳ ଅଫିସ, ୨୨।୫



ପଡୋଶୀ ପିଲା ଘରେ ପଶି ଜଣେ ଭିନ୍ନକ୍ଷମ ବୃଦ୍ଧାଙ୍କଠାରୁ ଚୋରି କରିବା ଅଭିଯୋଗରେ ଅନୁଗୋଳ ଜିଲା ଏନ୍‌ଟିପିସି ଥାନା ପୋଲିସ ଏକ ମାମଲା ରୁଜୁ କରିଥିଲା। ଘଟଣାର ୩ ମାସ ପରେ ବି ପୋଲିସ କୌଣସି ପଦକ୍ଷେପ ନ ନେବା ଓ ମାମଲା ପ୍ରତ୍ୟାହାର ପାଇଁ ବାରମ୍ବାର ଅଭିଯୁକ୍ତଙ୍କ ପକ୍ଷରୁ ଧମକଚମକ ଦିଆଯାଉଥିବା ଅଭିଯୋଗ କରି ଜିଲା ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ଟୋଲୋକବେଡ଼ା ଗ୍ରାମର ସୁଲୋଚନା ସାହୁ(୬୦)। ଏପରିକି ଥାନାକୁ ଗଲେ ପୋଲିସ ତାଙ୍କୁ ଗାଳିଗୁଲଜ କରୁଛନ୍ତି। ସେ ଉପାୟଶୂନ୍ୟ ଥିବା ଏବଂ ସର୍ବଦା ଭୟଭୀତ ଅବସ୍ଥାରେ ରହୁଥିବା ଏସ୍‌ପିଙ୍କଠାରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଥାଉ କି, ଏନ୍‌ଟିପିସି ଥାନା ଟୋଲୋକବେଡ଼ା ଗ୍ରାମର ସୁଲୋଚନାଙ୍କ ଘରେ ଗତ ଫେବୃୟାରୀ ୨୩ ତାରିଖରେ କେହି ଦୁର୍ବୃତ୍ତ ପଶି ତାଙ୍କ କାନଫୁଲ ଛିଣ୍ଡାଇ ନେଇଥିଲେ। ପଡୋଶୀ ଘରର ପିଲା ଏହା କରିଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୧୪/୧୯ରେ ମାମଲା ରୁଜୁ ହୋଇଥିଲା। ଏହାପରେ ଅଭିଯୁକ୍ତଙ୍କ ମା’ ବାପା ତାଙ୍କ ପରେ ପଶି ମାଡ଼ ମାରିବା ସହ ମାମଲା ଉଠାଇନେବାକୁ ଧମକ ଦେଉଥିବା ସୁଲୋଚନା ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୋମବାର ବିଳମ୍ବିତ ରାତିରେ ମଧ ଅଭିଯୁକ୍ତ ତାଙ୍କୁ ଧମକ ଦେଇଥିବା ସେ ଏସ୍‌ପିଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ଏ ସଂକ୍ରାନ୍ତରେ ଏନ୍‌ଟିପିସି ଥାନା ଭାରପ୍ରାପ୍ତ ଅଧିକାରୀ ରାଜେନ୍ଦ୍ର ମହାପାତ୍ର କହିଛନ୍ତି, ଅଭିଯୋଗ ପରେ ଅଭିଯୁକ୍ତ ଫେରାର ଥିଲେ। ପରେ ସେ କୋର୍ଟକୁ ଯାଇ ବେଲ୍‌ରେ ଆସିଥିଲେ। ଏବେ କ’ଣ ହୋଇଛି ସେ ବିଷୟରେ ଜଣାନାହିଁ। ଏହାର ତଦନ୍ତ କରାଯିବ।

## ସାପ କାମୁଡ଼ାରେ ଜଣେ ମୃତ

ଅନୁଗୋଳ ଅଫିସ୍, ୨୨।୫

ଅନୁଗୋଳ ଜିଲା ହୁଲୁରିସିଂହାଠାରେ ଥିବା ବଣିଆବାହାଳରେ ସାପ କାମୁଡ଼ାରେ ବୁଧବାର ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ନାମ ପ୍ରକାଶ ମାହାଳିକ(୩୫) ବୋଲି ଜଣାପଡ଼ିଛି। ମୃତଦେହ ଜବତ ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଅରକ୍ଷିତ ସେଠୀ ସୂଚନା ଦେଇଛନ୍ତି। ପ୍ରକାଶ ଘରେ ଶୋଇଥିବାବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଜଙ୍ଗଲଜାତ ଦ୍ରବ୍ୟ ବିକଳ୍ପ ଯୋଗାଇବ



ସାରୁଆଳି ବନ ସୁରକ୍ଷା ସମିତି ପକ୍ଷରୁ ଜୈବ ବିବିଧତା ଦିବସ ପାଳନ କରାଯାଉଛି।

ଅନୁଗୋଳ ଅଫିସ, ୨୨।୫

ବନ୍ତଳା ବନାଞ୍ଚଳର ସାରୁଆଳି ବନ ସୁରକ୍ଷା ସମିତିରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟାମାନଙ୍କୁ ନେଇ ବୁଧବାର ଜୈବ ବିବଧତା ଦିବସ ପାଳନ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଜୈବ ବିବିଧତାର ସୁରକ୍ଷା ଉପରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ଜଙ୍ଗଲଜାତ ଦ୍ରବ୍ୟକୁ ସଂଗ୍ରହ କରି ଏହାକୁ ବିକ୍ରି କରିବା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ବିକଳ୍ପ ରୋଜଗାର ପାଇପାରିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ବଡକନ୍ତକୁଳ ପଞ୍ଚାୟତ ଜୈବବିବିଧତା ସମିତି ଓ ପ୍ରକୃତି ପରିବେଶ ବନ୍ୟଜୀବନ ସମିତିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ବନ ସୁରକ୍ଷା ସମିତିର ସଭାପତି ଶ୍ରୀକର ନାହାକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ନିୟୁଜ୍ ଅନୁଷ୍ଠାନର ଟିମ୍ ଲିଡର୍ ବିଜୟ କୁମାର ଜେନା, ଅତିଥି ଭାବେ ନିୟୁଜ୍ ଅନୁଷ୍ଠାନର ବିକାଶ ଅଧିକାରୀ ସୁବ୍ରତ କୁମାର ପ୍ରଧାନ ଯୋଗ ଦେଇଥିଲେ। ବନପାଳ ହରେକୃଷ୍ଣ ଦେହୁରୀ, ବନରକ୍ଷୀ ସୁମିତ୍ରା ବିଶ୍ୱାଳ, ସିଦ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରିୟବ୍ରତ ବେହେରା ଧନ୍ୟବାଦ ଦେଇଥିଲେ। ବସନ୍ତ ଭୋଇ, ଭୁଲୁ ଭୋଇ ଓ ଛକଡି ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଚନ୍ଦନମେଳାରେ ଜୁଆଖେଳ: ୨ ଗିରଫ

ଜଳେଶ୍ୱର,୨୨।୫(ଡି.ଏନ.ଏ.)–

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ନାମ୍ପୋ ଫାଣ୍ଡି ସୁଗୋ ପଞ୍ଚାୟତ ଅନ୍ତର୍ଗତ କାଶିଡ଼ିହାରେ ସପ୍ତାହବ୍ୟାପୀ ଚାଲୁଥିବା ଚନ୍ଦନ ମେଳାରେ ବେଆଇନ୍ ଭାବେ ଜୁଆଖେଳ (ପାଲି) ଚାଲିଥିବା ଅଭିଯୋଗ ପାଇ ପୋଲିସ ଚଢାଉ କରି ଶାଳିକୋଠା ଗ୍ରାମର ଅଜୟ ଜେନା ଓରଫ୍ ଅସ୍‌ନା ଓ କେଶପୁରା ଗ୍ରାମର କାହ୍ନୁ ଜେନାଙ୍କୁ ଜଳେଶ୍ୱର ଗିରଫ କରିଛି। ସେମାନଙ୍କ ନିକଟରୁ ୮ହଜାର ୭୭୦ ଟଙ୍କା ଜବତ ହୋଇଛି। ଥାନା ଆଇଆଇସି ପ୍ରଦୀପ କୁମାର ମାଝୀଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ସଦାଶିବ ନାୟକ ସଦଳବଳେ ବୁଧବାର ବଡ଼ିଭୋର ସମୟରେ ଜୁଆଖେଳ ଚାଲୁଥିବା ସମୟରେ ଚଢାଉ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୧୧୩/୧୯) ରୁଜୁ ହୋଇଛି।

## ଜୈବ ବିବିଧତା ସୁରକ୍ଷାରେ ପରିବେଶ ସମୃଦ୍ଧି




ଛେଣ୍ଡିପଦା,୨୨।୫(ସ୍ୱ.ପ୍ର)/(ଡି.ଏନ.ଏ)

ଅନୁଗୋଳ ଜିଲା କୋଶଳା ଚନ୍ଦନନଗର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କୋଶଳା ଚନ୍ଦନନଗର ବନ୍ୟପ୍ରାଣୀ ସମିତି ଓ ନିୟୁଜ ଅନୁଷ୍ଠାନ ଏବଂ କୋଶଳା ପଞ୍ଚାୟତ ଜୈବ ବିବିଧତା ପରିଚାଳନା ସମିତି ପକ୍ଷରୁ ବୁଧବାର ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳିତ ହୋଇଯାଇଛି। ନିୟୁଜ ଅନୁଷ୍ଠାନର ସଂଯୋଜକ ଅଭୟ କୁମାର ରଣାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଦିବସରେ ମୁଖ୍ୟଅତିଥି ଭାବେ ପରିବେଶବିତ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବ୍ଲକ ଉପାଧ୍ୟକ୍ଷା ସୁଷମା ରାଉଳ, ଚନ୍ଦନନଗର ବନସୁରକ୍ଷା ସମିତି ସଭାପତି ଭାସ୍କର ଚନ୍ଦ୍ର ବେହେରା, ଖବରଦାତା ଦିଲୀପ କୁମାର ସାହୁ, କୋଶଳା ବନବିଭାଗ କାର୍ଯ୍ୟାଳୟର ଫରେଷ୍ଟଗାର୍ଡ ଗୀତୀଳୀ ସାହୁ ପ୍ରମୁଖ ଯୋଗ ଦେଇ ମୃତ୍ତିକା କ୍ଷୟ, ଜଳ, ପରିମଳ, ସ୍ୱାସ୍ଥ୍ୟ, ଜଳବାୟୁ ପରିବର୍ତନ, ପ୍ରକୃତିକ ବିପର୍ଯ୍ୟୟ, ଜଙ୍ଗଲ କ୍ଷୟ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଜୈବବିବିଧତାକୁ ବଜାୟ ରଖିଲେ ପ୍ରାକୃତିକ ପରିବେଶର ସନ୍ତୁଳନ ରହିବ ନ ଚେତ ଆଗକୁ ପରିବେଶ ଉପରେ ବିପଦ ବଢ଼ି ଚାଲିବ। ଜୈବବିବିଧତା ବଜାୟ ରହିଲେ ଖାଦ୍ୟ ନିରାପତ୍ତା ଓ ପରିବେଶୀୟ ସମୃଦ୍ଧି ଅତୁଟ ରହିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ମହିଳାପୁରୁଷ ଉପସ୍ଥିତ ଥିଲେ।

## ୬୪ ୟୁନିଟ ରକ୍ତ ସଂଗ୍ରହ



ଅନୁଗୋଳ ଅଫିସ, ୨୨।୫

ଅନୁଗୋଳ ବ୍ଲକ ଅନ୍ତୁଳିଆ ପଞ୍ଚାୟତ ଲକ୍ଷ୍ମଣପୁର ଗଜାନନ ପୂଜା କମିଟି ପକ୍ଷରୁ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମଣପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଶିବିରରେ ୬୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ବିଶେଷ କରି ଅଧିକ ସଂଖ୍ୟାରେ ମହିଳାମାନେ ରକ୍ତଦାନ କରିଥିବାରୁ ଅତିଥିମାନେ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିବିରକୁ ଅନ୍ତୁଳିଆ ସରପଞ୍ଚ ମିନାକ୍ଷୀ ସାହୁ, ସମିତିସଭ୍ୟ ସଞ୍ଜୀବ କିଶୋର ସ୍ୱାଇଁ, ଟାଇଁସି ସରପଞ୍ଚ ବେଦବ୍ୟାସ ପ୍ରଧାନ, ସମାଜିକ କର୍ମୀ ସୁଶିଲ କୁମାର ପ୍ରଧାନ, ପ୍ରଦୀପ୍ତ କିଶୋର ସାହୁ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଡାକ୍ତର କ୍ଷୀରୋଦ କୁମାର ସାହୁ, ରମଣି ରଞ୍ଜନ ଗଡ଼ନାୟକ ସହଯୋଗ କରିଥିଲେ। ପୂଜା କମିଟିର ସଭାପତି ରବୀନ୍ଦ୍ର ପ୍ରଧାନ, ସମ୍ପାଦକ ବାଲ୍ମିକୀ ପ୍ରଧାନ, କୋଷାଧକ୍ଷ ସୁନୀଲ କୁମାର ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ନିଉ ବଇଣ୍ଡା ଚାମ୍ପିୟନ

- ଇଲେଭେନ ଷ୍ଟାର ନାଇଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବଇଣ୍ଡା,୨୨।୫(ଡି.ଏନ.ଏ.)

କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ଆଶ୍ରମ ନିକଟସ୍ଥ ଖେଳ ପଡ଼ିଆଠାରେ ଚାଲିଥିବା ଇଲେଭେନ ଷ୍ଟାର ନାଇଟ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ନାବ ବଇଣ୍ଡା କ୍ରିକେଟ କ୍ଲବକୁ ହରାଇ ନ୍ୟୁ ବଇଣ୍ଡା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ନାବ ବଇଣ୍ଡା ବ୍ୟାଟିଂ କରି ୮୩ ରନ କରିଥିଲା। ଜବାବରେ ନ୍ୟୁ ବଇଣ୍ଡା ୮୪ ରନ କରି ଚାମ୍ପିୟନ ହୋଇଥିଲା। ବାଳକୃଷ୍ଣ ସ୍ୱାଇଁ, ମାନସ ରଞ୍ଜନ ସାହୁ ମ୍ୟାଚ ପରିଚାଳନା କରିଥିଲା। ମୁଖ୍ୟଅତିଥି ଭାବେ ଭାଜପା ନେତା ଅରବିନ୍ଦ ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ଗାଁ ବଇଣ୍ଡା ସରପଞ୍ଚ ମନସ କୁମାର ସାହୁ, ପଙ୍କଜ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ବିତ୍ତୀୟ ସାକ୍ଷରତା ଶିବିର

ଛେଣ୍ଡିପଦା,୨୨।୫(ଡି.ଏନ.ଏ.)



ଶିବିରରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ।

ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ଗ୍ରାମଠାରେ ମଙ୍ଗଳବାର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦୁର୍ଗାପୁର ଶାଖା ଏବଂ ଅନୁଗୋଳ ୟୁକୋ ବ୍ୟାଙ୍କ ମିଳିତ ଆନୁକୂଲ୍ୟରେ ବିତ୍ତୀୟ ସାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ପ୍ରଦୀପ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ସୁନୀଲ କୁମାର ଦାସ ଯୋଗ ଦେଇଥିଲେ। ବ୍ୟାଙ୍କ ମାଧ୍ୟମରେ ଅର୍ଥ ନେଣଦେଣ କରୁଥିବା ଗ୍ରାହକ ସମ୍ପୂର୍ଣ୍ଣ ଭାବେ ସଚେତନତା ଅବଲମ୍ବନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସେହିପରି ପ୍ରଧାନମନ୍ତ୍ରୀ ବୀମା ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ଅବସରକାଳୀନ ଆର୍ଥିକ ସହାୟତା ଅଟଳ ପେନସନ ଯୋଜନା ଆଦି ଉପରେ ଆଲୋଚନା କରିଥିଲେ। ଏହାସହ ଚାଷୀମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଫସଲ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ମାଧ୍ୟମରେ ଅନ୍ତର୍ଭୁକ୍ତ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ୟୁକୋ ବ୍ୟାଙ୍କ ଏଫଏଲସି ଲିଡ ଡିଷ୍ଟ୍ରିକ୍ଟ ମ୍ୟାନେଜର ପ୍ରମୋଦ କୁମାର ମିଶ୍ର, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ରିଜିଓନାଲ ଅଫିସ ଢେଙ୍କାନାଳ ନୋଡାଲ ଅଫିସର ଶ୍ରୀକାନ୍ତ କୁମାର ସାହୁ, ଆସିଷ୍ଟାଣ୍ଟ ମ୍ୟାନେଜର ଚିନ୍ମୟ କୁମାର ଦାଶ, ଏମ୍.ବି.କେ. ସନ୍ଧ୍ୟାରାଣୀ ସାହୁ, ବ୍ୟାଙ୍କ ମିତ୍ର ବନୀତା ବେହେରା, ବି.ସି. ଜ୍ୟୋସ୍ନାରାଣୀ ପ୍ରଧାନ, ଜାନକୀ ସାହୁ, ପ୍ରାଥମିକ କୃଷି ସମବାୟ ସମିତି ସଭାପତି ଲମ୍ବୋଦର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଦୁର୍ଗାପୁର, କୋରଡା, ବାଲିପଟା ଓ କୁଶକିଳା ପଞ୍ଚାୟତର ଅଧିକାଂଶ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ତଥା ଗ୍ରାହକମାନେ ଉପସ୍ଥିତ ଥିଲେ।



ଅନନ୍ୟା



## ବଲିଉଡ୍ ହାଲ୍‌ଚାଲ୍

❖ଚଳିତବର୍ଷ ଶେଷ ଭାଗରେ 'ହେରାଫେରି-୩'ର ଶୁଟିଂ ଆରମ୍ଭ ହେବ। ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ଏହାର ଅନ୍ୟତମ ଅଭିନେତା ସୁନୀଲ ସେଟ୍ଟି। ଫିଲ୍ମର ନିର୍ଦ୍ଦେଶନା ଦେବେ ଇନ୍ଦ୍ର କୁମାର।

❖ପ୍ରଭାସ ଅଭିନୟ କରୁଥିବା 'ଶାହୋ'ର କାଷ୍ଟିଂରେ ବଲିଉଡ୍‌ର ଜଣେ ନାମୀ ଅଭିନେତାଙ୍କୁ ସାମିଲ କରାଯାଇଛି। ସେ ଏଥିରେ ଅତିଥି କଳାକାର ଭାବରେ ଅଭିନୟ କରିବେ। ଅଭିନେତା ଜଣକ କିଏ ଜାଣନ୍ତି ? ସଲମାନ ଖାଁ।

❖ମହେଶ ଭଟ୍ଟଙ୍କ ନିର୍ଦ୍ଦେଶନାରେ 'ସଡକ-୨'ର ଶୁଟିଂ ଚାଲୁ ରହିଛି। ଏଥିରେ ସଞ୍ଜୟ ଦତ୍ତଙ୍କୁ ନେଇ ଏକ ଗୀତ ପିକ୍ଚରାଇଜେଶନ ହେବାର ଯୋଜନା ରହିଛି। ଫିଲ୍ମର ମୁଖ୍ୟ ଭୂମିକାରେ ଆଦିତ୍ୟ ରୟକପୁର ଏବଂ ଆଲିୟା ଭଟ୍ଟ ଅଭିନୟ କରୁଛନ୍ତି।

❖ନବାଗତା ଅନନ୍ୟା ପାଣ୍ଡେ ଏବେଠାରୁ ଗୋଟିଏ କଥାକୁ ନେଇ ମାଇଣ୍ଡ ମେକ୍‌ଅପ୍ କରିସାରିଲେଣି। ଭବିଷ୍ୟତରେ ସେ କୁଆଡେ ଆଇଟମ ନମ୍ବରରେ ଅଭିନୟ କରିବେ ନାହିଁ ବୋଲି କହି ବୁଲୁଛନ୍ତି। ଚଳିତବର୍ଷ ରିଲିଜ ହୋଇଥିବା 'ଷ୍ଟୁଡେଣ୍ଟ ଅଫ ଦି ଇୟର-୨'ରୁ ଚଙ୍କି ପାଣ୍ଡେଙ୍କ କନ୍ୟା ଅନନ୍ୟା ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ କରିଛନ୍ତି।

❖ଟାଇଗର ଶ୍ରଫଙ୍କର ଅଧିକାଂଶ ସମୟ ଏବେ ଜିମ୍‌ରେ କଟୁଛି। ନିଜ ଫିଗରକୁ ଆହୁରି ଆକର୍ଷଣୀୟ କରିବାକୁ ସେ ଲାଗିପଡିଛନ୍ତି।

❖ବରୁଣ ଧାୱନ କେବେ ତାଙ୍କର ପ୍ରେମିକା ନତାଶା ଦଲାଲଙ୍କୁ ବିବାହ କରିବେ ତାହାକୁ ନେଇ ଆଲୋଚନା ଥମୁନାହିଁ। ଏହି ପ୍ରେମୀଯୁଗଳ ଚଳିତବର୍ଷ ଡିସେମ୍ବରରେ ହାତକୁ ଦି' ହାତ ହେବେ ବୋଲି ଶୁଣିବାକୁ ମିଳୁଛି। ଗୋଆରେ ଏହି ହାଇପ୍ରୋଫାଇଲ ମ୍ୟାରେଜ ଅନୁଷ୍ଠିତ ହେବ ବୋଲି ଆଲୋଚନା ହେଉଛି।

❖ମଲାଇକା ଆରୋରା ଏବଂ ଅର୍ଜୁନ କପୁରଙ୍କ ପ୍ରେମ କାହାଣୀ ଅବା କାହାକୁ ଅଛପା। ଏପରି କି ଦୁହେଁ ବିବାହ କରିବାକୁ ଯାଉଛନ୍ତି ବୋଲି ଶୁଣାଯାଉଛି। ହେଲେ ଏ ବିଷୟରେ ପଚାରିଲେ ଅର୍ଜୁନ ଏବେ ନୀରବତା ଅବଲମ୍ବନ କରୁଛନ୍ତି। ତେବେ ଆମେ କ'ଣ ଜାଣିବା ଯେ 'ମୌନେ ସମ୍ମତି ଲକ୍ଷଣମ୍' !

## ହୋମସିକ୍ ସୋନାକ୍ଷୀ

**ବା**ପ୍‌ରେ ଲମ୍ବା ଶୁଟିଂ ! ତା'ପରେ ଯେତେବେଳେ କିଛି ଦିନ ବ୍ରେକ୍ ମିଳିଛି ସୋନାକ୍ଷୀ ଆଉ କେଉଁଠି ନ ରହି ସିଧା ଘରମୁହାଁ ହୋଇଛନ୍ତି। କାରଣ ଶୁଟିଂ ଯୋଗୁ ସେ ବାହାରେ ପାଖାପାଖି ଦୁଇ ସପ୍ତାହ ହେଲା ରହିଲେଣି। ଯେହେତୁ କିଛି ଦିନ ଶୁଟିଂ ବନ୍ଦ ରହିବ ତେଣୁ ସେହି ସମୟ ସେ ନିଜ ପରିବାର ସହ କଟାଇବାକୁ ସ୍ଥିର କରିଛନ୍ତି। 'ଦୁଇ ସପ୍ତାହ ହେଲାଣି ମୁଁ ବାହାରେ ଥିଲି। ଏବେ ପ୍ରାୟ ୫-୬ଦିନ ଶୁଟିଂ ବନ୍ଦ ଅଛି। ତେଣୁ ମୁଁ ଏହି ସମୟ ତକ ଘରେ ରହିବି। କେବଳ ସେତିକି ନୁହେଁ, ସାଙ୍ଗ ପିଲାଙ୍କୁ ଡାକି ଏକ ଗେଟ୍ ଟୁଗେଦର କରିବାର ଯୋଜନା ମଧ୍ୟ ରହିଛି ବୋଲି କହିଛନ୍ତି ସୋନାକ୍ଷୀ।'

ନୂଆ ସିନେମା



ଚଳଚ୍ଚିତ୍ର 'ବିଶ୍ୱରୂପ'ର ଏକ ଦୃଶ୍ୟ।

## ବିଶ୍ୱରୂପ

**ଖୁ**ବ୍ ଶୀଘ୍ର ପରଦା ଉପରକୁ ଆସିବାକୁ ଯାଉଛି ଓଡ଼ିଆ ଚଳଚ୍ଚିତ୍ର 'ବିଶ୍ୱରୂପ-ବର୍ନ ଟୁ ଫାଇଟ'। ପୁଣି ଏପରି ସଂଯୋଗ ଯେ, ଏହାର ଟାଇଟଲ ଭୂମିକାରେ ଯିଏ ଅଭିନୟ କରିଛନ୍ତି ତାଙ୍କର ନାମ ମଧ୍ୟ ବିଶ୍ୱରୂପ। ଚଳଚ୍ଚିତ୍ରର ମେଲ୍ ଲିଡ୍‌ରେ ଅଭିନୟ କରିଥିବା କଳାକାରଙ୍କର ନାମ ଯାହା ଫିଲ୍ମର ଟାଇଟଲ ମଧ୍ୟ ସେଇଆ। ଏହାର କାହାଣୀରେ କେବଳ ଲଭ୍ ଇମୋଶନ ନୁହେଁ ଆକ୍ସନ ମଧ୍ୟ ରହିଛି। ଜଣେ ଯୁବକ ଆଶା ରଖିଛି ସେ ଜଣେ ଫାଇଟର ହେବ। ସମସ୍ତଙ୍କର ମନ ଜିଣିବ। ହେଲେ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେଲା ବେଳେ ତାକୁ ଅନେକ ଝଡର ସାମ୍ନା କରିବାକୁ ପଡୁଛି। ହେଲେ ସେ ପଥଚ୍ୟୁତ ହେଉଛି କି ? ପରିଶେଷରେ ସେ ନିଜକୁ ଜଣେ ଫାଇଟର ଭାବରେ ପରିଚିତ କରାଇପାରିଛି କି ? ଏସବୁର ଉତ୍ତରକୁ ନେଇ ରଚିତ ହୋଇଛି କାହାଣୀ। ଏ.ବି. କ୍ରିଏସନ୍ସ ବ୍ୟାନରରେ କିକ୍ ବକ୍ସିଂ ଉପରେ ନିର୍ମିତ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ବିଶ୍ୱଜିତ ମିଶ୍ର। ଅନ୍ୟପକ୍ଷରେ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି 'ପ୍ରେମ ନିଶା ନିଆରା ନିଆରା', 'ତୋ ପ୍ରେମରେ ପଡିଲା ପରେ' ଏବଂ 'ଚାଲ୍ ଟିକେ ପ୍ରେମ କରିବା'ର ନିର୍ଦ୍ଦେଶକ ସରୋଜ କାନ୍ତ। ମନୋରଞ୍ଜନ ଦାସ ସଂଳାପ ରଚନା କରିଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିଭୂତି ଭୂଷଣ ଗଡନାୟକ। ଏହି ଫିଲ୍ମରେ ବିଶ୍ୱରୂପଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତା ତନୁଶ୍ରୀ। ଏହି ନୂଆ ଯୋଡି ବ୍ୟତୀତ ମନୋଜ ମିଶ୍ର, ଅମ୍ରିତ, ଶିବ୍, ରକ୍ ପାତ୍ର, ଶ୍ୱେତା ଆଚାର୍ଯ୍ୟ, ଜୟା ସ୍ୱାମୀ, ଦେବୀ ବାରିକ, କାଳି ଏବଂ ଶିଶୁ କଳାକାର ଓମ୍।

## କମେଡି ନିଶା ପାଲଟିଛି

**ବ**ୟସ ମାତ୍ର ୨୨ବର୍ଷ। ହେଲେ ଏତେ କମ୍ ବୟସରେ ସେ ୩୦୦ରୁ ଊର୍ଦ୍ଧ୍ୱ ଥିଏଟର ନାଟକରେ ଅଭିନୟ କରି ନିଜ ଦକ୍ଷତା ଦେଖାଇବାରେ ସମର୍ଥ ହୋଇଛନ୍ତି। କେବଳ ସେତିକି ନୁହେଁ, 'କଡକେ କମଲ୍ କେ' ନାମକ ଏକ ହିନ୍ଦୀ ସିନେମାରେ ଅଭିନୟ କରିସାରିଥିବା ବେଳେ ଆଉ ଏକ ଆଉ ଏକ ବଲିଉଡ୍ ଅଫର ହାତରେ ରହିଛି। ସେ ହେଲେ ଓଡ଼ିଆ ଅଭିନେତା ହିମାଂଶୁ ବେହେରା। ବିଶେଷ ଭାବରେ କମେଡି ଯେପରି ତାଙ୍କର ନିଶା ପାଲଟି ଯାଇଛି। ଆଉ ଏପରି ଭୂମିକାରେ ନିଜ କ୍ୟାରିୟରକୁ ଆଗକୁ ଆଗେଇ ନେବାକୁ ସେ ଯୋଜନାବଦ୍ଧ ଭାବରେ ଆଗେଇ ଚାଲିଛନ୍ତି। ନିଜ ଅଭିନୟ ଜୀବନ ସମ୍ପର୍କରେ ସେ କହନ୍ତି, 'ସ୍କୁଲ (ସନ୍ତରାଗାଡିଆ ଉଚ୍ଚ ବିଦ୍ୟାଳୟ)ରେ ପଢ଼ିବା ସମୟରେ ମୋର ଅଭିନୟ ଜୀବନ ଆରମ୍ଭ। ସେତେବେଳେ ସାଙ୍ଗସାଥୀଙ୍କ ସହ କମେଡି କରିବା ତଥା ଅନ୍ୟମାନଙ୍କୁ ହସାଇବା ଥିଲା ମୋର ଅନ୍ୟତମ କାମ। ଏହାକୁ ଅନେକ ବଦମାସି ବୋଲି କହୁଥିଲେ। ସେତିକି ବେଳେ ମୁଁ ମୋ ବଡବାପା ତଥା ଅପେରା ଜଗତର ଅନ୍ୟତମ ଲୋକପ୍ରିୟ ଅଭିନେତା ରମାକାନ୍ତ ରାଉତ (ବର୍ତ୍ତମାନ ତୁଳସୀ ଗଣନାଟ୍ୟରେ ଅଭିନୟ ଜାରି ରଖିଛନ୍ତି)ଙ୍କ ସଂସ୍ପର୍ଶରେ ଆସିଛି। ସେ ମୋତେ କହିଲେ, ଇଏ ତୋ ବଦମାସି ନୁହେଁ, ତୁ ଭଲ କମେଡି କରିପାରିବୁ। ଅଭିନୟକୁ କ୍ୟାରିୟର କରୁନୁ କାହିଁକି। ବାସ୍, ତା'ପରେ ମୁଁ ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଆଡ୍‌ମିଶନ ନେଲି। ସେଇଠୁ ଆରମ୍ଭ ହେଲା ନୂଆ ଜୀବନ। ଅନେକ ନାମୀ ନିର୍ଦ୍ଦେଶକ ଏବଂ ଅଭିନେତାଙ୍କ ସହ ଅଭିନୟ କରି ଅନେକ କିଛି ଶିଖିଛି।' ପ୍ରତିମୂର୍ତ୍ତି, ୧୮୧୭, ମୋଗଲ ତାମସା, ଏକଲବ୍ୟ, ପୂର୍ଣ୍ଣାହୁତି, ସତ୍ୟମେବ ଜୟତେ, ଯେତେ କଲେ ହୁନ୍ଦର ଆଦି ଥିଏଟର ନାଟକ ତାଙ୍କ ଅଭିନୟ ଦକ୍ଷତାର ପରିଚୟ ଦେଇଥାଏ। ଅନ୍ୟପକ୍ଷରେ ହିନ୍ଦୀ ସିନେମା 'କଡକେ କମଲ୍ କି'ରେ ରାଜପାଲ ଯାଦବଙ୍କ ପରି କମେଡିଆନଙ୍କ ସହ ଅଭିନୟ କରି ଅନେକ କିଛି ଶିଖିପାରିଛି ବୋଲି କହନ୍ତି ବାଲେଶ୍ୱର ସନ୍ତରାଗାଡିଆ ଗ୍ରାମରେ ଜନ୍ମିତ ହିମାଂଶୁ।



ରାଜପାଳଙ୍କ ସହ ହିମାଂଶୁ

## ପ୍ରେମର ମିଶାଣ ଫେଡ଼ାଣ

**ଖୁ**ବ୍ ଶୀଘ୍ର ପରଦା ଉପରକୁ ଆସିବ ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ପ୍ରେମରେ ରଖିଛି ୧୦୦ରୁ ୧୦୦'। ରାସେଶ୍ୱରୀ ଏଣ୍ଟରଟେନ୍‌ମେଣ୍ଟ ପ୍ରା.ଲି. ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ବିରଞ୍ଚି ନାରାୟଣ ପଣ୍ଡା ଏବଂ ଦିଲୀପ କୁମାର ଦାଶ। ଦିଲୀପଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ସଂଳାପ ରଚନା କରିଛନ୍ତି ନିର୍ଦ୍ଦେଶକ ସଞ୍ଜୟ। 'ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି। କେବଳ କାହାଣୀ ନୁହେଁ, ମଳୟ ମିଶ୍ରଙ୍କ ସଙ୍ଗୀତ ଏହାର ଅନ୍ୟତମ ଆକର୍ଷଣ ବୋଲି କହନ୍ତି ନିର୍ଦ୍ଦେଶକ।'ଏଥିରେ ସଂଯୋଜିତ ୫ଟି ଗୀତକୁ ଡ. ନିର୍ମଳ ନାୟକ ଏବଂ ଅରୁଣ ମନ୍ତ୍ରୀ ରଚନା କରିଥିବା ବେଳେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଆଶୁତୋଷ, ଇରା ମହାନ୍ତି, ଦୀପ୍ତି ପାଢ଼ୀ, ସ୍ୱୟଂ ପ୍ରଭାସ, ସବିଶେଷ ଏବଂ ତାରିକ ଅଜିଜ୍। ଖାସ୍ କଥା ହେଲା, ଏହାର ମେଲ୍ ଲିଡ୍‌ରେ ଅଭିନୟ କରୁଥିବା ଜ୍ୟୋତି ନାୟକ ଏବଂ ନାୟିକା ରିୟାଙ୍କୁ ଡବଲ ରୋଲ୍‌ରେ ଦେଖିବାକୁ ମିଳିବ। ଏମାନଙ୍କ ବ୍ୟତୀତ ଗୁଞ୍ଜୁ, ଅନୁରାଧା, ପ୍ରୀତିଶ୍ରୀ, ଐଶ୍ୱର୍ଯ୍ୟା, ଦିଲୀପ ଦାଶ, ଚନ୍ଦ୍ରଧ୍ୱଜ ପଣ୍ଡା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ପୂର୍ବରୁ ସଞ୍ଜୟ-ମଳୟ ଯୋଡ଼ି ବେଶ୍ କେତୋଟି ହିଟ୍ ସିନେମା ଦର୍ଶକଙ୍କୁ ଭେଟି ଦେଇସାରିଛି। ତେବେ 'ପ୍ରେମରେ ରଖିଛି ୧୦୦ରୁ ୧୦୦'ରେ ପ୍ରେମର ମିଶାଣ ଫେଡ଼ାଣ କିପରି ହୋଇଛି ତାହା ରିଲିଜ୍ ପରେ ହିଁ ଜଣାପଡିବ।

## କ'ଣ କରୁଛନ୍ତି ପ୍ରିୟଙ୍କା

**ପ୍ରି**ୟଙ୍କା ଚୋପ୍ରା ଏବେ କ'ଣ କରୁଛନ୍ତି ? ମ୍ୟାରେଜ ପରେ ବର୍ତ୍ତମାନ ମାଡାମ ଫରେନ୍ ଟୁର୍‌ରେ ଅଛନ୍ତି। ସ୍ୱାମୀଙ୍କ ସହ ବିଭିନ୍ନ ଟୁରିଷ୍ଟ ସ୍ପଟ ବୁଲୁଛନ୍ତି। ତା' ସହ ଆଉ ଏକ କାମରେ ନିଜକୁ ନିୟୋଜିତ ରଖିଛନ୍ତି। ତାହା ହେଲା ଶାଢ଼ି କିଣା। କେବଳ ମନ ପସନ୍ଦର ଶାଢ଼ି ନୁହେଁ, ଭଲ ଡ୍ରେସ ମ୍ୟାଟେରିଆଲ ଦେଖିଲେ ସେଗୁଡିକୁ କିଣିବାକୁ ପଛାଉ ନାହାନ୍ତି। ପଚାରିଲେ କହୁଛନ୍ତି କ'ଣ ନା 'ମନ ପସନ୍ଦର ଡ୍ରେସ ମ୍ୟାଟେରିଆଲ କିଣିବା ମୋର ପିଲାଟି ଦିନରୁ ଅଭ୍ୟାସ। ଏବେ ତ ଚାରିଆଡେ ବୁଲୁଛି। ତା' ସହ ଡ୍ରେସ କିଣା। ହେଲେ ଏହା ପଛରେ ସେପରି କିଛି ସ୍ପେଶାଲ ନାହିଁ।'



ଚଳଚ୍ଚିତ୍ର 'ପ୍ରେମରେ ରଖିଛି ୧୦୦ରୁ ୧୦୦'ରେ ଜ୍ୟୋତି -ରିୟା

## ଅନୁଚିନ୍ତାର ସମୟ ଆସିଛି


"ଚଳଚ୍ଚିତ୍ରଟିଏ ନିର୍ମାଣ କରିବା ପୂର୍ବରୁ ଏ ସମ୍ପର୍କିତ ଯଥେଷ୍ଟ ଜ୍ଞାନ ରହିବା ଆବଶ୍ୟକ। କିନ୍ତୁ ଏବେ ପ୍ରଯୋଜକ ସାଜିବାକୁ ମଇଦାନକୁ ଓହ୍ଲାଉଥିବା ଅଧିକାଂଶ ବ୍ୟକ୍ତିବିଶେଷଙ୍କର ଏ ସମ୍ପର୍କରେ ଟିକିଏ ହେଲେ ଜ୍ଞାନ ନାହିଁ। କେମିତି ନିଜ ନାମ ପଛରେ ପ୍ରଯୋଜକ ଯୋଡି ଦେଲେ ଆମେ ଚର୍ଚ୍ଚାର ପରିସରକୁ ଆସିବୁ। ତେଣିକି ସିନେମା ନିର୍ମାଣ ଚୁଲିକୁ ଯାଉ। ଏଭଳି ଧାରା ଯଦି ଏମିତି ଜାରି ରହେ ତେବେ ଓଡ଼ିଆ ସିନେମା କେଉଁ ସ୍ତରକୁ ଖସିଯିବ ତାହା ସହଜେ ଅନୁମେୟ। "

**ଓ**ଡ଼ିଆ ସିନେମାକୁ ନେଇ ଗତ କିଛିବର୍ଷ ହେଲା ବେଶ୍ ଆଲୋଚନା ହେଉଛି। ନିଛକ ଓଡିଆ କାହାଣୀଠାରୁ ଆମ ସିନେମା ଦୂରେଇ ଯାଇଛି। ଅଧିକାଂଶ ଓଡ଼ିଆ ସିନେମାକୁ ଅନ୍ୟ ଭାଷାରେ ନିର୍ମିତ ଫିଲ୍ମରୁ ଉତୁରା ଯାଉଛି। ପୁଣି କେତେଜଣ ବାହାବା ନେବାକୁ ଓଡ଼ିଆ ସିନେମା ନିର୍ମାଣ କରୁଛନ୍ତି। ଆଉ ଯେତେବେଳେ ସିନେମା ପରଦା ଉପରକୁ ଆସୁଛି ସେତେବେଳେ ଅବସ୍ଥା ଯାହା ହେଉଛି ତାହା ନ କହିବା ଭଲ। ଗୋଟିଏ ପଟେ ଓଡ଼ିଆ ସିନେମା ଦେଖିବାକୁ ଦର୍ଶକଙ୍କ ଆଗ୍ରହ ଦିନକୁ ଦିନ କମି ଯାଉଛି। ଏପରି କି ପ୍ରଥମ ଶୋ'ରେ ହାଉସ୍‌ଫୁଲ ନ ହେବା ନଜିର କିଛି କମ୍ ନୁହେଁ। ତେବେ ଓଡ଼ିଆ ସିନେମାର ଏପରି ଅବସ୍ଥା କ'ଣ ପାଇଁ ହେଉଛି ତାହା ଚିନ୍ତା କରିବାର ସମୟ ଆସିଛି।

ଚଳଚ୍ଚିତ୍ରଟିଏ ନିର୍ମାଣ କରିବା ପୂର୍ବରୁ ଏ ସମ୍ପର୍କିତ ଯଥେଷ୍ଟ ଜ୍ଞାନ ରହିବା ଆବଶ୍ୟକ। କିନ୍ତୁ ଏବେ ପ୍ରଯୋଜକ ସାଜିବାକୁ ମଇଦାନକୁ ଓହ୍ଲାଉଥିବା ଅଧିକାଂଶ ବ୍ୟକ୍ତିବିଶେଷଙ୍କର ଏ ସମ୍ପର୍କରେ ଟିକିଏ ହେଲେ ଜ୍ଞାନ ନାହିଁ। କେମିତି ନିଜ ନାମ ପଛରେ ପ୍ରଯୋଜକ ଯୋଡି ଦେଲେ ଆମେ ଚର୍ଚ୍ଚାର ପରିସରକୁ ଆସିବୁ। ତେଣିକି ସିନେମା ନିର୍ମାଣ ଚୁଲିକୁ ଯାଉ। ଏଭଳି ଧାରା ଯଦି ଏମିତି ଜାରି ରହେ ତେବେ ଓଡ଼ିଆ ସିନେମା କେଉଁ ସ୍ତରକୁ ଖସିଯିବ ତାହା ସହଜେ ଅନୁମେୟ। ଦ୍ୱିତୀୟ କଥା ହେଲା-କାହାଣୀ ଚୟନ। ଦିନ ଥିଲା ଓଡିଆ ଉପନ୍ୟାସ ହେଉ କି ନିଛକ ଓଡିଆ ବାସ୍ନା ଥିବା କାହାଣୀକୁ ଆଧାର କରି ଚଳଚ୍ଚିତ୍ରଟିଏ ନିର୍ମାଣ କରାଯାଉଥିଲା, ଆଉ ତାହାକୁ ଦର୍ଶକ ପସନ୍ଦ କରୁଥିଲେ। ଗୋଟିଏ ସିନେମାରୁ ମନଲାଖି ରିଟର୍ନ ପାଇବା ପରେ ଜଣେ ପ୍ରଯୋଜକ ଆଉ ଗୋଟିଏ ସିନେମା ପାଇଁ ମନ ବଳାଉଥିଲା। ହେଲେ ଏବେ କପି ଭାଇରସ ଓଡ଼ିଆ କାହାଣୀକୁ ଗ୍ରାସ କରିଛି। ଏମିତି ଅନେକ ଓଡିଆ ସିନେମା ଅଛି ଯାହାର କିଛି ଅଂଶ ଦେଖିବା ପରେ ଜଣେ ସଚେତନ ଦର୍ଶକ 'ଏହା ଅମୁକ ତାମିଲ, ତେଲୁଗୁ କିମ୍ବା ହିନ୍ଦୀ ସିନେମାରୁ କପି ହୋଇଛି ବୋଲି ନିର୍ଭୀକତାର ସହ ମତ ଦେଇପାରୁଛି। ତେଣୁ କୌଣସି ଅନ୍ୟ ଭାଷାରେ ନିର୍ମିତ ଫିଲ୍ମର ଓଡିଆ ଅନୁବାଦ ଦେଖିବାକୁ ଅନେକ ଦର୍ଶକ ପଶ୍ଚାତପଦ ହେଉଛନ୍ତି। ଆଉ ଏକ କଥା ହେଲା- କଳାକାର ଚୟନ। କେତେକ ସିନେମାର କଳାକାର ଚୟନ ଏପରି ହେଉଛି ଯାହା ଚଳଚ୍ଚିତ୍ରକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଉଛି। ଗତ କିଛିବର୍ଷ ହେବ ପ୍ରତିବର୍ଷ ପାଖାପାଖି ୩୦ରୁ ଅଧିକ ଚଳଚ୍ଚିତ୍ର ମୁକ୍ତିଲାଭ କରୁଛି। ହେଲେ ହାତ ଗଣତି କେତୋଟି ସିନେମାକୁ ବ୍ୟବସାୟିକ ସଫଳତା ମିଳୁଛି। ଚଳଚ୍ଚିତ୍ର ନିର୍ମାଣ ସଂଖ୍ୟା ବଢୁଛି-ଏହା ନିଶ୍ଚୟ ଇଣ୍ଡଷ୍ଟ୍ରି ପାଇଁ ଶୁଭ ସୂଚନା। ହେଲେ ଦର୍ଶକଙ୍କୁ ପୂରାଦମ୍‌ରେ ପ୍ରଭାବିତ କରିବା ଭଳି ସିନେମାଟିଏ ଦେଖିବା ସାତସପନ ହୋଇଗଲାଣି। ଆମର ଏଠି ବଜେଟ ସୀମିତ। ତେଣୁ ବିଗ୍ ବଜେଟ ଫିଲ୍ମକୁ କପି କରି ଏଠାରେ ଲୋକହସା ହେବା ସାର। ତେଣୁ ଏବେ ଓଡ଼ିଆ ସିନେମାର ଭବଷ୍ୟତକୁ ନେଇ ଚିନ୍ତା କରିବାର ପ୍ରକୃଷ୍ଟ ସମୟ ଆସିଛି। ଉପଯୁକ୍ତ ଯୋଜନା ସହ ସିନେମାଟିଏ ନିର୍ମାଣ କଲେ ତାହା ଦର୍ଶକଙ୍କୁ ଆକୃଷ୍ଟ କରବାରେ ସହାୟକ ହେବ। ନ ହେଲେ ସିନେମା ସଂଖ୍ୟା ସିନା ବଢ଼ି ଚାଲିବ, ହେଲେ ଚଳଚ୍ଚିତ୍ରଗୁଡିକର ଗୁଣାତ୍ମକ ମାନ କମିଯିବାର ଯଥେଷ୍ଟ ଆଶଙ୍କା ରହିଛି। **-ଶୁଭ୍ର ମହାପାତ୍ର**

Dollar 69.66 (6) | Sensex 140.41 39,110.21 | Nifty 28.80 11,737.90 | Gold ₹0 32,680.00 | Silver ₹150 37,200.00

“ ନୂଆ ସରକାର ଆସିଲେ ଘରୋଇ କ୍ଷେତ୍ର ନିବେଶ ବୃଦ୍ଧିକୁ ପ୍ରୋତ୍ସାହିତ ଦିଗରେ ନୀତି ଆୟୋଗ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିବ।
–ରାଜୀବ କୁମାର, ଉପାଧ୍ୟକ୍ଷ, ନୀତି ଆୟୋଗ



“ ଭାରତରେ ରେଳ ଲାଇନ ବିଦ୍ୟୁତୀକରଣ ପ୍ରକଳ୍ପ ଲାଗି ଏଡିବି ୭୫୦ ନିୟୁତ ଡଲାର ଋଣ ସହାୟତା ଯୋଗାଇ ଦେବ।
–ଦିବାକର ଗୁପ୍ତା, ଉପସଭାପତି,ଏଡିବି



## ସଂକ୍ଷେପରେ

### ସେନ୍‌ସେକ୍ସରେ ୧୪୦ ପଏଣ୍ଟ ବୃଦ୍ଧି

ମୁମ୍ବାଇ,୨୨-୫

ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ୧୪୦ ପଏଣ୍ଟ ବୃଦ୍ଧି ଘଟିଛି। ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ହେବାକୁ ଥିବା ବେଳେ ବ୍ୟାଙ୍କିଙ୍ଗ ଏବଂ ଅଟୋ ଷ୍ଟକ କାରବାର ଉନ୍ନତ ରହିବା ଯୋଗୁ ସୂଚକାଙ୍କରେ ଏଭଳି ଉନ୍ନତି ପରିଲକ୍ଷିତ ହୋଇଛି। ଦିନ ମଧ୍ୟରେ ସେନ୍‌ସେକ୍ସ ୩୦୦ ପଏଣ୍ଟ ଉଠିଥିବା ବେଳେ କାରବାର ଶେଷ ହେବା ବେଳକୁ ୧୪୦.୪୧ ପଏଣ୍ଟ (୦.୩୬%) ଉଚ୍ଚରେ ରହି ବନ୍ଦ ହୋଇଛି। ଏହି ସମୟରେ ସେନ୍‌ସେକ୍ସ ୩୯,୧୧୦.୨୧ ସ୍ତରରେ ରହିଛି। ଦିନର ମଧ୍ୟବର୍ତ୍ତୀ ସମୟରେ ଏହା ୩୯,୨୪୯.୦୮ ଏବଂ ସର୍ବନିମ୍ନ କାରବାର ୩୮,୦୩.୮୭ ପଏଣ୍ଟ ରହିଥିଲା। ସେହିଭଳି ନିଫ୍ଟିର କାରବାର ୨୮.୮୦ ପଏଣ୍ଟ ବା ୦.୨୫% ଉନ୍ନତ ରହି ୧୧,୭୩୭.୯୦ ପଏଣ୍ଟ ସ୍ତର ଛୁଇଁଛି।

### ବ୍ରାଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ ଆକର୍ଷଣୀୟ ରିହାତି

ଭୁବନେଶ୍ୱର,୨୨-୫




ଫ୍ୟୁଚର ଗ୍ରୁପ୍‌ର ପ୍ରମୁଖ ଷ୍ଟୋର ବ୍ରାଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ ଆକର୍ଷଣୀୟ ରିହାତି ଘୋଷଣା କରାଯାଇଛି। ‘ୱାନ୍ସ ଏ ଇୟର ବାଏ ଟୁ ଗେଟ ୩ ’ନାମରେ ଏହି ଅଫରର ଲାଭ ଗ୍ରାହକ ୨୨ରୁ ୨୬ ମେ ଯାଏ ଉଠାଇପାରିବେ। ୨୦୦ ଫ୍ୟାଶନ ବ୍ରାଣ୍ଡ ମଧ୍ୟରୁ ପସନ୍ଦ ସାମଗ୍ରୀ ଲାଭ କରିବାକୁ ଫ୍ୟାଶନ ଲଭରମାନେ ସକ୍ଷମ ହେବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଠାରେ ପୁରୁଷ, ମହିଳା, କିଡ୍‌ସ ବର୍ଗରେ ଫ୍ୟାଶନ ସାମଗ୍ରୀ ଉପଲବ୍ଧ ହେଉଛି। ସେହିଭଳି ବ୍ୟାଗ ପ୍ୟାକ୍ସ, ଲଗେଜ, ସନ୍‌ଗ୍ଲାସ, ସ୍ପୋର୍ଟସ ସୁ, ଫର୍ମାଲ ସୁ ଏବଂ ଆସେସୋରିଜ ସମେତ ଅନ୍ୟାନ୍ୟ ସାମଗ୍ରୀ ଉପଲବ୍ଧ ହେଉଛି।

# ଚ୍ୟାଲେଞ୍ଜ ହେବ ମୁଦ୍ରାସ୍ଫୀତି, ଜିଡିପି

ନୂଆଦିଲ୍ଲୀ,୨୨-୫

ଗୁରୁବାର ଦେଶର ସାଧାରଣ ନିର୍ବାଚନ ଫଳାଫଳ ଆସୁଛି। କେନ୍ଦ୍ରରେ ଏନ୍‌ଡିଏ ସରକାର ପୁଣି ଥରେ କ୍ଷମତାକୁ ଫେରିବା ନେଇ ଏକ୍‌ଜିଟ୍ ପୋଲ୍ କହି ସାରିଛି। ଏପରି ସ୍ଥିତିରେ ଦେଶବାସୀଙ୍କ ମନରେ ଉତ୍କଣ୍ଠା ଭରି ରହିଥିବା ବେଳେ ନିର୍ବାଚନ ଫଳାଫଳର ପ୍ରକୃତ ରୂପ କ’ଣ ରହିବ ତାକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି। କେନ୍ଦ୍ରରେ ସରକାର ଯିଏ ବି ଗଢୁ, ମାତ୍ର ନୂଆ ସରକାରଙ୍କ ସାମ୍ନାରେ ମୁଦ୍ରାସ୍ଫୀତି ଏବଂ ଜିଡିପି ଭଳି ଅନ୍ୟ କେତେକ ପ୍ରସଙ୍ଗ ପ୍ରମୁଖ ଚ୍ୟାଲେଞ୍ଜ ଭାବେ ଉଭା ହେବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ମୋଦି ସରକାର ପୁଣି ଥରେ ଶାସନ କ୍ଷମତାକୁ ଫେରିବ ବୋଲି ରବିବାର ପ୍ରକାଶିତ ଏକ୍‌ଜିଟ ପୋଲ୍ କହିଥିବା ବେଳେ କଂଗ୍ରେସ ସମେତ ଅନ୍ୟ ରାଜନୈତିକ ଦଳଗୁଡିକ ମଧ୍ୟ ଶାସନ ଡୋରି ସମ୍ଭାଳିବେ ବୋଲି କହୁଛନ୍ତି। ମାତ୍ର ଯାହାବି ହେଉ ଅର୍ଥନୀତି ସାମ୍ନାରେ ଆସୁଥିବା ଆହ୍ୱାନକୁ ନୂଆ ସରକାରଙ୍କୁ ସାମ୍ନା କରିବାକୁ ହେବ।

ମୋଦି ସରକାରଙ୍କୁ ୨୦୧୪-୧୯ ସମୟ ମଧ୍ୟରେ ମୁଦ୍ରାସ୍ଫୀତି ଦୃଷ୍ଟିକୋଣରୁ ବିଶେଷ ଅସୁବିଧା ସାମ୍ନା କରିବାକୁ ପଡି ନାହିଁ। ଏହି ସମୟରେ ଇନ୍ଧନ ହେଉ କିମ୍ବା ଖାଦ୍ୟ ସାମଗ୍ରୀ ଦରଦାମ ନିୟନ୍ତ୍ରଣରେ ରହିଥିଲା। ମାତ୍ର ନୂଆ ସରକାରଙ୍କ କ୍ଷେତ୍ରରେ ଏଭଳି



**ନୂଆ ସରକାରଙ୍କ ପାଇଁ**

ସ୍ଥିତି ଦେଖିବାକୁ ମିଳିବ ନାହିଁ। ଦରଦାମରେ ବୃଦ୍ଧି ପରିଲକ୍ଷିତ ହେଉଥିବା ଜଣାପଡିଛି। ପଶ୍ଚିମ ଏସିଆର ଦେଶଗୁଡିକର ସ୍ଥିତିରେ ପରିବର୍ତ୍ତନ ଆସିବା ଯୋଗୁ ତେଲ ଦର ବଢିବା ସମ୍ଭାବନା ରହିଛି। ସେହିଭଳି ଖାଦ୍ୟ ସାମଗ୍ରୀ ଦରଦାମ ଅନେକ ଦିନ ଧରି ନିୟନ୍ତ୍ରଣରେ ରହିବା ପରେ ଦରବୃଦ୍ଧି ଘଟିଥିବା ସାମ୍ନାକୁ ଆସିଛି।

### ଚାହିଦା ହ୍ରାସ ଚିନ୍ତା ବଢ଼ାଇବ

ଚାହିଦାରେ ହ୍ରାସ ଫଳରେ ଅର୍ଥନୀତି ଉପରେ ପ୍ରଭାବ ପଡିବାର ବିଶେଷ ସମ୍ଭାବନା ରହିଛି। ଏହା ନୂଆ ସରକାରଙ୍କ ଲାଗି ଚିନ୍ତା ବଢାଇବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ଏଫ୍‌ଏମ୍‌ସିଜି ଏବଂ ଯାତ୍ରୀବାହୀ ଯାନ କ୍ଷେତ୍ରରେ ଚାହିଦା ହ୍ରାସ ହେବା ଯୋଗୁ ଅର୍ଥନୀତି ଉପରେ ଏହାର ପ୍ରଭାବ ପଡିଛି। ବ୍ଲୁମବର୍ଗ ରିପୋର୍ଟ ମୁତାବକ ୨୦୧୮ର ଶେଷ ତିନି ମାସରେ ଏଫ୍‌ଏମ୍‌ସିଜି କ୍ଷେତ୍ର ଅଭିବୃଦ୍ଧି ହାର ୧୬% ରହିଥିବା ବେଳେ ଚଳିତ ବର୍ଷ ପ୍ରଥମ ତିନି ମାସରେ ଏହା ୧୩.୬%କୁ ହ୍ରାସ ଘଟିଛି। ଗ୍ରାମାଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀର ବିକ୍ରି ହ୍ରାସ ଘଟିଥିବା ସାମ୍ନାକୁ ଆସିଛି।

### ଜିଡିପିରେ ହ୍ରାସ

ଚଳିତ ମାସରେ ଜିଡିପିର ନୂଆ ଆକଳନ ଜାରି ହେବ। ତୃତୀୟ ତ୍ରୈମାସର ଅଭିବୃଦ୍ଧି ଆକଳନ ୬.୬% ରହିଥିବା ବେଳେ ଚତୁର୍ଥ ତ୍ରୈମାସରେ ଏହା ହ୍ରାସ ଘଟିବ ବୋଲି ଅନୁମାନ କରାଯାଉଛି। ଘରୋଇ ବଜାରରେ ଆର୍ଥିକ ମାନ୍ଦାବସ୍ଥା ରହିଥିବା ଅର୍ଥ ମନ୍ତ୍ରଣାଳୟ ଏହାର ମାସିକ ରିପୋର୍ଟରେ ସ୍ୱୀକାର କରିଛି। ଘରୋଇ ବଜାରରେ ଚାହିଦା କମିବା ଯୋଗୁ ବଜାର ଏହାଦ୍ୱାରା ପ୍ରଭାବିତ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଚାହିଦାରେ ଏହି ଶିଥିଳତା ଚଳିତ ଆର୍ଥିକ ବର୍ଷରେ ରହିବ ବୋଲି ଆକଳନ କରାଯାଇଛି। ଏହାବାଦ ଅଣ ବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍‌ସି) ଏବଂ ଏଚ୍‌ଏଫ୍‌ସି କ୍ଷେତ୍ରରେ ନଗଦ ସଙ୍କଟ ଜିଡିପି ଅଭିବୃଦ୍ଧି ଉପରେ ପ୍ରଭାବ ପକାଉଛି।

### ପ୍ରଭାବିତ ମାନୁଫାକ୍ଚରିଂ

ଦେଶର ମାନୁଫାକଚରିଂ ଶିଳ୍ପ ମଧ୍ୟ ପ୍ରଭାବିତ ସ୍ଥିତିରେ ରହିଛି। ମାର୍ଚ୍ଚରେ ଔଦ୍ୟୋଗିକ ଉତ୍ପାଦନ ୨୧ ମାସର ସର୍ବନିମ୍ନ (-)୦.୧ ସ୍ତରକୁ ଖସି ଆସିଥିଲା।

### ନିଯୁକ୍ତି ସଙ୍କଟ

ଆଗାମୀ ସରକାର ନୂଆ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ମଧ୍ୟ ଆହ୍ୱାନର ସାମ୍ନା କରିବେ। ପ୍ରଭାବିତ ଅର୍ଥନୀତି ଯୋଗୁ ନିଯୁକ୍ତି ଯୋଗାଣ ଧାରା ଏବେ ଉନ୍ନତ ସ୍ଥିତିରେ ନାହିଁ। ନିଯୁକ୍ତି ସୃଷ୍ଟି ଏନ୍‌ଡିଏ ସରକାରଙ୍କ ଲାଗି ଏକ ବଡ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ବୃହତ୍ ପରିମାଣର ଚାକିରି ସୃଷ୍ଟି କରିବାକୁ ସରକାର କହିଥିବା ବେଳେ ଏହା କରିବାକୁ ସକ୍ଷମ ହୋଇନାହାନ୍ତି। ଏହାକୁ ନେଇ ବିରୋଧୀ ଦଳଗୁଡିକ ସରକାରଙ୍କୁ ଅନେକ ସମୟରେ ଟାର୍ଗେଟ କରୁଛନ୍ତି।

### ଟିକସ ସଂଗ୍ରହ ବୃଦ୍ଧି ଲକ୍ଷ୍ୟ

ରାଜସ୍ୱ ବୃଦ୍ଧି ସରକାରଙ୍କ ଲାଗି ଏକ ପ୍ରାଥମିକତା ହେବ। ଉଭୟ କଂଗ୍ରେସ ଏବଂ ଭାଜପା ପ୍ରତ୍ୟକ୍ଷ ଆୟ ସହାୟତା ଦେବାକୁ ଘୋଷଣା କରିଥିବାରୁ ଏହାକୁ ପୂରଣ କରିବା ଲାଗି ଟିକସ ସଂଗ୍ରହ ଉନ୍ନତ ହେବା ଆବଶ୍ୟକ। ଶିଥିଳ ଆର୍ଥିକ ସ୍ଥିତି, ଜିଏସ୍‌ଟି ସୁଧାରକୁ ସରକାରଙ୍କୁ ଟିକସ ସଂଗ୍ରହ କ୍ଷେତ୍ରରେ ସଂଘର୍ଷ କରିବାକୁ ପଡୁଛି। ଟିକସ ସଂଗ୍ରହ ଉନ୍ନତ ହେଲେ ସରକାର ପ୍ରତିଶ୍ରୁତି ରକ୍ଷା କରିବା ସହ ନଗଦ ଅର୍ଥ ଲୋକଙ୍କୁ ଦେଇପାରିବେ। ଏହା ବାଦ୍ ପୁଞ୍ଜି ପ୍ରତ୍ୟାହାର ଏବଂ ସ୍ପେକ୍ଟ୍ରମ ବିକ୍ରିରୁ ସରକାର ଅର୍ଥ ସଂଗ୍ରହ କରିପାରନ୍ତି।

# ହ୍ୟୁଣ୍ଡାଇର ନୂଆ ଏସ୍‌ୟୁଭି ‘ଭେନ୍ୟୁ’



ଭୁବନେଶ୍ୱର,୨୨-୫

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ କନେକଟେଡ ଏସ୍‌ୟୁଭି ଭେନ୍ୟୁ ବଜାରକୁ ଆସିଛି। ଏହା କମ୍ପାନୀର ପ୍ରଥମ ସ୍ମାର୍ଟ ମୋବିଲିଟି ସଲ୍ୟୁଶନ୍ସ ହୋଇଥିବା ବେଳେ ଦେଶର ସମ୍ପୂର୍ଣ୍ଣ କନେକଟେଡ ଏସ୍‌ୟୁଭି ଭାବେ ଉନ୍ମୋଚିତ ହୋଇଛି। ଏହା ସଲିଡ ରୋଡ ପ୍ରେଜେନ୍ସ, ଉନ୍ନତ ଡ୍ରାଇଭିଂ ଅଭିଜ୍ଞତା ଏବଂ ନିରନ୍ତର ସଂଯୋଗ ସୁବିଧା ପ୍ରଦାନ କରିବାରେ ସହାୟକ ହୋଇପାରିବ। ପ୍ରଗତିଶୀଳ ଯୁବ ତଥା ସ୍ମାର୍ଟ ଭାରତୀୟଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ମଡେଲଟିକୁ ପ୍ରସ୍ତୁତ କରାଯାଇଥିବା କମ୍ପାନୀ ପ୍ରକାଶ କରିଛି। ଏଥିରେ ବ୍ଲୁ ଲିଙ୍କ ଟେକ୍ନୋଲୋଜି ପ୍ରଦାନ କରାଯାଇଛି। ୩୩ ନୂଆ ବୈଶିଷ୍ଟ୍ୟ ସହ ମଡେଲଟି ଆସିଥିବା ବେଳେ ଏହାର ୧୦ ଟି ସ୍ୱତନ୍ତ୍ର ଫିଚର କେବଳ ଭାରତୀୟ ବଜାରର ଆବଶ୍ୟକତା ଆଧାରରେ ସ୍ଥାପିତ ହୋଇଛି। ଏହା କାପା ୧.୦ ଟର୍ବୋ ଜିଡିଆଇ ପେଟ୍ରୋଲ,୧.୨ ପେଟ୍ରୋଲ, ୧.୪ ଡିଜେଲ ଇଞ୍ଜିନ ବିକଳ୍ପ ସହ ଆସୁଛି। ଏହା ବାଦ୍ ୭ ସ୍ପିଡ ଡୁଆଲ କ୍ଲଚ ଟ୍ରାନ୍ସମିଶନ ଏବଂ ଡିଜାଇନ ଦୃଷ୍ଟିକୋଣରୁ ଏହାକୁ ଦୃଢ କରି ପ୍ରସ୍ତୁତ କରାଯାଇଛି। ହ୍ୟୁଣ୍ଡାଇର ଗ୍ଲୋବାଲ ଅଭିବୃଦ୍ଧି ଯୋଜନାରେ ଭାରତ ଏକ ପ୍ରମୁଖ ବଜାର ହୋଇଥିବାରୁ ଏଠାରେ ନୂଆ ମଡେଲଟିର ବଜାର ପ୍ରବେଶ କରାଇ ଅତ୍ୟନ୍ତ ଆନନ୍ଦିତ ବୋଲି କମ୍ପାନୀର ଏମ୍‌ଡି ତଥା ସିଇଓ ଏସ୍.ଏସ୍.କିମ୍ କହିଛନ୍ତି।



ଉତ୍କଳ ହ୍ୟୁଣ୍ଡାଇରେ ମଡେଲର ଉନ୍ମୋଚନ କାର୍ଯ୍ୟକ୍ରମରେ ଜେନେରାଲ ମ୍ୟାନେଜର ଭୂଷଣ ଗିରି,ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏଏସ୍‌ଏମ୍ ଶକ୍ତି ସ୍ୱାଇଁ , ଆଇସିଆଇସିଆଇ ବ୍ୟାଙ୍କ ଆର୍‌ଏଚ୍ ସତ୍ୟଜିତ ଭୂତିଆ ପ୍ରମୁଖ।



କଟକର ବକ୍ସିବଜାର ସ୍ଥିତ ଓଏସ୍‌ଏଲ୍ ହ୍ୟୁଣ୍ଡାଇରେ ନୂଆ ମଡେଲକୁ ଶୁଭାରମ୍ଭ କରିଛନ୍ତି ଶୋ’ରୁମର ଜେନେରାଲ ମ୍ୟାନେଜର ଶୁଭାଶିଷ ଚକ୍ରବର୍ତ୍ତୀ, ଡିଜିଏମ୍ ପ୍ରଶାନ୍ତ ରାୟ ଏବଂ ଅଭିନେତ୍ରୀ ପ୍ରିତିଲତା ଜେନା ପ୍ରମୁଖ ।



ଆଦିତ୍ୟ ହ୍ୟୁଣ୍ଡାଇଠାରେ ନୂଆ ମଡେଲର ବଜାର ପ୍ରବେଶ ଅବସରରେ ଏମ୍‌ଡି ଆଦିତ୍ୟ ପାତ୍ର, ସିନେମା ପ୍ରଯୋଜକ ଅନାମ ଚରଣ ସାହୁ ଏବଂ ଏଭିପି ହରମୋହନ ମହାନ୍ତି ।

# ନିବେଶ ବେଳେ ଛାଡ଼ନ୍ତୁ ଅବାସ୍ତବ ଲାଭ ଆଶା

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM] ,CHARTERED WEALTH MANAGER
“Director, SmartFin Wealth Management Pvt. Ltd.”

‘ଧରିତ୍ରୀ’ ପକ୍ଷରୁ ‘ଅର୍ଥର ଅର୍ଥ’ ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**▸ ମୁଁ ଏକ ଘରୋଇ କମ୍ପାନୀରେ କାମ କରୁଥିଲି। ଗତ ୧୩ ବର୍ଷ ହେବ ମୋ ମାସିକ ଦରମାରୁ କଟି କର୍ମଚାରୀ ଭବିଷ୍ୟନିଧି ପାଣ୍ଠିରେ ନିବେଶ ହେଉଥିଲା। ଏବେ ପ୍ରାୟ ୩ ମାସ ହେବ ନିଜର ଏକ ବ୍ୟବସାୟ ଆରମ୍ଭ କରିଛି। ଭାବୁଛି ମୋର ଇପିଏଫ୍ ଆକାଉଣ୍ଟରୁ କୌଣସି ଟଙ୍କା ଉଠାଣ କରିବି ନାହିଁ। ଏ କ୍ଷେତ୍ରରେ କେତେ ବର୍ଷ ପର୍ଯ୍ୟନ୍ତ ଇପିଏଫ୍‌ଓ ଆକାଉଣ୍ଟରେ ଟଙ୍କା ରଖିପାରିବି? ପରାମର୍ଶ ଦେବାକୁ ଅନୁରୋଧ।**

**–ସୁବାସ ଚନ୍ଦ୍ର ମାଝି, ଅନୁଗୋଳ**

■ ଜଣେ ବ୍ୟକ୍ତିଙ୍କର କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଆକାଉଣ୍ଟ ବ୍ୟକ୍ତିଙ୍କୁ ୫୮ ବର୍ଷ ବୟସ ହେବା ପର୍ଯ୍ୟନ୍ତ ଚାଲୁ ରହିଥାଏ। ଯାହା ହେଲେ ମଧ୍ୟ କର୍ମଚାରୀ ଜଣଙ୍କ ନିଜ ଚାକିରିରୁ ଇସ୍ତଫା ବା ପଦତ୍ୟାଗ ତାରିଖ ଦିନ ଇପିଏଫ୍‌ଓ ଆକାଉଣ୍ଟରେ ଥିବା ବଳକା ଟଙ୍କା ହିଁ ଆୟକର ଛାଡ ପାଇବା ପାଇଁ ଯୋଗ୍ୟ ହେବ ନାହିଁ। ଅଧିକାଂଶ ଲୋକଙ୍କର ଧାରଣା ଥାଏ ଯେ, ଚାକିରି ଛାଡିବା ପରେ ଇପିଏଫ୍ ଆକାଉଣ୍ଟରେ ଟଙ୍କା ରଖିଦେଲେ ଏହା ଉପରେ ଆୟକର ପ୍ରଭାବ ରହିବ ନାହିଁ ବା ଆୟକର ମୁକ୍ତ ସୁଧରାଶି ମିଳିବ ଏବଂ ସମୁଦାୟ ରାଶି ଆୟକର ମୁକ୍ତ ହେବ। ଏହା ଏକ ଭ୍ରାନ୍ତ ଧାରଣା। ଚାକିରି ଛାଡିଦେବା ପରେ ବା ଚାକିରି ଛାଡିବା ପରେ ଆପଣ ଆଉ ଚାକିରି କରିବେ ନାହିଁ। ତେବେ ଏ କ୍ଷେତ୍ରରେ ଇପିଏଫ୍ ଆକାଉଣ୍ଟର ସମସ୍ତ ରାଶି ଉଠାଣ କରିନେବା ଉଚିତ। ଉଠାଣ ହୋଇଥିବା ଅର୍ଥ ଅନ୍ୟ ବିକଳ୍ପ ସ୍କିମରେ ନିବେଶ କରିପାରିବେ।

ଚାକିରି ଛାଡିବା ପରେ ଇପିଏଫ୍ ଆକାଉଣ୍ଟରେ ବଳକା ଅର୍ଥ ବା ରାଶି ଉପରେ ମିଳୁଥିବା ବାର୍ଷିକ ସୁଧ ରାଶି ଉପରେ ଆପଣଙ୍କୁ ଆୟକର ଦେବାକୁ ପଡିବ। ଏହି ସୁଧରାଶି ଆୟକର ଅନ୍ତର୍ଭୁକ୍ତ ହେବ।

**ପରାମର୍ଶ**–ଚାକିରି ଛାଡିବା ପରେ ଇପିଏଫ୍ ଆକାଉଣ୍ଟରୁ ସମସ୍ତ ଟଙ୍କା ଉଠାଣ କରି ଆପଣଙ୍କ ଆବଶ୍ୟକତା ଅନୁସାରେ ନିବେଶ କରନ୍ତୁ।

**▸ ୟୁଲିପ୍ ପଲିସିରେ ନିବେଶ କରିବା ଲାଗି ଜଣେ ବନ୍ଧୁ ପରାମର୍ଶ ଦେଉଛନ୍ତି। ୟୁଲିପ୍ ନିବେଶ ଅପେକ୍ଷା ମ୍ୟୁଚୁଆଲ ଫଣ୍ଡ ନିବେଶ କରିବା ଭଲ ହେବ କି? କେଉଁ ସ୍କିମ୍ ନିବେଶରେ ୫-୧୦ ବର୍ଷ ସମୟସୀମାରେ ଅଧିକ ଲାଭ ପ୍ରଦାନ କରିବ?**

**–ସରସ୍ୱତୀ ସାହୁ,କଟକ**

■ ୟୁଲିପ୍ ଓ ମ୍ୟୁଚୁଆଲ ଫଣ୍ଡ ବିଷୟରେ ଅନେକ ଲୋକଙ୍କ କିଛି ଭ୍ରାନ୍ତ ଧାରଣା ରହିଛି। ଶ୍ରେଷ୍ଠତା ଦୃଷ୍ଟିରୁ ୟୁଲିପ୍ ଓ ମ୍ୟୁଚୁଆଲ ଫଣ୍ଡକୁ ପରସ୍ପର ସହ ତୁଳନା କରିବା ଅନୁଚିତ। ୟୁଲିପ୍ ମୁଖ୍ୟତଃ ଏକ ବୀମା ଯୋଜନା ଯାହା ନିବେଶର ଏକ ଅଂଶ। କିନ୍ତୁ ମ୍ୟୁଚୁଆଲ ଫଣ୍ଡ ଏକ ଖାଣ୍ଟି ନିବେଶ ଯୋଜନା।

**ପରାମର୍ଶ**–ୟୁଲିପ୍ ଏବଂ ମ୍ୟୁଚୁଆଲ ଫଣ୍ଡର କ’ଣ ଖର୍ଚ୍ଚଦାବୀ ରହିଛି ଆପଣ ସେ ବିଷୟରେ ଭଲ ଭାବେ ବୁଝନ୍ତୁ। ନିଜର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍କିମ ଚୟନ କରନ୍ତୁ ଯାହା ଆପଣଙ୍କ ଲାଗି ଭଲ ହେବ।

**▸ ପୁଅର ପାଠପଢ଼ା ଏବଂ ଝିଅର ବାହାଘର ଖର୍ଚ୍ଚ ପାଇଁ ମାସିକ କିମ୍ବା ଏକକାଳୀନ କିଛି ନିବେଶ କରିବାକୁ ଚାହୁଁଛି। ମୋର ମାସିକ ୧୫୦୦ ଟଙ୍କାର ଏକ ରେକରିଂ ବ୍ୟାଙ୍କ ଜମା ରହିଛି। ଆସନ୍ତା ୧୦ ବର୍ଷ ପାଇଁ ନିବେଶ ଏବଂ ଅବସରକାଳୀନ ପାଣ୍ଠି ଗଠନ ଲାଗି କିଛି ନିବେଶ କରିବାକୁ ଚାହୁଁଛି। ହେଲେ ନିବେଶ କରିବା ପୂର୍ବରୁ କେଉଁ ସବୁ ଭୁଲ ନ କରିବା ଉଚିତ? ଠିକ୍ ମ୍ୟୁଚୁଆଲ ଫଣ୍ଡ ଚୟନ କରିବା କିପରି? ନିବେଶ ପୂର୍ବରୁ କେଉଁ ଦିଗକୁ ଦୃଷ୍ଟି ଦେବା ଉଚିତ?**

**–ସଙ୍ଗୀତା ମିଶ୍ର,ରାଉରକେଲା**

■ ଆର୍ଥିକ ବଜାରରେ ଅନେକ ସ୍କିମ ମିଳୁଛି। ଏହା ମଧ୍ୟରେ ଡାକଘର ସଞ୍ଚୟ ସ୍କିମ, ମ୍ୟୁଚୁଆଲ ଫଣ୍ଡ, ଜୀବନବୀମା, ବ୍ୟାଙ୍କ ଏବଂ କମ୍ପାନୀ ସ୍ଥାୟୀ ଜମା ରହିଛି। ଏତେ ସବୁ ସ୍କିମ ମଧ୍ୟରେ କେଉଁଠି ଠିକ୍ ସ୍କିମ୍ ତାହା ଚୟନ କରିବା କଷ୍ଟକର। କିନ୍ତୁ ନିବେଶ ସମୟରେ ନିବେଶକାରୀ ବିଭିନ୍ନ ଦିଗକୁ ଅଣଦେଖା କରିଥାନ୍ତି।

ନିବେଶ କରୁଥିଲେ ନିମ୍ନଲିଖିତ ପ୍ରସଙ୍ଗକୁ ଧ୍ୟାନରେ ରଖନ୍ତୁ।

➥ ନିବେଶକାରୀ ନିଜର ହିସାବ କରିବା ଯୋଗ୍ୟ ଆର୍ଥିକ ଲକ୍ଷ୍ୟ ସବୁକୁ ଦୃଷ୍ଟି ଦେଇ ନ ଥାନ୍ତି।
➥ ଆର୍ଥିକ ଯୋଜନା ସହ ଆୟକର ଯୋଜନାକୁ ନେଇ ବିଭ୍ରାନ୍ତ ହେବା।
➥ ଅବାସ୍ତବ ଲାଭ ପାଇବାର ଆଶା ରଖିବାଠାରୁ ଦୂରେଇ ରହିବା ଆବଶ୍ୟକ।
➥ ନିବେଶ କରିବା ସହ ଆର୍ଥିକ ଯୋଜନାକୁ ନେଇ ବିଭ୍ରାନ୍ତ ହେବା।
➥ ଭୁଲ ସ୍କିମରେ ନିବେଶ କରି କ୍ଷତି ସହିବା।
➥ ଜୀବନ ବୀମା ପଲିସି ଏବଂ ଜୀବନ ବୀମା ସୁରକ୍ଷାକୁ ଅଣଦେଖା କରିବ।
➥ କୌଣସି ସ୍କିମ ବିଷୟରେ କିଛି ନ ବୁଝି ନିବେଶ କରିବା।

ନିବେଶ ବେଳେ ଏସବୁ ଭୁଲ ଠାରୁ ଦୂରେଇ ରହିବା ଆବଶ୍ୟକ। ନିଜର ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରିବା ଲାଗି ନିବେଶ କରନ୍ତୁ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,**
**ଭୁବନେଶ୍ୱର - ୧୦**

**ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିଃ.**
OHPC ISO 9001, 14001 & OHSAS 18001 Certified Company
ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହନିର୍ମାଣ ଓ କଲ୍ୟାଣ ନିଗମ ଭବନ, ବାଣୀବିହାର ଛକ, ଜନପଥ, ଭୁବନେଶ୍ୱର - ୭୫୧ ୦୨୨
ଫୋନ୍ : (୦୬୭୪)-୨୫୪୨୮୦୨, ୨୫୪୫୫୨୬, ୨୫୪୨୮୨୬
ଫ୍ୟାକ୍ସ : ୨୫୪୨୧୦୨ ଇ-ମେଲ୍ : ohpc.co@gmail.com
CIN : U40101OR1995SGC003963

**ଉତ୍ପାଦିତ ବିଦ୍ୟୁତ୍ ଶୁଳ୍କ ବିଜ୍ଞପ୍ତି**

**ତା. ୦୧.୦୪.୨୦୧୯ ରିଖରୁ ଲାଗୁ ହେବାକୁ ଥିବା ଉତ୍ପାଦିତ ବିଦ୍ୟୁତ୍ ଶୁଳ୍କ**

ବିଦ୍ୟୁତ୍ ଅଧିନିୟମ, ୨୦୦୩ ବ୍ୟବସ୍ଥାରେ ଅର୍ପିତ କ୍ଷମତା ଅନୁଯାୟୀ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ଓଡ଼ିଶା ଜଳ ବିଦ୍ୟୁତ୍ ନିଗମର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ସମୁଦାୟ ଆବଶ୍ୟକ ପୁଞ୍ଜି ଓ ବିଦ୍ୟୁତ୍ ଶୁଳ୍କ ନିର୍ଦ୍ଧାରଣ ସମ୍ବନ୍ଧୀୟ କେସ୍ ନଂ. ୬୯/୨୦୧୮ ଉପରେ ଏକ ଆଦେଶନାମା ତା. ୨୮.୦୩.୨୦୧୯ ରିଖରେ ପ୍ରକାଶ କରିଛନ୍ତି, ଯାହା ତା. ୦୧.୦୪.୨୦୧୯ ରିଖରୁ ଲାଗୁହେବ; ଯାହାକି ଆଦର୍ଶ ଆଚରଣ ବିଧି ଅନୁଯାୟୀ ବନ୍ଦ ଲଫାପାରେ ରଖାଯାଇଥିଲା । ୨୦୧୯ ସାଧାରଣ ନିର୍ବାଚନ ଆଚରଣ ବିଧି ଅନୁଯାୟୀ, ରାଜ୍ୟର ଶେଷ ନିର୍ବାଚନ ତାରିଖ ପରେ ବିଦ୍ୟୁତ୍ ଶୁଳ୍କ ସମ୍ବନ୍ଧୀୟ ଆଦେଶନାମା ପ୍ରକାଶନ କରିବା ପାଇଁ କମିଶନ ଅନୁମତି ପାଇଛନ୍ତି।

ଏତଦ୍ୱାରା ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଏହାର ଉତ୍ପାଦିତ ବିଦ୍ୟୁତ୍‌କୁ ନିମ୍ନ ପ୍ରଦତ୍ତ ଶୁଳ୍କ ସୂଚୀ ଅନୁଯାୟୀ ଗ୍ରୀଡ୍‌କୋକୁ ବିକ୍ରୟ କରିବାକୁ ପ୍ରକାଶ କରୁଅଛି, ଯାହା ତା. ୦୧.୦୪.୨୦୧୯ରିଖରୁ ଲାଗୁ ହେବ ଏବଂ ଆୟୋଗଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ।

**୨୦୧୯-୨୦ ଆର୍ଥିକ ବର୍ଷର କାପାସିଟି ଚାର୍ଜ ଏବଂ ଏନର୍ଜି ଚାର୍ଜ ହାର**

| ବିଦ୍ୟୁତ୍ କେନ୍ଦ୍ରର ନାମ | ବାର୍ଷିକ କାପାସିଟି ଚାର୍ଜ (କୋଟି ଟଙ୍କାରେ) | ଏନର୍ଜି ଚାର୍ଜ ହାର (ପଇସା / ୟୁନିଟ୍) |
|---|---|---|
| ରେଙ୍ଗାଲୀ ଜ.ବି.ପ୍ରକଳ୍ପ | ୩୨.୬୯ | ୬୨.୮୯ |
| ଉ. କୋଲାବ ଜ.ବି.ପ୍ରକଳ୍ପ | ୩୧.୪୯ | ୩୮.୨୩ |
| ବାଲିମେଳା ଜ.ବି.ପ୍ରକଳ୍ପ | ୩୫.୫୪ | ୩୦.୩୫ |
| ହୀରାକୁଦ ଜ.ବି.ପ୍ରକଳ୍ପ | ୪୨.୮୨ | ୬୩.୨୩ |
| ଚିପିଲିମା ଜ.ବି.ପ୍ରକଳ୍ପ | ୧୭.୯୬ | ୩୭.୦୩ |
| ଉ. ଇନ୍ଦ୍ରାବତୀ ଜ.ବି.ପ୍ରକଳ୍ପ | ୮୫.୯୭ | ୪୪.୨୬ |

ଆୟୋଗଙ୍କ ସବିଶେଷ ଆଦେଶନାମା ଆୟୁକ୍ତଙ୍କ ୱେବ୍‌ସାଇଟ୍ www.orierc.orgରେ ଓ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ୱେବ୍‌ସାଇଟ୍ www.ohpcltd.comରେ ଉପଲବ୍ଧ।

ତା. ୨୧.୦୫.୨୦୧୯ ରିଖ
ସ୍ଥାନ : ଭୁବନେଶ୍ୱର

ସ୍ୱା/-
ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ
ଓ.ଏଚ୍.ପି.ସି. ଲିଃ.

**ଷ୍ଟେଟ୍ ଲୋଡ୍ ଡେସ୍ପାଚ୍ ସେଣ୍ଟର (ଏସ୍‌ଏଲ୍‌ଡିସି)**
**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
OPTCL Lifeline of Odisha
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ଗ୍ରୀଡ୍‌କୋ କଲୋନୀ, ପୋ: ମଞ୍ଚେଶ୍ୱର ରେଲୱେ କଲୋନୀ, ଭୁବନେଶ୍ୱର - ୭୫୧ ୦୧୭, ଓଡ଼ିଶା
CIN : U40102OR2004SGC007553

**ଆର୍ଥିକ ବର୍ଷ ୨୦୧୯-୨୦ ନିମନ୍ତେ ଷ୍ଟେଟ ଲୋଡ ଡେସ୍ପାଚ ସେଣ୍ଟର (ଏସ୍‌ଏଲ୍‌ଡିସି) ପାଇଁ ଫି ଏବଂ ଶୁଳ୍କ ସମ୍ବନ୍ଧୀୟ ବିଜ୍ଞପ୍ତି**

**ତା. ୦୧.୦୪.୨୦୧୯ ରିଖରୁ ଲାଗୁହେବା ନିମନ୍ତେ ଏସ୍‌ଏଲ୍‌ଡିସି ଫି ଏବଂ ଶୁଳ୍କ**

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ତା. ୨୯.୦୩.୨୦୧୯ ରିଖରେ ମାମଲା ସଂଖ୍ୟା ୭୨/୨୦୧୮ରେ ତା. ୦୧.୦୪.୨୦୧୯ ରିଖରୁ ଲାଗୁ ହେବା ନିମନ୍ତେ ଏସ୍‌ଏଲ୍‌ଡିସି କାର୍ଯ୍ୟ ପାଇଁ ଫି ଓ ଶୁଳ୍କ ନିର୍ଦ୍ଧାରଣ ସମ୍ବନ୍ଧୀୟ ଆଦେଶନାମା, ଯାହା ଆଦର୍ଶ ଆଚରଣ ବିଧି ଯୋଗୁଁ ଜଉମୁଦା ଲଫାପାରେ ରହିଥିଲା ତାହାକୁ ପ୍ରଦାନ କରିଛନ୍ତି । ସାଧାରଣ ନିର୍ବାଚନ-୨୦୧୯ ସମୟ ମଧ୍ୟରେ ଆଚରଣ ବିଧି ଧାର୍ଯ୍ୟ ଦୃଷ୍ଟିରୁ ରାଜ୍ୟର ନିର୍ବାଚନ ଶେଷ ତାରିଖ ପରେ ଆୟୋଗଙ୍କୁ ଶୁଳ୍କ ଆଦେଶ ବିଜ୍ଞପ୍ତି ପ୍ରକାଶ ପାଇଁ ଅନୁମତି ଦିଆଯାଇଥିଲା ।

ଓଇଆରସି (ବ୍ୟବସାୟ ପରିଚାଳନା) ବିନିୟମ, ୨୦୦୪ ଅନ୍ତର୍ଗତ ବିନିୟମ ୫୭ ଅନୁଯାୟୀ ଏସ୍‌ଏଲ୍‌ଡିସି ଏତଦ୍ୱାରା ନିଜର କାର୍ଯ୍ୟ ନିମନ୍ତେ ଫି ଏବଂ ଶୁଳ୍କ ତାଲିକାର ପ୍ରକାଶନ କରୁଅଛି ।

**ଏସ୍‌ଏଲ୍‌ଡିସ କାର୍ଯ୍ୟ ନିମନ୍ତେ ଫି ଏବଂ ଶୁଳ୍କ ତାଲିକା**

୧. ଆର୍ଥିକ ବର୍ଷ ୨୦୧୯-୨୦ ପାଇଁ ଏସ୍‌ଏଲ୍‌ଡିସି କାର୍ଯ୍ୟ ନିମନ୍ତେ ଫି ଏବଂ ଶୁଳ୍କ ନିମ୍ନମତେ ହେବ ।

(କ) **ଏସ୍‌ଏଲ୍‌ଡିସି କାର୍ଯ୍ୟ ସମ୍ପାଦନ ନିମନ୍ତେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍ ଓ ସି) ଓ ବଜାର ପରିଚାଳନା ଶୁଳ୍କ (ଏମ୍ ଓ ସି) ଭରଣା**

ଆର୍ଥିକ ବର୍ଷ ୨୦୧୯-୨୦ ନିମନ୍ତେ ଆନ୍ତଃରାଜ୍ୟ ସରବରାହ ବ୍ୟବସ୍ଥା ଏବଂ ଏସ୍‌ଏଲ୍‌ଡିସିର ସେବା ଉପଲବ୍ଧ ପାଇଁ ସମସ୍ତ ବ୍ୟବହାରକାରୀ ଯଥା ବିତରଣ ସଂସ୍ଥା, କ୍ରେତା, ଉତ୍ପାଦନ କେନ୍ଦ୍ର (ସିଜିପି ସହିତ) ଓ ବିକ୍ରେତାମାନଙ୍କ ଠାରୁ ବ୍ୟବସ୍ଥା ପରିଚାଳନା ଶୁଳ୍କ ଓ ବଜାର ପରିଚାଳନା ଶୁଳ୍କ ଏବଂ ଆନ୍ତଃରାଜ୍ୟ ସରବରାହ ଲାଇସେନ୍ସଧାରୀ (ଓପିଟିସିଏଲ୍) ଠାରୁ କେବଳ ବ୍ୟବସ୍ଥା ପରିଚାଳନା ଶୁଳ୍କ ଏସ୍‌ଏଲ୍‌ଡିସି ବିଲ୍ ପ୍ରଦାନ କରି ଆଦାୟ କରିବ ।

**ଆର୍ଥିକ ବର୍ଷ ୨୦୧୯-୨୦ ନିମନ୍ତେ ଏଆର୍‌ଆର୍ ଓ ବାର୍ଷିକ ଏବଂ ମାସିକ ଶୁଳ୍କ**

(ଟଙ୍କା ଲକ୍ଷରେ)

| କ୍ରଂ. ସଂ. | ବିବରଣୀ | ଆର୍ଥିକ ବର୍ଷ ୨୦୧୯-୨୦ ପାଇଁ ମଞ୍ଜୁରୀ | |
|---|---|---|---|
| | | ବାର୍ଷିକ | ମାସିକ |
| ୧. | ଏସ୍‌ଏଲ୍‌ଡିସି ର ଏଆର୍‌ଆର୍ | ୯୩୭.୪୭ | ୭୮.୧୨ |
| ୨. | ଆନ୍ତଃରାଜ୍ୟ ସରବରାହ ଲାଇସେନ୍ସଧାରୀ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍‌ଓସି) ଏସ୍‌ଏଲ୍‌ଡିସି ନିକଟରେ ଦାଖଲ କରିବେ | ୭୫.୦୦ | ୬.୨୫ |
| ୩. | ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଓ ବିକ୍ରେତାମାନେ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍‌ଓସି) ଓ ବଜାର ପରିଚାଳନା ଶୁଳ୍କ (ଏମ୍‌ଓସି) ଏସ୍‌ଏଲ୍‌ଡିସି ନିକଟରେ ଦାଖଲ କରିବେ (୪୭୩୮.୨୨ ମେଗା ୱାଟ ଉତ୍ପାଦନ କ୍ଷମତାକୁ ନେଇ ମେଗା ୱାଟ ପ୍ରତି ଟଙ୍କା ହିସାବ କରାଯାଇଅଛି) | ୪୩୧.୨୪ (ଟ୯୧୦୧.୨୧ ମେଗା ୱାଟ ପ୍ରତି) | ୩୫.୯୪ (ଟ୭୫୮.୪୩ ମେଗା ୱାଟ ପ୍ରତି) |
| ୪. | ବିତରଣ ଲାଇସେନ୍ସଧାରୀ ଓ କ୍ରେତାମାନେ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍‌ଓସି) ଓ ବଜାର ପରଚାଳନା ଶୁଳ୍କ (ଏମ୍‌ଓସି) ଏସ୍‌ଏଲ୍‌ଡିସି ନିକଟରେ ଦାଖଲ କରିବେ | ୪୩୧.୨୪ | ୩୫.୯୪ |
| | (i) ସେସୁ | ୧୫୦.୮୭ | ୧୨.୫୭ |
| | (ii) ନେସ୍କୋ ୟୁଟିଲିଟି | ୯୭.୭୪ | ୮.୧୫ |
| | (iii) ୱେସ୍କୋ ୟୁଟିଲିଟି | ୧୨୦.୦୫ | ୧୦.୦୦ |
| | (iv) ସାଉଥ୍‌କୋ ୟୁଟିଲିଟି | ୬୨.୫୮ | ୫.୨୧ |

(ଖ) **ଦରଖାସ୍ତ ଫି ଏବଂ ତାଲିକା ପ୍ରସ୍ତୁତି ଶୁଳ୍କ :** ରାଜ୍ୟ ମଧ୍ୟରେ ଅବସ୍ଥାପିତ ସରବରାହ ବ୍ୟବସ୍ଥାର ବ୍ୟବହାର ଏବଂ ଆନୁଷଙ୍ଗିକ ସେବା ନିମନ୍ତେ ସ୍ୱଳ୍ପମିଆଦି ମୁକ୍ତ ପ୍ରବେଶ ଗ୍ରାହକମାନଙ୍କ ଠାରୁ ଏସ୍‌ଏଲ୍‌ଡିସି ଦରଖାସ୍ତ ପିଛା ୫,୦୦୦/- ଟଙ୍କା ଦରଖାସ୍ତ ଫି ଏବଂ ଦିନ ପ୍ରତି ବା ଦିନର କିଛି ଅଂଶ ପାଇଁ ୨,୦୦୦/- ଟଙ୍କା ହିସାବରେ ତାଲିକା ପ୍ରସ୍ତୁତି ଶୁଳ୍କ ଆଦାୟ କରିବ ।

(ଗ) **ସିକ୍ୟୁରିଟି ଡିପୋଜିଟ୍ :** ସମସ୍ତ ଗ୍ରାହକ (ବିତରଣକାରୀ ସଂସ୍ଥାମାନଙ୍କ ବ୍ୟତିତ) ଦୁଇମାସର ପ୍ରଯୁଜ୍ୟ ବ୍ୟବସ୍ଥା ପରିଚାଳନା ଓ ବଜାର ପରିଚାଳନା ଶୁଳ୍କ ପରିମାଣ ରାଶି ନିର୍ଦ୍ଧାରିତ ଦେୟ ପ୍ରଦାନ ବିଫଳତା ଜନିତ ସିକ୍ୟୁରିଟି ବାବଦରେ ଅଗ୍ରୀମ ପ୍ରଦାନ କରିବେ ।

(ଘ) **ପଞ୍ଜୀକରଣ ଫି :** ଏସ୍‌ଏଲ୍‌ଡିସି ସମସ୍ତ ରାଜ୍ୟମଧ୍ୟସ୍ଥ ସରବରାହ ବ୍ୟବସ୍ଥା ଓ ଏହାର ଆନୁସଙ୍ଗିକ ସେବା ବ୍ୟବହାରକାରୀମାନଙ୍କଠାରୁ ଏକଥରପାଇଁ ୧.୦୦ ଲକ୍ଷ ଟଙ୍କା ପ୍ରତି ବ୍ୟବହାରକାରୀ ମାନଙ୍କଠାରୁ ପଞ୍ଜୀକରଣ ଶୁଳ୍କ ଆଦାୟ କରିବ ।

(ଙ) **ବିଳମ୍ବ-ଦେୟ ଅଧିଶୁଳ୍କ :** ଗ୍ରାହକମାନେ (ବିତରଣକାରୀ କମ୍ପାନୀଙ୍କ ବ୍ୟତିତ) ବିଲ୍ ପରିମାଣ ଧାର୍ଯ୍ୟ ଦିବସ ପରେ ପ୍ରଦାନ କଲେ, ଏସ୍‌ଏଲ୍‌ଡିସି ଅନାଦେୟ ବିଲ୍ ପରିମାଣ ଉପରେ ମାସ ପ୍ରତି ୧.୨୫% ହିସାବରେ ବିଳମ୍ବ-ଦେୟ ଅଧିଶୁଳ୍କ ଆଦାୟ କରିବ ।

୨. ଉପରିସ୍ଥ ପାରା ୧ରେ ଦର୍ଶାଯାଇଥିବା ଏସ୍‌ଏଲ୍‌ଡିସି କାର୍ଯ୍ୟ ସମ୍ପାଦନ ନିମନ୍ତେ ଫି ଏବଂ ଶୁଳ୍କ ତା. ୦୧.୦୪.୨୦୧୯ ରିଖରୁ କାର୍ଯ୍ୟକାରୀ ହେବ ଏବଂ ଆୟୋଗଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ।

୩. ଆୟୋଗଙ୍କ ବିସ୍ତୃତ ଆଦେଶନାମା ତାଙ୍କର ୱେବ୍‌ସାଇଟ୍ **www.orierc.org,** ଓପିଟିସିଏଲର ୱେବ୍‌ସାଇଟ୍ **www.optcl.co.in** ଏବଂ ଏସ୍‌ଏଲ୍‌ଡିସିର ୱେବ୍‌ସାଇଟ୍ **www.sldcorissa.org.in** ରେ ଉପଲବ୍ଧ ।

ଭୁବନେଶ୍ୱର
ତା. ୨୨.୦୫.୨୦୧୯

ସ୍ୱା/-
ଚିଫ୍ ଲୋଡ୍ ଡେସ୍ପାଚର, ଏସ୍‌ଏଲ୍‌ଡିସି, ଓପିଟିସିଏଲ୍

"ମୁଁ ଦେଖିଥିବା ଇଂଲଣ୍ଡ ଦଳ ମଧ୍ୟରୁ ଏହା ସବୁଠୁ ଶ୍ରେଷ୍ଠ। ଆଇସିସି ଦିନିକିଆ ବିଶ୍ୱକପ ଜିତିବା ଲାଗି ଇଂଲଣ୍ଡ ନିକଟରେ ଭଲ ସୁଯୋଗ ରହିଛି।"
-ମାଇକେଲ ଭନ, ପ୍ରାକ୍ତନ ଇଂଲଣ୍ଡ ଅଧିନାୟକ



"ଇଂଲଣ୍ଡ ବିଶ୍ୱକପ ଦଳରେ ଅନେକ ମ୍ୟାଚ୍ ବିଜେତା ରହିଥିଲେ ମଧ୍ୟ ଜୋଶ୍ ବଟ୍‌ଲର ସେମାନଙ୍କ ମଧ୍ୟରୁ ବିପଜ୍ଜନକ ଖେଳାଳି।"
-ରିକି ପଣ୍ଟିଂ, ପ୍ରାକ୍ତନ ଅଷ୍ଟ୍ରେଲିଆ କ୍ରିକେଟର



## ସଂକ୍ଷେପରେ

### ସୁଦିରମାନ କପରୁ ଭାରତର ବିଦାୟ

ନାନିଂ(ଚାଇନା), ୨୨।୫(ପିଟିଆଇ)- ସୁଦିରମାନ କପ୍ ଦଳଗତ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରୁ ଭାରତ ବିଦାୟ ନେଇଛି। ବୁଧବାର ଅନୁଷ୍ଠିତ ଚାଇନା ବିପକ୍ଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ଏକତରଫା ଭାବେ ୦-୫ ବ୍ୟବଧାନରେ ପରାସ୍ତ ହୋଇଛି। ମାଲେସିଆଠାରୁ ୩-୨ରେ ପରାସ୍ତ ହୋଇଥିବା ଭାରତକୁ ନକଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିବା ପାଇଁ ୧୦ ଥର ଚାମ୍ପିୟନ ଚାଇନାକୁ ହରାଇବାର ଆବଶ୍ୟକତା ଥିଲା। ପ୍ରଥମେ ଭାରତୀୟ ମିକ୍ସଡ଼ ଡବଲ୍ସ ବର୍ଗରେ ଜେରି ଚୋପ୍ରା ଓ ଏନ୍. ସିକ୍କି ରେଡ୍ଡୀଙ୍କ ଯୋଡ଼ି ପରାସ୍ତ ହୋଇଥିଲେ। କିଦାମ୍ବି ଶ୍ରୀକାନ୍ତ ଆହତ ହେବାରୁ ସମୀର ବର୍ମା ପୁଣି ପୁରୁଷ ସିଙ୍ଗଲ୍ସ ମ୍ୟାଚ୍ ଖେଳିଥିଲେ। ସମୀର ୧୭-୨୧, ୨୦-୨୨ ସିଧାସଳଖ ଗେମ୍‌ରେ ଅଲିମ୍ପିକ୍ ଚାମ୍ପିୟନ ଚେନ ଲଙ୍ଗଙ୍କଠାରୁ ହାରି ଯାଇଥିଲେ। ଫଳରେ ମୁକାବିଲାରେ ଭାରତ ୦-୨ରେ ପଛୁଆ ଥିଲା। ପୁରୁଷ ଡବଲ୍ସ ବର୍ଗରେ ନିଶ୍ଚିତ ବିଜୟ ଆବଶ୍ୟକ ଥିଲା। କିନ୍ତୁ ସାତ୍ୱିକସାଇରାଜ ରାନ୍‌କିରେଡ୍ଡୀ ଓ ଚିରାଗ ସେଟ୍ଟିଙ୍କ ଯୋଡ଼ିର ପରାଜୟ ସହ ଟୁର୍ଣ୍ଣାମେଣ୍ଟରୁ ଭାରତର ବିଦାୟ ହୋଇଛି। ଏହାପରେ ମହିଳା ସିଙ୍ଗଲ୍ସ ବର୍ଗରେ ସାଇନା ନେହ୍‌ୱାଲ ଓ ଡବଲ୍ସ ବର୍ଗରେ ଅଶ୍ୱିନ ପୁନାପ୍ପା-ସିକ୍କି ମଧ୍ୟ କିଛି କମାଲ କରିପାରି ନ ଥିଲେ। ୨୦୧୧ ଓ ୨୦୧୭ ସଂସ୍କରଣରେ ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା, ଯାହାକି ଶ୍ରେଷ୍ଠ ପ୍ରଦର୍ଶନ।

### ବ୍ରିଟିଶ ଓପନ୍ ସ୍କ୍ୱାଶ: କ୍ୱାର୍ଟରରେ ଜ୍ୟୋସ୍ନା

ହଲ୍ (ଇଂଲଣ୍ଡ), ୨୨।୫(ପିଟିଆଇ)- ଏଠାରେ ଚାଲିଥିବା ପିଏସ୍‌ଏ ୱାର୍ଲ୍ଡ ଟୁର୍ ପ୍ଲାଟିନମ ଇଭେଣ୍ଟ ବ୍ରିଟିଶ ଓପନ୍ ସ୍କ୍ୱାଶରେ ଭାରତର ଜ୍ୟୋସ୍ନା ଚିନାପ୍ପା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡରେ ବାଇ ପାଇଥିବା ଜ୍ୟୋସ୍ନା ୧୨-୧୦, ୧୧-୩, ୧୧-୯ରେ ଇଂଲଣ୍ଡର ମିଲିଏ ଟୋମଲିନସନଙ୍କୁ ପରାସ୍ତ କରିଛନ୍ତି। ପୂର୍ବରୁ ସୌରଭ ଘୋଷାଲ ଓ ରମିତ୍ ଟଣ୍ଡନ ପରାଜୟବରଣ କରିଥିବାରୁ ଜ୍ୟୋସ୍ନା ଏବେ ଭାରତର ଏକମାତ୍ର ପଦକ ଆଶା ରହିଛନ୍ତି। ଜ୍ୟୋସ୍ନା ତାଙ୍କ ପରବର୍ତ୍ତୀ ମ୍ୟାଚ୍‌ରେ ଅଷ୍ଟମ ଇଂଲଣ୍ଡ ଖେଳାଳି ସାରାହ-ଜାନେ ପେରୀଙ୍କୁ ଭେଟିବେ। ବ୍ରିଟିଶ ଓପନ୍ ଦ୍ୱିତୀୟ ରାଉଣ୍ଡରେ ଘୋଷାଲ ୯-୧୧, ୧୧-୭, ୬-୧୧ରେ ଇଜିପ୍ଟର କରିମ ଅବଦିଲ ଗାୱାଡଙ୍କ ନିକଟରୁ ପରାସ୍ତ ହୋଇଥିଲେ।

## ଜାତୀୟ ସବ୍‌ଜୁନିୟର ହକି

# ଓଡ଼ିଶା ଚାମ୍ପିୟନ

ଭୁବନେଶ୍ୱର, ୨୨।୫(କ୍ରୀଡ଼ା ପ୍ରତିନିଧି)

ଛତିଶଗଡ଼ର ରାୟପୁରରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର(ଡିଭିଜନ-ଏ) ହକି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଚାମ୍ପିୟନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ଶୁଟ୍‌ଆଉଟ୍ ୩-୧ ଗୋଲରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଛି। ପ୍ରକାଶଯୋଗ୍ୟ ଯେ, ଏହାକୁ ମିଶାଇ ଓଡ଼ିଶା ୭ମ ଥର ପାଇଁ ଜାତୀୟ ଚାମ୍ପିୟନ ହୋଇ ଇତିହାସ ରଚିଛି।

ଓଡ଼ିଶା-ଉତ୍ତର ପ୍ରଦେଶ ମ୍ୟାଚ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବାପରେ ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ୨୪ତମ ମିନିଟରେ ପେନାଲ୍ଟି କର୍ଣ୍ଣରରୁ ଓଡ଼ିଶା ପାଇଁ ଗୋଲ ଦେଇଥିଲେ ଅଧିନାୟକ ଲବନ ଲୁଗୁନ। ତୃତୀୟ କ୍ୱାର୍ଟରରେ ୩୮ତମ ମିନିଟରେ ଉତ୍ତର ପ୍ରଦେଶ ଅଧିନାୟକ ସୌରଭ ଆନନ୍ଦ ଗୋଲ ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ୪ର୍ଥ କ୍ୱାର୍ଟରରେ କଡ଼ା ଟକ୍କର ହୋଇଥିଲା। ୪୯ତମ ମିନିଟରେ ଅଙ୍କିତ୍ ପ୍ରଜାପତିଙ୍କ ଗୋଲ ବଳରେ ଉତ୍ତର ପ୍ରଦେଶ ଅଗ୍ରଣୀ ନେଇଥିଲା। ମାତ୍ର ଦଳର ଖୁସି ବେଶି ସମୟ ତିଷ୍ଠି ନ ଥିଲା। ଏହାର ୩ ମିନିଟ ପରେ ଅର୍ଥାତ୍ ୫୨ତମ ମିନିଟରେ ଓଡ଼ିଶାର ପ୍ରଖର ଇନ୍ଦୱାର ଗୋଲ ପରିଶୋଧ କରିବାରୁ ନିର୍ଦ୍ଧାରିତ ସମୟରେ ମ୍ୟାଚ ୨-୨ ସ୍ଥିତିରେ ରହିଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ଓଡ଼ିଶା ପକ୍ଷରୁ ଲବନ ଲୁଗୁନ, ରାଜମଣ ଡେଲି ଓ ରୋଶନ କୁଜୁର ଗୋଲ ଦେଇଥିବାବେଳେ ଉତ୍ତର ପ୍ରଦେଶ ପକ୍ଷରୁ ଚନ୍ଦନ ଯାଦବ ଏକମାତ୍ର ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ଅଜୟ ଯାଦବ, ସୁଜିତ କୁମାର ଓ ମହମ୍ମଦ ହାରିସ ଗୋଲ ଦେବାରେ ବିଫଳ ହେବାରୁ ଓଡ଼ିଶା ବିଜୟ ମୁକୁଟ ପିନ୍ଧିଥିଲା। ହକି ଓଡ଼ିଶା ସଭାପତି ଜଷ୍ଟିସ୍ ଏ.ଏସ. ନାଇଡୁ ଓ ସାଧାରଣ ସମ୍ପାଦକ ପ୍ରତାପ ଶତପଥୀ ଓଡ଼ିଶା ଦଳର ଖେଳାଳି, କୋଚ୍ ଓ ମ୍ୟାନେଜରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆକୁ ୩-୦ ଗୋଲରେ ହରାଇ ଝାଡ଼ଖଣ୍ଡ ତୃତୀୟ ସ୍ଥାନ ଅଧିକାର କରିଛି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ବିପକ୍ଷରେ ଝାଡ଼ଖଣ୍ଡ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ବିଜୟୀ ଦଳ ପକ୍ଷରୁ ୯ମ ମିନିଟରେ ଫ୍ଲୋରିଅସ ତିର୍କି ପ୍ରଥମ ଗୋଲଟି ଦେଇଥିବାବେଳେ ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ୪ର୍ଥ କ୍ୱାର୍ଟର ଅର୍ଥାତ୍ ୪୮ତମ ମିନିଟରେ ଦୀପକ ସୋରେଙ୍ଗ ଓ ୫୨ତମ ମିନିଟରେ ଜୋସେଫ ଟପ୍ପୋ ଗୋଲ ଦେଇ ଝାଡ଼ଖଣ୍ଡକୁ ଏକପାଖିଆ ଭାବେ ବିଜୟୀ କରାଇଥିଲେ।



ଜାତୀୟ ସବ୍‌ଜୁନିୟର ହକି ଚାମ୍ପିୟନ ଓଡ଼ିଶା ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଶିବ, ଅମିତ୍ ସେମିରେ

## ଇଣ୍ଡିଆ ଓପନ୍ ବକ୍ସିଂ

ଗୁଆହାଟୀ, ୨୨।୫ (ପିଟିଆଇ)

ଏଠାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଇଣ୍ଡିଆ ଓପନ ବକ୍ସିଂ ଟୁର୍ଣ୍ଣାମେଣ୍ଟରେ ଦୁଇ ଭାରତୀୟ ବକ୍ସର ଶିବ ଥାପା ଓ ଅମିତ ପଙ୍ଘାଲ ଆଶାନୁରୂପ ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସ୍ଥାନୀୟ କର୍ମଚାରୀ ନବିନ ଚନ୍ଦ୍ର ବୋର୍ଦୋଲୋଇ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଏହି ପ୍ରତିଯୋଗିତାରେ ଅନ୍ୟ ୫ ଭାରତୀୟ ବକ୍ସର ମଧ୍ୟ ସେମିରେ ପ୍ରବେଶ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଥାପା ୫-୦ରେ ମରିସସ୍‌ର ହେଲେନ ଡାମିଏନ୍‌ଙ୍କୁ ହରାଇ ସେମିକୁ ଉଠିଛନ୍ତି। ୬୦ କେ.ଜି. ବର୍ଗ ସେମିରେ ସେ ୫-୦ରେ ହେଲେନ ଡାମିଏନଙ୍କୁ ଭେଟିବେ। ଗତ ମାସ ଥାପା ପ୍ରଥମ ଭାରତୀୟ ପୁରୁଷ ବକ୍ସର ଭାବେ କ୍ରମାଗତ ଚତୁର୍ଥଥର ପାଇଁ ଏସିଆନ୍ ପଦକ ହାସଲ କରିଥିଲେ। ସେହିପରି ଅଙ୍କିତ୍ ଓ ମନୀଷ କୌଶିକ ୫-୦ରେ ସେମାନଙ୍କ ପ୍ରତିପକ୍ଷ ଖେଳାଳିଙ୍କୁ ହରାଇ ୬୦ କେ.ଜି. ବର୍ଗ ସେମିରେ ପ୍ରବେଶ କରିଛନ୍ତି। ଫଳରେ ଭାରତୀୟ ୩ ଖେଳାଳି ୬୦ କେ.ଜି. ବର୍ଗ ସେମିକୁ ଉଠିଛନ୍ତି। ୫୨ କେ.ଜି. ବର୍ଗରେ ଭାରତ ଅମିତ ପଙ୍ଘାଲ, ନ୍ୟାଶନାଲ ଚାମ୍ପିୟନ ପି.ଏଲ. ପ୍ରସାଦ, ପୂର୍ବତନ ବିଶ୍ୱ ଯୁବ ଚାମ୍ପିୟନ ସଚିନ ସିୱାଚ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଗୌରବ ସୋଲାଙ୍କି ସେମିରେ ପ୍ରବେଶ କରିଛନ୍ତି। ଫଳରେ ୪ ଭାରତୀୟ ସେମିରେ ମୁହାଁମୁହିଁ ହେବା ସ୍ପଷ୍ଟ ହୋଇଛି। ଅମିତ୍ ୫-୦ରେ ଥାଇଲାଣ୍ଡର ଚକାପାଙ୍ଗ ଚାନପିରୋମଙ୍କୁ ହରାଇଥିଲେ। ସେମିରେ ଅମିତ ଏବେ ପ୍ରସାଦଙ୍କୁ ଭେଟିବେ।



ପ୍ରତିପକ୍ଷ ବକ୍ସରଙ୍କୁ ପଞ୍ଚ ମାରୁଛନ୍ତି ଭାରତର ଶିବ ଥାପା (ଡାହାଣ)।

# କାଉଣ୍ଟି ପଦାର୍ପଣରେ ରାହାନେଙ୍କ ଶତକ

ସ୍ୱାପୋର୍ଟ, ୨୨।୫(ପିଟିଆଇ)

ଭାରତୀୟ ଟେଷ୍ଟ କ୍ରିକେଟ ଦଳର ଉପଅଧିନାୟକ ଅଜିଙ୍କ୍ୟ ରାହାନେ ଚମତ୍କାରଭାବେ କାଉଣ୍ଟି କ୍ରିକେଟରେ ପଦାର୍ପଣ କରିଛନ୍ତି। ହାମ୍ପଶାୟାର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ରାହାନେ ନିଜ ପ୍ରଥମ ମ୍ୟାଚରେ ନଟିଂହାମଶାୟାର ବିପକ୍ଷରେ ଶତକ ହାସଲ କରିଛନ୍ତି। ଭାରତର ତୃତୀୟ ବ୍ୟାଟ୍ସମ୍ୟାନଭାବେ ରାହାନେ କାଉଣ୍ଟି କ୍ରିକେଟ ପଦାର୍ପଣରେ ଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ପାୟୁଷ ଚାୱଲା ସସେକ୍ସ ପକ୍ଷରୁ ଖେଳି ଓ୍ୱର୍ସେଷ୍ଟରଶାୟାର ବିପକ୍ଷରେ ଏବଂ ମୁରଲୀ ବିଜୟ ଇସେକ୍ସ ପକ୍ଷରୁ ଖେଳି ନଟିଂହାମଶାୟାର ବିପକ୍ଷରେ ଏହି ସଫଳତା ପାଇଥିଲେ। ନଟିଂହାମଶାୟାର ବିପକ୍ଷ ଡିଭିଜନ-୧ ମ୍ୟାଚରେ ହାମ୍ପଶାୟାର ପକ୍ଷରୁ ପ୍ରଥମ ଇନିଂସରେ ମାତ୍ର ୧୦ ରନ କରିଥିବା ରାହାନେ ଦ୍ୱିତୀୟ ଇନିଂସରେ ୨୬୦ ବଲରୁ ଧୈର୍ଯ୍ୟପୂର୍ଣ୍ଣ ୧୧୯ ରନର ଇନିଂସ ଖେଳିଥିଲେ। ଏହା ମଧ୍ୟରେ ସେ ୧୪ ଚୌକା ମାରିଥିଲେ। ତୃତୀୟ ଉଇକେଟ ଭାଗୀଦାରିରେ ସେ ସାମ୍ ନର୍ଥଇଷ୍ଟଙ୍କ ବିପକ୍ଷରେ ୨୫୭ ରନର ଭାଗୀଦାରୀ ଗଢ଼ିଥିଲେ। ଇନିଂସର ୫ମ ଓଭରରେ ୩ ନମ୍ବର ବ୍ୟାଟ୍ସମ୍ୟାନଭାବେ କ୍ରିଜକୁ ଆସିଥିବା ରାହାନେ ୭୦ତମ ଓଭରରେ ଅଫ୍-ସ୍ପିନର ମାଥ୍ୟୁ କାର୍ଟରଙ୍କ ବଲରେ ଆଉଟ ହୋଇଥିଲେ। ଏଠାରେ ସେ କ୍ୟାରିୟରର ୩୧ତମ ଶତକ ଅର୍ଜନ କରିଥିଲେ। ରାହାନେଙ୍କ ବ୍ୟତୀତ କାଉଣ୍ଟି କ୍ରିକେଟର ଡିଭିଜନ-୧ରେ ଭାରତର ଚେତେଶ୍ୱର ପୂଜାରା ଓ ରବିଚନ୍ଦ୍ରନ ଅଶ୍ୱିନ ଯଥାକ୍ରମେ ୟର୍କଶାୟାର ଓ ନଟିଂହାମଶାୟାର ପକ୍ଷରୁ ଖେଳୁଛନ୍ତି। ବିଶ୍ୱକପ ପରେ ଭାରତୀୟ କ୍ରିକେଟ ଦଳ ୱେଷ୍ଟଇଣ୍ଡିଜ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତରେ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଅନ୍ତର୍ଗତ ୨ଟି ଟେଷ୍ଟ ଖେଳିବ। ଟେଷ୍ଟ ସ୍ପେଶାଲିଷ୍ଟ ଖେଳାଳିମାନେ ଅଧିକରୁ ଅଧିକ ମ୍ୟାଚ ଖେଳି ଅଭ୍ୟାସ ଜାରି ରଖନ୍ତୁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚାହୁଁଛି।

# ୨୨ ବର୍ଷୀୟା ଆଥ୍‌ଲେଟଙ୍କ ଅବସର

ଭିଲନିଅସ(ଲିଥୁଆନିଆ), ୨୨।୫

ପୂର୍ବତନ ଅଲିମ୍ପିକ୍ ସନ୍ତରଣ ଚାମ୍ପିୟନ ରୁଟା ମେଇଲୁଟାଇଟ ବୁଧବାର ଅବସର ଗ୍ରହଣ କରିଛନ୍ତି। କ୍ରମାଗତ ୩ଟି ଡୋପ ଟେଷ୍ଟର ସମ୍ମୁଖୀନ ହୋଇ ନ ପାରିବାରୁ ୨୨ ବର୍ଷୀୟା ଆଥ୍‌ଲେଟ୍ ଅବସର ନେଇଛନ୍ତି। ଆଗାମୀ ଅଲିମ୍ପିକ୍ ପରିବର୍ତ୍ତେ ନିଜ ପାଠପଢ଼ା ଓ ଅନ୍ୟ ଇଚ୍ଛାକୁ ଗୁରୁତ୍ୱ ଦେବା ପାଇଁ ଏଭଳି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି। ମୁଁ ସନ୍ତରଣ ପାଇଁ ସବୁ କିଛି କରିସାରିଛି। ବ୍ୟସ୍ତବହୁଳ ୱାର୍କ ଆଉଟ୍ ଯୋଗୁ ମୋତେ ପାଠପଢ଼ା ସହ ଝୁଲାଣିଆ କରିବାକୁ ପଡ଼ିଥିଲା। କିନ୍ତୁ ଏବେ ମୁଁ ପୁଣି ଆରମ୍ଭ କରିପାରିବି। ମୁଁ ବର୍ତ୍ତମାନଠାରୁ ସାଧାରଣ କାର୍ଯ୍ୟ କରିବାକୁ ଚାହେଁ ବୋଲି ସେ କହିଛନ୍ତି। ସେ ମାତ୍ର ୧୫ ବର୍ଷ ବୟସରେ ୨୦୧୨ ଲଣ୍ଡନ ଅଲିମ୍ପିକ୍‌ରେ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପରବର୍ଷ ବିଶ୍ୱ ଚାମ୍ପିୟନଶିପରେ ମଧ୍ୟ ସ୍ୱର୍ଣ୍ଣ ପାଇଥିଲେ। ଏଥରପରେ ସେ ନିଜ ସଫଳତା ପାଇଁ ଚାପର ସମ୍ମୁଖୀନ ହେଉଥିବା କହିଥିଲେ।

# କେନିଆ ଆଥ୍‌ଲେଟିକ୍ ଟିମ୍ ମ୍ୟାନେଜରଙ୍କ ୧୦ ବର୍ଷ ବାସନ୍ଦ

ପ୍ୟାରିସ, ୨୨।୫(ପିଟିଆଇ)

ପୂର୍ବତନ କେନିଆ ଆଥ୍‌ଲେଟ୍ ଟିମ୍ ମ୍ୟାନେଜର ମାଇକେଲ ରୋଟିଚ୍ ଦୁର୍ନୀତି ଅଭିଯୋଗରେ ୧୦ ବର୍ଷ ବାସନ୍ଦ ପାଇଛନ୍ତି। ଅର୍ଥ ବଦଳରେ ଆଥ୍‌ଲେଟଙ୍କୁ ଆଗୁଆ ଡୋପ୍ ଟେଷ୍ଟ ନେଇ ସୂଚନା ଦେବାକୁ ସମ୍ମତି ପ୍ରକାଶ କରିଥିବାରୁ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) ତରଫରୁ କୁହାଯାଇଛି। ସନ୍ଡେ ଟାଇମ୍ସର ଗୁପ୍ତଚର ଛଦ୍ମ ଖବରଦାତା ରୋଟିଚଙ୍କୁ ଧରାପକାଇଥିଲେ। ତାଙ୍କୁ କୌଣସି ଦାୟିତ୍ୱରୁ ସାମୟିକ ଭାବେ ବାସନ୍ଦ କରାଯାଇଛି। ରୋଟିଚ୍ ଦୁର୍ନୀତିରେ ଲିପ୍ତ ଥିବା ପ୍ରମାଣ ମିଳିଛି ଓ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ଥିଲା ବୋଲି ଆଇଏଏଏଫ୍ କହିଛି।

# 'ବିରାଟ ଏକା ବିଶ୍ୱକପ୍ ଜିତାଇ ପାରିବେନି'

ନୂଆଦିଲ୍ଲୀ, ୨୨।୫(ପିଟିଆଇ)

କ୍ରିକେଟ ବିଶ୍ୱକପ କ୍ରମେ ପାଖେଇ ଆସିଥିବାବେଳେ ଭାରତର ସମ୍ଭାବନାକୁ ନେଇ ମତ ରଖିଛନ୍ତି ପୂର୍ବତନ ଅଧିନାୟକ ସଚିନ ତେନ୍ଦୁଲକର। ବିରାଟ କୋହଲିଙ୍କ ଦକ୍ଷତାକୁ ନେଇ ପ୍ରଶ୍ନ ନାହିଁ। ମାତ୍ର ସାଥୀ ଖେଳାଳିଙ୍କ ବିନା ସହଯୋଗରେ ଏକାକୀ ବିରାଟ ବିଶ୍ୱକପ ଜିତି ପାରିବେନି ବୋଲି କହିଛନ୍ତି ଏହି କିମ୍ବଦନ୍ତୀ କ୍ରିକେଟର। ୧୯୯୬, ୧୯୯୯ ଓ ୨୦୦୩ ବିଶ୍ୱକପରେ ତୁମ୍ଭରି ଆଗାମୀ ବିଶ୍ୱକପରେ ବିରାଟ ଦାୟିତ୍ୱ ନିର୍ବାହ କରିପାରିବେ କି ପ୍ରଶ୍ନର ଉତ୍ତରରେ ସଚିନ କହିଲେ ଯେ, "ପ୍ରତି ମ୍ୟାଚରେ କିଛି ଖେଳାଳିଙ୍କୁ ବ୍ୟକ୍ତିଗତଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। କାରଣ କୌଣସି ଜଣେ ଖେଳାଳିଙ୍କ ପ୍ରଦର୍ଶନ ବଳରେ କେବେହେଲେ ଟୁର୍ଣ୍ଣାମେଣ୍ଟ ଜିତି ହୁଏନି। ଘଡ଼ିସନ୍ଧି ମୁହୂର୍ତ୍ତରେ କେହି ନା କେହି ଭଲ ଖେଳିବାକୁ ପଡ଼ିବ। ଏହା ନ ହେଲେ ନୈରାଶ୍ୟ ଦେଖିବାକୁ ମିଳିବ"। ବ୍ୟାଟିଂ ଲାଇନ୍‌ଅପ୍‌ର ୪ ନମ୍ବର ସ୍ଥାନ ପାଇଁ ଭାରତ ପକ୍ଷରୁ ସ୍ଥାୟୀଭାବେ ବ୍ୟାଟ୍ସମ୍ୟାନ ଚୟନ କରାଯାଇପାରି ନ ଥିବାରୁ ବିଶେଷ ଚିନ୍ତା ପ୍ରକଟ କରିନାହାନ୍ତି ସଚିନ। ମ୍ୟାଚର ପରିସ୍ଥିତି ଅନୁସାରେ ଏହି ସ୍ଥାନରେ ବିଭିନ୍ନ ଖେଳାଳିଙ୍କୁ ବ୍ୟାଟିଂ ପାଇଁ ଛଡ଼ାଯିବ ବୋଲି ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଇଛି। "ମୁଁ ଭାବୁଛି ଏହି ସ୍ଥାନ ପାଇଁ ଆମ ନିକଟରେ ଭଲ ବ୍ୟାଟ୍ସମ୍ୟାନ ଅଛନ୍ତି। ନମ୍ବର ୪ କେବଳ ଏକ ସଂଖ୍ୟା। ଏହାର ସମାଧାନ ହୋଇପାରିବ। ଭାରତର ୪ ନମ୍ବର ବ୍ୟାଟ୍ସମ୍ୟାନଙ୍କୁ ନେଇ କୌଣସି ସମସ୍ୟା ଥିବା ମୁଁ ଭାବି ପାରୁନି। ଆମ ପିଲାମାନେ ଯଥେଷ୍ଟ ସଂଖ୍ୟକ ମ୍ୟାଚ ଖେଳି ସାରିଛନ୍ତି। ତେଣୁ ସେମାନେ ନମ୍ବର ୪ ହେଉ କି ୬ କିମ୍ବା ୮, ସେମାନେ ସେମାନଙ୍କ ଭୂମିକା ସମ୍ପର୍କରେ ଭଲଭାବେ ଅବଗତ ଅଛନ୍ତି। ପରିସ୍ଥିତି ଅନୁସାରେ ସଚେତନ ହେବା ଗୁରୁତ୍ୱପୂର୍ଣ୍ଣ" ବୋଲି ବିଶ୍ୱ କ୍ରିକେଟର ଟେଷ୍ଟ ଓ ଦିନିକିଆରେ ସର୍ବାଧିକ ରନ ସଂଗ୍ରହକାରୀ ସଚିନ ପ୍ରକାଶ କରିଛନ୍ତି।

ଏବେ ପିଚ୍‌ଗୁଡ଼ିକ ବ୍ୟାଟିଂ ଫ୍ରେଣ୍ଡଲି କରାଯାଉଥିବାରୁ ବିଶେଷ ଖୁସି ବ୍ୟକ୍ତ କରିନାହାନ୍ତି ସଚିନ। ବୋଲରଙ୍କ ପାଇଁ ମଧ୍ୟ ପିଚ୍‌ରେ କିଛି ରଖାଯିବା ଉଚିତ ବୋଲି ତାଙ୍କ ମତ। "ଫ୍ଲାଟ୍ ପିଚ୍‌ଗୁଡ଼ିକରେ ବୋଲରମାନଙ୍କ କାମ କଷ୍ଟକର ହୋଇ ପଡୁଛି। ଏକ ଟିମ୍ ୩୫୦ ରନ ସ୍କୋର କଲେ ପ୍ରତିପକ୍ଷ ଦଳ ତାହାକୁ ୪୫ ଓଭରରେ ଚେଜ୍ କରିପାରୁଛି ବୋଲି ଇଂଲଣ୍ଡ-ପାକିସ୍ତାନ ସିରିଜକୁ ଦୃଷ୍ଟିରେ ରଖି କହିଛନ୍ତି ସଚିନ। ଏଭଳି ପିଚ୍ ବୋଲରଙ୍କ ପାଇଁ ଦୁଃସ୍ୱପ୍ନ ସଦୃଶ ହେଉଛି ବୋଲି ସେ କହିଛନ୍ତି। ରିଭର୍ସ ସୁଇଂ ସମ୍ପର୍କରେ ମତ ଦେବାକୁ ଯାଇ ସେ କହିଛନ୍ତି ଯେ, ଆମେ ଖେଳୁଥିବାବେଳେ ୨୮ରୁ ୩୦ ଓଭର ମଧ୍ୟରେ ବଲ୍ ରିଭର୍ସ ସୁଇଂ ହେବା ଆରମ୍ଭ ହେଉଥିଲା। କେତେକ ମ୍ୟାଚରେ କିଛି ଓଭର ପୂର୍ବରୁ ବଲ୍ ରିଭର୍ସ ସୁଇଂ ହେଉଥିବା ଦେଖା ଯାଉଥିଲା। ତେଣୁ ଓଭର କେବଳୁ ବଲ୍ ନରମ ହୋଇଯାଉଥିଲା, ଏପରି କି ଏଥିରୁ ରଙ୍ଗ ମଧ୍ୟ ଛାଡ଼ି ଯାଉଥିଲା। ତେଣୁ ସେତେବେଳେ ଏହି ସମୟରେ ଖେଳିବା ବ୍ୟାଟ୍ସମ୍ୟାନଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ଥିଲା। ମାତ୍ର ଏବେ ବଲ୍ ଶେଷ ପର୍ଯ୍ୟନ୍ତ କଠିନ ରହୁଛି ଏବଂ କେଳକୁ ବେଳ ବ୍ୟାଟ୍ସମ୍ୟାନଙ୍କ ପାଇଁ ଖେଳିବା ସହଜ ହେଉଛି।

ନିକଟ ଅତୀତରେ ରିଷ୍ଟ ସ୍ପିନରମାନେ ବିଶେଷ ସଫଳ ହେଉଥିବା ଅନୁଭବ କରୁଛନ୍ତି ସଚିନ। ଭାରତ ନିକଟରେ କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କ ରୂପରେ ୨ ଜଣ ରିଷ୍ଟ ସ୍ପିନର ଅଛନ୍ତି। ଭାରତ ଗସ୍ତରେ ଆସିଥିବାବେଳେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନମାନେ ଏହି ଦୁଇ ବୋଲରଙ୍କୁ ଭଲଭାବେ ବୁଝିପାରିଥିଲେ ଏବଂ ସହଜରେ ଖେଳିଥିଲେ। ମାତ୍ର ଇଂଲଣ୍ଡ ପରିବେଶରେ ଏହାର କିଛି ମାନେ ରହିବ ନାହିଁ ବୋଲି ସଚିନ କହିଛନ୍ତି। ଅନେକ ବୋଲର ଅଛନ୍ତି, ଯାହାଙ୍କୁ ବ୍ୟାଟ୍ସମ୍ୟାନମାନେ ଭଲଭାବେ ବୁଝିପାରିଛନ୍ତି ଏହା ସତ୍ତ୍ୱେ ଏହି ବୋଲରମାନେ ବେଶ୍ କିଛି ଉଇକେଟ ନେବାରେ ସକ୍ଷମ ହୋଇଛନ୍ତି। ଅନେକ ଅଷ୍ଟ୍ରେଲିଆ ସିରିଜକୁ ନେଇ କୁଲଦୀପ ଏବଂ ଚହଲ ଚିନ୍ତିତ ହେବା ଉଚିତ ନୁହେଁ। ଭାରତ ପାଇଁ ମିଡଲ ଓଭରରେ ଏ ଦୁହେଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନମାନେ କୁଲଦୀପ ଓ ଚହଲଙ୍କ ବୋଲିଙ୍ଗକୁ ବୁଝି ପାରିଛନ୍ତି ସତ, ମାତ୍ର ସେମାନେ ଯେ କିଛି ଭୁଲ କରିବେନି ତାହା କହିହେବନି। ଏ କ୍ଷେତ୍ରରେ ମୁଖ୍ୟା ମୁରଲୀଧରନଙ୍କୁ ଉଦାହରଣ ଭାବେ ନେଇଛନ୍ତି ସଚିନ। "ମୁରଲୀ ସାଧାରଣତଃ ୨ ପ୍ରକାର ବୋଲିଂ କରିଥାନ୍ତି। ଅଫ୍-ବ୍ରେକ୍ ଏବଂ ଦୁସ୍‌ରା। ଏମିତି ଦୁହେଁ ଯେ ବ୍ୟାଟ୍ସମ୍ୟାନମାନେ ମୁରଲୀଙ୍କ ବୋଲିଂକୁ ବୁଝି ପାରି ନ ଥିଲେ, ମାତ୍ର କ୍ୟାରିୟର ଶେଷ ପର୍ଯ୍ୟନ୍ତ ମୁରଲୀ ଉଇକେଟ ନେବାରେ ସକ୍ଷମ ହୋଇଥିଲେ" ବୋଲି କହିଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ।

ଭାରତୀୟ ଦଳ ଯୁବ ଏବଂ ଅଭିଜ୍ଞ ବ୍ୟାଟ୍ସମ୍ୟାନଙ୍କୁ ନେଇ ବେଶ୍ ସନ୍ତୁଳିତ। ୮-୧୦ ବର୍ଷର ଅଭିଜ୍ଞତା ଥିବା ଅନେକ ଖେଳାଳି ଦଳରେ ରହିଛନ୍ତି। ଏହା ବ୍ୟତୀତ ଆମ ନିକଟରେ କୁଲଦୀପ, ଲୋକେଶ ରାହୁଲ, ଚହଲ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ ବୁମ୍ରାଙ୍କ ପରି ପ୍ରତିଭା ସମ୍ପନ୍ନ ଖେଳାଳି ଅଛନ୍ତି। ଏମାନେ ଅନ୍ତର୍ଜାତୀୟ କ୍ରିକେଟରେ ବେଶ୍ କିଛିଦିନ ଖେଳି ସାରିଛନ୍ତି। ତେଣୁ ଏଥର ଭାରତ ପାଇଁ ବହୁତ ସୁଯୋଗ ରହିବ ବୋଲି ତେନ୍ଦୁଲକର ପ୍ରକାଶ କରିଛନ୍ତି।



ବିରାଟ କୋହଲିଙ୍କ ସହ ସଚିନ ତେନ୍ଦୁଲକର।

# ଆଇଡବ୍ଲ୍ୟୁଏଲ୍ ଟ୍ରଫି ଜିତିଲା ସେଥୁ ଏଫ୍‌ସି

ଲୁଧିଆନା, ୨୨।୫(ପିଟିଆଇ)

ହିରୋ ଭାରତୀୟ ମହିଳା ଫୁଟବଲ ଲିଗ୍ (ଆଇଡବ୍ଲ୍ୟୁଏଲ)ରେ ସେଥୁ ଏଫ୍‌ସି ଚାମ୍ପିୟନ ହୋଇଛି। ସ୍ଥାନୀୟ ଗୁରୁ ନାନକ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ସେଥୁ ଏଫ୍‌ସି ୩-୧ ଗୋଲରେ ମଣିପୁର ପୋଲିସକୁ ପରାସ୍ତ କରିଛି। ମଦୁରାଇ ବେସଡ୍ ଦଳ ସେଥୁ ଏଫ୍‌ସି ପକ୍ଷରୁ ସାବିତ୍ରା ଭଣ୍ଡାରୀ ୨ଟି ଗୋଲସ୍କୋର କରି ଦଳକୁ ଚାମ୍ପିୟନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଶେଷଭାଗରେ ମଣିପୁର ପକ୍ଷରୁ ରାଧାରାଣୀ ଦେବୀ ପ୍ରଥମେ ଗୋଲସ୍କୋର କରି ଖାତା ଖୋଲିଥିଲେ। ମ୍ୟାଚ୍‌ର ୪୩ତମ ମିନିଟ୍‌ରେ ରାଧାରାଣୀ ଏହି ଗୋଲ ଦେଇ ମଣିପୁର ପୋଲିସକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଫଳରେ ପ୍ରଥମାର୍ଦ୍ଧରେ ମଣିପୁର ଆଗରେ ରହିଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ସେଥୁ ଏଫ୍‌ସି ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ଆଣିବାରେ ସଫଳ ହୋଇଥିଲା। ମ୍ୟାଚ୍‌ର ୫୬ତମ ମିନିଟ୍‌ରେ ମଣିପୁରର ଉମାପତି ଦେବୀଙ୍କ ଆତ୍ମଘାତୀ ଗୋଲ ବଳରେ ମ୍ୟାଚ୍ ୧-୧ ବରାବରକୁ ଆସିଥିଲା। ଏହାପରେ ୧୦ ମିନିଟ୍ ଅନ୍ତରରେ ସେଥୁ ଏଫ୍‌ସି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ନେପାଳ ଅନ୍ତର୍ଜାତୀୟ ତାରକା ସାବିତ୍ରା ୨ଟି ଗୋଲସ୍କୋର କରି ଦଳକୁ ୩-୧ରେ ଅଗ୍ରଣୀ ଦେଇଥିଲେ। ସେ ପ୍ରଥମ ମ୍ୟାଚରେ ୬୦ତମ ଓ ପରେ ୭୦ତମ ମିନିଟ୍‌ରେ ଆଉ ଏକ ଗୋଲ ଦେଇଥିଲେ। ଏହାପରେ ଆଉ କୌଣସି ଗୋଲସ୍କୋର ନ ହେବାରୁ ସେଥୁ ଏଫ୍‌ସି ସହଜସାଧ୍ୟ ବିଜୟ ଲାଭ କରି ଚାମ୍ପିୟନ ମୁକୁଟ ପିନ୍ଧିଥିଲା। ସାବିତ୍ରା ପ୍ଲେୟାର ଅଫ୍ ଦି ମ୍ୟାଚ୍ ଏବଂ ରତ୍ନବାଲା ଇମର୍ଜିଂ ପ୍ଲେୟାର ବିବେଚିତ ହୋଇଥିଲେ।




ଚାମ୍ପିୟନ ଟ୍ରଫି ସହ ସେଥୁ ଏଫ୍‌ସି ଦଳ।

“ମହେନ୍ଦ୍ର ସିଂ ଧୋନୀଙ୍କ ପରି ଅଭିଜ୍ଞ ଖେଳାଳିଙ୍କ ସମେତ ଭାରତୀୟ ଦଳରେ ବର୍ତ୍ତମାନ ଅନେକ ମ୍ୟାଚ୍ ବିଜେତା ରହିଛନ୍ତି। ବିଶ୍ୱକପ୍ ଦୌଡ଼ରେ ଭାରତ ଫେଭରାଇଟ୍ ରହିଛି।
–ମିଥାଲି ରାଜ, ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା



“ଏସୀୟ ଟୁର୍ନାମେଣ୍ଟଗୁଡ଼ିକରେ ଭଲ ପ୍ରଦର୍ଶନ କରିବା ସହ ଭାରତକୁ ଶ୍ରେଷ୍ଠ ଦଳ ଭାବେ ଗଢ଼ି ତୋଳିବା ନୂଆ କୋଚ୍ ଇଗର ଷ୍ଟିମାକଙ୍କ ଲକ୍ଷ୍ୟ।
–ରାହୁଲ ବେକେ, ଭାରତୀୟ ଫୁଟ୍‌ବଲର



## ସଂକ୍ଷେପରେ

### ଆର୍ଜେଣ୍ଟିନା ଦଳରେ ମେସି

ବୁଏନ୍ସ ଏରିଜ,୨୨।୫- ଆସନ୍ତା ଜୁନ ୧୪ ତାରିଖରୁ ଆରମ୍ଭ ହେବାକୁ ଥିବା କୋପା ଆମେରିକା ପ୍ରତିଯୋଗିତା ଲାଗି ଘୋଷିତ ୨୩ ଜଣିଆ ଆର୍ଜେଣ୍ଟିନା ଦଳରେ ବାର୍ସିଲୋନା ସୁପରଷ୍ଟାର ଲିଓନେଲ ମେସି ଓ ସେର୍ଗିଓ ଆଗୁରୋ ସ୍ଥାନ ପାଇଛନ୍ତି। ପ୍ୟାରିସ ସେଣ୍ଟ ଜର୍ମେନ ଓ୍ୱିଙ୍ଗର ଆଙ୍ଗେଲ ଡି ମାରିଆଙ୍କୁ ମଧ ଦଳରେ ସାମିଲ କରାଯାଇଛି। କିନ୍ତୁ ଚେଲସି ଷ୍ଟ୍ରାଇକର ଗୋଞ୍ଜାଲୋ ହିଗୁଆଇନଙ୍କୁ ଅଣଦେଖା କରାଯାଇଛି। ବଡ଼ ଟୁର୍ନାମେଣ୍ଟ ଲାଗି ଏମାନେ ଜାତୀୟ ଦଳର ଗୁରୁତ୍ୱପୂର୍ଣ୍ଣ ଖେଳାଳି ବୋଲି ମୁଖ୍ୟ କୋଚ୍ ଲିଓନେଲ ସ୍କାଲନି କହିଛନ୍ତି। ଗ୍ରୁପ୍-ବି'ରେ ଆର୍ଜେଣ୍ଟିନା ସହ କଲମ୍ବିଆ, ପାରାଗୁଏ ଓ ଏସିଆନ୍ ଚାମ୍ପିୟନ ତଥା ୨୦୨୨ ବିଶ୍ୱକପ୍ ଆୟୋଜକ କତାର ରହିଛି। ମେସି ଗତ ମାର୍ଚ୍ଚରେ ଜାତୀୟ ଦଳକୁ ଫେରିଥିଲେ। ବିଶ୍ୱକପ୍‌ରେ ଫ୍ରାନ୍ସଠାରୁ ୪-୩ ବ୍ୟବଧାନରେ ଆର୍ଜେଣ୍ଟିନା ପରାସ୍ତ ହେବା ପରେ ମେସି ଓ ଆଗୁରୋ ୮ ମାସ ଜାତୀୟ ଦଳରୁ ବିରତି ନେଇଥିଲେ।

### ମେଲବୋର୍ନ ଷ୍ଟାର୍ସ ନୂଆ କୋଚ୍ ଡେଭିଡ ହସି

ମେଲବୋର୍ନ,୨୨।୫- ପୂର୍ବତନ ଅଷ୍ଟ୍ରେଲିଆନ୍ ଓ ମେଲବୋର୍ନ ଷ୍ଟାର୍ସ ଅଧିନାୟକ ଡେଭିଡ ହସି ଦଳର ନୂଆ କୋଚ୍ ଭାବେ ନିଯୁକ୍ତ ହୋଇଛନ୍ତି। ସେ ଷ୍ଟିଫେନ ଫ୍ଲେମିଂଙ୍କ ସ୍ଥାନ ନେବେ। ହସିଙ୍କୁ ଦୁଇ ବର୍ଷ ଲାଗି ଗୁରୁଦାୟିତ୍ୱ ଦିଆଯାଇଛି। ଏଥିଯୋଗୁ ତାଙ୍କୁ କ୍ରିକେଟ ଭିକ୍ଟୋରିଆ ବୋର୍ଡ ପଦରୁ ତୁରନ୍ତ ଓହରିବାକୁ ପଡ଼ିଛି। ମେଲବୋର୍ନ ଦଳର କୋଚ୍ ଭାବେ ନିଯୁକ୍ତ ହେବା ମୋ ପାଇଁ ସମ୍ମାନର ବିଷୟ ବୋଲି ହସି କହିଛନ୍ତି। ଗତ ବିବିଏଲ ଫାଇନାଲରେ ପରାସ୍ତ ହେବା ପରେ ମଧ ଫ୍ଲେମିଂଙ୍କ ଚୁକ୍ତିର ସମୟସୀମା ବୃଦ୍ଧି କରିବା ନେଇ ପ୍ରସ୍ତାବ ଦିଆଯାଇଥିଲା। ହେଲେ ପୂର୍ବତନ ନ୍ୟୁଜିଲାଣ୍ଡ ଅଧିନାୟକ ମନା କରି ଦେଇଥିଲେ। ହସି ମେଲବୋର୍ନ ଫ୍ରାଞ୍ଚାଇଜ ଲାଗି ୭ଟି ସିଜନରେ ୪୮ ମ୍ୟାଚ୍ ଖେଳି ୮୫୫ ରନ୍ କରିଛନ୍ତି।



ଆଇସିସି ବିଶ୍ୱକପ୍ ଖେଳିବା ଲାଗି ଲଣ୍ଡନରେ ପହଞ୍ଚିଥିବା ଭାରତୀୟ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍।



ଅଧିନାୟକ ବିରାଟ କୋହଲି ଟିମ୍ ହୋଟେଲକୁ ଯାଉଛନ୍ତି।

# ଓଡ଼ିଆ ଖେଳାଳି ସୁନିତାଙ୍କ ମାଇଲଖୁଣ୍ଟ



ସମ୍ବର୍ଦ୍ଧିତ ଅବସରରେ କୋଚ୍ ଜୋର୍ଡ ମାରିଜନେଙ୍କ ସହ ସୁନୀତା ଲାକ୍ରା।

**ଜିନଚେଓନ(କୋରିଆ),୨୨।୫**

ଭାରତୀୟ ମହିଳା ହକି ଦଳର ଅନ୍ୟତମ ଡିଫେଣ୍ଡର ଖେଳାଳି ସୁନିତା ଲାକ୍ରା ବୁଧବାର ୧୫୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ଏଠାରେ ଦକ୍ଷିଣ କୋରିଆ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍ ଅବସରରେ ଓଡ଼ିଆ ଖେଳାଳି ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ୨୦୦୯ରେ ପଦାର୍ପଣ କରିଥିଲେ ସୁନିତା। ୧୦ ବର୍ଷ ଧରି ଜାତୀୟ ଦଳର ସେ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଭାରତ ଏସିଆନ ଚାମ୍ପିୟନ୍ସ ଟ୍ରଫି (୨୦୧୬) ଓ ୯ମ ମହିଳା ଏସିଆ କପ୍ (୨୦୧୭) ଜିତିବା ସହ ଏସିଆନ୍ ଗେମ୍ସ ରୌପ୍ୟ ପଦକ ଜିତିଥିଲା। ନିକଟରେ ବିବାହ କରିଥିବା ଡିଫେଣ୍ଡରଙ୍କ ନେତୃତ୍ୱରେ ଭାରତ ମହିଳା ଏସିଆନ୍ ଚାମ୍ପିୟନଶିପ୍ ଟ୍ରଫିରେ ରୌପ୍ୟ ପଦକ ପାଇଥିଲା। ୨୦୧୮ ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଇତିହାସ ରଚିଥିବା ଭାରତୀୟ ଦଳର ସେ ସଦସ୍ୟ ଥିଲେ। ମୋତେ ଦଳୀୟ ଖେଳାଳିଙ୍କ ସମର୍ଥନ ମିଳିଥିବାରୁ ମୁଁ ଏତେ ବର୍ଷ ଧରି ଭାରତ ପାଇଁ ଖେଳିପାରିଛି। ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବା ମୋର ଲକ୍ଷ୍ୟ ବୋଲି ସୁନିତା କହିଛନ୍ତି। ଏହି ଅବସରରେ ହକି ଇଣ୍ଡିଆ (ଏଚ୍‌ଆଇ) ସୁନିତାଙ୍କୁ ଶୁଭେଚ୍ଛା ଜଣାଇଛି।

## ସିରିଜ୍ ଜିତିଲା ଭାରତ

ପ୍ରଥମାର୍ଦ୍ଧ ସୁଦ୍ଧା ୦-୧ ଗୋଲରେ ପଛୁଆ ରହିବା ସତ୍ତ୍ୱେ ଭାରତୀୟ ମହିଳା ଦଳ ୨-୧ ବ୍ୟବଧାନରେ ଆୟୋଜକ ରିପବ୍ଲିକ କୋରିଆକୁ ହରାଇ ଦେଇଛି। ଏଥିସହ ଦ୍ୱିପାକ୍ଷିକ ସିରିଜ୍‌କୁ ୨-୦ରେ ଜିତି ନେଇଛି। ଏହି ମ୍ୟାଚ୍‌ରେ ଓଡ଼ିଆ ଖେଳାଳି ସୁନିତା ଲାକ୍ରା ଅନ୍ତର୍ଜାତୀୟ କ୍ୟାରିୟରର ୧୫୦ତମ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ ଦୁଇ ଦଳର ଗୋଲକିପରମାନେ ଭଲ ସେଭ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଆୟୋଜକ ଦଳ ଭାରତୀୟ ଡିଫେନ୍ସ ଭାଗ ଭେଦ କରିବାକୁ ସକ୍ଷମ ହୋଇଥିଲା। ମ୍ୟାଚ୍‌ର ୧୯ତମ ମିନିଟ୍‌ରେ ଲି ସେଉଙ୍ଗଙ୍କୁ ଫିଲ୍ଡ ଗୋଲ କରି କୋରିଆ ଦଳକୁ ଅଗ୍ରଣୀ ଆଣି ଦେଇଥିଲେ। ଜବାବରେ ତୃତୀୟ କ୍ୱାର୍ଟରରେ ଟିମ୍ ଇଣ୍ଡିଆ ଆକ୍ରମଣ କରିଥିଲା। ଅଧିନାୟିକା ରାଣୀ ରାମ୍‌ପାଲ ୩୭ତମ ମିନିଟ୍‌ରେ ଫିଲ୍ଡ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଏହାପରେ ନବଜୋତ କୌର (୫୦ତମ ମିନିଟ୍)ଙ୍କ ଗୋଲ ଯୋଗୁ ଭାରତ ୨-୧ରେ ମ୍ୟାଚ ଜିତି ନେଇଥିଲା। ଗତ ମ୍ୟାଚ୍‌ଠାରୁ ଆମର ପ୍ରଦର୍ଶନ ବହୁତ ଉନ୍ନତ ଥିଲା। ଖେଳାଳିମାନେ ସ୍ଥିର ପ୍ରଦର୍ଶନ କରିଥିଲେ। ଆମେ ଆହୁରି ଗୋଲ କରିପାରିଥାନ୍ତୁ ବୋଲି ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ କହିଛନ୍ତି। ସିରିଜ୍‌ର ୩ୟ ମ୍ୟାଚ୍ ୨୪ ତାରିଖରେ ଖେଳାଯିବ।

# ୟୁରୋ ଟି୨୦ ସ୍ଲାମ୍ ପାଇଁ ଆଫ୍ରିଦୀ ଆଇକନ ଖେଳାଳି

**ମୁମ୍ବାଇ, ୨୨।୫ (ପି.ଟି.)**



ପୂର୍ବତନ ପାକିସ୍ତାନ ଅଧିନାୟକ ଶାହିଦ ଆଫ୍ରିଦୀ ୟୁରୋ ଟି୨୦ ସ୍ଲାମ୍‌ରେ ଆଇକନ ଖେଳାଳି ଭାବେ ଯୋଗ ଦେଇଛନ୍ତି। ଅନ୍ୟପକ୍ଷରେ ୬ ଜଣ ମାର୍କି ଖେଳାଳିଙ୍କ ମଧ୍ୟରେ ଦକ୍ଷିଣ ଆଫ୍ରିକାର ଟି୨୦ ଉପଅଧିନାୟକ ଜେ.ପି. ଡୁମିନୀ ତାଙ୍କ ଟିମମେଟ୍ ଇମ୍ରାନ ତାହିର ସ୍ଥାନ ପାଇଛନ୍ତି। ଆୟର୍ଲାଣ୍ଡ, ସ୍କଟ୍‌ଲାଣ୍ଡ ଓ ନେଦରଲାଣ୍ଡ୍ସରେ ୩ ସପ୍ତାହ ଧରି ହେବାକୁଥିବା ଏହି ଟୁର୍ନାମେଣ୍ଟ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୨୨ ପର୍ଯ୍ୟନ୍ତ ହେବ। ଆଫ୍ରିଦୀଙ୍କ ବ୍ୟତୀତ ଆଇକନ୍ ଖେଳାଳି ତାଲିକାରେ ଯେଉଁମାନେ ସ୍ଥାନ ପାଇଛନ୍ତି, ସେମାନେ ହେଲେ ଶେନ୍ ଓ୍ୱାଟସନ (ଅଷ୍ଟ୍ରେଲିଆ), ବ୍ରେଣ୍ଡନ ମ୍ୟାକ୍‌କୁଲମ (ନ୍ୟୁଜିଲାଣ୍ଡ) ଏବଂ ରଶିଦ ଖାଁ। ମାର୍କି ଖେଳାଳି ତାଲିକାରେ କ୍ରିସ୍ ଲିନ୍ (ଅଷ୍ଟ୍ରେଲିଆ), ବାବର ଆଜମ (ପାକିସ୍ତାନ) ଏବଂ ଲ୍ୟୁକ୍ ରୋଞ୍ଚି (ନ୍ୟୁଜିଲାଣ୍ଡ) ସାମିଲ ହୋଇଛନ୍ତି। ଅବଶିଷ୍ଟ ୨ଆଇକନ ଖେଳାଳି ଏବଂ ଜଣେ ମାର୍କି ଖେଳାଳିଙ୍କ ନାମ ଖୁବ୍ ଶୀଘ୍ର ଘୋଷଣା ହେବ। ପ୍ରତିଯୋଗିତାରେ ଭାଗ ନେଉଥିବା ୬ଟି ଫ୍ରାଞ୍ଚାଇଜ୍ ହେଲେ ନେଦରଲାଣ୍ଡ୍ସରୁ ଆମଷ୍ଟରଡାମ୍ କିଙ୍ଗ୍ସ ଓ ରୋଷ୍ଟରଡାମ୍ ରାଇନୋଜ୍, ସ୍କଟଲାଣ୍ଡରୁ ଗ୍ଲାସ୍‌ଗୋ ଜିଆଣ୍ଟ୍ସ ଓ ଏଡିନବର୍ଗ ରକ୍ସ ଏବଂ ଆୟର୍ଲାଣ୍ଡରୁ ଡବଲିନ୍ ଚିଫ୍ସ ଓ ବେଲ୍‌ଫାଷ୍ଟ ଟାଇଟାନ୍ସ।

# ଶାକିବ ଶ୍ରେଷ୍ଠ ଦିନିକିଆ ଅଲ୍‌ରାଉଣ୍ଡର

**ଦୁବାଇ, ୨୨।୫**



ଆଇସିସି ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ଗୋଟିଏ ସପ୍ତାହରୁ କମ୍ ସମୟ ଥିବାବେଳେ ବାଂଲାଦେଶ ଅଲ୍‌ରାଉଣ୍ଡର ଶାକିବ ଅଲ୍ ହାସନ ଶ୍ରେଷ୍ଠ ଦିନିକିଆ ଅଲ୍‌ରାଉଣ୍ଡର ମାନ୍ୟତା ଲାଭ କରିଛନ୍ତି। ବୁଧବାର ଆଇସିସି ପକ୍ଷରୁ ପ୍ରକାଶିତ ଦିନିକିଆ ଅଲ୍‌ରାଉଣ୍ଡର ତାଲିକାରେ ଆଫଗାନିସ୍ତାନର ରଶିଦ ଖାଁଙ୍କୁ ହଟାଇ ଶାକିବ ଏକ ନମ୍ବର ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆୟର୍ଲାଣ୍ଡରେ ସଦ୍ୟ ସମାପ୍ତ ତ୍ରି-ରାଷ୍ଟ୍ରୀୟ ସିରିଜରେ ୩୨ ବର୍ଷୀୟ ଶାକିବ ୧୪୦ ରନ କରିବା ସହ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଏହି ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ଶାକିବଙ୍କ ର୍‌ୟାଙ୍କିଙ୍ଗ୍‌ରେ ଉନ୍ନତି ଘଟିଛି। ଅଲ୍‌ରାଉଣ୍ଡ ତାଲିକାରେ ଶାକିବଙ୍କୁ ୩୫୯ ପଏଣ୍ଟ ମିଳିଥିବାବେଳେ ୨ୟ ସ୍ଥାନରେ ରହିଥିବା ରଶିଦ ୨୦ ପଏଣ୍ଟ ପଛରେ ରହିଛନ୍ତି। ଅନ୍ୟତମ ଆଫଗାନିସ୍ତାନ କ୍ରିକେଟର ମହମ୍ମଦ ନବି (୩୧୯ ପଏଣ୍ଟ) ଏହି ତାଲିକାର ୩ୟ ସ୍ଥାନରେ ରହିଛନ୍ତି। ଟପ୍-୧୦ ଅଲ୍‌ରାଉଣ୍ଡର ତାଲିକାରେ କୌଣସି ଭାରତୀୟ କ୍ରିକେଟର ସ୍ଥାନ ପାଇନାହାନ୍ତି।

# କ୍ରମାଗତ ପରାଜୟ ଧାରା ଭାଙ୍ଗିଲା ଶ୍ରୀଲଙ୍କା

**ଲଣ୍ଡନ,୨୨।୫(ଏଏଫ୍‌ପି)**

କ୍ରମାଗତ ୮ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ହାରିବା ପରେ ଶ୍ରୀଲଙ୍କା ବିଶ୍ୱକପ୍ ପୂର୍ବରୁ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଏଡିନ୍‌ବର୍ଗଠାରେ ସ୍କଟଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ମ୍ୟାଚ୍‌କୁ ଶ୍ରୀଲଙ୍କା ଦଳ ୩୫ ରନ୍‌ରେ ଜିତି ନେଇଛି। ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷା କାରଣରୁ ସମ୍ଭବ ହୋଇପାରି ନ ଥିଲା। ଫଳରେ ଦୁଇ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଶ୍ରୀଲଙ୍କା ୧-୦ ବ୍ୟବଧାନରେ ଜିତିନେଇଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଦଳ ଧାର୍ଯ୍ୟ ୫୦ ଓଭରରେ ୮ ଉଇକେଟ ହରାଇ ୩୨୨ ରନ୍ କରିଥିଲା। ଦଳର ନୂଆ ଅଧିନାୟକ ଦିମୁଥ କରୁଣାରତ୍ନେ ସର୍ବାଧିକ ୭୭ ରନ୍ କରିଥିଲେ। ଏହା ତାଙ୍କ କ୍ୟାରିୟରର ଦ୍ୱିତୀୟ ଅର୍ଦ୍ଧଶତକ। ତାଙ୍କ ବ୍ୟତୀତ ଅଭିଶକା ଫର୍ନାଣ୍ଡୋ ୭୪, କୁସାଲ ମେଣ୍ଡିସ ଓ ଲାହିରୁ ଥିରିମାନେ ୪୪ ରନ୍ କରିଥିଲେ। ବୋଲିଂ ସ୍କଟଲାଣ୍ଡ ଲାଗି ବ୍ରାଡଲି ଓ୍ୱେଲା ୩ ଓ ସାଫ୍ୟାନ ଶାରିଫ ୨ ଉଇକେଟ ନେଇଥିଲେ। ବର୍ଷା କାରଣରୁ ସ୍କଟଲାଣ୍ଡ ଆଗରେ ୩୪ ଓଭରରେ ୨୩୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ହେଲେ ନୂଆନ ପ୍ରଦୀପଙ୍କ ଘାତକ ବୋଲିଂ ଯୋଗୁ ସ୍କଟଲାଣ୍ଡ ୧୯୯ ରନ୍‌ରେ ସୀମିତ ରହିଥିଲା। ଘରୋଇ ଦଳ ପାଇଁ ମାଥ୍ୟୁ କ୍ରସ ୫୫ ଓ ଜର୍ଜ ମୁନ୍‌ସେ ୬୧ ରନ୍ କରିଥିବାବେଳେ ବିଜୟୀ ଦଳ ପକ୍ଷରୁ ପ୍ରଦୀପ ୪ ଉଇକେଟ ନେଇଥିଲେ।

# ସିରିଜ ଡ୍ର' କଲା ଆଫଗାନିସ୍ତାନ

**ବେଲ୍‌ଫାଷ୍ଟ, ୨୨।୫**

ଘରୋଇ ଆୟର୍ଲାଣ୍ଡ ବିପକ୍ଷରେ ମଙ୍ଗଳବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୨ୟ ଦିନିକିଆ ମ୍ୟାଚ୍‌କୁ ଆଫଗାନିସ୍ତାନ ୧୨୬ ରନରେ ଜିତିନେଇଛି। ଏଥିସହ ଦୁଇ ଦଳ ମଧ୍ୟରେ ଚାଲିଥିବା ୨ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ୧-୧ରେ ସମାପ୍ତ ହୋଇଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡ ୭୨ ରନରେ ବିଜୟ ଲାଭ କରିଥିଲା।

ଦ୍ୱିତୀୟ ଦିନିକିଆରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନ ଓପନର୍ ତଥା ଉଇକେଟ୍‌କିପର ମହମ୍ମଦ ଶେହଜାଦଙ୍କ ଶତକ ବଳରେ ୭ ଉଇକେଟ୍ ହରାଇ ୩୦୫ ରନ କରିଥିଲା। ଶେହଜାଦ୍ ୮୮ ବଲରୁ ୧୬ ଚୌକା ବଳରେ ୧୦୧ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରହମତ୍ ଶାହ (୬୨), ନଜିବୁଲ୍ଲା ଜର୍ଡାନ (୬୦*) ଓ ହସ୍‌ମତଉଲ୍ଲା ଶାହିଦୀ (୪୭) ଉପଯୋଗୀ ଇନିଂସ ଖେଳିଥିଲେ। ଘରୋଇ ଦଳ ପକ୍ଷରୁ

### ଶାହାଜାଦ୍‌ଙ୍କ ଶତକ

ମାର୍କ ଆଦିର ୩ ଓ ଆଣ୍ଡି ମ୍ୟାକ୍‌ବ୍ରାଇନ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ଆୟର୍ଲାଣ୍ଡ ୪୧.୨ ଓଭରରେ ୧୭୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର୍ ପଲ୍ ଷ୍ଟିର୍ଲିଂ ୫୦, ଉଇକେଟ୍‌କିପର ଗେରୀ ଓ୍ୱିଲସନ ୩୪ ରନ କରିଥିଲେ। ବିଜୟୀ ଦଳର ଅଧିନାୟକ ଗୁଲାବଦିନ ନାଇବ ୪୩ ରନରେ ୬ଟି ଉଇକେଟ୍ ଅକ୍ତିଆର କରିଥିଲେ।

# ୨୦୦୩: ଭାରତ ରନର୍ସଅପ୍

ଆନ୍ତର୍ଜାତିକ କ୍ରିକେଟ କାଉନସିଲ୍ (ଆଇସିସି) ବିଶ୍ୱକପ୍‌ର ଅଷ୍ଟମ ସଂସ୍କରଣ ଆୟୋଜିତ ହୋଇଥିଲା ୨୦୦୩ରେ। ଦକ୍ଷିଣ ଆଫ୍ରିକା ସମେତ ଜିମ୍ବାୱେ ଓ କେନିଆ ମିଳିତ ଭାବେ ଏହି ଇଭେଣ୍ଟକୁ ସଫଳତାର ସହ ଆୟୋଜନ କରିଥିଲେ। ଏଥିସହିତ ଆଫ୍ରିକା ମହାଦେଶରେ ପ୍ରଥମଥର ପାଇଁ ବିଶ୍ୱକପ୍ ଆୟୋଜିତ ହୋଇଥିଲା। ଅଷ୍ଟ୍ରେଲିଆ ଫାଇନାଲ ମ୍ୟାଚ୍‌ରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଭାରତକୁ ୧୨୫ ରନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ରିକି ପଣ୍ଟିଂଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଏଥି ସହିତ ବିଶ୍ୱର ପ୍ରଥମ ଦଳ ଭାବେ ତୃତୀୟଥର ପାଇଁ ବିଶ୍ୱକପ୍ ଜିତି ଇତିହାସ ସୃଷ୍ଟି କରିଥିଲା।

ଏହି ବିଶ୍ୱକପ୍‌ରେ ପ୍ରଥମଥର ପାଇଁ ସର୍ବାଧିକ ୧୪ଟି ଦଳ ଅଂଶଗ୍ରହଣ କରିଥିଲେ ଓ ମୋଟ ୫୪ଟି ମ୍ୟାଚ୍ ଖେଳାଯାଇଥିଲା। ୧୯୯୯ ସଂସ୍କରଣ ଫର୍ମାଟ୍ ଅନୁସାରେ ଏହି ବିଶ୍ୱକପ୍ ଖେଳାଯାଇଥିଲା। ଦଳଗୁଡିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୩ଟି ଦଳ ସୁପରସିକ୍ସ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ଟୁର୍ନାମେଣ୍ଟରେ ଏକାଧିକ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ଦକ୍ଷିଣ ଆଫ୍ରିକା, ପାକିସ୍ତାନ, ଓ୍ୱେଷ୍ଟଇଣ୍ଡିଜ୍ ଓ ଇଂଲଣ୍ଡ ଭଳି ଶକ୍ତିଶାଳୀ ଦଳଗୁଡିକ ଗ୍ରୁପ୍ ପର୍ଯ୍ୟାୟରୁ ହିଁ ବିଦାୟ ନେଇଥିଲେ। ପୁଣି ଥରେ ଦକ୍ଷିଣ ଆଫ୍ରିକା ହତଭାଗ୍ୟ ସାବ୍ୟସ୍ତ ହୋଇଥିଲା। ବର୍ଷାକାରଣରୁ ଡକ୍‌ୱର୍ଥ- ଲୁଇସ୍ ନିୟମକୁ ବୁଝିବାରେ ସକ୍ଷମ ହୋଇ ନ ପାରି ଦକ୍ଷିଣ ଆଫ୍ରିକା ମାତ୍ର ୧ ରନ ପଛରେ ରହି ଟୁର୍ନାମେଣ୍ଟରୁ ବାଦ୍ ପଡିଥିଲା। ସେହିପରି ରାଜନୈତିକ ଅସ୍ଥିରତା କାରଣରୁ ଇଂଲଣ୍ଡ ଜିମ୍ବାୱେ ଗସ୍ତ ନ କରି ମ୍ୟାଚ୍ ଖେଳି ନ ଥିଲା। ଫଳରେ ଇଂଲଣ୍ଡ ସୁପରସିକ୍ସକୁ ଉଠିବାରେ ବିଫଳ ହୋଇଥିଲା। ସେହିପରି ନ୍ୟୁଜିଲାଣ୍ଡ ସୁରକ୍ଷା ତଥା ନିରାପତ୍ତା କାରଣରୁ କେନିଆ ଗସ୍ତ କରି ନ ଥିଲା। ଫଳରେ କେନିଆ ସେମିଫାଇନାଲରେ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲା। ଟେଷ୍ଟ ଖେଳି ନ ଥିବା ଏକମାତ୍ର ଦେଶ ଭାବେ କେନିଆ ପ୍ରଥମଥର ପାଇଁ ସେମିରେ



ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହେବା ପରେ ଭାରତୀୟ ଦଳ।

ପ୍ରବେଶ କରି ଇତିହାସ ସୃଷ୍ଟି କରିଥିଲା। ଡୋପ୍ ଟେଷ୍ଟରେ ବିଫଳ ହୋଇ ଅଷ୍ଟ୍ରେଲିଆ ତାରକା ସ୍ପିନର ସେନ ଓ୍ୱର୍ଣ୍ଣଙ୍କୁ ସ୍ୱଦେଶ ଫେରିବାକୁ ପଡିଥିଲା।

ଟୁର୍ନାମେଣ୍ଟରେ ୧୦ଟି ଟେଷ୍ଟ ଖେଳୁଥିବା ଦେଶ ସିଧାସଳଖ ଯୋଗ୍ୟତା ହାସଲ କରିଥିଲେ। ଏହି ଫୁଲ ମେମ୍ବର ଦେଶଗୁଡିକ ହେଲେ ବାଂଲାଦେଶ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ଓ୍ୱେଷ୍ଟଇଣ୍ଡିଜ୍, ଅଷ୍ଟ୍ରେଲିଆ, ଭାରତ, ପାକିସ୍ତାନ, ଶ୍ରୀଲଙ୍କା ଓ ଜିମ୍ବାୱେ। ସେହିପରି ଆଇସିସିର ଆସୋସିଏଟ ଦେଶ ଭାବେ କେନିଆ, ନାମ୍ବିଆ, କାନାଡ଼ା ଓ ନେଦରଲାଣ୍ଡ୍ସ ଏହି ବିଶ୍ୱକପ୍ ଖେଳିଥିଲେ। ଦକ୍ଷିଣ ଆଫ୍ରିକାର ୧୨, ଜିମ୍ବାୱେର ୨ ଓ କେନିଆର ଗୋଟିଏ ଭେନ୍ୟୁରେ ମ୍ୟାଚ ଖେଳାଯାଇଥିଲା। ପୁଲ୍ ଏ'ରେ ଅଷ୍ଟ୍ରେଲିଆ, ଭାରତ, ଜିମ୍ବାୱେ, ଇଂଲଣ୍ଡ, ପାକିସ୍ତାନ, ନେଦରଲାଣ୍ଡ୍ସ ଓ ନାମ୍ବିଆ ସ୍ଥାନିତ ହୋଇଥିଲେ। ସେହିପରି ପୁଲ ବି'ରେ ଶ୍ରୀଲଙ୍କା, କେନିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ଓ୍ୱେଷ୍ଟଇଣ୍ଡିଜ୍, କାନାଡ଼ା ଓ ବାଂଲାଦେଶ ସ୍ଥାନ ପାଇଥିଲେ।

ପୁଲ ଏ'ରେ ଅଷ୍ଟ୍ରେଲିଆ ସବୁ ୬ଟି ଯାକ ମ୍ୟାଚ୍ ଜିତି ୨୪ ପଏଣ୍ଟ ପାଇ ଶୀର୍ଷରେ, ଭାରତ ୬ରୁ ୫ଟି ମ୍ୟାଚ୍ ଜିତି ୨୦ ପଏଣ୍ଟ ପାଇ ଦ୍ୱିତୀୟ ଓ ଜିମ୍ବାୱେ ୬ରୁ ୩ଟି ମ୍ୟାଚ୍ ଜିତି ୧୪ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହି ସୁପର ସିକ୍ସକୁ ଉଠିଥିଲେ। ଭାରତ କେବଳ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ସେହିପରି ଗ୍ରୁପ୍ ବି'ରେ ୬ରୁ ୪ଟି ମ୍ୟାଚ୍ ଜିତି, ଗୋଟିଏ ପରାଜୟ ଓ ଗୋଟିଏ ଟାଇ ସହ ୧୮ ପଏଣ୍ଟ ପାଇ ଶ୍ରୀଲଙ୍କା ଶୀର୍ଷରେ, କେନିଆ ୬ରୁ ୪ଟି ମ୍ୟାଚ୍ ଜିତି ଓ ୨ଟି ମ୍ୟାଚ୍ ହାରି ୧୬ ପଏଣ୍ଟ ସହ ଦ୍ୱିତୀୟ ଓ ନ୍ୟୁଜିଲାଣ୍ଡ ୬ ମ୍ୟାଚ୍‌ରୁ ୪ଟି ବିଜୟ ଓ ୨ ପରାଜୟ ସହ ୧୬ ପଏଣ୍ଟ ପାଇ ନେଟ ରନ୍‌ରେଟ୍‌ରେ ପଛରେ ପଡି ତୃତୀୟ ସ୍ଥାନରେ ରହି ସୁପରସିକ୍ସକୁ ଉଠିଥିଲେ।

ସୁପରସିକ୍ସରେ ଅଷ୍ଟ୍ରେଲିଆ, ଭାରତ, କେନିଆ ଓ ଶ୍ରୀଲଙ୍କା ପ୍ରଥମ ୪ଟି ସ୍ଥାନରେ ରହି ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହି ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ଓ ଭାରତ ୩ରୁ ୩ଟି ମ୍ୟାଚ୍ ଜିତି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଭାରତ ନେଟ ରନ୍‌ରେଟ୍‌ରେ ପଛରେ ରହିଥିଲା। ଫଳରେ ଦ୍ୱିତୀୟ ସ୍ଥାନରେ ଭାରତ ରହିଥିଲା। ସେହିପରି କେନିଆ ଓ ଶ୍ରୀଲଙ୍କା ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିଲେ।

ସେମିଫାଇନାଲରେ ଅଷ୍ଟ୍ରେଲିଆ ଡକ୍‌ୱର୍ଥ/ଲୁଇସ୍ ନିୟମରେ ଶ୍ରୀଲଙ୍କାକୁ ୪୮ ରନରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଭାରତ ଦ୍ୱିତୀୟ ସେମିଫାଇନାଲରେ କେନିଆକୁ ୯୧ ରନରେ ହରାଇ ଫାଇନାଲ ଟିକେଟ ହାସଲ କରିଥିଲା। ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୪ ଉଇକେଟ ହରାଇ ୨୭୦ ରନ ସଂଗ୍ରହ କରିଥିଲା। ଜବାବରେ କେନିଆ ୪୬.୨ ଓଭରରେ ୧୭୯ ରନକରି ଅଲଆଉଟ୍ ହେବା ସହ ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲା। ୧୧୧ ରନର ଅପରାଜିତ ଶତକୀୟ ପାଳି ଖେଳିଥିବା ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ଟାଇଟଲ ଫାଇନାଲ ପାଇଁ ଅଷ୍ଟ୍ରେଲିଆ ଓ ଭାରତ ମୁହାଁମୁହିଁ ହୋଇଥିଲେ। ତେବେ ଏହି ମ୍ୟାଚ୍ ଭାରତ ପାଇଁ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଥିଲା। ୧୨୫ ରନରେ ବିଜୟୀ ହୋଇ ଅଷ୍ଟ୍ରେଲିଆ ବାଜି ମାରିଥିଲା। ଟସ୍ ଜିତି ଭାରତ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ଅଧିନାୟକ ରିକି ପଣ୍ଟିଂଙ୍କ ୧୪୦ ରନର ଶତକୀୟ ପାଳି (୧୨୨ ବଲ, ୪ ଚୌକା, ୮ ଛକା) ସହ ୫୦ ଓଭରରେ ୨ ଉଇକେଟ ହରାଇ ୩୫୯ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ଆରମ୍ଭରୁ ଇନ୍‌ଫର୍ମ ତଥା ତାରକା ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କୁ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଭାରତ ୩୯.୨ ଓଭରରେ ୨୩୪ ରନ କରି ଅଲଆଉଟ ହୋଇ ପରାସ୍ତ ହେବା ସହ ରନର୍ସଅପ୍ ହୋଇଥିଲା। ଶତକୀୟ ଇନିଂସ ପାଇଁ ପଣ୍ଟିଂ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତେନ୍ଦୁଲକର ପ୍ଲେୟାର ଅଫ୍ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ଟୁର୍ନାମେଣ୍ଟରେ ସଚିନ୍ ତେନ୍ଦୁଲକର ସର୍ବାଧିକ ୬୭୩ ରନ ସଂଗ୍ରହ କରିଥିଲେ। ସେହିପରି ଶ୍ରୀଲଙ୍କା ଅଭିଜ୍ଞ ଦ୍ରୁତ ବୋଲର ଚାମୁଣ୍ଡା ଭାସ୍ ସର୍ବାଧିକ ୨୩ଟି ଉଇକେଟ ହାସଲ କରିଥିଲେ।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ମେ ୨୩ /୨୦୧୯ Dhenkanal, Thursday, May 23 / 2019

## ସଂକ୍ଷେପରେ

■ଦୁର୍ଗାବଜାର ଲକ୍ଷ୍ମୀପୂଜା କମିଟିର ନୂତନ କର୍ମକର୍ତ୍ତା

### ସନ୍ତୋଷ ସଭାପତି, ପୁଲକ ସମ୍ପାଦକ

ଢେଙ୍କାନାଳ ଅଫିସ, ୨୨।୫- ଢେଙ୍କାନାଳ ଦୁର୍ଗାବଜାର ଲକ୍ଷ୍ମୀପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ପ୍ରଶାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ପୂର୍ବ ବର୍ଷର ଆୟବ୍ୟୟର ବିବରଣୀ ପ୍ରଦାନ କରାଯାଇଥିଲା। ଏହାପରେ ୨୦୧୯ ବର୍ଷ ପୂଜା ଉତ୍ସବ ପାଳନ ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲେ। ସଭାପତି ଭାବେ ପୂର୍ବତନ କାଉନସିଲର ସନ୍ତୋଷ କୁମାର ରାଉତ, ସମ୍ପାଦକ ପୁଲକ ବିହାରୀ ମିଶ୍ର, କୋଷାଧକ୍ଷ ଭାବେ ପ୍ରସନ୍ନ କୁମାର ପ୍ରଧାନ ମନୋନୀତ ହୋଇଛନ୍ତି। ଶେଷରେ ପୂର୍ଣ୍ଣଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

### ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

ବନ୍ତଳା, ୨୨।୫(ଡି.ଏନ.ଏ.)- ଅନୁଗୋଳ ଜିଲା ବନ୍ତଳା ଥାନା ବେଡାଶାସନ ପଞ୍ଚାୟତ ଗହିରା ପଶି ଗ୍ରାମର କରୁଣା ଦେହୁରୀ(୪୮)ଙ୍କ ବୁଧବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଛି। ପୋଲିସ ସୂତ୍ରରୁ ପ୍ରକାଶ, କରୁଣା ଅପରାହ୍ନରେ ସାରଙ୍ଗପୁର ନିକଟ ବଉଳି ନାଳକୁ ଗାଧୋଇବା ପାଇଁ ଯାଇଥିଲେ। ଦୀର୍ଘ ସମୟ ପରେ ସେ ଘରକୁ ନ ଫେରିବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। ବଉଳି ନାଳରେ ଖୋଳା ହୋଇଥିବା ଚୁଆରେ ତାଙ୍କ ମୃତଦେହ ମିଳିଥିଲା।

■ଆଜି ଭୋଟଗଣତି, ପ୍ରସ୍ତୁତି ଶେଷ

# ୩୯ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

ଢେଙ୍କାନାଳ ଅଫିସ, ୨୨।୫

ସାଧାରଣ ନିର୍ବାଚନର ଫଳାଫଳକୁ ମାତ୍ର କେଇଘଣ୍ଟା ବାକି। ରାଜ୍ୟରେ ଅନ୍ୟତମ ଚର୍ଚ୍ଚିତ ଢେଙ୍କାନାଳ ଲୋକ ସଭା ଆସନ ଉପରେ ଏବେ ସମସ୍ତଙ୍କ ଦୃଷ୍ଟି କେନ୍ଦ୍ରୀଭୂତ ହୋଇଛି। ଇଭିଏମ୍‌ରେ କଏଦ ୯ ଏମ୍‌ପି ପ୍ରାର୍ଥୀ, ୨ ମନ୍ତ୍ରୀଙ୍କ ସମେତ ଜିଲାର ୪ ବିଧାନସଭା ଆସନ ଅନ୍ତର୍ଗତ ମୋଟ ୩୯ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। କିଏ ବାଜିମାତ୍ କରିଛି ଆଉ କାହାକୁ ଭୋଟର

**ଢେଙ୍କାନାଳ ଲୋକ ସଭା**

■ସନ୍ଧ୍ୟା ସୁଦ୍ଧା ଫଳାଫଳ ସମ୍ଭାବନା

■୨ ଦିନ ସମସ୍ତ ମଦଦୋକାନ ବନ୍ଦ

ପ୍ରତ୍ୟାଖ୍ୟାନ କରିଛନ୍ତି ତାହା ଫଳାଫଳରୁ ସ୍ପଷ୍ଟ ହେବ। ଏଥିପାଇଁ କାଉଣ୍ଟଡାଉନ ଆରମ୍ଭ ହୋଇସାରିଥିବାବେଳେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

ଗୁରୁବାର ସକାଳ ୮ଟାରୁ ଭୋଟଗଣତି ପ୍ରକ୍ରିୟା ଆରମ୍ଭ ହେବ। ସନ୍ଧ୍ୟା ସୁଦ୍ଧା ଫଳାଫଳ ପ୍ରକାଶ ପାଇବା ସମ୍ଭାବନା ରହିଛି। ଜିଲାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଲାଗି ୨୨ ଓ ୨୩ ତାରିଖରେ ସମସ୍ତ ମଦ ଦୋକାନ, ବିୟର ପାର୍ଲର ବନ୍ଦ ରଖାଯାଇଛି। ଶକ୍ତିସୁଗାର କମ୍ପାନୀ, ନବଭାରତ ଭେଞ୍ଚର୍ସ ଲିମିଟେଡ୍, ଟାଟା ଷ୍ଟିଲ ବିଏସ୍‌ଏଲ୍ ବ୍ୟବହାର କରୁଥିବା ମୋଲାସେସ ସ୍ପିରିଟ୍ ଆଣିବା ଓ ପଠାଇବା ଉପରେ କଟକଣା ଜାରି କରାଯାଇଛି।

ଜିଲା କାର୍ଯ୍ୟାଳୟ ସଦ୍‌ଭାବନା



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ।

ଗୃହରେ ବୁଧବାର ପୂର୍ବାହ୍ନ ୧୧ଟାରେ ପ୍ରଶାସନ ଓ ପୋଲିସ ପକ୍ଷରୁ ଆୟୋଜିତ ମିଳିତ ଖବରଦାତା ସମ୍ମିଳନୀରେ ଭୋଟଗଣତି ସମ୍ପର୍କରେ ସୂଚନା ଦେଇ ଜିଲାପାଳ ତଥା ରିଟର୍ନିଂ ଅଫିସର ନିଖିଲ ପଓ୍ୱନ କଲ୍ୟାଣ କହିଲେ, ଢେଙ୍କାନାଳ ଲୋକ ସଭା (୯) ଏବଂ ବିଧାନସଭା ଆସନ (୫୫) ପାଇଁ ମହିଷାପାଟ ଓ୍ୱାରହାଉସ, ହିନ୍ଦୋଳ ସଂରକ୍ଷିତ ଆସନ (୫୬) ପାଇଁ ହିନ୍ଦୋଳ ହାଇସ୍କୁଲ, କାମାକ୍ଷାନଗର ନିର୍ବାଚନମଣ୍ଡଳୀ (୫୭) ପାଇଁ କାମାକ୍ଷାନଗର କଲେଜ ରୁମ୍ ନଂ. ୩ ଏବଂ ପରଜଙ୍ଗ ବିଧାନସଭା ଆସନ (୫୮) ରୁମ୍ ନଂ. ୪ରେ ଭୋଟ ଗଣତି ହେବ। ଢେଙ୍କାନାଳ ବିଧାନସଭା କ୍ଷେତ୍ର ପାଇଁ ୨୮ ରାଉଣ୍ଡ, ହିନ୍ଦୋଳ ପାଇଁ ୩୯ ରାଉଣ୍ଡ, କାମାକ୍ଷାନଗର ପାଇଁ ୩୪ ରାଉଣ୍ଡ, ପରଜଙ୍ଗ ପାଇଁ ୩୫ ରାଉଣ୍ଡ ଗଣତି କରାଯିବ। ଢେଙ୍କାନାଳ ବିଧାନସଭା ଓ ଲୋକ ସଭା ପାଇଁ ୧୦ ଏବଂ ଅନ୍ୟ ୩ଟି ବିଧାନସଭା ତଥା ତତ୍‌ସଂଲଗ୍ନ ଲୋକ ସଭା ଆସନ ପାଇଁ ୭ଟି ଲେଖାଏ ଟେବୁଲ କରାଯାଇଛି। ଢେଙ୍କାନାଳ ବିଧାନସଭା କ୍ଷେତ୍ରରେ ଭୋଟ ଗଣତି ଲାଗି ୨୧ଜଣ କାଉଣ୍ଟିଂ ସୁପରଭାଇଜର ଓ ସହକାରୀ, ୨୩ ଜଣ ମାଇକ୍ରୋ ଅବଜର୍ଭରଙ୍କୁ ନିୟୋଜିତ କରାଯାଇଛି। ସେହିପରି ହିନ୍ଦୋଳ, କାମାକ୍ଷାନଗର ଓ ପରଜଙ୍ଗ ପାଇଁ ୧୫ଜଣ ଲେଖାଏ କାଉଣ୍ଟିଂ ସୁପରଭାଇଜର ଓ ସହକାରୀ ଏବଂ ୧୭ଜଣ ଲେଖାଏଁ ମାଇକ୍ରୋ ଅବଜର୍ଭର ନିଯୁକ୍ତ ହୋଇଛନ୍ତି।

ସକାଳ ୭ଟାରୁ ବିଭିନ୍ନ ରାଜନୈତିକ ଦଳର ପୋଲିଂ ଏଜେଣ୍ଟଙ୍କ ଉପସ୍ଥିତିରେ ଷ୍ଟ୍ରଙ୍ଗରୁମ୍ ଖୋଲାଯାଇ ଇଭିଏମ୍ ଓ ଭିଭିପିଏଟି ମେଶିନ ଗଣତି କେନ୍ଦ୍ରକୁ ଅଣାଯିବ। ଏହାପରେ ପୋଷ୍ଟାଲ ବାଲଟ୍ ଗଣତି ହେବ। ଏଥିପାଇଁ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ୪ଜଣ ପର୍ଯ୍ୟବେକ୍ଷକ ଭୋଟଗଣତି କେନ୍ଦ୍ରରେ ପହଞ୍ଚି ସାରିଛନ୍ତି। ଢେଙ୍କାନାଳ ବିଧାନସଭା ପାଇଁ ତାରାନନ୍ଦ ମାହାତୋ ୱାଇଓଗି, ହିନ୍ଦୋଳ ପାଇଁ ସୁଧାଂଶୁ କୁମାର, କାମାକ୍ଷାନଗର ପାଇଁ ବି.ଏଲ୍. ବଞ୍ଜାରେ ଏବଂ ପରଜଙ୍ଗ ବିଧାନସଭା ପାଇଁ ସୁଜିତ କୁମାର ପର୍ଯ୍ୟବେକ୍ଷକ ନିଯୁକ୍ତି ହୋଇଛନ୍ତି। ଭୋଟଗଣତି କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯାଇଛି। କେନ୍ଦ୍ର ଭିତରକୁ ମୋବାଇଲ ଫୋନ୍, କ୍ୟାମେରା ସମେତ କୌଣସି ବୈଦ୍ୟୁତିକ ସାମଗ୍ରୀ ନେବା ଉପରେ କଟକଣା ଜାରି କରାଯାଇଥିବା ଏସ୍‌ପି ଅନୁପମା ଜେମ୍‌ସ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନ ୫ଟାରେ ଜିଲାପାଳ, ଏସ୍‌ପି, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର ପ୍ରମୁଖ ଢେଙ୍କାନାଳ ବିଧାନସଭା ଭୋଟ ଗଣତି କେନ୍ଦ୍ର ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି।

ସୂଚନାଯୋଗ୍ୟ, ଢେଙ୍କାନାଳ ଲୋକ ସଭା ଆସନରୁ ୯ଜଣ ପ୍ରାର୍ଥୀ, ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରୁ ୧୧, ହିନ୍ଦୋଳରୁ ୬, କାମାକ୍ଷାନଗରରୁ ୭ ଏବଂ ପରଜଙ୍ଗ ବିଧାନସଭା ଆସନରୁ ୬ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ସେମାନଙ୍କ ମଧ୍ୟରେ ହେଭିଓ୍ୱେଟ ନେତା ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏବଂ ଡା. ନୃସିଂହ ଚରଣ ସାହୁ ଅଛନ୍ତି।



## ୯ ଶହ ଲିଟର ମହୁଲି ଜବତ, ୨ଗିରଫ

ଅନୁଗୋଳ ଅଫିସ, ୨୨।୫

ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇ ୯ଶହ ଲିଟର ମହୁଲି ସହ ଏକ ସ୍କର୍ପିଓ ଓ ସ୍କୁଟି ଜବତ କରାଯାଇଛି। ଏହି ବେଆଇନ ମଦ କାରବାରରେ ସମ୍ପୃକ୍ତ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଜିଲା ମୋବାଇଲ ସ୍କ୍ୱାଡ ଇନ୍ସପେକ୍ଟର କରୁଣା ଶଙ୍କର ତିୱାରୀ ସୂଚନା ଦେଇଛନ୍ତି। ସେମାନେ ହେଲେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କନ୍ଦରସିଂହା ଅଞ୍ଚଳର କାଳିଆ ନାଏକ(୨୫) ଓ ଗତି ପ୍ରଧାନ(୪୦)। ବିଶେଷ ସୂତ୍ରରୁ ଖବର ପାଇ ଅନୁଗୋଳ ଜିଲା ମୋବାଇଲ ସ୍କ୍ୱାଡ ଅନୁଗୋଳ ଉପକଣ୍ଠ ଜରାସିଂହା ଅଞ୍ଚଳରେ ଡେରା ପକାଇଥିଲା। ଏହି ସମୟରେ ସ୍କର୍ପିଓ (ଓଆର-୦୫-ଜେଡ୍-୧୦୦୧)ରେ ମହୁଲି ମଦ ଲୋଡ ହୋଇ ଜରାସିଂହାକୁ ଆସିବା ଦେଖି ଅବକାରୀ ସ୍କ୍ୱାଡ ହେଲପର ଗତି ଓ ଡ୍ରାଇଭର କାଳିଆଙ୍କୁ ମାଡ଼ି ବସିଥିଲେ। ପଚରାଉଚରା ପରେ ସେମାନେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଆମ୍ବପଳାସରୁ ୮୪୦ ଲିଟର ମହୁଲି ଧରି ଜରାସିଂହା ଆସିଥିବା ଜଣାପଡିଥିଲା। ସେହି ସମୟରେ ରାସ୍ତାରେ ସ୍କୁଟିରେ ଜଣେ ମହୁଲି ନେଇ ଯାଉଥିବା ଅବକାରୀ ଅଧିକାରୀ ଦେଖି ଧରିବାକୁ ଚେଷ୍ଟା କରିଥିଲେ। ହେଲେ ଅଭିଯୁକ୍ତ ଜଣକ ଗାଡ଼ି ଛାଡ଼ି ସେଠାରୁ ଫେରାର ହୋଇଯାଇଥିଲେ। ସ୍କୁଟିରୁ ୬୦ ମହୁଲି ଜବତ କରାଯାଇଛି। ଜରାସିଂହାରେ ଚୋରା ଦେଶୀ ମଦ କାରବାର ବଢ଼ିଥିବା ଓ ମାସେ ମଧ୍ୟରେ ୧୨ଶହ ଲିଟର ମହୁଲି ଜବତ କରାଯାଇ ୫ ଜଣଙ୍କୁ ଗିରଫ କରାଯାଇଥିବା ଇନ୍ସପେକ୍ଟର ତିୱାରୀ ପ୍ରକାଶ କରିଛନ୍ତି। ଚଢ଼ାଉରେ ତିୱାରୀଙ୍କ ସହ ସବ୍ ଇନ୍ସପେକ୍ଟର ଭକ୍ତ ବତ୍ସଳ ବାରିକ, ସନ୍ତୋଷ କୁମାର ସାହୁ, ସରୋଜ କୁମାର ସାହୁ, ବବୁଲୁ ଦେହୁରୀ, ପ୍ରସନ୍ନ କୁମାର ତ୍ରିପାଠୀ ଓ ଭରତ କୁମାର ବେହେରା ସାମିଲ ଥିଲେ।

## ମଦ ଜବତ, ମହିଳା ଗିରଫ

ଛେଣ୍ଡିପଦା,୨୨।୫(ସ୍ୱ.ପ୍ର)

ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ମଦ ବିକ୍ରି କରିବା ଅଭିଯୋଗରେ ପାରିପରା ଗ୍ରାମରୁ କସ୍ତୁରୀ ବେହେରା ନାମ୍ନୀ ଜଣେ ମହିଳାଙ୍କୁ ଗିରଫ କରିଛି। ପୋଲିସ କହିଛି, କସ୍ତୁରୀ ୭ ଲିଟର ଚୋରା ଦେଶୀ ମଦ ନେଇ ଯାଉଥିବାବେଳେ ପୋଲିସ ପାଟ୍ରୋଲିଂବେଳେ ଧରା ପଡ଼ିଥିଲେ। ଏ ନେଇ ନିଶା ଶିଳ୍ପାଞ୍ଚଳ ଥାନା ଏଏସଆଇ ପ୍ରଫୁଲ କୁମାର ରାଉତ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

# ଦିନ ମଜୁରିଆଙ୍କ ଝିଅ ରଖିଲେ ୮୮.୫% ମାର୍କ

ଢେଙ୍କାନାଳ ଅଫିସ, ୨୨।୫

ପ୍ରତିକୂଳ ପରିସ୍ଥିତି ଆସିଲେ ଅନେକେ ଆଶା ଛାଡ଼ିଦିଅନ୍ତି। ଦାୟିତ୍ୱରୁ ମୁହଁ ଫେରାଇ ପିଠି ପଛ କରି ଫେରିଆସନ୍ତି। ସମାଜରେ ଏପରି ଉଦାହରଣର ଅଭାବନାହିଁ। ହେଲେ

**ସୁନାଝିଅ ସୁନୀତା**

ସମସ୍ୟାବହୁଳ ଜୀବନ ଭିତରେ ମଧ୍ୟ ଏପରି ଅନେକ ଅଛନ୍ତି, ଯେଉଁମାନେ ନିଜର କଠୋର ଅଧ୍ୟବସାୟ ବଳରେ ହାସଲ କରିଛନ୍ତି ସଫଳତା। ଏଭଳି ଜଣେ ମେଧାବୀ ଛାତ୍ରୀ ହେଲେ ସୁନୀତା ସାମଲ। ଚଳିତ ମାଟ୍ରିକ ପରୀକ୍ଷାରେ ସେ ୮୮.୫ ପ୍ରତିଶତ ମାର୍କ ରଖି ଅଞ୍ଚଳବାସୀଙ୍କ ପାଇଁ ପାଲଟିଛନ୍ତି ସୁନାଝିଅ।

ଢେଙ୍କାନାଳ ଜିଲା ସଦର ବ୍ଲକ ବେଲଟିକିରି ଗ୍ରାମର ଦିନ ମଜୁରିଆ ମିଟୁ ସାମଲଙ୍କ ଝିଅ ସୁନୀତା ସ୍ଥାନୀୟ ସାରଙ୍ଗଧର ହାଇସ୍କୁଲର ଛାତ୍ରୀ। ମାଟ୍ରିକ ପରୀକ୍ଷାରେ



ସୁନୀତା ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।


ସେ ୬୦୦ରୁ ୫୩୧ ମାର୍କ ରଖିଛନ୍ତି।

ଅଭାବୀ ପରିବାର। ମିଟୁଙ୍କ ରୋଜଗାର ଉପରେ ପରିବାର ସମ୍ପୂର୍ଣ୍ଣ ନିର୍ଭରଶୀଳ। ଅଭାବ ଅନଟନ ଭିତରେ ଲକ୍ଷ୍ୟଚ୍ୟୁତ ହୋଇ ନ ଥିଲେ ସୁନୀତା, ଯାହା ଆଜି ତାଙ୍କୁ ସଫଳ କରିଛି। ଫଳାଫଳ ସମ୍ପର୍କରେ ସୁନୀତା ନିଜ ପ୍ରତିକ୍ରିୟାରେ କୁହନ୍ତି, ସେ ଦୈନିକ ୬ରୁ ୭ଘଣ୍ଟା ପରିଶ୍ରମ କରୁଥିଲେ। ଏହି ସଫଳତା ପଛରେ ମା ରୁନୁ ସାମଲ, ବାପା ଏବଂ ଶିକ୍ଷୟିତ୍ରୀଶିକ୍ଷକ ପ୍ରେରଣା ରହିଛି। ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ମେଧାବୀ ସୁନୀତାଙ୍କୁ ବେଲଟିକିରି-କାଇମାଟି ଏସ୍‌ବିଆଇ ଶାଖା ପକ୍ଷରୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ଶାଖା ପରିଚାଳକ ଲୋକନାଥ ଚକ୍ର କୁମାର, ସହ ଶାଖା ପରିଚାଳକ ଲିପି ନାୟକ, ପ୍ରସନ୍ନ କୁମାର ବିଶ୍ୱାଳ, ଧନେଶ୍ୱର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଜଣେ ଗିରଫ

ଢେଙ୍କାନାଳ ଅଫିସ୍, ୨୨।୫

ଢେଙ୍କାନାଳ ସଦର ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ବଳଭଦ୍ର ରାଉତ(୨୭)ଙ୍କୁ ବୁଧବାର ରାତି ୮ଟାରେ ପୋଲିସ ଗିରଫ କରିଛି। ଏ ନେଇ ନଂ.୧୯୯/୧୯ରେ ମାମଲା ରୁଜୁ କରାଯାଇଛି। ମଙ୍ଗଳବାର ସମ୍ପୃକ୍ତା ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଥିଲା। ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ